

‘କାନ୍ତାରା ଚାପ୍ଟର ୧’
ସଫଳତାର ରାଜ୍ ଖୋଲିଲେ ରିଷବ

▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-108 ◆TUESDAY ◆14 OCTOBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୦୮ ◆ମଙ୍ଗଳବାର ◆୧୪ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ରାଜଧାନୀ ଅଶାନ୍ତ

# ଦିନକରେ ଗଡ଼ିଲା ୨ ମୁଣ୍ଡ

## ଜମିବାଡ଼ି ବିବାଦରୁ ଭାଇକୁ ଗୁଳି କରି ହତ୍ୟା

- ଏମ୍ସ ଲ୍ୟାବ୍ ଆସିଷ୍ଟାଣ୍ଟ ମୃତ
- ହତ୍ୟାକାଣ୍ଡ ପରେ ହଣାକଟା
- ଗୋଟିଏ ପରିବାରର ୩ ଅଟକ
- ସରକନ୍ତରାରେ ଉତ୍ତେଜନା



■ **ଭୁବନେଶ୍ୱର, ୧୩।୧୦(ସମିସ):** ପୁଣି ଅଶାନ୍ତ ରାଜଧାନୀ ଉପକଣ୍ଠ। ଜମିବାଡ଼ି ବିବାଦରୁ ଜଣେ ଯୁବକଙ୍କୁ ଗୁଳି କରି ହତ୍ୟା କରାଯାଇଛି। ଆଉ କେହି ନୁହେଁ; ଖୋଦ୍ ଦାଦା ପୁଅ ଭାଇ ଏଭଳି ନାରକୀୟ ଘଟଣା ଘଟାଇଛି। ଖଣ୍ଡଗିରି ଥାନା ଅନ୍ତର୍ଗତ ସରକନ୍ତରାରେ ଏଭଳି ଘଟଣା ଘଟିଛି। ମୃତକ ହେଲେ, ସରକନ୍ତରା ଗାଁର ପଠାଣି ଖୁଣ୍ଟିଆଙ୍କ ବଡ଼ପୁଅ ସୁଧାଂଶୁ ଖୁଣ୍ଟିଆ ଓରଫ୍ ରବି (୨୫)। ସେ ଠିକା ସଂସ୍ଥା ଅଧୀନରେ ଭୁବନେଶ୍ୱର ଏମ୍ସରେ ଲ୍ୟାବ୍ ଆସିଷ୍ଟାଣ୍ଟ ଭାବେ କାମ କରୁଥିଲେ। ସ୍ପଷ୍ଟ ଦିବାଲୋକରେ ଏଭଳି ହତ୍ୟାକାଣ୍ଡ ଘଟିଥିବା ବେଳେ ପୁଲିସ ମୁଖ୍ୟ ଅଭିଯୁକ୍ତ ତଥା ରବିଙ୍କ ଦାଦାପୁଅ ଭାଇ ଶିବାକୁ ଏଯାଏ ଧରି ପାରିନାହିଁ। ପୁଲିସ ଶିବାର ବାପା ସୁକାନ୍ତ, ମାଆ ଦ୍ରୌପଦୀ ଓ ସାନ ଭାଇ ଛବିକୁ ଅଟକ ରଖିଛି।

ସୂଚନାନୁସାରେ, ପଠାଣିଙ୍କ ସାନଭାଇ ସୁକାନ୍ତ ଗାଁରେ ବିବାହ କରିଥିବା ବେଳେ ଶଶୁର ଘରେ ରୁହନ୍ତି। ଡିହ ଜମିକୁ ପଠାଣିଙ୍କ ମାଆ ରବି ନାମରେ ପଞ୍ଜୀକରଣ କରିଦେଇଥିବାରୁ ତାକୁ ନେଇ ବିବାଦ ଆରମ୍ଭ ହୋଇଥିଲା। ସୁକାନ୍ତ ଉକ୍ତ ଜମିରୁ ଭାଗ ଦାବି କରି ଅଦାଲତର ଦ୍ୱାରସ୍ଥ ହୋଇଥିବା ବେଳେ ମାମଲା ଏବେ ବି ବିଚାରାଧୀନ ରହିଛି। ହେଲେ ଡିହ ଜମି ମାଲିକାନାକୁ ନେଇ ପଠାଣି ଓ ସୁକାନ୍ତଙ୍କ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା। ଅନେକ ସମୟରେ ଉଭୟ ପକ୍ଷଙ୍କ ମଧ୍ୟରେ ଉଚ୍ଚବାଚ ହେବା ସହ କଥା ହାତାହାତି ପର୍ଯ୍ୟନ୍ତ ଯାଉଥିଲା। ଗାଁ ଲୋକଙ୍କ ହସ୍ତକ୍ଷେପ ସତ୍ତ୍ୱେ ଏହି ବିବାଦ ଥମି ନଥିଲା।

ସବୁଦିନ ଭଳି ସୋମବାର ସକାଳୁ ରବି ବାଇକ୍ ଯୋଗେ ଘରୁ କାର୍ଯ୍ୟସ୍ଥଳ ଏମ୍ସକୁ ବାହାରି ଯାଇଥିଲେ। ସକାଳ ପ୍ରାୟ ୯ଟାରେ ସେ ସରକନ୍ତରା ମଙ୍ଗଳା ମନ୍ଦିର ଅତିକ୍ରମ କରୁଥିବା ବେଳେ ଶିବା ତାକୁ ରାସ୍ତାରେ ଅଟକାଇଥିଲା। ରବି କିଛି ବୁଝିବା ଆଗରୁ ଶିବା ତା’ ଉପରକୁ ଗୁଳି ଚଳାଇଥିଲା। ପ୍ରଥମ ଦୁଇଟି ଗୁଳି ରବିଙ୍କ ହାତରେ ବାଜିଥିଲା। ସେ ଭୟରେ ଗାଡ଼ି ଫୋପାଡ଼ି ଦେଇ ନିକଟସ୍ଥ ଏକ ବାଡ଼ି ଭିତରକୁ ପଶି ଯାଇଥିବା ବେଳେ ଶିବା ମଧ୍ୟ ତାଙ୍କୁ ପିଛା କରିଥିଲା। ଶରୀରରେ ଗୁଳି ବାଜିଥିବାରୁ ବେଶୀ ଭିତରକୁ ଯାଇ ନପାରି ପଡ଼ି ଯାଇଥିଲେ। ଶିବା ତାଙ୍କ ପାଖକୁ ଯାଇ ପଏଣ୍ଟ ବ୍ଲାଙ୍କରୁ ଛାତିକୁ ଗୁଳି କରିଥିଲା। ଛାତିରେ ଗୁଳି ବାଜିବା ପରେ ଟଳି ପଡ଼ିଥିଲେ ରବି। ସ୍ଥାନୀୟ ଲୋକେ ତାଙ୍କୁ ଏମ୍ସରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

ଖବର ପାଇ ଖଣ୍ଡଗିରି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଥିଲା। ହତ୍ୟାକାଣ୍ଡ ପରେ ରବିଙ୍କ ସମ୍ପର୍କୀୟ ଦାଦା ଜ୍ଞାନରଞ୍ଜନ ଖୁଣ୍ଟିଆଙ୍କୁ ଖଣ୍ଡାରେ ଆକ୍ରମଣ ହୋଇଛି। ସୁକାନ୍ତ, ଦ୍ରୌପଦୀ ଓ ଛବି ମିଶି ଏହି କାଣ୍ଡ ଭିଆଇଛନ୍ତି। ଶିବା ହିଁ ଗୁଳି କରି ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲେ ମଧ୍ୟ ପୁଲିସ ତାକୁ ଧରିବାରେ ସଫଳ ହୋଇ ପାରିନାହିଁ। ଘଟଣାସ୍ଥଳରେ ସିସିଟିଭି ନଥିବାରୁ ଅନ୍ୟ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପୁଲିସ ପାଇଁ କାଠିକର ପାଠ ହୋଇଛି।

## ପଥରରେ ଛେଚି ଯୁବକଙ୍କୁ ହତ୍ୟା

■ **ଭୁବନେଶ୍ୱର, ୧୩।୧୦(ସମିସ):** ଚନ୍ଦ୍ରଶେଖରପୁର ଥାନା ଅଧୀନ ଚୁନୁକୋଳି ବସ୍ତିରେ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। କେହି ଦୁର୍ବୃତ୍ତ ପଥର ଛେଚି ଜଣେ ଯୁବକଙ୍କୁ ହତ୍ୟା କରିଛି। ମୃତ ଯୁବକର ପରିଚୟ ଯେମିତି ଜଣା ନପଡ଼ିବ, ସେଥିପାଇଁ ମୁହଁ ଏବଂ ମୁଣ୍ଡକୁ ବାରମ୍ବାର ଛେଚିଥିବା ଜଣାଯାଇଛି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତ ବ୍ୟକ୍ତିଜଣଙ୍କ କୌଣସି ଟ୍ରକ୍‌ର ଚାଳକ କିମ୍ବା ହେଲପର୍ ଭାବେ କାମ କରୁଥିବା ସନ୍ଦେହ କରାଯାଉଛି। ଅପରପକ୍ଷେ, ଅନ୍ୟତ୍ର ହତ୍ୟା କରିବା ପରେ ଶବକୁ ଟ୍ରକ୍‌ରେ ଆଣି ଏଠାରେ ଫିଙ୍ଗି ଦିଆଯାଇଥିବା ପୁଲିସ ସନ୍ଦେହ କରୁଛି। ତେଣୁ ପୁଲିସ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ୍ ଜବତ କରି ଉକ୍ତ ଟ୍ରକ୍‌କୁ ଅଣ୍ଡାଳୁଛି।

▶ପୃଷ୍ଠା-୭



**ମୃତକଙ୍କ ପରିଚୟ ପାଇଁ ପୁଲିସ ନାକେଦମ**

**ଟ୍ରକ୍ ଡ୍ରାଇଭର ହୋଇଥିବା ସନ୍ଦେହ କରୁଛି ପୁଲିସ**

### କ୍ଷୋଭ ପ୍ରକାଶ କଲେ ନବୀନ

## ଖୋଲାଖୋଲି ଆତଙ୍କରାଜ; ଲୋକଙ୍କୁ ସୁରକ୍ଷା ଦେବ କିଏ ?



**ଗୋଟିଏ ଦିନରେ ଭୁବନେଶ୍ୱରରେ ଘଟିଛି ଏକାଧିକ ଅପରାଧିକ ଘଟଣା**

**ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ସଜାଗ ନ ହେବା ଆଶ୍ଚର୍ଯ୍ୟର ବିଷୟ**

■ **ଭୁବନେଶ୍ୱର,୧୩।୧୦(ସମିସ):** ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ପୁଣି କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ରାଜ୍ୟ ରାଜଧାନୀ ଅଶାନ୍ତ ଥିବାବେଳେ ଆତଙ୍କରାଜ ଖୋଲାଖୋଲି ବୃଦ୍ଧି ପାଇଛି।ଏପରିସ୍ଥଳେ ସାଧାରଣ ଲୋକଙ୍କୁ କିଏ ସୁରକ୍ଷା ଦେବ ବୋଲି ନବୀନ ସାମାଜିକ ଗଣମାଧ୍ୟମରେ ପ୍ରଶ୍ନ କରିଛନ୍ତି।

ନବୀନ କହିଛନ୍ତି ଯେ ଗୋଟିଏ ଦିନରେ ଭୁବନେଶ୍ୱରରେ ଜଣେ ଏମ୍ସ କର୍ମଚାରୀଙ୍କୁ ଗୁଳି କରି ନିର୍ମମ ହତ୍ୟା, ଯୁବତୀଙ୍କୁ ବଳାତ୍କାର ଉଦ୍ୟମ, ଚନ୍ଦ୍ରଶେଖରପୁରରେ ବିଭତ୍ସ ହତ୍ୟାକାଣ୍ଡ ସହ ରେଳ ଷ୍ଟେସନରେ ଜନୈକ ରାଷ୍ଟ୍ରପତି ସମ୍ମାନପ୍ରାପ୍ତ ଶିକ୍ଷକଙ୍କୁ ଗୋଡ଼ାଇ ଗୋଡ଼ାଇ ମରଣାନ୍ତକ ଆକ୍ରମଣ ଘଟଣା ସାଧାରଣ ଲୋକଙ୍କୁ ଆତଙ୍କିତ କରିଛି। କେବଳ ଘଟଣା ଘଟିବା ପରେ ବିଜେପି ସରକାରରେ ପୁଲିସ ପ୍ରଶାସନ କ୍ରିୟାଶୀଳ ହେବା ଅପରାଧୀଙ୍କୁ ଭୟଶୂନ୍ୟ କରିଦେଉଛି। କଥା କଥାକେ ଦିବାଲୋକରେ ଗୁଳି ଫୁଟୁଛି, ଅପରାଧୀ ଅବାଧ ଭାବେ ବୁଲୁଛନ୍ତି ବୋଲି ନବୀନ ଉଦବେଗ ପ୍ରକାଶ କରିଛନ୍ତି। ରାଜ୍ୟର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡୁଥିବାବେଳେ ବିଜେପି ସରକାର ସଜାଗ ନ ହେବା ସବୁଠୁ ଆଶ୍ଚର୍ଯ୍ୟର ବିଷୟ। ଲୋକଙ୍କ ସୁରକ୍ଷାକୁ ଅଗ୍ରାଧିକାର ଦେଇ ଏକ ଭୟମୁକ୍ତ ପରିବେଶ ସୁନିଶ୍ଚିତ କରିବା ପାଇଁ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ନବୀନ ଦାବି କରିଛନ୍ତି।

### ଆଇଆରସିଟିସି ଦୁର୍ନୀତି ମାମଲା

## ଲାଲୁ, ରାବ୍ଡ଼ି, ତେଜସ୍ୱୀଙ୍କୁ ଝଟ୍‌କା

■ **ପାଟନା, ୧୩।୧୦ (ଏଜେନ୍ସି):** ଆସନ୍ତା ମାସ ବିହାରରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଆରଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବ ଏବଂ ତାଙ୍କର ପୁତ୍ର ତେଜସ୍ୱୀ ଯାଦବଙ୍କୁ ଲାଗିଛି କୋର୍ଟ ଝଟକା। ଆଇଆର୍‌ସିଟିସି ଦୁର୍ନୀତି ମାମଲାରେ ଲାଲୁ, ତାଙ୍କର ପତ୍ନୀ ରାବଡ଼ି ଦେବୀ ଏବଂ ପୁଅ ତେଜସ୍ୱୀ ଯାଦବଙ୍କ ବିରୋଧରେ ଚାର୍ଜଫ୍ରେମ୍ କରିବା ଲାଗି ଦିଲ୍ଲୀର ଏକ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀର ରାଉଜ ଆଭେନ୍ୟୁକୋର୍ଟ ଆଜି ଏହି ୩ ଜଣଙ୍କୁ ଇଣ୍ଡିଆନ ରେଲୱେ କ୍ୟାଟରିଂ ଆଣ୍ଡ ଟୁରିଜିମ୍ କର୍ପୋରେସନ (ଆଇଆରସିଟିସି) ଦୁର୍ନୀତି ମାମଲାରେ ଅଭିଯୁକ୍ତ ବୋଲି ବିଚାର କରିଛି। ଏହି ମାମଲାରେ ଲାଲୁ ବଡ଼ ଧରଣର ଷଡ଼ଯନ୍ତ୍ର କରିବା ସହିତ ନିଜ ପଦବୀରୁ ଦୁରୁପଯୋଗ କରିଥିବା କୋର୍ଟ କହିଛନ୍ତି। ଲାଲୁଙ୍କ ଜାଣତରେ ଏହି ଟେଣ୍ଡର ଦୁର୍ନୀତିର ପୂରା ଷଡ଼ଯନ୍ତ୍ର ରଚାଯାଇଥିଲା। ଟେଣ୍ଡର ପ୍ରକ୍ରିୟାରେ ଲାଲୁ ହସ୍ତକ୍ଷେପ କରିଥିଲେ। ଏହାଦ୍ୱାରା ଲାଲୁଙ୍କ ପରିବାର ପ୍ରତ୍ୟକ୍ଷ ଭାବେ ଯଥେଷ୍ଟ ଲାଭବାନ ହୋଇଥିଲା ବୋଲି କୋର୍ଟ କହିଛନ୍ତି।

ଅପରପକ୍ଷରେ ଲାଲୁ ଏହି ଅଭିଯୋଗଗୁଡ଼ିକୁ ଖଣ୍ଡନ କରିଛନ୍ତି। ଏହି ମାମଲା ରାଞ୍ଚି ଓ ପୁରୀସ୍ଥିତ ଆଇଆର୍‌ସିଟିସିର ଦୁଇଟି ହୋଟେଲର ଟେଣ୍ଡର ସହିତ ଦୁର୍ନୀତି ସହିତ ଜଡିତ ରହିଛି।

୨୦୦୪ରୁ ୨୦୦୯ ମଧ୍ୟ ଲାଲୁ କେନ୍ଦ୍ରରେ ୟୁପିଏ ସରକାରରେ ରେଳମନ୍ତ୍ରୀ ଥିବା ବେଳେ ଏହି ଦୁର୍ନୀତି ହୋଇଥିଲା ବୋଲି କୁହାଯାଇଛି। ଆଗକୁ ବିହାର ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଏହି ମାମଲା ଲାଲୁ ପରିବାର ପାଇଁ ସମସ୍ୟା ସୃଷ୍ଟି କରିବ ବୋଲି ଅନୁମାନ କରାଯାଉଛି। ଯଦି ଆଇଆରସିଟିସି ମାମଲାରେ ୩ ଜଣଙ୍କ ବିରୋଧରେ ସବୁ ଅଭିଯୋଗ ପ୍ରମାଣିତ ହେଲା, ତେବେ ୩ ଜଣଙ୍କୁ ୭ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡାଦେଶ ହୋଇପାରେ।

▶ପୃଷ୍ଠା-୭

**୩ ଜଣଙ୍କ ବିରୋଧରେ ଚାର୍ଜଫ୍ରେମ ପାଇଁ କୋର୍ଟ ନିର୍ଦ୍ଦେଶ**




## ନୂଆପଡ଼ା ଉପନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି

■ **ଭୁବନେଶ୍ୱର, ୧୩।୧୦ (ସମିସ):** ଆସନ୍ତା ନଭେମ୍ବର ୧୧ ତାରିଖରେ ହେବାକୁ ଥିବା ନୂଆପଡା ଉପନିର୍ବାଚନ ପାଇଁ ନିର୍ବାଚନ ଆୟୋଗ ପକ୍ଷରୁ ସୋମବାର ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାସହ ଆଜିଠାରୁ ବିଧିବଦ୍ଧ ଭାବେ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇଛି। ନାମାଙ୍କନର ଶେଷ ତାରିଖ ଅକ୍ଟୋବର ୨୦ ତାରିଖ ଧାର୍ଯ୍ୟ ହୋଇଥିବା ବେଳେ ୨୨ ତାରିଖରେ ନାମାଙ୍କନ ପତ୍ର ଯାଞ୍ଚ ହେବ। ସେହିପରି ୨୪ ତାରିଖ(ଶୁକ୍ରବାର) ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ତେବେ ନାମାଙ୍କନର ପ୍ରଥମ ଦିନରେ କୌଣସି ପ୍ରାର୍ଥୀ ନାମାଙ୍କନ କରିନଥିବା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।



ବିଜ୍ଞପ୍ତି ଅନୁଯାୟୀ ନଭେମ୍ବର ୧୧ ତାରିଖ ସକାଳ ୭ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଭୋଟଦାନ ପ୍ରକ୍ରିୟା ଚାଲିବ। ଅନ୍ୟପକ୍ଷରେ ବାମପନ୍ଥୀ ଉଗ୍ରବାଦୀ ପ୍ରବଣ ଅଞ୍ଚଳର ୪୭ଟି ବୁଥ୍‌ରେ ସକାଳ ୭ଟାରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ଭୋଟଦାନ ପ୍ରକ୍ରିୟା ଅନୁଷ୍ଠିତ ହେବ। ନଭେମ୍ବର ୧୬ ତାରିଖ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।



# ଦିଲ୍ଲୀରେ ଜଳ ସଙ୍କଟ

■ **ନୂଆଦିଲ୍ଲୀ, ୧୩।୧୦ (ଏଜେନ୍ସି):** ଦକ୍ଷିଣ ଦିଲ୍ଲୀର ୩ଟି ପ୍ରମୁଖ ମଲକୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି। ଡିଏଲ୍‌ଏଫ୍ ପ୍ରୋମେନାଡ଼, ଡିଏଲ୍‌ଏଫ୍ ଏମ୍ପୋରିଓ, ଆମ୍ବିଏନ୍ସ ମଲ୍ ଉକ୍ତ ଜଳାଭାବ କାରଣରୁ ବନ୍ଦ ହେବାକୁ ଯାଉଛି। ପ୍ରଥମଥର ପାଇଁ ରାଜଧାନୀ ଦିଲ୍ଲୀରେ ଏଭଳି ଜଳାଭାବ ସୃଷ୍ଟି ହୋଇଛି। ଏହି ମଲ୍‌ଗୁଡିକୁ ବିଦେଶୀ ପର୍ଯ୍ୟଟକ, ସେଲିବ୍ରିଟି ଓ ନାମୀଦାମୀ ଲୋକମାନେ ବିଶ୍ୱସ୍ତରୀୟ ବ୍ରାଣ୍ଡର ଜିନିଷ ସପିଂ କରିବାକୁ କରିବାକୁ ଆସିଥାନ୍ତି। ପାଣିର ଅଭାବ କାରଣରୁ ଏବେ ମଲ୍‌କୁ ଚଳାଇବା କଷ୍ଟକର ହୋଇପଡ଼ିଛି। ଜଳ ଯୋଗାଣ ବନ୍ଦ ହେବା କାରଣରୁ ମଲ୍ ମାଲିକମାନେ ଏହାକୁ ଅସ୍ଥାୟୀ ଭାବେ ବନ୍ଦ କରିବାକୁ ବିଚାର କରୁଛନ୍ତି। ଜଳ ଯୋଗାଣ ବନ୍ଦ ହେବା କାରଣରୁ ମଲ୍‌ର ଟାଙ୍କିଗୁଡିକ ଖାଲି ରହିଛି। ୭୦ ପ୍ରତିଶତ ଟଏଲେଟ ବନ୍ଦ ହୋଇଛି। ରେସ୍ତୁରାଁରେ ବାସନ ମାଜିବା ଓ ସଫା କାର୍ଯ୍ୟକ୍ରମ ମଧ୍ୟ ବନ୍ଦ ରହିଛି। ଗ୍ରାହକଙ୍କୁ ପାଣି ପିଇବା ପାଇଁ ଦେବାରେ ମଧ୍ୟ ରେସ୍ତୁରାଁଗୁଡିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଭଳି ସ୍ଥିତିରେ ଗ୍ରାହକଙ୍କୁ ଠିକ୍‌ରେ ସେବା ଦିଆଯାଇ ପାରୁନାହିଁ। ଯଦି ଆଗାମୀ ଦୁଇ, ତିନ ଦିନ ମଧ୍ୟରେ ଜଳ ଯୋଗାଣ ଠିକ୍ ଭାବେ ନ ହୁଏ, ତେବେ ମଲଗୁଡିକୁ ବନ୍ଦ କରାଯିବାର ଆଶଙ୍କା ସୃଷ୍ଟି ହୋଇଛି।

▶ପୃଷ୍ଠା-୭

- ୭୦% ଶୌଚାଳୟରେ ପାଣି ନାହିଁ
- ରେସ୍ତୋରାଁରେ ବି ଜଳାଭାବ
- ବନ୍ଦ ହେବ ୩ଟି ବଡ଼ ମଲ୍



ସକାଳ
THE SAKALA
www.sakalaepaper.com

# ଶାନ୍ତ ପଡ଼ିଲା ଗାଜା

## ◆ଇସ୍ରାଏଲୀ ପଣବନ୍ଦୀଙ୍କୁ ଛାଡ଼ିଲା ହମାସ୍ ◆ପାଲେଷ୍ଟିନୀୟଙ୍କୁ ବି ମୁକ୍ତ କରୁଛି ଇସ୍ରାଏଲ



### ସବୁ ଯୁଦ୍ଧ ମୁଁ ବନ୍ଦ କରିବି: ଟ୍ରମ୍ପ

### ଭାରତ-ପାକିସ୍ତାନ ପ୍ରସଙ୍ଗ ପୁଣି ଦୋହରାଇଲେ

ତେଲ ଆଭିଭ, ୧୩।୧୦ (ଏଜେନ୍ସି): ଦୀର୍ଘ ବର୍ଷ ପ୍ରତୀକ୍ଷାର ଅନ୍ତ ହୋଇଛି। ଶେଷରେ ଗାଜାରେ ଶାନ୍ତି ପ୍ରତିଷ୍ଠା ପାଇଁ ବାଟ ଫିଟିଛି। ଶାନ୍ତି ବୁଝାମଣା ଅନୁଯାୟୀ ହମାସ କବଳରେ ଥିବା ଇସ୍ରାଏଲ ପଣବନ୍ଦୀ ସୋମବାର ମୁକ୍ତ ହୋଇଛନ୍ତି। ଇସ୍ରାଏଲ ମଧ୍ୟ ଶତାଧିକ ପାଲେଷ୍ଟାଇନ ବନ୍ଦୀଙ୍କୁ ମୁକ୍ତ କରିଛି। ଦୁଇ ବର୍ଷର ବ୍ୟବଧାନ ପରେ ଆମେରିକା ହସ୍ତକ୍ଷେପ ଯୋଗୁଁ ଏହା ସମ୍ଭବ ହୋଇପାରିଛି।

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇସ୍ରାଏଲରେ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୭ ଜଣ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୧୩ ଜଣ ପଣବନ୍ଦୀଙ୍କୁ ହମାସ୍ ଛାଡ଼ିଛି। ଏମାନଙ୍କୁ ରେଡ୍ କ୍ରସ୍ ମାଧ୍ୟମରେ ଇସ୍ରାଏଲ ସେନା (ଆଇଡିଏଫ) କୁ ହସ୍ତାନ୍ତର କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ହମାସ କବଳରୁ ମୁକ୍ତ ପଣବନ୍ଦୀଙ୍କୁ ରେମି ସ୍ଥିତ ଆଇଡିଏଫ କ୍ୟାମ୍ପକୁ ନିଆଯାଇଥିଲା। ଏଠାରେ ସମସ୍ତଙ୍କ ସ୍ୱାସ୍ଥ୍ୟା ପରୀକ୍ଷା କରାଯାଇଥିଲା। ପରେ ପରିବାର ସଦସ୍ୟଙ୍କୁ ଭେଟିବାକୁ ଦିଆଯାଇଥିଲା। ଦକ୍ଷିଣ ଗାଜା ଷ୍ଟ୍ରିପ୍‌ର ଖାନ୍ ୟୁନିସ ଅଞ୍ଚଳରେ ଅନ୍ୟ ୧୩ ପଣବନ୍ଦୀଙ୍କୁ ମୁକ୍ତ କରାଯାଇଥିଲା। ଏହାକୁ ନେଇ ଇସ୍ରାଏଲରେ ଆନନ୍ଦର ଲହରୀ ଖେଳି ଯାଇଛି। ଏମାନଙ୍କୁ ୧୦ ହଜାର ଇସ୍ରାଏଲ ନାଗରିକ ଉପସ୍ଥିତ ରହି ସ୍ୱାଗତ କରିଛନ୍ତି। ଅନେକ ଅନ୍‌ଲାଇନ ମାଧ୍ୟମରେ ଏହି ଦୃଶ୍ୟ ଦେଖିଛନ୍ତି। ସେହିପରି ହମାସ ୪ ପଣବନ୍ଦୀଙ୍କ ମୃତଦେହ ହସ୍ତାନ୍ତର କରିଛି। ଏମାନଙ୍କ ମଧ୍ୟରେ ନେପାଳର ବିପିନ ଯୋଶୀ ସାମିଲ ଅଛନ୍ତି। ପରେ ଆଉ ବାକି ପଣବନ୍ଦୀଙ୍କ ମୃତଦେହ ପ୍ରଦାନ କରାଯିବ। ସୁରକ୍ଷା ଦୃଷ୍ଟିରୁ ଇସ୍ରାଏଲ ଏହି କଫିନର ଯାଞ୍ଚ କରୁଛି। ଏଥିପାଇଁ ଫରେନସିକ ଅଧିକାର ମୁତୟନ ହୋଇଛନ୍ତି। ମୃତଦେହ ଚିହ୍ନଟ କରିବାକୁ ଦୁଇ ଦିନ ସମୟ ଲାଗିବ ବୋଲି ଆଇଡିଏଫ ପକ୍ଷରୁ କୁହାଯାଇଛି। ଏହାର ପ୍ରତିବଦଳରେ ଇସ୍ରାଏଲ ଆଜି ୨୫୦ ପାଲେଷ୍ଟିନୀୟ କଏଦୀଙ୍କୁ ମୁକ୍ତ କରିଛି।

ଏହି ଉଲ୍ଲେଖନୀୟ ଅଗ୍ରଗତି ସହିତ ଇସ୍ରାଏଲ ପାଇଁ ନୂଆ ଅଧ୍ୟାୟ ଆରମ୍ଭ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୩୦ ସୂତ୍ରୀ ଗାଜା ଶାନ୍ତି ଯୋଜନାକୁ କାର୍ଯ୍ୟକାରୀ କରାଯାଇଛି। ପରବର୍ତ୍ତୀ ପ୍ରକ୍ରିୟା ଏବଂ ଚୁକ୍ତି ପାଇଁ ସେ ଇସ୍ରାଏଲରେ ଅଛନ୍ତି। ଏଠାରୁ ସେ ଶାନ୍ତି ଚୁକ୍ତିରେ ଦସ୍ତଖତ ପାଇଁ ଇଜିପ୍ଟର ଶର୍ମ ଅଲ-ସେଖ ଗସ୍ତ କରିଛନ୍ତି। ଏଠାରେ ଟ୍ରମ୍ପ ଏବଂ ଇଜିପ୍ଟ ରାଷ୍ଟ୍ରପତି ଅବଦେଲ ଫତହ ଅଲ-ସିସିଙ୍କ ନେତୃତ୍ୱରେ ବ୍ରିଟେନ, ଫ୍ରାନ୍ସ ଜର୍ମାନୀ ଏବଂ କିଛି ଆରବ ରାଷ୍ଟ୍ରଙ୍କ ଉପସ୍ଥିତିରେ ଶାନ୍ତି ଆଲୋଚନା ହେବ।

ଏହା ପୂର୍ବରୁ ଇସ୍ରାଏଲରେ ପହଞ୍ଚିବା ମାତ୍ରେ ଆମେରିକା ରାଷ୍ଟ୍ରପତିଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ସେ ଇସ୍ରାଏଲ ସଂସଦକୁ ପ୍ରାୟ ୬୪ ମିନିଟ ପର୍ଯ୍ୟନ୍ତ ସମ୍ବୋଧନ କରିଥିଲେ। ମୁଁ ସବୁ ଯୁଦ୍ଧ ବନ୍ଦ କରିବି ବୋଲି କହିଥିଲେ। ଏହା ସହିତ ପୁଣି ଥରେ ଭାରତ-ପାକିସ୍ତାନ ସଂଘର୍ଷ ବନ୍ଦ କରିଥିବା ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ ନୂଆ ମଧ୍ୟ ପ୍ରାଚ୍ୟ ପାଇଁ ଏହା ଏକ ଐତିହାସିକ ଉପଲବ୍ଧି। ଏହା କହିବା ମାତ୍ରେ ଇସ୍ରାଏଲ ସଂସଦ ତାଳିରେ କମ୍ପି ଉଠିଥିଲା ଏବଂ ସମସ୍ତ ସାଂସଦ ଛିଡ଼ା ହୋଇ ଟ୍ରମ୍ପଙ୍କୁ ଅଭିବାଦନ ଜଣାଇ ଥିଲେ। ଏବେ ଆମେରିକା ଭଳି ଇସ୍ରାଏଲର ସୁବର୍ଣ୍ଣ ଯୁଗ ଆରମ୍ଭ ହେବ ବୋଲି ଟ୍ରମ୍ପ କହିଥିଲେ। 'କେବଳ ଯୁଦ୍ଧ ନୁହେଁ, ବରଂ ଆତଙ୍କର ଅନ୍ତ ହୋଇଛି। ଦୀର୍ଘ ଦିନର ଯୁଦ୍ଧ ପରେ ଆକାଶ ନିରବ ଏବଂ ବନ୍ଧୁକ ଶାନ୍ତ ରହିଛି। ପବିତ୍ର ମାଟିରେ ନୂଆ ସକାଳ ଆସିଛି। ଆଶା କରୁଛି ଆଗକୁ ମଧ୍ୟ ଏହା ବଜାୟ ରହିବ। ପଣବନ୍ଦୀ ମୁକ୍ତ ହୋଇଛନ୍ତି। ଏହା ଇସ୍ରାଏଲ ଏବଂ ବିଶ୍ୱ ପାଇଁ ବଡ଼ ବିଜୟ। ଅନେକ ଦେଶ ଶାନ୍ତି ପ୍ରତିଷ୍ଠା ପାଇଁ କାର୍ଯ୍ୟ କରିଥିଲେ। ଗାଜା ଚୁକ୍ତି ପାଇଁ ଟ୍ରମ୍ପ ଅରବ ଦେଶ ଏବଂ ମୁସଲିମ ନେତାଙ୍କ ପ୍ରଶଂସା କରିଥିଲେ। ଏହି ନେତାମାନେ ହମାସ ଉପରେ ଚାପ ପକାଇ ବନ୍ଦୀଙ୍କୁ ମୁକ୍ତ କରିବାରେ ସହାୟତା କରିଥିଲେ'।

ଟ୍ରମ୍ପ ପୁଣି ଥରେ ଆଠ ମାସରେ ୮ଟି ଯୁଦ୍ଧ ବନ୍ଦ କରାଇଥିବା ଦାବି କରିଥିଲେ। ସେ ଯୁଦ୍ଧକୁ ପସନ୍ଦ କରୁ ନ ଥିବା କହିଥିଲେ। ଟ୍ରମ୍ପ ଅଭିଭାଷଣରେ ପାଲେଷ୍ଟିନକୁ ରାଷ୍ଟ୍ର ମାନ୍ୟତା ଦେବା ପାଇଁ ଦାବି କରିଥିବା ଦୁଇ ସାଂସଦ ବାହାର କରିଦିଆଯାଇଥିଲା। ଏହା ପୂର୍ବରୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ସଂସଦଙ୍କୁ ସମ୍ବୋଧନ କରି ଟ୍ରମ୍ପଙ୍କୁ ଇସ୍ରାଏଲର ସର୍ବୋଚ୍ଚ ସମ୍ମାନ ଦେବାକୁ ଘୋଷଣା କରିଥିଲେ। ଟ୍ରମ୍ପ ହିଁ ଇସ୍ରାଏଲର ଘନିଷ୍ଠ ବନ୍ଧୁ ବୋଲି କହିଥିଲେ। ସେ ଟ୍ରମ୍ପଙ୍କ ପାଇଁ ନୋବେଲ ଶାନ୍ତି ଦାବି କରିଥିଲେ। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଣବନ୍ଦୀଙ୍କ ମୁକ୍ତିକୁ ସ୍ୱାଗତ କରିଛନ୍ତି। କ୍ଷେତ୍ରରେ ଶାନ୍ତି ପ୍ରତିଷ୍ଠା ପାଇଁ ନେତନ୍ୟାହୁ ଏବଂ ଟ୍ରମ୍ପ କରିଥିବା ପ୍ରୟାସକୁ ପ୍ରଶଂସା କରିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ କାନାଡ଼ା ବିଦେଶ ମନ୍ତ୍ରୀ ଅନୀତା ଆନନ୍ଦ

ନୂଆଦିଲ୍ଲୀ, ୧୩।୧୦(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିଛନ୍ତି କାନାଡ଼ା ବୈଦେଶିକ ମନ୍ତ୍ରୀ ଅନୀତା ଆନନ୍ଦ। ପ୍ରଧାନମନ୍ତ୍ରୀ ଦୁଇଦେଶ ମଧ୍ୟରେ ବେପାର ବାଣିଜ୍ୟ, ଶକ୍ତି, ଜ୍ଞାନକୌଶଳ, କୃଷି ଓ ସହଯୋଗ ନେଇ ଆଲୋଚନା କରିଥିଲେ। ମୋଦୀ ଏହି ଅବସରରେ କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣିଙ୍କୁ ଶୁଭେଚ୍ଛା ଜଣାଇଥିଲେ ଓ ଆଗାମୀ ବୈଠକଗୁଡ଼ିକ ପାଇଁ ଅପେକ୍ଷା କରିଥିବା କହିଥିଲେ। ଅନୀତାଙ୍କ ଏହି ଗସ୍ତ ଦ୍ୱାରା ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଆହୁରି ମଜବୁତ ହେବ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ କୁହାଯାଇଛି। ଏହାପୂର୍ବରୁ ଦୁଇଦେଶର ବୈଦେଶିକ ମନ୍ତ୍ରୀଙ୍କ ବୈଠକ ପରେ ଯୁଗ୍ମ ପ୍ରେସ ବିବୃତି ଜାରି କରାଯାଇଥିଲା। ବିଶ୍ୱରେ ଆର୍ଥିକ ଅନିଶ୍ଚିତତା ଓ ସଂଘର୍ଷ ଜାରି ରହିଥିବା ବେଳେ ଦୁଇଦେଶ ମଧ୍ୟରେ ଉତ୍ତମ ବୁଝାମଣା ଓ ସହଭାଗୀତା ଜରୁରୀ ବୋଲି କୁହାଯାଇଥିଲା।

## ଖାଇକୁ ଖସିଲା ବସ୍: ୭ ଶିଶୁ ସମେତ ୪୨ ମୃତ, ୪୯ ଆହତ

କେପଟାଉନ୍, ୧୩।୧୦(ଏଜେନ୍ସି): ଦକ୍ଷିଣ ଆଫ୍ରିକାର ଲିମ୍ପୋପୋ ରାଜ୍ୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ରବିବାର ରାତିରେ ଲିମ୍ପୋପୋର ପାହାଡ଼ିଆ ଅଞ୍ଚଳ ଦେଇ ଯାଉଥିବା ଏକ ବସ୍ ନିୟନ୍ତ୍ରଣରେ ଖାଇକୁ ଖସିପଡ଼ିଥିଲା। ଏଥିରେ ୪୨ ଜଣ ମୃତ୍ୟୁବରଣ କରିଛନ୍ତି। ମୃତକଙ୍କ ମଧ୍ୟରେ ୭ ଶିଶୁ, ୧୮ ମହିଳା ଓ ୧୭ ପୁରୁଷ ସାମିଲ ଅଛନ୍ତି। ୪୯ ଜଣ ମଧ୍ୟ ଆହତ ହୋଇଛନ୍ତି। ଏହି ଦୁର୍ଘଟଣାର ଯାଞ୍ଚ ଆରମ୍ଭ ହୋଇଛି। ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ ରାମାଫୋସା ଏ ନେଇ ଦୁଃଖ ପ୍ରକାଶ କରିଛନ୍ତି। ଏହି ବସ୍‌ରେ ଜିମ୍ବାୱେ ଓ ମାଲାୱିର ନାଗରିକ ଯାତ୍ରା କରୁଥିଲେ ବୋଲି କୁହାଯାଇଛି।

## ଜୈସାଲମେର୍‌ରେ ପଲଟିଲା ସେନା ଜିପ୍; ମେଜର ମୃତ

ଜୈସାଲମେର, ୧୩।୧୦(ଏଜେନ୍ସି): ରାଜସ୍ଥାନର ଜୈସାଲମେରରେ ଭାରତୀୟ ସେନାର ଏକ ଜିପ୍ ପଲଟି ଯାଇଛି। ଏଥିରେ ଜଣେ ମେଜର ପ୍ରାଣ ହରାଇଛନ୍ତି। ସେହିପରି ଜଣେ ଲେଫ୍ଟନାଣ୍ଟ କର୍ଣ୍ଣେଲ, ୨ ଜଣ ମେଜରଙ୍କ ସମେତ ମୋଟ ଉପରେ ୪ ଜଣ ଆହତ ହୋଇଛନ୍ତି। ତନୋଟ ଥାନ ଅନ୍ତର୍ଗତ ରାମଗଡ଼ରୁ ଲୋଙ୍ଗେୱାଲ ମଧ୍ୟରେ ଥିବା ଗମନେବାଲା ଗାଁ ନିକଟରେ ରବିବାର ସନ୍ଧ୍ୟା ୫ଟାରେ ଏହି ଦୁର୍ଘଟଣା ଘଟିଥିଲା। ଆହତଙ୍କୁ ସେନା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ତଦନ୍ତ ଆରମ୍ଭ ହୋଇଛି। ପ୍ରାରମ୍ଭିକ ସୂଚନା ଅନୁଯାୟୀ ସଡ଼କ ଉପରେ ବାଙ୍କ ଥିଲା। କିନ୍ତୁ ଜିପ ବୁଲି ନପାରି ନିୟନ୍ତ୍ରଣ ହରାଇ ପଲଟି ଯାଇଥିଲା। ମେଜର ଟିସି ଭରଦ୍ୱାଜଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ଅବସରରେ ସେ ପ୍ରାଣ ହରାଇଥିଲେ।

## କୋଲ୍‌ଡ୍ରିଫ୍ ପ୍ରସ୍ତୁତ କରୁଥିବା ଶ୍ରୀସାନ୍ ଫାର୍ମା ବନ୍ଦ, ଲାଇସେନ୍ସ ରଦ୍ଦ

ନୂଆଦିଲ୍ଲୀ, ୧୩।୧୦(ଏଜେନ୍ସି): ତାମିଲନାଡୁ ସରକାର ସୋମବାର କୋଲଡ୍ରିଫ୍ କଫ୍ ସିରପ୍ ପ୍ରସ୍ତୁତ କରୁଥିବା ଶ୍ରୀସାନ ଫାର୍ମାସ୍ୟୁଟିକାଲ କମ୍ପାନୀ ବନ୍ଦ କରିବା ସହ ଉତ୍ପାଦନ ଲାଇସେନ୍ସକୁ ସମ୍ପୂର୍ଣ୍ଣ ଭାବେ ରଦ୍ଦ କରି ଦେଇଛନ୍ତି। ଏହି କମ୍ପାନୀକୁ ସବୁଦିନ ପାଇଁ ବନ୍ଦ କରିବାକୁ ସରକାର ଘୋଷଣା କରିଛନ୍ତି। ଏହି କମ୍ପାନୀର କାରଖାନାରେ ୩୫୦ରୁ ଊର୍ଦ୍ଧ୍ୱ ଗମ୍ଭୀର ଶ୍ରେଣୀର ତ୍ରୁଟିଥିବା ଜଣା ପଡ଼ିଥିଲା। ଏହି ସିରପ ସେବନ କରି ମଧ୍ୟପ୍ରଦେଶରେ ଏପର୍ଯ୍ୟନ୍ତ ୨୫ ଶିଶୁ ମୃତ୍ୟୁବରଣ କଲେଣି। ଚେନ୍ନଇରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶ୍ରୀସାନ ଫାର୍ମା ସହିତ ଜଡ଼ିତ ୭ଟି ଠିକଣା ଉପରେ ଚଢ଼ାଉ କରିଥିଲା। ଏହି ଶିଶୁ ମୃତ୍ୟୁ ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ଶ୍ରୀସାନ ଫାର୍ମାର ମାଲିକ ଗୋବିନ୍ଦନ ରଙ୍ଗନାଥନଙ୍କୁ ଅକ୍ଟୋବର ୯ରେ ଗିରଫ କରାଯାଇଥିଲା। ତାମିଲନାଡୁରେ ପ୍ରସ୍ତୁତ ହେଉଥିବା କୋଲଡ୍ରିଫ୍‌ରେ ୪୮ ପ୍ରତିଶତ ବିଷ ରହିଛି ବୋଲି କୁହାଯାଇଛି।

## ଆରଏସ୍‌ଏସ୍‌କୁ ତାଲିବାନ ସହ ତୁଳନା କଲେ ସିଦ୍ଧରମେୟାଙ୍କ ପୁଅ

ବେଙ୍ଗାଲୁରୁ, ୧୩।୧୦(ଏଜେନ୍ସି): କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟାଙ୍କ ପୁଅ ଯଥିନ୍ଦ୍ରା ସିଦ୍ଧରମେୟା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍‌ଏସ୍)କୁ ଆଫଗାନିସ୍ତାନର ତାଲିବାନ ସହ ତୁଳନା କରିଛନ୍ତି। ସେ ଆରଏସ୍‌ଏସ୍‌କୁ ନିଷିଦ୍ଧ କରିବାକୁ ମଧ୍ୟ ଦାବି କରିଛନ୍ତି। ପୂର୍ବରୁ ଆରଏସ୍‌ଏସ୍ ନିଜ ଶାଖା ପରିଚାଳନା କରିବାକୁ ସରକାରୀ ଅନୁଷ୍ଠାନଗୁଡ଼ିକର ପ୍ରାଙ୍ଗଣକୁ ବ୍ୟବହାର କରୁଛି ବୋଲି ସିଦ୍ଧରମେୟା କହିଥିଲେ। ତାଲିବାନ ଯେଉଁଭଳି ଭାବେ ଇସ୍‌ଲାମର ନିୟମ ଲୋକଙ୍କ ଉପରେ ଲାଗୁ କରୁଛି, ଆରଏସ୍‌ଏସ୍ ମଧ୍ୟ ସେହିପରି ଜନସାଧାରଣଙ୍କ ଉପରେ ହିନ୍ଦୁତ୍ୱ ଲଦି ଦେବାକୁ ପ୍ରୟାସ କରୁଛି। ପୂର୍ବରୁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ପୁଅ ତଥା କର୍ଣ୍ଣାଟକ ଆଇଟି ମନ୍ତ୍ରୀ ପ୍ରିୟାଙ୍କ ଖଡ଼ଗେ ମଧ୍ୟ ଆରଏସ୍‌ଏସ୍ ସରକାରୀ ଅନୁଷ୍ଠାନଗୁଡ଼ିକର ପ୍ରାଙ୍ଗଣ ବ୍ୟବହାର କରିବାକୁ ବିରୋଧ କରି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଆରଏସ୍‌ଏସ୍‌ର ଏଭଳି ଆଚରଣକୁ ନିଷିଦ୍ଧ କରିବାକୁ ସେ ଦାବି କରିଛନ୍ତି।

## ବାଂଲାଦେଶରେ ୧୫ ସେନା ଅଧିକାରୀ ଅଟକ

ଢାକା, ୧୩।୧୦(ଏଜେନ୍ସି): ଶେଖ ହସିନାଙ୍କ ଶାସନରେ ବିଭିନ୍ନ ଅପରାଧ ଘଟାଇବା ଅଭିଯୋଗରେ ସେନାର ୧୫ ଜଣ ଅଧିକାରୀଙ୍କୁ ଅଟକ ରଖାଯାଇଛି। ଇଣ୍ଟରନ୍ୟାସନାଲ କ୍ରାଇମ୍ସ ଟ୍ରିବୁନାଲ (ଆଇସିଟି) ୩ଟି ମାମଲାରେ ୨୫ ଜଣ ସେନା ଅଧିକାରୀଙ୍କ ବିରୋଧରେ ଗିରଫ ପରୱାନା ଜାରି କରିବା ପରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଅଟକ ଥିବା ସେନା ଅଧିକାରୀମାନଙ୍କୁ ସେନା କଷ୍ଟଡିରେ ରଖାଯାଇଛି। ଏହି ଅଧିକାରୀମାନେ ଶେଖ ହସିନାଙ୍କ ଶାସନ କାଳରେ ବିକ୍ଷୋଭକୁ ଭଣ୍ଡୁର କରିବାକୁ ପ୍ରୟାସ କରି ବିଭିନ୍ନ ଆପରାଧିକ ଘଟଣା ଘଟାଇଥିଲେ ବୋଲି କୁହାଯାଇଛି।

## ଅର୍ଥନୀତିରେ ତିନି ଅର୍ଥଶାସ୍ତ୍ରୀଙ୍କୁ ନୋବେଲ

ଷ୍ଟକ୍‌ହୋମ, ୧୩।୧୦ (ଏଜେନ୍ସି): ଚଳିତ ବର୍ଷ ପାଇଁ ଅର୍ଥନୀତିରେ ତିନି ଜଣ ଅର୍ଥଶାସ୍ତ୍ରୀଙ୍କୁ ନୋବେଲ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ଆମେରିକାର ଜୋଏଲ ମୋକିର , ପିଟର ହାଭିଟ ଏବଂ ବ୍ରିଟେନର ଫିଲିପ ଏଘିୟାନଙ୍କୁ ଡିସେମ୍ବର ୧୦ରେ ଏହି ବଡ଼ ସମ୍ମାନ ଦିଆଯିବ। ନୋବେଲ କମିଟି ପକ୍ଷରୁ କୁହାଯାଇଛି ଯେ ନବୋନ୍ମେଷ ଦ୍ୱାରା କେମିତି ଆର୍ଥିକ ବିକାଶର ଦ୍ୱାର ଖୋଲିଥାଏ ତାହା ଏହି ଅର୍ଥଶାସ୍ତ୍ରୀମାନେ ଦର୍ଶାଇ ଥିଲେ। ପ୍ରଯୁକ୍ତିବିଦ୍ୟା ଦ୍ରୁତଗତିରେ ବଦଳି ଥାଏ। ଏହା ସମସ୍ତଙ୍କ ଉପରେ ପ୍ରଭାବ ପକାଇ ଥାଏ। ଉତ୍ପାଦ ଏବଂ ଉତ୍ପାଦନର ନୂଆ ଉଦ୍ଭାବନା ପୁରୁଣାକୁ ବଦଳାଇ ଦେଇଥାଏ। ଏହି ପ୍ରକ୍ରିୟା ଅନବରତ ଭାବେ ଜାରି ରହିଥାଏ। ଏହି ଧାରା କେବେ ବନ୍ଦ ନ ହୋଇ ଆର୍ଥିକ ବିକାଶର ଆଧାର ହୋଇ ରହିଛି। ଏହା ଦ୍ୱାରା ବିଶ୍ୱବାସୀଙ୍କ ଜୀବନର ଗୁଣବତ୍ତା, ସ୍ୱାସ୍ଥ୍ୟ ଏବଂ ଜୀବନଧାରଣର ସ୍ତର ବଦଳି ଥାଏ। ଏହି ନୋବେଲ ବିଜେତାଙ୍କୁ ୧୦ ମିଲିୟନ ସ୍ୱିଡିଶ କ୍ରୋନା ତଥା ୧୦.୩ କୋଟି ଟଙ୍କା, ସୁନା ମେଡାଲ, ଏବଂ ପ୍ରମାଣପତ୍ର ପ୍ରଦାନ କରାଯିବ।



ନୋବେଲ କମିଟି ଅନୁଯାୟୀ, କ୍ରମାଗତ ଭାବେ ଆର୍ଥିକ ବିକାଶ କାହିଁକି ହୋଇପାରିଛି ତାହା ଇତିହାସ ଦେଖି ଜୋଏଲ ମୋକିର ଦର୍ଶାଇ ଥିଲେ। ସେ କହିଥିଲେ ଯେ ନୂଆ ଆବିଷ୍କାର ଏବଂ ସୁଧାର କ୍ରମାଗତ ଭାବେ ଜାରି ରହିଥିଲେ, ତାହା କେବଳ କାମ କରୁଛି ବୋଲି ଜାଣିବା ଯଥେଷ୍ଟ ନୁହେଁ। ଏହା କାହିଁକି କାମ କରୁଛି ତାହା ବୁଝିବା ଜରୁରୀ। ଶିଳ୍ପ ବିପ୍ଲବ ପୂର୍ବରୁ ଲୋକେ ଏହା ବୁଝି ପାରୁ ନ ଥିଲେ। ଏଥିପାଇଁ ନୂଆ ସନ୍ଧାନ ଏବଂ ଆବିଷ୍କାରର ସଠିକ୍ ବ୍ୟବହାରରେ ସମସ୍ୟା ହେଉଥିଲା। ଏହା ବ୍ୟତୀତ ସମାଜ ମଧ୍ୟ ନୂଆ ବିଚାରକୁ ଗ୍ରହଣ କରିବା ପାଇଁ ମୁକ୍ତ ହେବା ଉଚିତ ଏବଂ ପରିବର୍ତ୍ତନକୁ ମଧ୍ୟ ସ୍ୱୀକାର କରିବା ଅତ୍ୟନ୍ତ ଜରୁରୀ।

### ଏନ୍‌ଡିଏରେ ଅସନ୍ତୋଷ ବଢୁଛି

## ଅଟକିଲା ପ୍ରାର୍ଥୀ ତାଲିକା

ପାଟନା, ୧୩।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପୂର୍ବରୁ କ୍ଷମତାସୀନ ଏନ୍‌ଡିଏ ମେଣ୍ଟରେ ଆସନ ବଣ୍ଟନ ଚୂଡ଼ାନ୍ତ ହୋଇଯାଇଛି। ପ୍ରତିଦ୍ୱନ୍ଦ୍ୱିତା ପାଇଁ ବିଜେପି, ଜେଡିୟୁକୁ ୧୦୧ ଲେଖାଏଁ, ଚିରାଗ ପାଶ୍ୱାନଙ୍କ ଦଳ ଏଲ୍‌ଜେପି (ଆର) କୁ ୧୯ , ଜିତନ ରାମ ମାନ୍‌ଝୀଙ୍କ ହାମ୍ ଏବଂ ଉପେନ୍ଦ୍ର କୁଶ୍ୱାହଙ୍କ ଆର୍‌ଏଲ୍‌ଏମ୍‌କୁ ୬ଟି ଲେଖାଏଁ ଆସନ ମିଳିଛି। ତେବେ ଏହାକୁ ନେଇ ମେଣ୍ଟରେ ବିବାଦ ଲାଗି ରହିଛି। ସେଥିପାଇଁ ଏନ୍‌ଡିଏର ପ୍ରଥମ ପ୍ରାର୍ଥୀ ତାଲିକା ଅଟକି ରହିଛି। ଯେତିକି ଆସନ ମିଳିଛି ତାହାକୁ ନେଇ ମାନ୍‌ଝୀ ଏବଂ କୁଶ୍ୱାହ ସନ୍ତୁଷ୍ଟ ନାହାନ୍ତି। ଉଭୟେ ଅଧିକ ଆସନ ଦାବି କରୁଛନ୍ତି। ପ୍ରଥମେ ମାନ୍‌ଝୀ ଏହି ଆସନକୁ ନେଇ ସନ୍ତୁଷ୍ଟ ଥିବା କହିଥିଲେ। ପରେ ଦଳର କ୍ଷମତାକୁ କମ୍ କରି ଆକଳନ କରାଯାଇଛି ଏବଂ ଏହାର ପରିଣାମ ଦେଖିବାକୁ ମିଳିବ ବୋଲି ଏକ ସାକ୍ଷାତକାରରେ ଉଲ୍ଲେଖ କରିଥିଲେ। ପୂର୍ବରୁ ଏ ନେଇ ମାନ୍‌ଝୀ ମଧ୍ୟ ମେଣ୍ଟକୁ ଧମକ ଦେଇଥିଲେ। ଲଢ଼ିବା ପାଇଁ ୧୦-୨୦ ଆସନ ନ ମିଳିଲେ ଏକାକୀ ସବୁ ସିଟ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଏକ କାର୍ଯ୍ୟକ୍ରମରେ କହିଥିଲେ।

ଏନ୍‌ଡିଏରେ କିଏ କେତେ ଆସନରେ ଲଢ଼ିବ ସ୍ଥିର ହୋଇଥିଲେ ବି କେଉଁ ଦଳ କେଉଁ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବ ତାହା ଏ ପର୍ଯ୍ୟନ୍ତ ସ୍ଥିର ହୋଇପାରି ନାହିଁ। ୨୪୩ ଆସନରୁ କାହାକୁ କୋଉଟା ଦିଆହେବ ତାହାକୁ ନେଇ ଦଳମାନଙ୍କ ମଧ୍ୟରେ ଟଣାଓଟରା ଲାଗି ରହିଛି। ସୋମବାର ସୁଦ୍ଧା ଏହାର କୌଣସି ନିଷ୍କର୍ଷ ବାହାରି ପାରି ନାହିଁ। ତେଣୁ ଏନ୍‌ଡିଏର ପ୍ରଥମ ପ୍ରାର୍ଥୀ ତାଲିକା ଘୋଷଣା ହୋଇପାରି ନାହିଁ। ପୂର୍ବରୁ ସୋମବାର ସନ୍ଧ୍ୟାରେ ପ୍ରଥମ ପ୍ରାର୍ଥୀ ତାଲିକା ଘୋଷଣା କରିବ ବୋଲି କୁହାଯାଉଥିଲା। ଏଥିପାଇଁ ସାମ୍ବାଦିକ ସମ୍ମିଳନୀ ଡକାଯାଇଥିଲା। ମାତ୍ର ବିବାଦ ଯୋଗୁଁ ବାଧ ହୋଇ ଏହାକୁ ସ୍ଥଗିତ ରଖା ଯାଇଥିଲା।

## ମହୁଆରୁ ଲଢ଼ିବେ ତେଜପ୍ରତାପ

ପାଟନା, ୧୩।୧୦(ଏଜେନ୍ସି): ବିହାରରେ ବିଧାନସଭା ନିର୍ବାଚନ ପାଇଁ ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବଙ୍କ ବଡ଼ ପୁଅ ତେଜପ୍ରତାପ ଯାଦବ ନିଜ ପାର୍ଟି ଜନଶକ୍ତି ଜନତା ଦଳର ଏକ ୨୧ ଜଣିଆ ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି। ଏଥିରେ ସେ ନିଜେ ମହୁଆ ନିର୍ବାଚନମଣ୍ଡଳୀରେ ଲଢ଼େଇ କରିବେ ବୋଲି ଘୋଷଣା କରିଛନ୍ତି। ଫଳରେ ବିହାର ରାଜନୀତିରେ ହଟଚମଟ ସୃଷ୍ଟି ହୋଇଛି। ମହୁଆ ସିଟ୍‌ରୁ ତେଜପ୍ରତାପ ପୂର୍ବରୁ ମଧ୍ୟ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଜାରି କରାଯାଇଥିବା ଏହି ପ୍ରାର୍ଥୀ ତାଲିକାରେ ଏକାଧିକ ନୂଆ ଓ ଯୁବ ଚେହେରାଙ୍କୁ ସାମିଲ କରାଯାଇଛି।

### ଭୋଟ ଚୋରି' ଅଭିଯୋଗର ଏସ୍‌ଆଇଟି ତଦନ୍ତ

## ହସ୍ତକ୍ଷେପ କରିବାକୁ ମନାକଲେ ସୁପ୍ରିମକୋର୍ଟ

### ନିର୍ବାଚନ କମିସନଙ୍କ ଦ୍ୱାରସ୍ଥ ହେବାକୁ ପରାମର୍ଶ

ନୂଆଦିଲ୍ଲୀ, ୧୩।୧୦ (ଏଜେନ୍ସି): ଗତ ଲୋକସଭା ନିର୍ବାଚନରେ 'ଭୋଟ ଚୋରି' ହୋଇଥିବା ନେଇ ବିରୋଧୀ ଅଭିଯୋଗ କରିଆସୁଛନ୍ତି। ଲୋକସଭା ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଏ ନେଇ କ୍ଷମତାସୀନ ଦଳକୁ ଦୋଷ ଦେଉଛନ୍ତି। ବେଙ୍ଗାଲୁରୁ ସେଣ୍ଟ୍ରାଲ ଆସନର 'ଭୋଟ ଚୋରି' ମାମଲାର ଏସ୍‌ଆଇଟି ତଦନ୍ତ ଦାବିରେ ସୁପ୍ରିମକୋର୍ଟରେ ଆବେଦନ ଦାଏର ହୋଇଛି। ତେବେ ସୋମବାର ସୁପ୍ରିମକୋର୍ଟ ଏହା ଉପରେ ଶୁଣାଣି କରିବାକୁ ମନା କରିଦେଇଛନ୍ତି। ଏ ନେଇ ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହେବାକୁ ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ଆବେଦନକାରୀ ରୋହିତ ପାଣ୍ଡେଙ୍କୁ ପରାମର୍ଶ ଦେଇଛନ୍ତି। ଖଣ୍ଡପୀଠ କହିଥିଲେ ଯେ କୋର୍ଟ ଆବେଦନକାରୀ ଓକିଲଙ୍କ ତର୍କବିତର୍କ ଶୁଣିଛନ୍ତି। ଜନସ୍ୱାର୍ଥରେ ଆଗତ ଏହି ମାମଲାରେ ଉପରେ ଶୁଣାଣି କରିବାକୁ ସୁପ୍ରିମକୋର୍ଟ ଇଚ୍ଛୁକ ନାହାନ୍ତି। ପାଣ୍ଡେ କହିଥିଲେ ଯେ ରାହୁଲ କରିଥିବା ଅଭିଯୋଗର ସେ ଯାଞ୍ଚ କରିଥିଲେ। ଏ ନେଇ ସେ ଅନେକ ସ୍ପଷ୍ଟ ପ୍ରମାଣ ପାଇଛନ୍ତି। ଭୋଟ ଚୋରି ପାଇଁ ଏକ ବ୍ୟବସ୍ଥା ସୃଷ୍ଟି କରାଯାଇଥିଲା। ବୈଧ ଭୋଟକୁ ବିକୃତ କରାଯାଇଥିଲା। ତେଣୁ ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ସୁପ୍ରିମକୋର୍ଟ ଏହି ମାମଲାରେ ତୁରନ୍ତ ହସ୍ତକ୍ଷେପ କରିବା ଉଚିତ। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା ଯେ ଭୋଟର ତାଲିକାରେ ହଜାର ହଜାର ବେଆଇନ ଏବଂ ନକଲି ନାମ ସାମିଲ କରାଯାଇଥିଲା। ସାମ୍ବିଧାନିକ ଗ୍ୟାରେଣ୍ଟି ଉପରେ ଆକ୍ରମଣ କରାଯାଇଥିଲା। ଧାରା ୩୨୬ ଏବଂ ୩୨୪ର ଉଲ୍ଲଙ୍ଘନ କରାଯାଇଥିଲା। କୌଣସି ସ୍ୱାଧୀନ ସମୀକ୍ଷା ବିନା ଭୋଟର ତାଲିକା ସମୀକ୍ଷା କିମ୍ବା ଚୂଡ଼ାନ୍ତ ନ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ଦାବି କରିଥିଲେ।

# ଗାଜା ଚୁକ୍ତି ବିରୋଧରେ ଜଳୁଛି ପାକିସ୍ତାନ

## ପୁଲିସ ଗୁଳିରେ ୨୦୦ ମୃତ, ୧୫୦୦ ଆହତ

**ଇସଲାମାବାଦ୍, ୧୩।୧୦ (ଏଜେନ୍ସି):** ପାକିସ୍ତାନରେ ଗାଜା ଶାନ୍ତି ଚୁକ୍ତି ଯୋଜନାକୁ ବିରୋଧ କରି ଗତ ୫ ଦିନ ହେବ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଛି। ଏହି ବିକ୍ଷୋଭ ଏବେ ଉଗ୍ର ହିଂସାର ରୂପ ନେଇଛି। ପୁଲିସ ବିକ୍ଷୋଭକାରୀଙ୍କ ଉପରକୁ ଗୁଳି ଚଳାଇଛି। ଏଥରେ ୨୦୦ ଜଣ ମୃତ୍ୟୁବରଣ କରିଥିବା ବେଳେ ୧୫୦୦ ଲୋକ ଆହତ ହୋଇଛନ୍ତି।

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଗାଜା ଶାନ୍ତି ଯୋଜନାକୁ ପାକିସ୍ତାନ ପ୍ରଥମେ ସମର୍ଥନ କରିଥିଲା। ଏହାକୁ ନେଇ ପାକିସ୍ତାନରେ ବିଭିନ୍ନ ରାଜନୈତିକ ଦଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦ ଜଣାଇ ତେହେରିକ-ଇ- ଲାବେକ ପାର୍ଟି (ଟିଏଲ୍‌ପି) ରାଜଧାନୀ ଇସଲାମାବାଦ ଘେରାଉ କରିଛି। ଏହାର ଲକ୍ଷାଧିକ ସମର୍ଥକ ଇସଲାମାବାଦରେ ଆମେରିକାର ଦୂତାବାସ ସମ୍ମୁଖରେ ବିକ୍ଷୋଭ କରିବାକୁ ଯୋଜନା କରିଥିଲେ। କିନ୍ତୁ ପ୍ରଶାସନ ଏଥିପାଇଁ ଅନୁମତି



ନଦେବାରୁ ସେମାନେ ଇସଲାମାବାଦ ବାହାରେ ଅଟକି ରହିଛନ୍ତି। ବିକ୍ଷୋଭକାରୀ ହିଂସାରେ ମାତିଥିବାରୁ ସେମାନଙ୍କୁ ଅଟକାଇବାକୁ ଯାଇ ପୁଲିସ ପକ୍ଷରୁ ଗୁଳିମାଡ଼ କରାଯାଇଛି। ଏଥିରେ ୨୦୦ ଲୋକ ନିହତ ହୋଇଥିବା ଟିଏଲ୍‌ପି ଦାବି କରିଛି। ସଂଗଠନର ମୁଖ୍ୟ ସାଦ ହୁସେନ ରିଜ୍‌ଭି ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ସେ ଲାହୋରରୁ ଇସ୍‌ଲାମାବାଦ୍ ପର୍ଯ୍ୟନ୍ତ ଇସ୍ରାଏଲ ବିରୋଧୀ ବିକ୍ଷୋଭର ନେତୃତ୍ୱ ନେଉଥିବା ବେଳେ ପୁଲିସ ଗୁଳିରେ ଆହତ ହୋଇଛନ୍ତି। ତାଙ୍କୁ ନିକଟସ୍ଥ ମେଡିକାଲ ସେଣ୍ଟରକୁ ନିଆଯାଇଛି ଓ ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି। ତେବେ ଏହି ଘଟଣା କେଉଁଠି ହୋଇଛି, କେତେ ସଂଖ୍ୟାରେ ଲୋକ ମରିଛନ୍ତି ସେ ନେଇ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ। ସଂଘର୍ଷରେ ଦୁଇଜଣ ପୁଲିସ ଅଧିକାରୀ ମଧ୍ୟ ମୃତ୍ୟୁବରଣ କରିଛନ୍ତି ବୋଲି କୁହାଯାଇଛି।

## ଗାଜାରେ ହମାସ୍-ଆଦିବାସୀ ସଂଘର୍ଷ

### ୬୪ ମୃତ, ପାଲେଷ୍ଟାଇନ୍ ସାମ୍ବାଦିକ ନିହତ

**ଗାଜା ସିଟି, ୧୩।୧୦(ଏଜେନ୍ସି):** ଗାଜାରେ ଇସ୍ରାଏଲ ଓ ହମାସ ମଧ୍ୟରେ ଅସ୍ତ୍ରବିରତି ଲାଗୁ ହେବା ପରେ ଶାନ୍ତି ପ୍ରତିଷ୍ଠାର ବାଟ ଫିଟିଛି। କିନ୍ତୁ ଏତିକିବେଳେ ଆଉ ଏକ ସଂଘର୍ଷର ସୂତ୍ରପାତ ହୋଇଛି। ଗାଜା ସିଟିରେ ରବିବାର ହମାସ ଓ ଦୋଘମୁଶ ଆଦିବାସୀଙ୍କ ମଧ୍ୟରେ ସଂଘର୍ଷ ଯୋଗୁଁ ୬୪ ଜଣ ମୃତ୍ୟୁବରଣ କରିଛନ୍ତି। ଏଥିରେ ୫୨ ଦୋଘମୁଶ ଓ ୧୨ ଜଣ ହମାସ ଯୋଦ୍ଧା ସାମିଲ ରହିଛନ୍ତି। ହମାସର ବରିଷ୍ଠ ଅଧିକାରୀ ବାସେମ ନାଇମ୍ ଏହି ସଂଘର୍ଷରେ ମୃତ୍ୟୁବରଣ କରିଛନ୍ତି। ପାଲେଷ୍ଟାଇନ୍ ସମ୍ବାଦିକ ସାଲେହ ଅଲଜାଫ୍ରାଇ ମଧ୍ୟ ଗୁଳିର ଶିକାର ହୋଇ ପ୍ରାଣ ହରାଇଛନ୍ତି। ଏଥିସହ ଗାଜା ଯୁଦ୍ଧରେ ଏପର୍ଯ୍ୟନ୍ତ ୨୭୦ ସାମ୍ବାଦିକ ପ୍ରାଣ ହରାଇଲେଣି। ସବ୍ରା ଅଞ୍ଚଳରେ ଥିବା ଦୋଘମୁଶ ଆଦିବାସୀଙ୍କ ଠିକଣା ଉପରେ ହମାସ ଆକ୍ରମଣ କରିବାର ଏହି ସଂଘର୍ଷର ସୂତ୍ରପାତ ହୋଇଥିଲା। ଅସ୍ତ୍ରବିରତି ଲାଗୁ ହେବାର ଫାଇଦା ଉଠାଇ ହମାସ ଯୋଜନାବଦ୍ଧ ଭାବେ ଏହି ଆକ୍ରମଣ କରିଥିଲା। ଯେଉଁ ମିଲିସିଆ ସଦସ୍ୟ ଓ ଅପରାଧୀ ଏହି ରକ୍ତପାତରେ ସାମିଲ ନାହାନ୍ତି ସେମାନେ ରବିବାର ସୁଦ୍ଧା ଆତ୍ମସମର୍ପଣ କରିବାକୁ ହମାସ ନିର୍ଦ୍ଦେଶ ଦେଇଛି।

ପୁଲିସ ଏସ୍ଆଇ ଚାକିରି ବେପାର

# ବେନାମୀ ଆକାଉଣ୍ଟରେ କୋଟିକୋଟି ଟଙ୍କା କାରବାର

■ ଟଙ୍କା ପଠାଇଛନ୍ତି ପଞ୍ଚସଫ୍ଟ ମୁଖ୍ୟ ଶଙ୍କର ପୃଷ୍ଟି ଓ ତାଙ୍କ ସହଯୋଗୀ ମୁନ୍ନା
■ ଶଙ୍କର ଓ ସହଯୋଗୀ ମୁନ୍ନା ନାମରେ ଲୁକ୍ ଆଉଟ୍ ଜାରିକଲା କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର,୧୩।୧୦(ସମିସ): ପୁଲିସ ଏସ୍ଆଇ ଚାକିରି ବେପାର ଘଟଣାର ତଦନ୍ତ ଯେତେ ଗହୀରକୁ ଯାଉଛି, ସେତେସେତେ ନୂଆ କେଳେଙ୍କାରୀ ଠାବ ହେଉଛି। ଏହି ସମଗ୍ର ଘଟଣାରେ ଶଙ୍କର ପୃଷ୍ଟି ଓ ତାର ସହଯୋଗୀ ମୁନ୍ନା ମହାନ୍ତିକୁ କାର୍ପେଟଦାର କୁହାଯାଉଥିଲେ ହେଁ କିଛି ପ୍ରଭାବଶାଳୀଙ୍କ ସମ୍ପୃକ୍ତି ଏହି ଘଟଣାରେ ଥିବା କ୍ରମଶଃ ସ୍ପଷ୍ଟ ହେଉଛି । ଶଙ୍କର ଓ ମୁନ୍ନା ମହାନ୍ତି ତାଙ୍କ ଆକାଉଣ୍ଟରୁ ଦୁଇଟି ବେନାମୀ ଆକାଉଣ୍ଟକୁ କୋଟି କୋଟି ଠଙ୍କା ପଠାଇଥିବାର ତଥ୍ୟ କ୍ରାଇମବ୍ରାଞ୍ଚ ହାତରେ ଲାଗିଛି । ଉଭୟ ଦେଶ ଛାଡ଼ି ଚାଲିଯିବା ଆଶଙ୍କାରେ ଉଭୟଙ୍କ ନାମରେ ଲୁକଆଉଟ୍ ସର୍କୁଲାର ଜାରି ସହ ବ୍ୟୁରୋ ଅଫ୍ ଇମିଗ୍ରେସନକୁ ଅବଗତ କରିଛି କ୍ରାଇମବ୍ରାଞ୍ଚ । ଏହା ସହ ଦୁଇ ଅଭିଯୁକ୍ତଙ୍କ ଫଟୋ ରେଲୱେ ଷ୍ଟେସନ,ଏୟାରପୋର୍ଟ ଓ ଅନ୍ୟ ସ୍ଥାନରେ ଲଗାଯିବା ସହ ଦୁହିଁଙ୍କ ସମ୍ପର୍କରେ ଖବର ମିଳିଲେ କ୍ରାଇମ୍‌ବ୍ରାଞ୍ଚ ସହ ଯୋଗାଯୋଗ କରିବାକୁ କୁହାଯାଇଛି।

୨ଟି ବ୍ୟାଙ୍କ ଆକାଉଣ୍ଟକୁ ମୁନ୍ନା ଓ ଶଙ୍କର କୋଟି କୋଟି ଟଙ୍କା ପଠାଇଥିବା ସୂଚନା ମିଳିବା ପରେ କ୍ରାଇମବ୍ରାଞ୍ଚ ଏ ସଂକ୍ରାନ୍ତ ତଦନ୍ତକୁ ଜୋରଦାର କରିଛି। ଏହି ଦୁଇ ବେନାମୀ ଆକାଉଣ୍ଟ କାହାର ଓ କଣ ପାଇଁ ଏହି ଟଙ୍କ ପଠାଯାଇଛି ତାହାର ଖୋଳତାଡ଼ ଆରମ୍ଭ ହୋଇଛି। ଏଥିନିମନ୍ତେ ସଂପୃକ୍ତ ଆକାଉଣ୍ଟର ତଥ୍ୟ ଦେବା ପାଇଁ ବ୍ୟାଙ୍କକୁ ଚିଠି ଲେଖାଯାଇଛି। ପୁଲିସ ଏସ୍ଆଇ ଚାକିରି ବିକ୍ରି ଘଟଣାରେ ଆଶାୟୀଙ୍କଠାରୁ ଅଗ୍ରୀମ ୫ରୁ ୧୦ ଲକ୍ଷ ଟଙ୍କା ଲେଖାଏଁ ନିଆଯାଇଥିଲା । ପରୀକ୍ଷା ଫଳ ପ୍ରକାଶ ପରେ ଅବଶିଷ୍ଟ ଅର୍ଥ ପ୍ରଦାନ ପାଇଁ ସର୍ତ୍ତ ରହିଥିଲା। ୧୧୪ ଜଣ ଆଶାୟୀ ଧରା ପଡ଼ିଥିବାବେଳେ ପୂର୍ବରୁ ତାଲିମ ପାଇଁ ଯାଇଥିବା ୩୦୦ରୁ ଉର୍ଦ୍ଧ୍ୱ ଆଶାୟୀ ଧରାଛୁଆଁରୁ ବାହାରେ । ଏହିକ୍ରମରେ ପରୀକ୍ଷା ପୂର୍ବରୁ କେବଳ ଅଗ୍ରୀମ ବାବଦରେ ପ୍ରାୟ ୨୦ କୋଟିରୁ ୩୦ କୋଟି ଟଙ୍କା ଆଦାୟ କରାଯାଇଥିବା ଆଶଙ୍କା କରାଯାଉଛି। କିଛି ଅର୍ଥ ନଗଦ ସଂଗ୍ରହ ହୋଇଥିବାବେଳେ କିଛି ଅର୍ଥ ଅନଲାଇନ୍ ଓ ୟୁପିଆଇ ଯୋଗେ ଆଦାୟ ହୋଇଛି। ତେଣୁ ଏହାକୁ ଦୃଷ୍ଟିରେ ରଖି କ୍ରାଇମବ୍ରାଞ୍ଚ ତଦନ୍ତ ଚଳାଇଛି।

ଅନ୍ୟପକ୍ଷରେ ଚାକିରିକୁ ନେଇ ଅର୍ଥ କାରବାର ହୋଇଥିବାରୁ ଘଟଣାର ତଦନ୍ତକୁ ତ୍ୱରାନ୍ୱିତ କରିବାକୁ କ୍ରାଇମବ୍ରାଞ୍ଚ ଇଡ଼ିକୁ ଚିଠି ଲେଖିବ ବୋଲି ସୂଚନା ମିଳିଛି। ଭବିଷ୍ୟତ ଓ ଚାକିରି ବାଜିରେ ଲାଗିବା ପରେ ଗିରଫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଅନେକ ପ୍ରାର୍ଥୀ ଭୟରେ ପାଟି ଖୋଲୁ ନାହାନ୍ତି । ଦଲାଲ ମାଧ୍ୟମରେ ଦେଇଥିବା ଟଙ୍କା କେମିତି ଫେରି ପାଇବେ ତାହାକୁ ନେଇ ଚିନ୍ତାରେ ଅଛନ୍ତି। ତେବେ ଏହି ଘଟଣାରେ ଏଯାବତ୍ କ୍ରାଇମବ୍ରାଞ୍ଚ ପରୀକ୍ଷା ପରିଚାଳନା ନେଇଥିବା ଠିକା ସଂସ୍ଥା ଆଇଟିଆଇ ଲିଃ ଓ ସିଲିକନ୍ ନିକଟରେ ପହଞ୍ଚି ପାରିନାହିଁ। ଆଇଟିଆଇ ଲିମିଟେଡ୍ କାହିଁକି ବାରମ୍ବାର ନିଜର ପାର୍ଟନରଜର ପରିବର୍ତ୍ତନ କରୁଥିଲା ଓ ଏଥିପାଇଁ କିଏ ଅନୁମତି ଦେଉଥିଲା ତାହା ମଧ୍ୟ ଖୋଳତାଡ଼ କରିନାହିଁ। ଏପରିକି ଓପିଆରବିର ଭୂମିକାକୁ ମଧ୍ୟ ନିଜର ତଦନ୍ତ ପରିସରକୁ ଆଣିପାରିନାହିଁ। ଏହି ପରୀକ୍ଷା କେଳେଙ୍କାରୀ ମାମଲାରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ ହୋଇଥିବା ନେଇ ତଦନ୍ତକାରୀ ଟିମ୍ ସୂଚନା ଦେଇଛି। କ୍ରାଇମବ୍ରାଞ୍ଚର ଏକ ଟିମ୍ ଏବେବି ୭ଟି ରାଜ୍ୟକୁ ଯାଇ ଖୋଳତାଡ ଜାରି ରଖିଛି।

ପଶ୍ଚିମବଙ୍ଗରେ ଓଡ଼ିଶା ଛାତ୍ରୀଙ୍କୁ ଗଣଦୁଷ୍କର୍ମ

# ସମସ୍ତ ୫ ଅଭିଯୁକ୍ତ ଗିରଫ

■ ଦୁର୍ଗାପୁର ଗଲେ ଓଡ଼ିଶା ମହିଳା କମିସନ ଅଧ୍ୟକ୍ଷା
■ ରିପୋର୍ଟ ମାଗିଲେ ଜାତୀୟ ମହିଳା କମିସନ

କୋଲକାତା,୧୩।୧୦: ପଶ୍ଚିମ ବଙ୍ଗର ଦୁର୍ଗାପୁରରେ ଜଳେଶ୍ୱରର ମେଡିକାଲ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲାରେ ସମସ୍ତ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ । ଗତକାଲି ତିନି ଜଣ ଧରାପଡ଼ିଥିବା ବେଳେ ଆଜି ଆଉ ଦୁଇ ଜଣଙ୍କୁ ଗିରଫ କରାଯାଇଛି । ଏହି ଦୁଇ ଅଭିଯୁକ୍ତ ହେଲେ ସଦ୍ଦାମ ଏବଂ ସଫିକୁଲ । ସେମାନଙ୍କୁ କୋର୍ଟରେ ହାଜର କରାଯିବା ପରେ ଜେଲ ହାଜତକୁ ପଠାଇ ଦିଆଯାଇଛି । ଏହାସହିତ ଏହି ଜଘନ୍ୟ କାଣ୍ଡରେ ଲିପ୍ତ ଥିବା ସମସ୍ତ ୫ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି ବୋଲି ଦୁର୍ଗାପୁର ପୁଲିସ ପକ୍ଷରୁ କୁହାଯାଇଛି । ତେବେ ସନ୍ଦେହ ଘେରରେ ଥିବା ପୀଡ଼ିତା ଛାତ୍ରୀଙ୍କ ପୁରୁଷ ବନ୍ଧୁଙ୍କୁ ଏବେ ବି ପୁଲିସ ଅଟକ ରଖି ପଚରାଉଚରା ଚଳାଇଛି । ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ଡିଜି କହିଛନ୍ତି ।

ଇତିମଧ୍ୟରେ ଓଡ଼ିଶା ମହିଳା କମିସନ ଅଧ୍ୟକ୍ଷା ଶୋଭନା ମହାନ୍ତି ଆଜି ଦୁର୍ଗାପୁର ଯାଇଛନ୍ତି। ସେ ପୀଡ଼ିତାଙ୍କ ପିତାମାତାଙ୍କୁ ଭେଟିବା ସହିତ ସ୍ଥାନୀୟ ପୁଲିସ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। ତେବେ ପୀଡ଼ିତା ଛାତ୍ରୀଙ୍କୁ ଭେଟିବା ଲାଗି ତାଙ୍କୁ ହସପିଟାଲ ଯିବାକୁ ଅନୁମତି ଦିଆଯାଇନଥିବା ଜଣାପଡ଼ିଛି । ଓଡ଼ିଶା ସରକାର ପଠାଇଥିବା ଏକ ପ୍ରତିନିଧି ଦଳ ମଧ୍ୟ ଦୁର୍ଗାପୁର ଯାଇଛନ୍ତି । କିନ୍ତୁ ସେମାନଙ୍କୁ ହସପିଟାଲ ଭିତରକୁ ଛାଡ଼ିବାକୁ ପୁଲିସ ମନା କରିଦେଇଛି । ପୀଡ଼ିତା ଛାତ୍ରୀଙ୍କର ଚିକିତ୍ସା ଚାଲିଥିବାରୁ ବାହାର ଲୋକଙ୍କୁ ଭେଟିବାଲାଗି ଅନୁମତି ଦିଆଯାଉ ନାହିଁ ବୋଲି ପୁଲିସ କହିଛି । ପୁଲିସ ପକ୍ଷରୁ କୁହାଯାଇଛି ଯେ ପୀଡ଼ିତା ଛାତ୍ରୀଙ୍କର ଡାକ୍ତରୀ ରିପୋର୍ଟ ଆସିଛି ଏବଂ ଦୁଷ୍କର୍ମର ଶିକାର ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି ।

ଇତିମଧ୍ୟରେ ଛାତ୍ରୀଙ୍କ ପିତା କହିଛନ୍ତି ଯେ ତାଙ୍କ ଝିଅ ପଶ୍ଚିମ ବଙ୍ଗରେ ନିରାପଦ ନୁହେଁ। ମାଜିଷ୍ଟ୍ରେଟଙ୍କ ଆଗରେ ବୟାନ ଦେବାପରେ ସେ ତାଙ୍କୁ ଘରକୁ ନେଇଯିବେ। ଆଜି ସେ ବିଜେପି ନେତା ଶୁଭେନ୍ଦୁ ଅଧିକାରୀଙ୍କୁ ଭେଟି ଏସଂପର୍କରେ ଆଲୋଚନା କରିଛନ୍ତି । ରାଜ୍ୟପାଳ ମଧ୍ୟ ଆଜି ଦୁର୍ଗାପୁର ହସପିଟାଲ ଯାଇ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି । ଅଭିଯୁକ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ମହିଳା କମିସନ ମଧ୍ୟ ଏହି ଘଟଣାରେ ପଶ୍ଚିମ ବଙ୍ଗ ପୁଲିସ ଡିଜିଙ୍କ ଠାରୁ ରିପୋର୍ଟ ତଲବ କରିଛନ୍ତି ।

ସୂଚନାଯୋଗ୍ୟ ଯେ ଗତ ଶୁକ୍ରବାର ରାତିରେ ଜଳେଶ୍ୱରର ଏହି ଏମବିବିଏସ୍ ଛାତ୍ରୀ ନିଜର ପୁରୁଷ ବନ୍ଧୁଙ୍କ ସହିତ କଲେଜ କ୍ୟାମ୍ପସ ବାହରରକୁ ଯାଇଥିବା ବେଳେ ୫ ଜଣ ଦୁର୍ବୃତ୍ତ ତାଙ୍କୁ ଟେକିନେଇ ଦୁଷ୍କର୍ମ କରିଥିଲେ ।

# ରତ୍ନଭଣ୍ଡାର ଗଣତିମଣତିକୁ ନେଇ ଭୂଆଁ ବୁଲାଉଛନ୍ତି ସରକାର: ବିଜେଡି

■ ରତ୍ନଭଣ୍ଡାରକୁ ନେଇ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟ ମନ୍ଦ
■ ସନ୍ଦେହ ଘେରରେ ମହାପ୍ରଭୁଙ୍କ ରତ୍ନ ସ୍ଥାନାନ୍ତରଣ ପ୍ରକ୍ରିୟା

ଭୁବନେଶ୍ୱର,୧୩।୧୦(ସମିସ): ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତି ମଣତିକୁ ନେଇ ନିର୍ବାଚନ ବେଳେ ବିଜେପି ଦେଇଥିବା ପ୍ରତିଶ୍ରୁତି ସରକାରକୁ ଆସିଲା ପରେ ଭୁଲି ଯାଇଛି। ତେଣୁ ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ ନେଇ ରାଜ୍ୟ ବିଜେପି ସରକାରର ମନ୍ଦ ଉଦ୍ଦେଶ୍ୟ ସ୍ପଷ୍ଟ ହୋଇଛି ବୋଲି ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି ଦଳର ସାଧାରଣ ସମ୍ପାଦକ ତଥା ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଓ ମୁଖପାତ୍ର ତଥା ମିଡିଆ ସଂଯୋଜକ ଡଃ ଲେନିନ ମହାନ୍ତି ।

ଶ୍ରୀ ଖୁଣ୍ଟିଆ କହିଛନ୍ତି ଯେ, ସରକାରକୁ ଆସିବାର ୧୬ ମାସ ପରେ ମଧ୍ୟ ରାଜ୍ୟ ବିଜେପି ସରକାର ରତ୍ନଭଣ୍ଡାର ଗଣତି ମଣତି ନେଇ ଲୋକଙ୍କୁ ଭୂଆଁ ବୁଲାଉଛନ୍ତି । ରତ୍ନଭଣ୍ଡାରକୁ ନେଇ ନିର୍ବାଚନ ସମୟରେ ରାଜ୍ୟ ବିଜେପି ବିଭିନ୍ନ ଅପପ୍ରଚାର କରିଥିଲା; ଇତିମଧ୍ୟରେ ୧୬ ମାସ ବିତିଥିଲେ ବି ବିଭିନ୍ନ ଆଳ ଦେଖାଇ ସରକାର ଆଜିଯାଏ ଗଣତି ମଣତି କରିପାରି ନାହାନ୍ତି। ରତ୍ନଭଣ୍ଡାର ମରାମତି ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରମ୍ବାର କେନ୍ଦ୍ର ସରକାରଙ୍କୁ ଅନୁମତି ମାଗିଥିଲେ ମଧ୍ୟ, ଟାଳଟୁଳ ନୀତି ଅବଲମ୍ବନ କରି ପରିଶେଷରେ ୨୦୨୩ ମସିହାରେ କେନ୍ଦ୍ର ସରକାର ଏଏସ୍ଆଇକୁ ମରାମତି ପାଇଁ ଅନୁମତି ପ୍ରଦାନ କରିଥିଲେ। ତତ୍କାଳୀନ ବିଜେଡି ସରକାର ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଅରିଜିତ ପଶାୟତଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରି ରତ୍ନଭଣ୍ଡାରର ମରାମତି ଓ ଗଣତି ମଣତି ପାଇଁ ପଦକ୍ଷେପ ନେଇଥିଲେ। ରାଜ୍ୟରେ ବିଜେପି ସରକାର ଆସିଲା ପରେ ଜଷ୍ଟିସ୍ ପଶାୟତଙ୍କ ସ୍ଥାନରେ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କୁ ନେଇ ପୁଣି କମିଟି ଗଠନ କଲେ; କିନ୍ତୁ ଏଯାଏଁ ଏହି କମିଟି କେବଳ ରତ୍ନଭଣ୍ଡାରର ସ୍ଥାନାନ୍ତରଣ ଛଡ଼ା ଗଣତି ମଣତି ପାଇଁ



କୌଣସି କାର୍ଯ୍ୟ କରିନାହାନ୍ତି। ଯେହେତୁ ସ୍ୱଚ୍ଛତାର ସହ ଏହି ରତ୍ନ ସ୍ଥାନାନ୍ତରଣ ପ୍ରକ୍ରିୟା ହୋଇନାହିଁ ଏବଂ ଏନେଇ ରାଜ୍ୟବାସୀ ଅନ୍ଧାରରେ ଅଛନ୍ତି, ଲୋକଙ୍କ ମନରେ ସ୍ୱାଭାବିକ ଭାବେ ଏହି ସ୍ଥାନାନ୍ତରଣ ପ୍ରକ୍ରିୟା ସମୟରେ ଶ୍ରୀଜୀଉଙ୍କ ବହୁମୂଲ୍ୟ ରତ୍ନ ଲୁଟ୍ ହୋଇଥିବା ସନ୍ଦେହ ଦୃଢ଼ୀଭୂତ ହୋଇଛି। ଅବିଳମ୍ବେ ସରକାର ରତ୍ନଭଣ୍ଡାରର ଗଣତି ମଣତି ସ୍ୱଚ୍ଛତାର ସହ ସମ୍ପାଦନ କରି ଜନସାଧାରଣଙ୍କ ନିକଟରେ ଏ ସମ୍ପର୍କିତ ସମସ୍ତ ତଥ୍ୟ ପ୍ରଦାନ କରନ୍ତୁ ବୋଲି ଦଳ ପକ୍ଷରୁ କୁହାଯାଇଛି।

# ଭୁଜାଲିରେ ହାଣିଲେ, ବନ୍ଧୁକ ଦେଖାଇ ଲୁଟିଲେ

କପ୍ତିପଦା,୧୩।୧୦(ସମିସ): ଘରେ ପଶି ଭୁଜାଲିରେ ହାଣିଲେ ଏବଂ ବେକରେ ବନ୍ଧୁକ ଲଗାଇ ଘରୁ ଟଙ୍କା, ସୁନା ଅଳଙ୍କାର ଲୁଟିନେଲେ। ଗଲା ବେଳେ ବାହାରୁ ସ୍ୱାମୀ-ସ୍ତ୍ରୀଙ୍କୁ ତାଲା ପକାଇଦେଲେ। କପ୍ତିପଦା ଥାନା ଝିଙ୍କପଦା ଗ୍ରାମରେ ଗତକାଲି ସଂଧ୍ୟାରେ ଏଭଳି ଏକ ବଡ଼ ଧରଣର ଲୁଟ୍ ହୋଇଛି। ଲୁଟ୍‌ର ଶିକାର ହୋଇଛନ୍ତି ଗ୍ରାମର କାର୍ତ୍ତିକେଶ୍ୱର ସାହୁ। ଶ୍ରୀ ସାହୁ ଏ ସଂପର୍କରେ ଆଜି କପ୍ତିପଦା ଥାନାରେ ଅଭିଯୋଗ କରିବାରୁ ପୁଲିସ ତଦନ୍ତ ଆରମ୍ଭ କରିଛି।

ଗତକାଲି ସଂଧ୍ୟାରେ କାର୍ତ୍ତିକେଶ୍ୱର ଓ ତାଙ୍କ ସ୍ତ୍ରୀ ଘରେ ଥିବା ବେଳେ ହଠାତ୍ ୪ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଭୁଜାଲି ଏବଂ ବନ୍ଧୁକ ଧରି ଘର ଭିତରକୁ ପଶି ଆସିଥିଲେ। କେହି କିଛି ବୁଝିବା ପୂର୍ବରୁ ସେମାନେ ଟିଭି ଦେଖୁଥିବା କାର୍ତ୍ତିକେଶ୍ୱରଙ୍କ ହାତକୁ ଭୁଜାଲିରେ ହାଣିବା ସହ ବେକରେ ବନ୍ଧୁକ ଲଗାଇ ଦେଇଥିଲେ। ଆଉ ଦୁଇଜଣ ଦୁର୍ବୃତ୍ତ ରୋଷେଇ କରୁଥିବା କାର୍ତ୍ତିକେଶ୍ୱରଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣାଙ୍କୁ ଭୁଜାଲିରେ ଆକ୍ରମଣ କରି ଲହୁଲୁହାଣ କରିଥିଲେ। ପରେ ସେମାନେ ଆଲମିରା, ଖଟ ଆଦି ଭାଙ୍ଗିବା ସହିତ ସେଥିରେ ଥିବା ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର, ନଗଦ ୧୫ ହଜାର ଟଙ୍କା ଓ ଅନ୍ନପୂର୍ଣ୍ଣା ପିନ୍ଧିଥିବା ସୁନାଚେନ୍ ମଧ୍ୟ ଲୁଟିନେଇ ପଳାଇଥିଲେ। ଲୁଟିବା ପରେ ଉଭୟ ସ୍ୱାମୀ-ସ୍ତ୍ରୀଙ୍କୁ ଦୁର୍ବୃତ୍ତମାନେ ଏକ ଘର ଭିତରେ ସେମାନଙ୍କୁ ବନ୍ଦ କରିଦେଇ ଫେରାର୍ ହୋଇଯାଇଥିଲେ।

# ଓଡ଼ିଶା ଛାଡ଼ିଲା ମୌସୁମୀ

ଆଣିଥିଲା ୧୬ଟି ଲଘୁଚାପ, ୫ ଅବପାତ

ଭୁବନେଶ୍ୱର,୧୩।୧୦(ସମିସ): ସାଧରଣ ଭାବେ ଓଡ଼ିଶାରୁ ଅକ୍ଟୋବର ୧୦-୧୫ ମଧ୍ୟରେ ମୌସୁମୀ ଅପସାରଣ ହୋଇଥାଏ। ଚଳିତ ବର୍ଷ ରାଜ୍ୟକୁ ସ୍ୱମୌସୁମୀ ଯଥେଷ୍ଟ ଆଗୁଆ ଆସିଥିଲେ ମଧ୍ୟ ରାଜ୍ୟରୁ ସ୍ୱାଭାବିକ ସମୟରେ ପ୍ରତ୍ୟାବର୍ତ୍ତନ କରିଛି। ପ୍ରଥମ ଦିନରେ ଉତ୍ତର ଓଡ଼ିଶା ସମେତ ପଶ୍ଚିମ ଓଡ଼ିଶାର କିଛି ଜିଲ୍ଲାରୁ ମୌସୁମୀ ବିଦାୟ ନେଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼ ଆଦିରୁ ସମ୍ପୂର୍ଣ୍ଣ ଅପସାରଣ ହୋଇଯାଇଥିବା ବେଳେ ମୟୂରଭଞ୍ଜ, କେନ୍ଦୁଝର, ଦେବଗଡ଼, ସମ୍ବଲପୁର ଅଧିକାଂଶ ଅଞ୍ଚଳ ଏବଂ ନୂଆପଡ଼ା, ସୋନପୁର, ବରଗଡ଼ ଓ ବାଲେଶ୍ୱରର କିଛି ଅଞ୍ଚଳରୁ ଅପସାରଣ ହୋଇଛି। ମୌସୁମୀ ପ୍ରତ୍ୟାବର୍ତ୍ତନ ଯୋଗୁଁ ଏହି ସବୁ ଅଞ୍ଚଳରେ ଦୁଇ ଦିନ ହେବ ବର୍ଷା କମିଯାଇଥିବା ବେଳେ ଆଗକୁ ମଧ୍ୟ ଏଠାରେ ଶୁଖିଲା ପାଗ ଜାରି ରହିବାର ସମ୍ଭାବନା ରହିଛି। ଅନ୍ୟପଟେ ୨-୩ ଦିନ ମଧ୍ୟରେ ରାଜ୍ୟର ବାକି ଅଞ୍ଚଳରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ହୋଇଯିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

ସଅଳ ଆସିଲା, ସ୍ୱାଭାବିକ ସମୟରେ ଫେରିଲା

ଅନ୍ୟପଟେ ପାଣିପାଗ ବିଭାଗର ତଥ୍ୟକୁ ଦେଖିଲେ ଗଲା ୩ ବର୍ଷ ହେବ ରାଜ୍ୟରୁ ମୌସୁମୀ ୧୩ ଅକ୍ଟୋବରରେ ପ୍ରତ୍ୟାବର୍ତ୍ତନ ହେଉଥିବା ଦେଖାଯାଇଛି। ୧୦ ବର୍ଷ ମଧ୍ୟରେ ୨୦୧୮ ରେ ସବୁଠୁ ଆଗୁଆ ଅର୍ଥାତ ମୌସୁମୀ ୫ ଅକ୍ଟୋବରରେ ଓଡ଼ିଶା ଛାଡ଼ିଥିବା ବେଳେ ୨୦୨୦ରେ ସବୁଠୁ ବିଳମ୍ବ ଅର୍ଥାତ ୨୬ ଅକ୍ଟୋବରରେ ମୌସୁମୀ ଓଡ଼ିଶାରୁ ବିଦାୟ ନେଇଥିଲା। ସାଧାରଣ ଭାବେ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ ହେବାର ୨-୩ ଦିନ ମଧ୍ୟରେ ସାରା ଓଡ଼ିଶାରୁ ଅପସାରଣ ହୋଇଯାଉଥିବାରୁ ଚଳିତ ବର୍ଷ ମଧ୍ୟ ୧୫ ସୁଦ୍ଧା ମୌସୁମୀ ସାରା ଓଡ଼ିଶାରୁ ବିଦାୟ ନେଇ ଯିବାର ସମ୍ଭାବନା ରହିଛି।

ରାଜ୍ୟକୁ ଜୁନ୍ ଦ୍ୱିତୀୟ ସପ୍ତାହ ବେଳକୁ ମୌସୁମୀ ଅଗ୍ରସର ହୋଇଥାଏ। ହେଲେ ଚଳିତ ବର୍ଷ ସ୍ୱାଭାବିକ ସମୟର ଯଥେଷ୍ଟ ପୂର୍ବରୁ ଅର୍ଥାତ ମେ' ୨୭ରେ ଦକ୍ଷିଣ ପଶ୍ଚିମ ମୌସୁମୀ ଓଡ଼ିଶା ପ୍ରବେଶ କରିଥିଲା। ଏଥର ମୌସୁମୀ ୪ ମାସ ଅର୍ଥାତ ଜୁନ୍-ସେପ୍ଟେମ୍ବର ମଧ୍ୟରେ ୧୧୫୦.୯ ମିମି ବର୍ଷା ରେକର୍ଡ ହୋଇଛି। ଯାହାକି ରାଜ୍ୟରେ ସ୍ୱାଭାବିକ ବର୍ଷାକୁ ସୂଚାଉଛି। ମୌସୁମୀର ପ୍ରଭାବ ମଧ୍ୟରେ ବଙ୍ଗୋପସାଗର ଓଡ଼ିଶାକୁ ପ୍ରଭାବିତ କରିଥିବା ସ୍ଥଳଭାଗକୁ ମିଶାଇ ମୋଟ୍ ୧୬ ଟି ଲଘୁଚାପ ହୋଇଥିଲା। ଏଥି ମଧ୍ୟରୁ ୫ ଟି ଲଘୁଚାପ ଅଧିକ ଘନୀଭୂତ ହୋଇ ଅବପାତ/ଗଭୀର ଅବପାତରେ ମଧ୍ୟ ପରିଣତ ହୋଇଥିଲା। ଏହାଦ୍ୱାରା ଚଳିତ ବର୍ଷ ରାଜ୍ୟର ଉତ୍ତର ଓଡ଼ିଶାରେ ପ୍ରାୟ ୬ ଥର ବନ୍ୟା ସ୍ଥିତି ସୃଷ୍ଟି ହୋଇଥିବା ବେଳେ ମହାନଦୀରେ ମଧ୍ୟ ଦୁଇ ଥର ଛୋଟ ଧରଣର ବନ୍ୟା ଆସିଥିଲା।

■ ଜେଲ୍ ପାଚେରି ଡେଇଁ ୨ କଏଦୀ ଫେରାର୍ ଘଟଣା

# ବଦଳିଲେ ଚୌଦ୍ୱାର ସର୍କଲ ଜେଲର୍

କଟକ, ୧୩।୧୦ (ସମିସ): ଚୌଦ୍ୱାର ସର୍କଲ ଜେଲ୍‌ର ଜେଲର୍ ସନ୍ତୋଷିନୀ ଦାଶଙ୍କୁ କଣ୍ଟାବାଞ୍ଜି ସବ୍‌ଜେଲକୁ ବଦଳି କରାଯାଇଛି । ତାଙ୍କ ସ୍ଥାନରେ କଣ୍ଟାବାଞ୍ଜି ଜେଲର୍ ତଥା ଅଧୀକ୍ଷକ ଥିବା ରଘୁରାଜ ମାଝୀଙ୍କୁ ଅବସ୍ଥାପିତ କରାଯାଇଛି। ଏ ସଂକ୍ରାନ୍ତରେ ଜେଲ୍ ଡିଜିଙ୍କ ପକ୍ଷରୁ ଆଜି ଏକ ବଦଳି ନିର୍ଦ୍ଦେଶନାମା ଜାରି କରାଯାଇଛି। ଗତ ଅକ୍ଟୋବର ୨ ତାରିଖ ବିଳମ୍ବିତ ରାତିରେ କଡ଼ା ପହରା ସତ୍ତ୍ୱେ ଚୌଦ୍ୱାର ଜେଲରୁ ଦୁଇଜଣ କଏଦୀ ଫେରାର୍ ହୋଇଯାଇଥିଲେ। ଯାଜପୁର ଜିଲ୍ଲା ପାଣିକୋଇଲି ଅଞ୍ଚଳରେ ସୁନା ଅଳଙ୍କାର ଦୋକାନ ଚୋରି ଓ ହତ୍ୟା ମାମଲାରେ ଗିରଫ ଦୁଇ କୁଖ୍ୟାତ ଅପରାଧୀ ବିହାରର ରାଜା ସାହାଣୀ ଓ ମଧୁକାନ୍ତ କୁମାର ଗତ ୮ ମାସ ହେବ ଏହି ଜେଲ୍‌ରେ ବିଚାରାଧୀନ କଏଦୀ ଭାବେ ରହୁଥିଲେ। କିନ୍ତୁ ଦଶହରା ରାତିରେ ସେମାନେ ସମସ୍ତଙ୍କୁ ଚକ୍‌ମା ଦେଇ ରାଜ୍ୟର ଏହି ସର୍ବବୃହତ୍ ଜେଲର ସୁଉଚ୍ଚ ପାଚେରୀ ଡେଇଁ ଫେରାର୍ ହୋଇଯାଇଥିଲେ। ଏହି ଘଟଣା ଜେଲ୍ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣାରେ ତୁରନ୍ତ ୨ଜଣ ୱାର୍ଡରଙ୍କୁ ନିଲମ୍ବନ କରାଯାଇଥିଲେ ସୁଦ୍ଧା ଆଉ କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା। ଏହି ଘଟଣାର ଦୀର୍ଘ ୧୧ ଦିନ ପରେ ଜେଲରଙ୍କୁ ବଦଳି କରାଯାଇଥିବା ଜଣାପଡ଼ିଛି।

# ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପରେ ବାଧକ ହେବନି ଜଙ୍ଗଲ ଜମି

ଭୁବନେଶ୍ୱର, ୧୩।୧୦ (ସମିସ): ଜଙ୍ଗଲ ଜମି କିସମ ପରିବର୍ତ୍ତନ ପ୍ରସ୍ତାବଗୁଡ଼ିକ ନିର୍ଦ୍ଧାରିତ ସମୟସୀମା ଭିତରେ ସରିବା ଦରକାର। ଏଥିପାଇଁ ଏ ସମ୍ପର୍କିତ ସମସ୍ତ ବିଭାଗ ଓ ସଂସ୍ଥାମାନଙ୍କ ସମନ୍ୱୟ ରହିବା ଆବଶ୍ୟକ। ବିଭାଗଗୁଡ଼ିକ ନିଜନିଜ କାମ କରି ସମୟୋପଯୋଗୀ ପ୍ରକଳ୍ପ କାର୍ଯ୍ୟନ୍ୱୟନ ସୁନିଶ୍ଚିତ କରିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନସଚିବ ସତ୍ୟବ୍ରତ ସାହୁ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ କରି ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ଯେପରି ଜଙ୍ଗଲ ଜମି କିସମ ପରିବର୍ତ୍ତନ ବାଧକ ସାଜିବନି, ତାହା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଏହାକୁ ଆଧାର କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପିଏମଜି/ପ୍ରଗତି ପୋର୍ଟାଲରେ ଥିବା ମୁଖ୍ୟ ପ୍ରକଳ୍ପଗୁଡ଼ିକର ରାଜ୍ୟ ସରକାର ସ୍ଥିତି ସମୀକ୍ଷା କରିଛନ୍ତି। ଏହି କ୍ରମରେ ବର୍ତ୍ତମାନ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ), ଭାରତୀୟ ରେଳବାଇ, ଓପିଟିସିଏଲ, ଜିଏସଆଇ ଓ ରିଲାୟନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍‌ର ମୁଖ୍ୟ ଅବସ୍ଥାପନା ପ୍ରକଳ୍ପଗଡ଼ିକ ପାଇଁ ଜଙ୍ଗଲ ଜମି କିସମ ପରିବର୍ତ୍ତନର ଅନୁମୋଦନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଓ ଜଙ୍ଗଲ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକ ନିରାକରଣ ପାଇଁ ସରକାର ଗୁରୁତ୍ୱ ଦେଇଛନ୍ତି। ଏହି ବିଭାଗଗୁଡ଼ିକର କ୍ୟାପିଟାଲ

ତ୍ୱରିତ କିସମ ପରିବର୍ତ୍ତନ ପାଇଁ ବିଭାଗର ନିର୍ଦ୍ଦେଶ

ରିଜିଅନ୍ ରିଙ୍ଗ ରୋଡ୍ ପ୍ରକଳ୍ପ, ଦକ୍ଷିଣ-ପୂର୍ବ ରେଳବାଇର ଗୋରୁ-ମହିଷାଣୀ ନୂତନ ରେଳ ଲାଇନ୍, ରିଲାୟନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍‌ର ୪-ଜି ଭିତ୍ତିକ ମୋବାଇଲ ସେବା ପ୍ରକଳ୍ପ, ଜିଓଲଜିକାଲ ସର୍ଭେ ଅଫ୍ ଇଣ୍ଡିଆର ଖନନ ଅନୁସନ୍ଧାନ ପ୍ରସ୍ତାବ, ସେଲ୍‌ର କାଲ୍‌ଟା ଆଇରନ ଓର ଖଣି, ଓପିଟିସିଏଲର ଟ୍ରାନ୍ସମିସନ ଲାଇନ୍ ପ୍ରକଳ୍ପ, କଲ୍ୟାଣୀ ଷ୍ଟିଲ୍‌ର ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ ପ୍ରସ୍ତାବ ଆଦି ଅନ୍ତର୍ଭୁକ୍ତ ରହିଛି।

ଅତିରିକ୍ତ ମୁଖ୍ୟ ସଚିବ ବୈଠକରେ ଅବଗତ କରାଇଛନ୍ତି ଯେ ରାଜ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର ଜଙ୍ଗଲ ଜମିର କିସମ ପରିବର୍ତ୍ତନ ଅନୁମୋଦନ ପ୍ରକ୍ରିୟାକୁ ପ୍ରାଥମିକତା ଦିଆଯାଇଛି। ଏଥିପାଇଁ ଏହି ପ୍ରକଳ୍ପଗୁଡ଼ିକ ପାଇଁ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ସମସ୍ତ କାର୍ଯ୍ୟ ସକ୍ରିୟ ଭାବେ ସମାଧାନ କରିବାକୁ ଶ୍ରୀ ସାହୁ ସମସ୍ତ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ଡିଭିଜନ ବନାଞ୍ଚଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ସମସ୍ତ ପର୍ଯ୍ୟାୟରେ ନିୟମିତ ନିରୀକ୍ଷଣ ଓ ସହଯୋଗ କରି ଅନାବଶ୍ୟକ ବିଳମ୍ବ ରୋକିବା ପାଇଁ ନୋଡାଲ୍ ଅଫିସରମାନଙ୍କୁ ଶ୍ରୀ ସାହୁ ନିର୍ଦ୍ଦେଶ ଦେଇଛନ୍ତି। ୟୁଜର୍ ଏଜେନ୍ସି ବା ଉପଭୋକ୍ତା ସଂସ୍ଥାମାନେ ମଧ୍ୟ ସେମାନଙ୍କର ସମସ୍ତ ଆବଶ୍ୟକ ଡକ୍ୟୁମେଣ୍ଟ, ମ୍ୟାପ ଓ ତତ୍‌ସମ୍ବନ୍ଧୀୟ ନଥି ଡିଏଫଓଙ୍କ ନିକଟରେ ତ୍ୱରିତ ଭାବେ ଦାଖଲ କରିବେ, ଯାହାଦ୍ୱାରା ପ୍ରକ୍ରିୟା ସମୟ କମିବ ବୋଲି ବିଭାଗ ଆଶା ପ୍ରକଟ କରଛି।

# ୩ ଆଇଏଏସଙ୍କୁ ଅତିରିକ୍ତ ଦାୟିତ୍ୱ

ଭୁବନେଶ୍ୱର,୧୩।୧୦(ସମିସ): ରାଜ୍ୟ ସରକାର ସୋମବାର ଆଇଏଏସ ସ୍ତରରେ ଛୋଟଧରଣର ଏକ ଅଦଳବଦଳ କରିଛନ୍ତି। ୩ଜଣ ଆଇଏଏସ୍‌ଙ୍କୁ ବିଭିନ୍ନ ବିଭାଗର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ, ଆଇଏଏସ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ରାଜ୍ୟ କୃଷି ବିପଣନ, ନିର୍ଦ୍ଦେଶକ ଏବଂ ଓଏସଏଏମ୍ ବୋର୍ଡର ସଦସ୍ୟ ସଚିବ (ଏକ୍ସ-ଅଫିସିଓ) ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଆଇଏଏସ ମୋନିକା ପ୍ରିୟଦର୍ଶିନୀଙ୍କୁ ଓରମାସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଆଇଏଏସ୍ ସଞ୍ଜୟ କୁମାର ବିଶ୍ୱାଳଙ୍କୁ କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି।

ନୂଆଦିଲ୍ଲୀରେ ମହାନଦୀ ସଂସଦ

# ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଜଷ୍ଟିସ ଗୋପାଳ ଗୌଡ଼

ଭୁବନେଶ୍ୱର,୧୩।୧୦(ସମିସ): ମହାନଦୀ ଜଳକୁ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଚାଲିଥିବା ବିବାଦର ସମାଧାନ ପାଇଁ ପ୍ରଧାନମନ୍ତ୍ରୀ ହସ୍ତକ୍ଷେପ କରିବା ଆବଶ୍ୟକ। ଟ୍ରିବ୍ୟୁନାଲ ନୁହେଁ, ମଧ୍ୟସ୍ଥତା ମାଧ୍ୟମରେ ଏହାର ସମାଧାନ ହେବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ତଥା ଓଡ଼ିଶା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ ଗୋପାଳ ଗୌଡ କହିଛନ୍ତି।




ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ନୂଆଦିଲ୍ଲୀରେ ଅନୁଷ୍ଠିତ ମହାନଦୀ ସଂସଦରେ ଯୋଗଦେଇ ଜଷ୍ଟିସ ଗୌଡ କହିଛନ୍ତି ଯେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ର ସରକାରଙ୍କ ଦ୍ୱାରା ମାର୍ଚ୍ଚ ୨୦୧୮ ରେ ପ୍ରତିଷ୍ଠିତ ମହାନଦୀ ଟ୍ରିବ୍ୟୁନାଲ ବିବାଦର ସମାଧାନ ଦିଗରେ ଏ ପର୍ଯ୍ୟନ୍ତ କିଛି ପ୍ରଗତି ହୋଇନି। କାବେରୀ ସହ ଅନ୍ୟାନ୍ୟ ନଦୀ ବିବାଦର ଉଦାହରଣ ଦେଇ ଜଷ୍ଟିସ୍ ଗୌଡା କହିଛନ୍ତି ଯେ ଜଳ ବିବାଦର ବିଚାର ବର୍ଷ ବର୍ଷ ଧରି ଚାଲିପାରେ। ମଧ୍ୟସ୍ଥତା ମାର୍ଗରେ ଗଲେ ଦ୍ରୁତ ସମାଧାନ ପ୍ରଦାନ ହୋଇ ପାରିବ ଏବଂ ଉଭୟ ପକ୍ଷଙ୍କ ପାଇଁ ଲାଭଦାୟକ ସାବ୍ୟସ୍ତ ହୋଇପାରେ। ବର୍ତ୍ତମାନ ଓଡ଼ିଶା, ଛତିଶଗଡ ଓ କେନ୍ଦ୍ରରେ ଭାରତୀୟ ଜନତା ପାର୍ଟି ସରକାର ଅଛନ୍ତି। ତେଣୁ ମଧ୍ୟସ୍ଥତା ମାଧ୍ୟମରେ ସମାଧାନର ସମ୍ଭାବନା ଅଧିକ ହୋଇପାରେ ବୋଲି ସେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ରାଜ୍ୟସଭା ସାଂସଦ ଏବଂ ସଂସଦର ପିଟିସନ୍ କମିଟିର ଅଧ୍ୟକ୍ଷ ଏନ ଡି ଗୁପ୍ତା କହିଥିଲେ ଯେ ମହାନଦୀ ପ୍ରସଙ୍ଗକୁ ଏକ ଛୋଟ ଜଳ ବିବାଦ ଭାବରେ ବିଚାର କରାଯିବା ଅନୁଚିତ୍। ଏହାର ପ୍ରଭାବ ବହୁତ ବ୍ୟାପକ ଏବଂ ଏହାର ସମାଧାନ ଆନ୍ତରାଜ୍ୟ ଜଳ ବିବାଦର ସମାଧାନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବ।

ଜଳ ପୁରୁଷ ରାଜେନ୍ଦ୍ର ସିଂ କହିଛନ୍ତି ଯେ ମହାନଦୀ ଆମ ମା' ସଦୃଶ। ମା'କୁ ପଣ୍ୟ ବସ୍ତୁ ଭଳି ବିକ୍ରି କରିବାର ମାନସିକତା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ। ମହାନଦୀକୁ ମାତ୍ର ୩୦ / ୩୫ଟି କର୍ପୋରେଟ ପରିବାର ନିଜ ଲାଭ ପାଇଁ ବ୍ୟବହାର କରି ୫ କୋଟି ଲୋକଙ୍କୁ ମରଣ ମୁହଁକୁ ଠେଲୁଛନ୍ତି ଓ ଭୟାନକ ପରିବେଶ ଅସନ୍ତୁଳନକୁ ଡାକି ଆଣୁଛନ୍ତି। ସରକାର କର୍ପୋରେଟ ପ୍ରୀତି ଛାଡି ଲୋକଙ୍କ ପ୍ରୀତି ପାଇଁ କାର୍ଯ୍ୟ କରିବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ। ମହାନଦୀ ବଚାଓ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ କହିଥିଲେ ଯେ ସଂସଦ ଏହି ବିବାଦର ଶୀଘ୍ର ସମାଧାନ ପାଇଁ ବହୁମୁଖୀ ରଣନୀତି ଗ୍ରହଣ କରିବାକୁ ସଂକଳ୍ପ ନେଇଛି, ଯାହା ଦ୍ୱାରା ଓଡ଼ିଶାର ଲକ୍ଷ ଲକ୍ଷ ଲୋକଙ୍କ ସ୍ୱାର୍ଥ ରକ୍ଷା ହୋଇପାରିବ। ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଏଥିରେ ଯୋଗ ଦେଇ ମହାନଦୀର ସୁରକ୍ଷା ପାଇଁ ଆନ୍ଦୋଳନକୁ ଦିଲ୍ଲୀ ରୁ ପଲ୍ଲୀ ପର୍ଯ୍ୟନ୍ତ ନେବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ସ୍ଥାନରୁ ନଦୀ ଅଧିକାର କର୍ମୀ, ଆଇନଜୀବୀ, ରାଜନେତା, ଚିନ୍ତାନାୟକ, ପୂର୍ବତନ ପ୍ରଶାସନ ଏବଂ ନାଗରିକ ସମାଜ ପ୍ରତିନିଧିମାନେ ମାନେ ଆଜିର ବୈଠକରେ ଯୋଗ ଦେଇଥିଲେ ଏବଂ ସେମାନଙ୍କର ସମର୍ଥନ ଜଣାଇଥିଲେ।

# ଘାସିରାମଙ୍କ ରଥରେ ସାରଥି ଭକ୍ତ

■ ଚାରିଦିନିଆ ଗସ୍ତ ପରେ ଭକ୍ତ ପୁଣି ନୂଆପଡ଼ାରେ
■ ପ୍ରାର୍ଥିପତ୍ର ଦାଖଲ ପର୍ଯ୍ୟନ୍ତ ନୂଆପଡ଼ାରେ ଡେରା

ଭୁବନେଶ୍ୱର,୧୩।୧୦(ସମିସ): ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ଆରମ୍ଭ ହୋଇଯାଇଛି। କଂଗ୍ରେସକୁ ଛାଡ଼ି ଦେଲେ ଏହି ଆସନ ପାଇଁ ଅନ୍ୟ ଦୁଇ ପ୍ରମୁଖ ରାଜନୈତିକ ଦଳ ଏ ଯାଏଁ ପ୍ରାର୍ଥୀ ଘୋଷଣା କରି ନାହାନ୍ତି। ଏଦୃଷ୍ଟିରୁ ଆଗରେ ଥିବା ସତ୍ତ୍ୱେ କଂଗ୍ରେସ ବେଶ୍ ଚିନ୍ତିତ ରହିଛି। ବିଜେଡି ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ ପରେ ତାଙ୍କର ପୋଷ୍ୟପୁତ୍ର ଜୟଙ୍କୁ ବିଜେପି ଅତି ଚତୁରତାର ସହ ନିଜ ଶିବିରକୁ ଭିଡ଼ି ନେଇଛି। ଜୟ ବିଜେପିରେ ସାମିଲ ହେବା ପରେ କଂଗ୍ରେସ ନେତାମାନେ ବିଜେପିକୁ ଭୋଟ ଚୋର, ଚାକିରି ଚୋର ସହ ପ୍ରାର୍ଥୀ ଚୋର ବୋଲି ଅଭିହିତ କରିଛି।

ଅପରପକ୍ଷରେ ଜୟଙ୍କୁ ଦଳରେ ସାମିଲ କରାଇବା ପରେ ସତ୍ତ୍ୱେ ବିଜେପିର ଚିନ୍ତା ଦୂର ହୋଇ ନାହିଁ। ଗତ ନିର୍ବାଚନରେ ସବୁ ଉଦ୍ୟମ ସତ୍ତ୍ୱେ ବିଜେପି ପ୍ରାର୍ଥୀ ନୂଆପଡ଼ାରେ ୩ ନମ୍ବର ସ୍ଥାନରେ ଥିଲେ। ବିଜେପି ଏବେ ସରକାରରେ ରହିଛି। ସରକାର ଗଠନ ପରେ ବିଜେପି ପାଇଁ ଏହା ପ୍ରଥମ ଉପନିର୍ବାଚନ। ସେ ଦୃଷ୍ଟିରୁ ଦଳ ଓ ସରକାରଙ୍କ ପାଇଁ ଏହା ସମ୍ମାନର ପ୍ରଶ୍ନ। ସମ୍ପ୍ରତି ଦେଶ ଓ ରାଜ୍ୟରେ ସାଧାରଣରେ ବିଜେପି ପ୍ରତି ଏକ ପ୍ରତିକୂଳ ମନୋଭାବ ସୃଷ୍ଟି ହୋଇଥିବା ଯୋଗୁଁ କୌଣସି ପ୍ରକାରେ ନୂଆପଡ଼ାରେ ବିଜୟୀ ହେବାକୁ ଦଳ ଉଦ୍ୟମ କରୁଛି। ତେଣୁ ବିଭିନ୍ନ ଦଳରୁ ନେତା ଆମଦାନୀ କରି ନିଜର ସମ୍ମାନ ରଖିବାକୁ ଚେଷ୍ଟା ଚଳାଇଛି।

ଏହି ଆଧାରରେ ଗତ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବରେ ୫୦ ହଜାର ଭୋଟ୍ ପାଇଥିବା ଘାସିରାମ ମାଝୀଙ୍କୁ ବିଜେପି ନିଜ ଦଳରେ ସାମିଲ କରାଇବା ପାଇଁ ଅନେକ ପ୍ରଲୋଭନ ଦେଖାଇଥିବା କଂଗ୍ରେସ ଅଭିଯୋଗ କରିଛି। ଘାସିରାମ ମଧ୍ୟ କୌଣସି ପରିସ୍ଥିତିରେ ଲୋଭର ବଶବର୍ତ୍ତୀ ହୋଇ ବିଜେପିରେ ମିଶିବେ ନାହିଁ ବୋଲି ଦୃଢ଼ୋକ୍ତି ବାଢ଼ିଥିଲେ ମଧ୍ୟ ପିସିସି ସଭାପତି କୌଣସି ରିସ୍କ ନେବାକୁ ଚାହୁଁ ନାହାନ୍ତି। ତେଣୁ ନିକଟରେ ଭକ୍ତ ୪ ଦିନିଆ ନୂଆପଡ଼ା ଗସ୍ତରୁ ଫେରିଥିଲେ ମଧ୍ୟ ସେ ପୁଣି ଥରେ ନୂଆପଡ଼ା ଗସ୍ତରେ ଯାଇଛନ୍ତି। ସମ୍ଭବତଃ ଭକ୍ତ ଘାସିରାମଙ୍କ ପ୍ରାର୍ଥୀପତ୍ର ଦାଖଲ ପର୍ଯ୍ୟନ୍ତ ନୂଆପଡ଼ାରେ ରହିବେ ବୋଲି ସୂଚନା ମିଳିଛି ।

ଅନ୍ୟପଟେ ଘାସିରାମଙ୍କୁ ନିଜ ପକ୍ଷକୁ ନେବାକୁ ଶାସକ ବିଜେପି ଉଦ୍ୟମ ଚଳାଇଥିବା ଦଳର ଗଣମାଧ୍ୟମ ବିଭାଗ ମୁଖ୍ୟ ଅରବିନ୍ଦ ଦାସ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଘାସିରାମ ମାଝୀ ଜଣେ ସ୍ୱାଭିମାନୀ କଂଗ୍ରେସ ନେତା। ସେ କଂଗ୍ରେସ ଦଳରୁ ନିର୍ବାଚନ ଲଢ଼ିବେ ଓ ବିଜୟୀ ହେବେ। ଶାସକ ଦଳ ତାଙ୍କୁ ପ୍ରଲୋଭନ ଦେଖାଇଲେ ମଧ୍ୟ ସେ ପ୍ରଭାବିତ ହେବେ ନାହିଁ। କଂଗ୍ରେସ ଦଳ ଏହି ଆସନରେ ସବୁଠୁ ଆଗରେ ରହିଛି। ତେଣୁ ଘାସିରାମଙ୍କ ବିଜୟ ସୁନିଶ୍ଚିତ ବୋଲି ସେ କହିଛନ୍ତି।

# ଲୋକଙ୍କ ସମସ୍ୟା ଶୁଣିଲେ ବିଜେଡି ନେତା



କୁକୁଡ଼ାଖଣ୍ଡି,୧୩।୧୦(ସମିସ): ନିର୍ବାଚନ ପରେ ନିଜ ନିର୍ବାଚନମଣ୍ଡଳୀର ଗ୍ରାମ ଗୁଡ଼ିକ ବୁଲି ଲୋକଙ୍କ ସମସ୍ୟା ଶୁଣିବା ଅଭିଯାନ ଆରମ୍ଭ କରିଛନ୍ତି ବିଜେଡ଼ି ବିଧାୟକ ପ୍ରାର୍ଥୀ ବିପ୍ଳବ ପାତ୍ର। ରବିବାର ମସିହାଖାଲି ପଞ୍ଚାୟତରେ ପହଞ୍ଚି ଗ୍ରାମବାସୀ, ଚାଷୀ ଓ ଗରିବ ଅସହାୟମାନଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଶୁଣିଲେ। ରାସ୍ତା, ପାନୀୟ ଜଳ, ବିଦ୍ୟୁତ ଓ ସ୍ୱାସ୍ଥ୍ୟ ସେବା ନେଇ ଗ୍ରାମବାସୀ ଅଭିଯୋଗ ରଖିଥିଲେ। ଚାଷୀ ସାର ଓ କୃଷି ସୁବିଧା ଅଭାବ ନେଇ ଅସନ୍ତୋଷ ଜଣାଇଲେ। ଶ୍ରୀ ପାତ୍ର କହିଲେ, ପୂର୍ବତନ ବିଜେଡି ସରକାର ଚାଷୀ ଓ ଗରିବଙ୍କ ପାଇଁ ଅନେକ ଯୋଜନା ଆଣିଥିଲେ, ଯାହା ବର୍ତ୍ତମାନ ବନ୍ଦ ହୋଇ ଦୁଃଖଜନକ ଅବସ୍ଥା ସୃଷ୍ଟି କରିଛି। ପୂର୍ବ ସରକାର କୁକୁଡ଼ାଖଣ୍ଡି ଏନ୍ଏସି ମାନ୍ୟତା ଘୋଷଣା କରିଥିବା ବେଳେ ବର୍ତ୍ତମାନ ସରକାର ଉକ୍ତ ଏନ୍ଏସି ମାନ୍ୟତାକୁ ବାଦ୍ ଦେଇଥିବାରୁ ବିକାଶ ମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି ବୋଲି ଶ୍ରୀ ପାତ୍ର କହିଛନ୍ତି। ଭତ୍ତା, ପେନସନ ଓ ଆବାସ ଯୋଜନା ନେଇ ଅସନ୍ତୋଷ ଉପରେ ସେ ସରପଞ୍ଚ ଓ ଗ୍ରାମସଭାକୁ ଯୋଗ୍ୟ ଲୋକଙ୍କ ତାଲିକା ପ୍ରସ୍ତୁତ କରି ପଠାଇବା ନିର୍ଦ୍ଦେଶ ଦେଲେ। ସେ କହିଲେ, "ଗରିବ ଓ ଅସହାୟଙ୍କ ଅଧିକାର ପାଇଁ ମୁଁ ସଦା ବେଳେ ଠିଆ ରହିବି।" ଏହି ଅବସରରେ ସରପଞ୍ଚ କାପଲ ବୁଲୁ, ସମାଜସେବୀ ରବୀନ୍ଦ୍ର ମହାରଣା ଓ ସ୍ଥାନୀୟ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

# ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ପାଇଁ ପ୍ରସ୍ତୁତି ବୈଠକ




ପୋଲସରା,୧୩।୧୦(ସମିସ): ପୋଲସରା ଲୁଣିଘାଟି ନିକଟସ୍ଥ ବାଲୁଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବିଶିଷ୍ଟ ପଣ୍ଡିତ ତଥା ପ୍ରବଚକ ସୁବ୍ରତ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ପାଞ୍ଚରାତ୍ର ପ୍ରବଚନ, ପ୍ରଣୟନ ଓ ଘୃତାଯଜ୍ଞା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୋଲସରା ଓ ଆଖପାଖ ଅଞ୍ଚଳରୁ ବହୁ ଜଗନ୍ନାଥ ସେବକ ଓ ବିଦ୍ୱାନ ବ୍ୟକ୍ତିଙ୍କ ଉପସ୍ଥିତରେ ଅନୁଷ୍ଠିତ ହେବାକୁ ଥିବା ପାଞ୍ଚରାତ୍ର ନିମନ୍ତେ ବିଭିନ୍ନ କାର୍ଯ୍ୟକାରିତା ନେଇ ଆଲୋଚନା ହୋଇଥିଲା। ଆସନ୍ତା ନଭେମ୍ବର ମାସ ୨୮ ତାରିଖରୁ ୩ ତାରିଖ ପର୍ଯ୍ୟନ୍ତ ତଥା ୫ ଦିନ ଧରି ଶ୍ରୀଜଗନ୍ନାଥଙ୍କ ପାଞ୍ଚରାତ୍ର ଦିବସ ଅନୁଷ୍ଠିତ ହେବ। ରାଷ୍ଟ୍ରୀୟ ଜଗନ୍ନାଥ ମହିମା ପ୍ରଚାରକ ବାବା ସତ୍ୟାନନ୍ଦ ଦାସ ମହାରାଜ ଯୋଗଦେବା ନେଇ ସୂଚନା ଦିଆଯିବା ସହ ଶ୍ରୀଜଗନ୍ନାଥଙ୍କର ୨୪ଟି ବେଶର ସୁସଜ୍ଜିତ ପ୍ରଦର୍ଶନୀ ମଧ୍ୟ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ସଭାପତି ଯଜ୍ଞନାରାୟଣ ସାହୁ, ସଂପାଦକ ରବିନାରାୟଣ ପୃଷ୍ଟି, ଉପସଭାପତି ପ୍ରତାପ ପ୍ରଧାନ, ଉପଦେଷ୍ଟା ଶିଶିର କୁମାର ରଥ, ପ୍ରବୀଣ ପ୍ରଧାନ ନର୍ମଦା ପୃଷ୍ଟି ପ୍ରମୁଖ ସଦସ୍ୟ ମାନେ ଉପସ୍ଥିତ ଥିଲେ।

# ଏକ କିମି ରାସ୍ତାରେ ୫୦ ଖାଲ

ଭଞ୍ଜନଗର,୧୩।୧୦(ସମିସ)



ଭଞ୍ଜନଗର-ଆସିକାକୁ ସଂଯୋଗ କରୁଥିବା ୧୫୭ ନମ୍ବର ଜାତୀୟ ରାଜପଥର ପ୍ରଶସ୍ତିକରଣ ଓ ଉନ୍ନତିକରଣ ପାଇଁ କେନ୍ଦ୍ର ସରକାରଙ୍କ ସଡକ ଓ ପରିବହନ ମନ୍ତ୍ରଣାଳୟ ଟଙ୍କା ମଞ୍ଜୁର କରିଥିଲେ। ଏହା ପରେ ଗତ ୨୦୨୨ରୁ ଏହି ରାସ୍ତାର ପ୍ରଶସ୍ତିକରଣ କାମ ଆରମ୍ଭ ହୋଇଥିଲା। ହେଲେ ଅଦ୍ୟାବଧି ଏହି ରାସ୍ତା କାମ ସରିବାର ନାଁ ଧରୁନି। ମଳାସପଦର ଛକ ଠାରୁ ଭାଲିଆଖାଇ ଛକ ଏକ କିଲୋମିଟର ରାସ୍ତାର ଅବସ୍ଥା ବର୍ତ୍ତମାନ ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା ଜାତୀୟ ରାଜପଥ ବିଭାଗ ଅଧୀନରେ ରହିଛି। ଏହି ଏକ କିମି ରାସ୍ତାରେ ପ୍ରାୟ ୫୦ରୁ ଅଧିକ ବଡ଼ ଓ ଛୋଟ ଗାଡ଼, ଖାଲରେ ପୂର୍ଣ୍ଣ ହୋଇଛି। ଏହି ରାସ୍ତାରେ ଦୈନିକ ଯାତାୟାତ କରିବା ଲୋକଙ୍କ ପାଇଁ କଷ୍ଟକର ହୋଇପଡୁଛି। ଲୋକେ ପ୍ରତିଦିନ ଦୁର୍ଘଟଣାର ଶିକାର ହେଉଛନ୍ତି। ଦୀର୍ଘଦିନ ହେବ ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଯନ୍ତ୍ରୀଙ୍କୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ଦ୍ୱାରା ରାସ୍ତାର ମରାମତି ପାଇଁ ଦାବି ହେଉଥିଲେ ହେଁ ଏଥିରେ କୌଣସି ସୁଧାର ଆସିପାରୁ ନାହିଁ। କେବଳ ଅସ୍ଥାୟୀ ଭାବରେ ମରାମତି କରାଯାଉଛି। ଏହାଦ୍ୱାରା ଠିକାଦାର ପୋଷା ନୀତି କରାଯାଉଥିବା ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଛନ୍ତି। ଯାହା ମରାମତି ହେଉଛି ତାହା ୧୫ ଦିନ ଯାଉ ନାହିଁ। ଅସରାଏ ବର୍ଷା ପରେ ଗାଡ଼ିମୋଟର ଯାତାୟାତ ଯୋଗୁଁ ପୁଣି ପୂର୍ବାବସ୍ଥାକୁ ଫେରି ଆସୁଛି। ଦକ୍ଷିଣ ଓ ପଶ୍ଚିମ ଓଡିଶାକୁ ସଂଯୋଗ କରିବାରେ ଏହି ରାସ୍ତାର ବହୁ ଗୁରୁତ୍ୱପୂର୍ଣ ଭୂମିକା ରହିଛି। ଏହି ୧୫୭ ନମ୍ବର ଜାତୀୟ ରାଜପଥ ଗଞ୍ଜାମ ଜିଲ୍ଲାର ଏକ ପ୍ରମୁଖ ରାସ୍ତା। ଏହି ରାସ୍ତା ଦେଇ ପ୍ରତିଦିନ ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ଛତିଶଗଡ, ବିହାର, ଉତ୍ତର ପ୍ରଦେଶ ଓ ଝାଡଖଣ୍ଡ ସମେତ ବିଭିନ୍ନ ରାଜ୍ୟର ଗାଡି ଚଳାଚଳ କରିଥାଏ। ବିଶେଷକରି ରାଜ୍ୟର ପଶ୍ଚିମ ଓଡ଼ିଶାରୁ

## ହେଉନି ମରାମତି, ବଢୁଛି ଅସନ୍ତୋଷ

ଦକ୍ଷିଣ ଓଡିଶା ସମେତ ବ୍ରହ୍ମପୁର ଓ ଭଞ୍ଜନଗରରୁ ପୁରୀ, ଭୁବନେଶ୍ୱର, କଟକ, ନୟାଗଡ, କନ୍ଧମାଳ, ଗଜପତି, ରାୟଗଡା, ମାଲକାନଗିରି, କୋରାପୁଟ ଆଦି ସ୍ଥାନକୁ ଯିବା ଆସିବାରେ ହଜାର ହଜାର ଲୋକ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ତେଣୁ ରାସ୍ତାର ତ୍ୱରିତ ମରାମତି ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଯଦି ରାସ୍ତା ମରାମତିରେ ଅବହେଳା ଓ ବିଳମ୍ବ କରାଯାଏ ତେବେ ଭଞ୍ଜନଗର ବ୍ରହ୍ମପୁର ମୁଖ୍ୟ ରାସ୍ତାକୁ ଅବରୋଧ କରାଯାଇ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି।

# ଏସ୍ଆଇ ଅମର ଷଡ଼ଙ୍ଗୀଙ୍କ ପଦୋନ୍ନତି

ରମ୍ଭା/ହୁମ୍ମା,୧୩।୧୦(ସମିସ): ରମ୍ଭା ଥାନା ଏସଆଇ ଅମର ଷଡ଼ଙ୍ଗୀଙ୍କ ଇନ୍ସପେକ୍ଟରକୁ ପଦୋନ୍ନତି ହୋଇଛି। ପୁଲିସ ମୁଖ୍ୟାଳୟରୁ ଏକ ଚିଠି(ନଂ:୩୩୧୮/ପିଆରଏସ .୧) ଆସିଥିବା ଜଣାପଡିଛି। ଅମର ଷଡ଼ଙ୍ଗୀ ୨୦୧୭ ମସିହାର ଓପିଏସ ବ୍ୟାଚ ଅଧିକାରୀ। ସର୍ବ ପ୍ରଥମେ ସେ୨୦୧୯ ମସିହାରେ ଆସ୍କା ଥାନାରେ ନିଯୁକ୍ତି ହୋଇଥିଲେ। ସେଠାରେ ଦୁଇ ବର୍ଷ କାର୍ଯ୍ୟ କରିବା ପରେ ବଡ଼ଗଡ଼ ଥାନାରେ ୩ ବର୍ଷ କାର୍ଯ୍ୟ ତୁଲାଇଥିଲେ।



ପରେ ପଦୋନ୍ନତି ହୋଇ ଉକ୍ତ ବଡ଼ଗଡ଼ ଥାନାରେ ଓଆଇସି କାର୍ଯ୍ୟ ତୁଲାଇଥିଲେ। ପରେ ଗତ ନିର୍ବାଚନ ସମୟରେ ରମ୍ଭା ଥାନାକୁ ବଦଳି ହୋଇ ଆସି ଏସଆଇ କାର୍ଯ୍ୟ ତୁଲାଉଛନ୍ତି। ତେବେ କେଉଁ ଥାନାରେ ଇନ୍ସପେକ୍ଟରରେ ନିଯୁକ୍ତି ହେବ ସୂଚନା ମିଳି ପାରିନାହିଁ। ଶ୍ରୀ ଷଡ଼ଙ୍ଗୀ ରମ୍ଭା ଥାନାରେ ଯୋଗ ଦେବାଠାରୁ ମଦ ମାଫିଆମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ସେହିପରି ରମ୍ଭା ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ବଜାୟରଖିବାରେ ତାଙ୍କ ବେଶ୍ ଭୂମିକା ରହିଛି। ତେବେ ତାଙ୍କର ପଦୋନ୍ନତିକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ପଥର ଖାଦାନ ବନ୍ଦ ଲାଗି ଧାରଣା ଜାରି
## ସାମିଲ ହେଲେ ସ୍କୁଲ, କଲେଜ ଛାତ୍ରଛାତ୍ରୀ

ଛତ୍ରପୁର,୧୩।୧୦(ସମିସ): ଛତ୍ରପୁର ବ୍ଲକ ଚିକଲଖଣ୍ଡି ପଞ୍ଚାୟତ ଅଧିନ ଝରପୋଖରୀ ଗ୍ରାମବାସୀ ପଥର ଖାଦାନ ବନ୍ଦ ଦାବି ନେଇ ଦେଇଥିବା ଧାରଣା ପଞ୍ଚମ ଦିନରେ ପହଞ୍ଚିଛି। ସୋମବାର ସ୍କୁଲ ଏବଂ କଲେଜ ଛାତ୍ରଛାତ୍ରୀ ମାନେ ଏହି ଧାରଣାରେ ସାମିଲ ହୋଇଥିଲେ। ସେମାନେଙ୍କ ଗୋଟିଏ ଦାବି ପଥର ଖାଦାନ ବନ୍ଦ ହେଉଁ, ମରିବୁ ପଛେ ହଟିବୁ ନାହିଁ, ଯେତେ ଦିନ ପ୍ରର୍ଯ୍ୟନ୍ତ ପ୍ରଶାସନ ଏହି ପଥର ଖାଦାନ ବନ୍ଦ ହୋଇନାହିଁ ସେତେଦିନ ପ୍ରର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ। ଏପରିକି ବର୍ଷା ହେଉଥିବାରୁ ଟେଣ୍ଟ ତଳେ ବସି ମଧ ଶତାଧିକ ମହିଳା, ପୁରୁଷ ଓ ଛୋଟ ଛୋଟ ପିଲା ଏହି ଧାରଣା ଦେଉଥିବା ଦେଖିବାକୁ ମିଳିଛି। ସୋମବାର ଘଟଣାସ୍ଥଳରେ ପହଞ୍ଚିଥିଲେ ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି, କନିଷ୍ଠ ଖଣି ଅଧିକାରୀ ଦୀପକ ଜେନା ଓ ପୁଲିସ କର୍ମଚାରୀ। ଏହି ଆନ୍ଦୋଳନ ବନ୍ଦ ପାଇଁ ଅନୁରୋଧ କରିଥିଲେ ଏବଂ ସେମାନେ ପ୍ରଥମ ଦିନରେ ଯେଉଁ ତଦନ୍ତ କରିଥିଲେ ତାହାର ରିର୍ପୋଟ ଉପଜିଲ୍ଲାପାଳଙ୍କ ମଧ ପ୍ରଦାନ କରିଛନ୍ତି। କିନ୍ତୁ ଯେଉଁ ଦିନ ଏହି ଖାଦାନ ବନ୍ଦ କରାଯିବ ବୋଲି ଲିଖିତ ପ୍ରତିଶୃତି ମିଳିବ ନାହିଁ ସେତେଦିନ ପ୍ରର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରୀ ରହିବ ବୋଲି ଗ୍ରାମବାସୀ ରୋକଠୋକ ଶୁଣାଇଥିଲେ। ଏପରିକି ଲିଜଧାରୀ ଜଣକ ଗ୍ରାମବାସୀଙ୍କୁ ଧମକ ଦେଉଥିବା କହିଥିଲେ। ରବିବାର ରାତିରେ ପ୍ରବଳ ବର୍ଷା ସତ୍ତ୍ୱେ ଧାରଣା ଜାରି ରହିଥିଲା ବେଳେ ଝରପୋଖରୀ ଗ୍ରାମର ଦୀପକ ପ୍ରଧାନ ଅସୁସ୍ଥ ହୋଇପଡିଥିଲେ। ଏପରିକି ରାତ୍ର ସମୟରେ ସେଠାରେ ରୋଷେଇ କରି ଖାଇ ଧାରଣା ଜାରି ରଖିଛନ୍ତି। ଆନ୍ଦୋଳନ ପାଇଁ ସେଠାରେ ପଥର ଖାଦାନ ବନ୍ଦ ରଖିବାକୁ ଖଣି ବିଭାଗ ପକ୍ଷରୁ ଲିଜ ଧାରୀକୁ କୁହାଯାଇଛି ବୋଲି କନିଷ୍ଠ ଖଣି ଅଧିକାରୀ ଦୀପକ ଜେନା ସୂଚନା ଦେଇଛନ୍ତି। ଲିଜ ଧାରୀ କେତେ ପରିମାଣର ଖାଦାନ କରିଛି ତାହାର ତଦନ୍ତ କରାଯିବ ବୋଲି କହିଥିଲେ। ସୂଚନା ଥାଉକି ଜୈନିକ ବ୍ୟକ୍ତି ପଥର ଖାଦାନ ପାଇଁ ଲିଜ ନେଇଥିଲେ ବି ଅହରହ ପଥର ଫୁଟେଇବା ସହ ଘରର କାନ୍ଥ ଫାଟୁଛି ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଏପରିକି ଗ୍ରାମର ରାସ୍ତା ମଧ ନଷ୍ଟ ହେବାସହ ଯାତାୟତ ବେଳେ ଭୟ ମଧ ଲାଗୁଛି ବୋଲି କହିଛନ୍ତି। ତେଣୁ ଲିଜ ନେଇଥିବା ବ୍ୟକ୍ତିଙ୍କ ତୁରନ୍ତ ଲିଜ ବାତିଲ କରିବା ଦାବି ହୋଇଛି। ଏହି ବନ୍ଦ ଦାବି ନେଇ ବହୁବାର ଜିଲ୍ଲା ପ୍ରଶାସନକୁ ଅବଗତ କରାଇଥିଲେ କିନ୍ତୁ ସେମାନଙ୍କ ଦାବୀ କେହିହେଲେ ଶୁଣିଲେ ନାହିଁ। ଶେଷରେ ଗ୍ରାମବାସୀ ନିଜ ଘରେ ତାଲା ପକାଇ ଏଠାରେ କୁଆଁରି ବନ୍ଦ ଦାବି ନେଇ ଚଳିତ ମାସ ୯ ତାରିଖରୁ ଏହି ଧାରଣାରେ ବସି ରହିଛନ୍ତି। ଯେଉଁ ପ୍ରର୍ଯ୍ୟନ୍ତ ଦାବି ପୂରଣ ହେବନାହିଁ ଏହି ଧାରଣା ଜାରି ରହିବ ବୋଲି କହିଥିଲେ।

# ବାପାମା'ର ଆକୁଳ ନିବେଦନ
## 'ବାବୁ ଆମ ପୁଅକୁ ଖୋଜି ଆଣନ୍ତୁ'



ଧରାକୋଟ,୧୩।୧୦(ସମିସ): ଧରାକୋଟ ବ୍ଲକ ଅନ୍ତର୍ଗତ ମୁଣ୍ଡମରାଇ ପଞ୍ଚାୟତର ପୋଡ଼ାପଲି ଗ୍ରାମର ବୁଲୁ ପ୍ରଧାନ ଓ ପ୍ରମଦା ପ୍ରଧାନଙ୍କ ପୁଅ ଶୁଭମ ପ୍ରଧାନ(୧୭) ଗତ ୪ ତାରିଖରେ ସାଙ୍ଗ ମାନଙ୍କ ସହିତ ଋଷିକୁଲ୍ୟା ନଦୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ନଦୀରେ ଭାସି ଯାଇଥିଲେ। ଏହା ପରେ ଧରାକୋଟ ଦମକଳ ବାହିନୀ ଓ ଧରାକୋଟ ପୁଲିସ ଦୁଇଦିନ ଧରି ଖୋଜା ଖୋଜି କରିଥିଲେ ମଧ ଏପର୍ଯ୍ୟନ୍ତ ତାଙ୍କର କୌଣସି ପତ୍ତା ମିଳିନାହିଁ। ଘଟଣାକୁ ଦଶଦିନ ପୁରିଲା ପରେ ଆଜି ପ୍ରଶାସନର ଅବହେଳା ନେଇ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଗତ ୪ ତାରିଖ ଦିନ ନଦୀରେ ଶୁଭମ ନିଖୋଜ ହୋଇଯାଇଥିବା ନେଇ ତାଙ୍କ ଦାଦା ଟୁକୁନା ପ୍ରଧାନ ଧରାକୋଟ ଥାନାରେ ଏଫ୍ଆଇଆର ଦେଇଥିଲେ। ପୁଲିସ ୩୮୦/୨୫ ପ୍ରକାରେ ଏକ ନିଖୋଜ ମାମଲା ରୁଜୁ କରି ଗଞ୍ଜାମ ଜିଲ୍ଲାର ସମସ୍ତ ଥାନାକୁ ଭିହେଚଏଫ୍ ମେସେଜ ଓ ସିଏଜି ପ୍ରକାଶନ ପାଇଁ ଅବଗତ କରାଇଥିଲେ। ତଥାପି ଏ ପର୍ଯ୍ୟନ୍ତ ଶୁଭମର କୌଣସି ପତ୍ତା ନମିଳିବାରୁ ସୋମବାର ପୋଡ଼ାପଲି ଗ୍ରାମର ଶୁଭମର ମା'ପ୍ରମଦା ପ୍ରଧାନ, ଜେଜେ ମା' କୁମାରୀ ପ୍ରଧାନ, ରୁନୁ ପ୍ରଧାନ, ଗୌରୀ ପ୍ରଧାନ, ଶୁଭସ୍ମିତା ପ୍ରଧାନ, ଅଭାଗିନୀ ପ୍ରଧାନ, ଦାଦା ଟୁକୁନା ପ୍ରଧାନଙ୍କ ସମେତ ପ୍ରାୟ ପଚାଶ ଜଣ ପୁରୁଷ ଓ ମହିଳା ଧରାକୋଟ ଥାନାରେ ପହଞ୍ଚି ଆମ ପୁଅକୁ ଖୋଜି ବାହାର କରନ୍ତୁ, ଏ ପର୍ଯ୍ୟନ୍ତ କୌଣସି ଥାନା ତରଫରୁ ଶୁଭମକୁ ଖୋଜି ବାହାର କରିବା ପାଇଁ ଉଦ୍ୟମ କରୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁଙ୍କ ସହ ଯୋଗାଯୋଗ ବେଳେ ମଙ୍ଗଳବାର ସକାଳୁ ପୁଣି ଥରେ ଦମକଳ ବାହିନି ସହାୟତାରେ ଖୋଜିବା କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରକାଶ କରିଛନ୍ତି। ସେହିପରି ଧରାକୋଟ ଅଗ୍ନିଶମ ବିଭାଗ ଅଧିକାରୀ କୃଷ୍ଣଚନ୍ଦ୍ର ସାହୁଙ୍କ ସହ ଯୋଗାଯୋଗ ବେଳେ ଆମକୁ ରିକ୍ୱିଜିସେନ ଦେଲେ ପୁଣି ଖୋଜିବା କାମକୁ ତ୍ୱରାନ୍ୱିତ କରାଯିବ ବୋଲି ପ୍ରକାଶ କରିଛନ୍ତି। ସବୁସତ୍ତ୍ୱେ ପୁଅକୁ ହରାଇବାର ଦୁଃଖକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି ପରିବାର ଲୋକ। ସଂପ୍ରତି ଶୁଭମର ପତ୍ତା କେବେ ମିଳିବ, ଏହି ଘଟଣାର କେବେ ପୂର୍ଣ୍ଣଚ୍ଛେଦ ପଡ଼ିବ ତାହା ସମୟ କହିବ।

# ସମସ୍ୟାରେ ଅଙ୍ଗନବାଡ଼ି କେନ୍ଦ୍ର
## କୋମଳମତି ଶିଶୁଙ୍କ ଜୀବନ ସହ ଖେଳ

ଶେରଗଡ,୧୩।୧୦(ସମିସ): ଶେରଗଡ ବ୍ଲକର ଅଙ୍ଗନବାଡି ବ୍ୟବସ୍ଥା ଯେପରି ଭୁଷୁଡିବାରେ ଲାଗିଛି ସେହିପରି ଭାବରେ ଅଙ୍ଗନବାଡି କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭ କରି ବ୍ଲକର ମହିଳା ଶିଶୁ ବିକାଶ ବିଭାଗ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସମସ୍ତେ ପିଲାଙ୍କ ଭବିଷ୍ୟତ ସହିତ ଖେଳୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ୭ ନମ୍ବର ଅଙ୍ଗନବାଡି କେନ୍ଦ୍ର ପରିସରର ଏହି ଦୃଶ୍ୟକୁ ଦେଖିଲେ ମନ୍ଦିର ବୋଲାଉଥିବା ପ୍ରାକ ବିଦ୍ୟାଳୟ ଦେଖିଲେ ମନେ ହେଉଛି କୋମଳମତି ଶିଶୁ ମାନେ




ଉଠାଉଛନ୍ତି। ଏଭଳି ସମସ୍ତ ପ୍ରକାର ଅବ୍ୟବସ୍ଥାକୁ ଦେଖି ପ୍ରାକ ବିଦ୍ୟାଳୟକୁ ଶିଶୁ ମାନଙ୍କୁ ଛାଡିବା ଲାଗି ଅଭିଭାବକ ମାନେ ଅମଙ୍ଗ ହେଉଥିବା ବେଳେ ଘରୋଇ ବାଲ ବିଦ୍ୟାଳୟ ମାନଙ୍କରେ ଅଭିଭାବକ ମାନେ ଲୁଟର ଶିକାର ହେଉଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି। ଏହିପରି ଯଦି ପ୍ରାକ ଶିକ୍ଷା ବ୍ୟବସ୍ଥା ଚାଲେ,ତେବେ ଆଉ

ଅଳିଆ ଆବର୍ଜନା ଲଟାବୁଦାରେ ନିଜ ଭବିଷ୍ୟତ ଖୋଜୁଛନ୍ତି। ସେହିଭଳି ସବୁଠାରୁ ବଡ ସମସ୍ୟା ହେଲା ଅଙ୍ଗନବାଡି ଦିଦି ମାନେ ପାଠ ପଢାଇବା ପରିବର୍ତ୍ତେ ହେଲପରଙ୍କୁ ନିୟୋଜିତ କରି ମାସରେ ଦୁଇରୁ ଚାରି ଦିନ କେନ୍ଦ୍ରକୁ ଆସୁଥିବା ବେଳେ ସ୍ଥାନୀୟ ଜନସାଧାରଣ ଅଭିଯୋଗ କଲେ ସେମାନଙ୍କୁ ଧମକ ଦେଉଥିବା ବି ପୂର୍ବରୁ ଅଭିଯୋଗ ରହିଛି। ଏହିପରି ଭାବେ ଶେରଗଡ ବ୍ଲକରେ ପ୍ରାକ ଶିକ୍ଷା ବ୍ୟବସ୍ଥା ଚାଲିଥିବା ବେଳେ ଲୋକେ ଦେଖି ବ୍ଲକର ପ୍ରାକ ଶିକ୍ଷା ବ୍ୟବସ୍ଥା ଉପରକୁ ଆଙ୍ଗୁଳି ଉଠାଉଛନ୍ତି। କିଛି ଦିନ ପରେ ପ୍ରାକ ବିଦ୍ୟାଳୟକୁ ଶିଶୁ ମାନେ ଯାଉଥିବା ଦେଖିବାକୁ ସ୍ୱପ୍ନ ହୋଇଯିବ। ତେଣୁ ଏଭଳି ପରିସ୍ଥିତିକୁ ଦୃଷ୍ଟିରେ ରଖି ବ୍ଲକ ମହିଳା ଓ ଶିଶୁ ବିକାଶ ବିଭାଗ, ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ପ୍ରାକ ବିଦ୍ୟାଳୟର ଶିକ୍ଷା ଉପରେ ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି।

# ନିଯୁକ୍ତି ହେଉନାହାନ୍ତି ଗ୍ରାମରକ୍ଷୀ
## ଅପରାଧ ରୋକିବାରେ ପୁଲିସ ବିଫଳ

ଶେରଗଡ଼,୧୩।୧୦(ସମିସ): ଶେରଗଡ ସହର ସମେତ ଗ୍ରାମାଞ୍ଚଳରେ ସଙ୍ଗଠିତ ଅପରାଧ ପୁଲିସର ଚିନ୍ତା ବଢ଼ାଇଛି। ଅପରାଧୀ ଓ ସେମାନଙ୍କ ଅପରାଧିକ କାର୍ଯ୍ୟ କଳାପ ସମ୍ପର୍କରେ ଖବରୀ ବ୍ୟବସ୍ଥା ଓ ଗ୍ରାମରକ୍ଷୀଙ୍କ ଠାରୁ ସୂଚନା ମିଳୁଥିଲା। ଏବେ ଏହି ବ୍ୟବସ୍ଥା ବିଫଳ ହେବାକୁ ବସିଛି। ବ୍ଲକର ଅଧାରୁ ଅଧିକ ଗ୍ରାମରେ ଗ୍ରାମରକ୍ଷୀ ପଦବୀ ଖାଲି ପଡିଥିବା ସମୟରେ ଏହି ପଦବୀରେ ଆଉ ନିଯୁକ୍ତି ମିଳୁନାହିଁ। ଅପରାଧ ରୋକିବାରେ ବ୍ଲକର ପ୍ରତି ଗ୍ରାମରେ ଗ୍ରାମରକ୍ଷୀ ନିଯୁକ୍ତି ବ୍ୟବସ୍ଥା ବହୁ ବର୍ଷ ତଳୁ ଆରମ୍ଭ ହୋଇଥିଲା। ଏହି ଗ୍ରାମରକ୍ଷୀ ମାନେ ଅତି ସ୍ୱଳ୍ପ ବେତନରେ କାମ କରିବା ସହିତ ପୁଲିସକୁ ସେମାନଙ୍କ ଅଞ୍ଚଳରେ ଚାଲିଥିବା ଅପରାଧିକ କାର୍ଯ୍ୟକଳାପ ଓ ଅପରାଧୀଙ୍କ ସମ୍ପର୍କରେ ସୂଚନା ଦେଉଥିଲେ। ସେହିପରି ଫେରାର ଅପରାଧୀ ମାନଙ୍କ ସମ୍ପର୍କରେ ମଧ ତଥ୍ୟ ଯୋଗାଉଥିଲେ। ଅନ୍ୟ ପକ୍ଷରେ ଭୋଟଗ୍ରହଣ ସମେତ କେତେକ ଜାତୀୟ କାର୍ଯ୍ୟକ୍ରମ ରେ ମଧ ସେମାନେ ସଫଳତା ସହିତ କାର୍ଯ୍ୟ କରୁଥିଲେ। ତେବେ ଆଜିର ଏହି ମହଙ୍ଗା ଯୁଗରେ ମାତ୍ର ୧୮ ଶହ ଟଙ୍କା ପାରିଶ୍ରମିକରେ କାମ କରିବା କାଠିକର ପାଠ ହୋଇଛି। ଏହି ଗ୍ରାମରକ୍ଷୀମାନେ ପୋଲିସ ବିଭାଗ ଲାଗି ସଫଳତାର ସହିତ କାମ କରିଆସୁଥିଲେ। ସେମାନଙ୍କ ଦରମା ବୃଦ୍ଧି କିମ୍ବା ହୋମଗାର୍ଡକୁ ପଦୋନ୍ନତି ନେଇ ବହୁ ସମୟରେ ଦାବି ହୋଇ ଆସୁଥିଲେ ମଧ ଏହାକୁ କାର୍ଯ୍ୟକାରୀ କରାଯାଉନି। ଏହି ପଦବୀ ଗୁଡିକ ଦୀର୍ଘ ଦିନ ଧରି ଖାଲି ପଡିଛି। ଫଳରେ ବହୁ ଅପରାଧିକ ତଦନ୍ତରେ ବ୍ୟାହତ ସୃଷ୍ଟି ହେବା ସହିତ ପୋଲିସ ଅପରାଧୀଙ୍କ ସମ୍ପର୍କରେ ସୁରାକ ପାଇନପାରି ଅନ୍ଧାରରେ ବାଡ଼ି ବୁଲାଉଥିବା ଅଭିଯୋଗ ହେଉଛି। ତେବେ ଏ ବାବଦରେ କୌଣସି ସରକାରୀ ପାଣ୍ଠି ନଥିବାରୁ ଏହି ଧରଣର ଖବରୀ ବ୍ୟବସ୍ଥା ମଧ ବନ୍ଦ ହୋଇଯାଇଥିବା ସୂଚନା ମିଳିଛି।

# ବିଭିନ୍ନ ପଞ୍ଚାୟତରେ ଜନଶୁଣାଣି ଶିବିର



ଧରାକୋଟ,୧୩।୧୦(ସମିସ): ଧରାକୋଟ ବ୍ଲକର ଜଗମୋହନ ପଞ୍ଚାୟତରେ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ତହସିଲଦାର ଲମ୍ବୋଦର ମାରାଣ୍ଡି, ଭାରପ୍ରାପ୍ତ ବିଡ଼ିଓ ସୁଶୀଲ ପଟ୍ଟନାୟକ, ସରପଞ୍ଚ ଲିନା କୁମାରୀ ମହାରଣା, ନାଏବ ସରପଞ୍ଚ ସନ୍ତୋଷ କୁମାର ବରାଡ, ଯୋଗାଣ ଅଧିକାରୀ ସଞ୍ଜୟ ମଲ୍ଲିକ, ବିଏସଏସଓ ସଚିନ୍ ପାତ୍ର, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଚିନ୍ମୟୀ ରାଉତ, କଲ୍ୟାଣ ଅଧିକାରୀ ଅନନ୍ୟା ପଣ୍ଡା, ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ରାକେଶ ମାଝୀ, ମୃତ୍ତିକା ସଂରକ୍ଷଣ ଅଧିକାରୀ ବିରୁପାକ୍ଷ ପଟନାୟକ, ଜିପିଇଓ ଦେବରାଜ ନାୟକ, ରାଜସ୍ୱ ନିରୀକ୍ଷକ ରଞ୍ଜନ ବରାଡ, ମନରେଗା ବିଭାଗର ଅମେସ ବେହେରା, ଦୀପକ ପଟନାୟକ, ସଞ୍ଜୀବ ରାଉଳ, ବ୍ଲକ କୃଷି ଅଧିକାରୀ ବିଶ୍ୱନାଥ ବେହେରା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଶୋକ ସେଠୀ, ଏଡିଇଓ ସଞ୍ଜୟ ପଲେଇ, ଯୋଗାଣ ସହାୟକ ଚିତ୍ର ସେନ ଗୌଡ଼ଙ୍କ ସମେତ ସମସ୍ତ ଲାଇନ୍ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହିଥିଲେ। ମୋଟ ୪୯ ଜଣ ନିଜର ଲିଖିତ ଅଭିଯୋଗ ଦାଖଲ କରିଥିଲେ।

**ସୋରଡ଼ା:** ସୋରଡ଼ା ବ୍ଲକ ବୋରଦା ପଞ୍ଚାୟତରେ ଅଭିଯୋଗ ଶୁଣାଣି ହୋଇଯାଇଛି। ଏଥିରେ ମୋଟ ୮୫ଟି ଅଭିଯୋଗ ଆସିଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜୟ ଗମାଙ୍ଗ ଆୟୋଜନ କରିଥିବା ବେଳେ ବିଡିଓ ତନ୍ମୟ ପାତ୍ର, ସରପଞ୍ଚ, ଏବିଡିଓ ସଂଜୀବ ରାଜ ସେନାପତି, କନିଷ୍ଠ ଯନ୍ତ୍ରୀ ମୁକେଶ ଟୋପ୍ପୋ, ଗୋଷ୍ଠୀ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅଜିତ ବେହେରା, ବଡଗଡ ବୈଦ୍ୟୁତିକ ଯନ୍ତ୍ରୀ ଅଶ୍ୱିନୀ ଦାସ, ଗ୍ରାମ୍ୟ ଜଳଯୋଗାଣ ସହକାରୀ ଯନ୍ତ୍ରୀ ଗୁରୁଦେବ ଗୌଡ଼, ଏଡ଼ିଓ, ବିଫଟି ଏମ୍ ବି କେ ସି ଆର ପି ଆଦି ସମେତ ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ମାନେ ଉପସ୍ଥିତ ଥିଲେ।

**ପୋଲସରା:** ପୋଲସରା ବ୍ଲକ ଅନ୍ତର୍ଗତ ମନ୍ଦାର ପଞ୍ଚାୟତରେ ଶୁଣାଣି କାର୍ଯ୍ୟକ୍ରମ ବିଡ଼ିଓ ଶଶୀ ଭୂଷଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୫୫ଟି ଅଭିଯୋଗ ପଞ୍ଜିକରଣ ହୋଇଥିଲା। ପୋଲସରା ତହସିଲଦାର ଦିପ୍ତିମୟୀ ପାତ୍ର, ଏବିଡିଓ ସୋନମ୍ ବେହେରା, ବ୍ଲକ ପଶୁ ଚିକିତ୍ସା ଅଧିକାରୀ ସୁବାଷ ଜେନା, ଥାନାଧିକାରୀ କୌଶିକ ମାଝୀ, ସମିତି ସଭ୍ୟ, ସାଂସଦ ପ୍ରତିନିଧି ଶରତଚନ୍ଦ୍ର ପାଣିଗ୍ରାହୀ ଜନସାଧାରଣଙ୍କ ଅଭିଯୋଗ ଗ୍ରହଣ କରିଥିଲେ। ସ୍ଥାନୀୟ ସରପଞ୍ଚ, ଖାଦ୍ୟ ଯୋଗାଣ ଅଧିକାରୀ ସନ୍ଦୀପ କୁମାର ବେହେରା, ବିଜୁଳି ବିଭାଗୀୟ ଅଧିକାରୀ ପ୍ରକାଶ କୁମାର ଜେନା, ଉଦ୍ୟାନ ବିଭାଗ ଅଧିକାରୀଣୀ ଦିପ୍ତିମୟୀ ବସନ୍ତିୟା, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଜୋଛନା ରାଣୀ ଦେହୁରୀ, ପାନୀୟ ଜଳ ଯୋଗାଣ ସହକାରୀ ଯନ୍ତ୍ରୀ ସ୍ୱରୁପ ତ୍ରୀପାଠୀ, ବ୍ଲକ ସହକାରୀ ଯନ୍ତ୍ରୀ ଇନ୍ଦ୍ରମଣି ସାହୁ, ଗ୍ରାମ୍ୟ ନିର୍ମାଣ ବିଭାଗ ସହକାରୀ ଯନ୍ତ୍ରୀ ସଞ୍ଜିବ ପାତ୍ର, କ୍ଷୁଦ୍ର ଜଳ ସେଚନ ବିଭାଗ ସହକାରୀ ଯନ୍ତ୍ରୀ ସନୁଜ୍ କୁମାର, ଯନ୍ତ୍ରୀ ଶ୍ରୀକାନ୍ତ ଜେନା ସମେତ ବିଭିନ୍ନ ବିଭାଗ ର କର୍ମଚାରୀ ଜନଶୁଣାଣୀରେ ଯୋଗଦେଇଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲାବେଳେ ଜନଶୁଣାଣି ଅଧିକାରୀ ଲିପ୍ସା ରାଣୀ ଭଞ୍ଜ, ଜିଆରଏସ୍ ବଳରାମ ସାହୁ, ରାଜିବ କୁମାର ଜେନା ଓ ଅଙ୍ଗନବାଡ଼ି କର୍ମୀ ବ୍ଲକ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।

**କୋଦଳା:** ବେଗୁନିଆପଡ଼ା ବ୍ଲକ୍ ମର୍ଦ୍ଦକୋଟ ପଞ୍ଚାୟତରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋଦଳା ତହସିଲଦାର ତଥା ବେଗୁନିଆପଡ଼ା ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସସ୍ମିତା ଶତପଥି, କୋଦଳା ଥାନା ଅଧିକାରୀ ସୁବାଷ ଚନ୍ଦ୍ର ବେହେରା, ସରପଞ୍ଚ ସନ୍ତୋଷ କୁମାର ବିଶ୍ୱାଳ, ସମିତି ସଭ୍ୟ ପ୍ରତିନିଧି ଲକ୍ଷ୍ମଣ ସ୍ୱାଇଁ, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ସାହୁ, ସିଡିପିଓ ନୀଳିମା ଟପ୍ପୋ, କନିଷ୍ଠ ଯନ୍ତ୍ରୀ ନୃସିଂହ ପାତ୍ର, ଯନ୍ତ୍ରୀ ଶୁଭଶ୍ରୀ ମହାରଣା, ଭାରପ୍ରାପ୍ତ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଦୁର୍ଗା ପ୍ରସାଦ ପଣ୍ଡା, ଯୋଗାଣ ଅଧିକାରୀ ବାଦଲ କୁମାର ବେହେରା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସ୍ୱାଗତିକା ରାଉତ, ଏପିଓ ରଞ୍ଜନ କୁମାର ନାହାକ, ପିଇଓ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ବିଏଫଟି ବିଦେଶୀ ସାହୁ, କୃଷି, ଉଦ୍ୟାନ, ମୃତ୍ତିକା ସଂରକ୍ଷଣ, କ୍ଷୁଦ୍ର ଜଳସେଚନ, ମତ୍ସ୍ୟ ଓ ବିଦ୍ୟୁତ୍ ବିଭାଗ ଅଧିକାରୀ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଅଭିଯୋଗ ଶୁଣାଣୀ କରିଥିଲେ। ସମୁଦାୟ ୨୭ଟି ଅଭିଯୋଗ ଆସିଥିଲା।



# ସୋମବାରରେ ବୁଦ୍ଧଖୋଲ ଚଳଚଞ୍ଚଳ



ବୁଗୁଡ଼ା,୧୩।୧୦(ସମିସ): କାର୍ତ୍ତିକର ପ୍ରଥମ ସୋମବାରରେ ପ୍ରତିକୂଳ ପାଗ ସତ୍ତ୍ୱେ ପ୍ରସିଦ୍ଧ ଶୈବପୀଠ ବୁଦ୍ଧଖୋଲ ଚଳ ଚଞ୍ଚଳ ହୋଇଉଠିଛି। ସକାଳୁ ହିଁ ଅସରାଏ ବର୍ଷା ପରେ ଦିନ ତମାମ ପାଗ ମେଘୁଆ ରହିଥିଲେ ହେଁ ବୁଦ୍ଧଖୋଲ ଅଭିମୁଖେ ଭକ୍ତଙ୍କ ସୁଅ ଛୁଟିଥିଲା। ଶ୍ରଦ୍ଧାଳୁ ଭକ୍ତଙ୍କ ଠାକୁର ଦର୍ଶନ ସାଙ୍ଗକୁ ଯାନବାହାନ ରହଣିର ସୁବନ୍ଦୋବସ୍ତ କରାଯାଇଥିଲା। ବୁଦ୍ଧଖୋଲ ପାଦଦେଶରେ ଧାଡିକି ଧାଡି ଦୋକାନରେ ବିଭିନ୍ନ ପସରା ପଡିଥିବା ବେଳେ କେତେକ ସ୍ଥାନରେ ଭୋଜି ଭାତର ଆସର ଜମିଥିଲା। ଏଥିରେ ବୁଦ୍ଧଖୋଲ ଉନ୍ନୟନ ସମିତିର ସଦସ୍ୟ ଏବଂ ସ୍ୱେଚ୍ଛାସେବୀ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

# ଟ୍ୟାଙ୍କର ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

ଭଞ୍ଜନଗର,୧୩।୧୦(ସମିସ): ଏକ ତେଲ ବୋଝେଇ ଟ୍ୟାଙ୍କର ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଭଞ୍ଜନଗର ଉପଖଣ୍ଡର ତାରାସିଂ ଥାନା ଅନ୍ତର୍ଗତ ଗାଲେରୀ ନିକଟ ରଙ୍ଗାମେରୁ ବ୍ରିଜ୍ ନିକଟରେ ସୋମବାର ସକାଳେ ଏହି ଦୁର୍ଘଟଣା ଘଟିଛି। ମୃତକ ଜଣକ ହେଲେ ସୋରିଷମୂଳି ଗ୍ରାମର ସୁବାସ ନାୟକଙ୍କ ପୁଅ ରାଜେଶ ନାୟକ (୨୦)। ସୋମବାର ସକାଳୁ ସେ ଗାଲେରୀ ଏଟିଏମ୍‌ରୁ ଟଙ୍କା ଉଠାଇବାକୁ ଯାଇ ଘରକୁ ଫେରିବା ବାଟରେ ମେଗା ଜଳ ପ୍ରକଳ୍ପ ଡୋଲପିଟା ବ୍ରିଜ୍ ତଳକୁ ତେଲ ଟ୍ୟାଙ୍କର ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଆଉ ଘଟଣାସ୍ଥଳରେ ହିଁ ରାଜେଶଙ୍କ ମୃତ୍ୟୁ ଘଟିଥିଲା। ଅପରପକ୍ଷରେ ଦୁର୍ଘଟଣା ଘଟାଇଥିବା ତେଲ ଟ୍ୟାଙ୍କର ଡ୍ରାଇଭର ଘଟଣାସ୍ଥଳରୁ ଦ୍ରୁତ ଗତିରେ ଗାଡି ଚଳାଇ ଚମ୍ପଟ ମାରିବାକୁ ଉଦ୍ୟମ କରିବାବେଳେ ବଦାଙ୍ଗୀ ନିକଟରେ ଲୋକମାନେ ଉକ୍ତ ଟ୍ୟାଙ୍କରକୁ ଧରି ପୁଲିସରେ ଜିମା ଦେଇଥିଲେ। ଦୁର୍ଘଟଣା ସମ୍ପର୍କରେ ଖବର ପାଇ ଗାଲେରୀ ଫାଣ୍ଡି ଅଧିକାରୀ ବି ମଧୁବାବୁ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ଏହାର ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ମେଡିକାଲକୁ ପଠାଇଛନ୍ତି। ମେଡିକାଲରେ ମୃତକଙ୍କ ପରିଜନ ପହଞ୍ଚିବା ପରେ ଏଠାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ଏକତ୍ରିଂଶତି ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ପୁଣ୍ୟଶ୍ଳୋକ ଡାକ୍ତର ହରେକୃଷ୍ଣ ପରିଡ଼ା
ବଡ଼ସଲାରୋ, ଚାନ୍ଦୋଳ, କେନ୍ଦ୍ରାପଡ଼ା
ଆସିଥିଲେ : ୨୧.୦୫.୧୯୨୩(ଜ୍ୟେଷ୍ଠ ଶୁକ୍ଳ ଅଷ୍ଟମୀ)
ବାହୁଡିଲେ : ୨୯.୧୦.୧୯୯୪ (କାର୍ତ୍ତିକ କୃଷ୍ଣ ନବମୀ)
ଶ୍ରାଦ୍ଧୋତ୍ସବ- ତା ୧୪.୧୦.୨୦୨୫ (ମଙ୍ଗଳବାର)
ଆପଣଙ୍କ ବିଦ୍ୱତ୍ତା, ଶିକ୍ଷାଦାନ ଦକ୍ଷତା, ବହୁଭାଷା ଅଧ୍ୟୟନ ଯୋଗ୍ୟତା, ହୋମିଓପାଥି ଚିକିତ୍ସା ପ୍ରବଣତା, ଗାନ୍ଧୀବାଦୀ ଚିନ୍ତାଧାରା, ସମବାୟ ମନସ୍କତା ଆପଣଙ୍କୁ ଜଣେ ଆଦର୍ଶ ମଣିଷ ମାନ୍ୟତା ଦିଆଇଥିଲା। ଆପଣଙ୍କ ପଟାନ୍ତରହୀନ ସ୍ନେହ-ଶ୍ରଦ୍ଧା- ଭଲ ପାଇବାକୁ ସ୍ମରଣପୂର୍ବକ ମଥାନତ ନମନ ଜ୍ଞାପନ କରୁଅଛୁ।
ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସହ : ବଡ଼ସଲାରୋ 'ପରିଡ଼ା', ଚାନ୍ଦୋଳ 'ନାୟକ', ନୂଆପଡ଼ା 'ରାଉତ' ବଂଶ ଓ ପୁନର୍ନବା ସାହିତ୍ୟ ସଂସଦର ସଦସ୍ୟଗଣ

# ଲଟାବୁଦାରେ ଏମ୍‌କେସିଜିର ଏକାଧିକ ଟ୍ରାନ୍ସଫର୍ମର

ବ୍ରହ୍ମପୁର,୧୩ା୧୦(ସମିସ)

ଏମକେସିଜି ମେଡିକାଲ ପରିସରରେ ବିଭିନ୍ନ ସ୍ଥାନରେ ଏକାଧିକ ଟ୍ରାନ୍ସଫର୍ମର ରହିଛି।

## ରକ୍ଷଣାବେକ୍ଷଣ କରୁନି ମେଡିକାଲ ଜିଇଡି





ଏହାର ରକ୍ଷଣାବେକ୍ଷଣରେ ଘୋର ଅବହେଳା କରାଯାଉଛି। ଟ୍ରାନ୍ସଫର୍ମର ଚର୍ତୁପାଶ୍ୱର୍ ଲଟାବୁଦାରେ ପରିପୂର୍ଣ୍ଣ ହୋଇଛି। କିନ୍ତୁ ଦାୟିତ୍ୱରେ ଥିବା ସାଧାରଣ ବିଦ୍ୟୁତ ବିଭାଗ ପକ୍ଷରୁ ଏହାକୁ ନିୟମିତ ସଫା କରାଯାଉନି। ଯାହାଦ୍ୱାରା ଲକ୍ଷାଧିକ ଟଙ୍କାର ଟ୍ରାନ୍ସଫରର୍ମର ନଷ୍ଟ ହେବାରେ ଲାଗିଛି।

ପ୍ରତିଦିନ ଏମକେସିଜି ମେଡ଼ିକାଲକୁ ଆସୁଥିବା ଶତାଧିକ ରୋଗୀଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବହୁ ସୁବିଧା ସୁଯୋଗ ଯୋଗାଇ ଦିଆଯାଇଛି। ସେହିପରି ମେଡ଼ିକାଲର ସମସ୍ତ କୋଠାକୁ ବିଦ୍ୟୁତ୍ ସଂଯୋଗ ରହିଛି। ଏଥି ନିମନ୍ତେ ଟ୍ରାନ୍ସଫର୍ମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହାକୁ ଦୃଷ୍ଟିରେ ରଖି ମେଡିକାଲ ପରିସରରେ ପ୍ରାୟ ୫ରୁ ଅଧିକ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଛି। ଏହି ଟ୍ରାନ୍ସଫର୍ମର ଦେଇ ମେଡ଼ିକାଲର ବିଭିନ୍ନ କୋଠାକୁ ବିଦ୍ୟୁତ ସଂଯୋଗ କରାଯାଇଛି। ମେଡିକାଲର ବିଦ୍ୟୁତ ସଂଯୋଗର, ତଦାରଖ ସମେତ ଯୋଗାଣ ସାମଗ୍ରୀର ମରାମତି ଓ ରକ୍ଷଣାବେକ୍ଷଣ ନିମନ୍ତେ ସାଧାରଣ ବିଦ୍ୟୁତ ବିଭାଗ ବା ଜିଇଡିକୁ ଦାୟିତ୍ୱ ଦିଆଯାଉଛି। ଏଥି ନିମନ୍ତେ ଜଣେ କନିଷ୍ଠ ଯନ୍ତ୍ରୀ(ଜେଇ)ଙ୍କ ସହ ୫ରୁ ଅଧିକ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। କିନ୍ତୁ ମେଡିକାଲ ପରିସରରେ ବିଭିନ୍ନ ସ୍ଥାନରେ ଥିବା ଟ୍ରାନ୍ସଫର୍ମର ସ୍ଥିତି ବେଶ୍ ଚିନ୍ତାଜନକ ରହିଛି।

ଟ୍ରାନ୍ସଫର୍ମର ଚର୍ତୁପାଶ୍ୱର୍ରେ ନାନାଦି ପ୍ରକାର ଗଛ ଉଠିଯାଇଛି। ଫଳରେ ପୁରା ସ୍ଥାନ ଲଟାବୁଦାରେ ପରିପୂର୍ଣ୍ଣ ହୋଇଛି। ଟ୍ରାନ୍ସଫର୍ମର ରକ୍ଷଣାବେକ୍ଷଣ କରିବା ଦୂରର କଥା ଏହି ସ୍ଥାନକୁ ଦେଖିଲେ ବର୍ଷାଧିକ ଧରି କୌଣସି କର୍ମଚାରୀ ଟ୍ରାନ୍ସଫର୍ମର ନିକଟକୁ ଯାଇନଥିବା ମନେ ହେଉଛି। ମେଡ଼ିକାଲକୁ ବିଦ୍ୟୁତ ସଂଯୋଗ ନିମନ୍ତେ ପ୍ରତି ମାସ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଦାୟିତ୍ୱରେ ଥିବା ଅଧିକାରୀ ମାନେ ମୋଟ ଅଙ୍କର ଦରମା ନେଉଛନ୍ତି। ସେହିପରି ମେଡିକାଲ ପରିସରରେ ସଫାସୁତରା ପାଇଁ ମଧ୍ୟ ଶତାଧିକ କର୍ମଚାରୀ କାର୍ଯ୍ୟ କରୁଥିବା ବେଳେ ଏଥି ନିମନ୍ତେ ପ୍ରତି ମାସରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ସଠିକ ସମୟରେ ନିୟମିତ ଭାବେ ଟ୍ରାନ୍ସଫର୍ମର ଗୁଡ଼ିକର ଜିଇଡି ପକ୍ଷରୁ ମରାମତି କରାଯାଉନଥିବା ଅଭିଯୋଗ ହୋଇଛି। ଯଦି ଟ୍ରାନ୍ସଫର୍ମରେ କୌଣସି ସମସ୍ୟା ଦେଖାଦିଏ ତେବେ ଏକାଧିକ ବିଭାଗର ବହୁ ରୋଗୀ ବିଦ୍ୟୁତ ସମସ୍ୟା ନେଇ ହନ୍ତସନ୍ତ ହେବେ। ତେଣୁ ଟ୍ରାନ୍ସଫର୍ମର ଗୁଡ଼ିକ ନଷ୍ଟ ହେବ ପୂର୍ବରୁ ଜିଇଡି ବିଭାଗ ପକ୍ଷରୁ ଏହାର ରକ୍ଷଣାବେକ୍ଷଣ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

## ଏନଜିଓ ସମ୍ପାଦକଙ୍କୁ ଧମକ ଅଭିଯୋଗ

ବ୍ରହ୍ମପୁର,୧୩ା୧୦(ସମିସ): ବ୍ରହ୍ମପୁର ଭୀମରାଓପୋଟା ଠାରେ ଥିବା ସ୍ଥାୟୀ ବିକାଶ ଲକ୍ଷ୍ୟ(ଏସବିଏଲ) ଏନଜିଓର ସମ୍ପାଦକ ଉମାଶଙ୍କର ସାହୁଙ୍କୁ ହତ୍ୟା ଧମକ ଦିଆଯାଇଛି। ଫେସବୁକ ମେସେଞ୍ଜର ଭଳି ସାମାଜିକ ଗଣମାଧ୍ୟମରେ ସକ୍ରିୟଥିବା "କିଲରର୍ସ' ନାମକ ଏକ ଗ୍ୟାଙ୍ଗ ପକ୍ଷରୁ ତାଙ୍କୁ ଏକ ଧମକ ଦିଆଯାଇଛି। ମାଫିଆ ଓ ଦୁର୍ନୀତିଖୋରଙ୍କ ବିରୋଧରେ ବିଭିନ୍ନ ଫୋରମରେ ଅଭିଯୋଗ କରିବାରୁ ତାଙ୍କ ଏଭଳି ଧମକ ମିଳିଥିବା ଅଭିଯୋଗ ହୋଇଛି। ଏନେଇ ଟାଉନ ଥାନାରେ ଏକ ମାମଲା ରୁଜୁ ହେବା ସହ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାଥାଉକି, ବୋରିଗାଁର ଉମାଶଙ୍କର ଏହି ଏନଜିଓରେ ସମ୍ପାଦକ ଭାବେ କାର୍ଯ୍ୟ କରୁଥିବା ବେ୍ଳେ ଯୁବ ସମାଜସେବୀ ରବୀନ୍ଦ୍ର ମିଶ୍ର ଏହାର ସଭାପତି ରହିଛନ୍ତି। ଏହି ସଂସ୍ଥା ପକ୍ଷରୁ କିଛି ମାସ ମଧ୍ୟରେ ବିଏମସି, ରେଳ ବିଭାଗ, ଜିଆରପି, ଆରପିଏଫ, ବ୍ରହ୍ମପୁରର ଟୁର ଆଣ୍ଡ ଟ୍ରାଭେଲସ ସଂସ୍ଥା ଓ ଟେଣ୍ଡର ନେଇଥିବା କିଛି ସଂସ୍ଥା ବିରୋଧରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ସେହିକ୍ରମରେ ସମ୍ପାଦକଙ୍କୁ ହତ୍ୟା ଧମକ ଦିଆଯାଇଥିବା କୁହାଯାଇଛି।

## ଯୁବକଙ୍କୁ ଅପହରଣ ଉଦ୍ୟମ, ମାରଣାସ୍ତ୍ର ଦେଖାଇ ଲୁଟ୍

ବ୍ରହ୍ମପୁର,୧୩ା୧୦(ସମିସ): ଜାତୀୟ ରାଜପଥ ଆଙ୍କୁଲି ଓଭରବ୍ରିଜ ନିକଟରେ ଜଣେ ଯୁବକଙ୍କୁ ଅପହରଣ ଉଦ୍ୟମ ହୋଇଛି। ମାରଣାସ୍ତ୍ର ଦେଖାଇ ତାଙ୍କଠାରୁ ୨୦ହଜାର ଟଙ୍କା ସହ ସୁନା ଚେନ ଓ ମୋବାଇଲ ଲୁଟ ହୋଇଛି। ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାପ୍ରକାରେ, ଆଙ୍କୁଲି ଓଭରବ୍ରିଜ ନିକଟ କୁମ୍ଭାରପଲ୍ଲୀର ଯୁବକ ଲୋକ୍ ବାହାଦୂର ନିଜ ଘର ନିକଟରେ ଥିବା ବେଳେ ୮ରୁ ୧୦ଜଣ ଯୁବକ ଏକ କାରରେ ଆସି ତାଙ୍କୁ ଡାକିଥିଲେ। କିଛି ସମୟ ବାର୍ତ୍ତାଳପ ପରେ ସେହି ଦୁର୍ବୃତ୍ତମାନେ ତାଙ୍କୁ ଜୋର ଜବରଦସ୍ତ କାର ଭିତରକୁ ଟେକି ନେଇ ଅପହରଣ ପାଇଁ ଉଦ୍ୟମ କରିଥିଲେ। ଏହା ଦେଖି ବାହାଦୂରଙ୍କ ପରିବାର ଲୋକେ ଓ କିଛି ସ୍ଥାନୀୟ ଲୋକ ସେଠାରେ ପହଞ୍ଚି ଯାଇଥିଲେ। ଏହାପରେ ଦୁର୍ବୃତ୍ତମାନେ ନିଜ ପାଖରେ ରଖିଥିବା ବିଭିନ୍ନ ପ୍ରକାର ମାରଣାସ୍ତ୍ର ଦେଖାଇ ଭୟଭୀତ କରାଇଥିଲେ। ସେହିପରି ବାହାଦୂରଙ୍କ ନିକଟରୁ ୨୦ହଜାର ଟଙ୍କା ଓ ସୁନା ଚେନ ଓ ୨ଟି ମୋବାଇଲ ଛଡାଇ ନେଇଯାଇଥିଲେ। ସେହିପରି ଏହାର ପ୍ରତିବାଦ କରୁଥିବା ବାହାଦୂରଙ୍କ ସମ୍ପର୍କୀୟ ଭାଇର ମଧ୍ୟ ମୋବାଇଲ ଛଡାଇ ନେଇଥିଲେ। ଦୁର୍ବୃତ୍ତମାନେ ପୁଲିସ ନିକଟରେ ଅଭିଯୋନ କରିବାକୁ ଧମକ ଦେଇ ସେଠାରୁ ପଳାଇଯାଇଥିଲେ ବୋଲି ବାହାଦୂର ନିଜ ଅଭିଯୋଗରେ ଦର୍ଶାଇଛନ୍ତି। ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣଙ୍କୁ ସେ ଚିହ୍ନିଥିବା ପୁଲିସକୁ କହିଛନ୍ତି।

## ଉତ୍କଳ ସମ୍ମିଳନୀର ଶପଥଗ୍ରହଣ ଉତ୍ସବ




ବ୍ରହ୍ମପୁର,୧୩ା୧୦(ସମିସ): ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲ୍ଲା ଶାଖାର କର୍ମକର୍ତ୍ତାଙ୍କ ଶପଥଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ଼ ସୁବ୍ରତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଉପସଭାପତି ଡ. ବନମାଳୀ ପାଣିଗ୍ରାହୀ, ଡ. ବାୟାମନୁ ଚର୍ଚ୍ଚି, ଉପଦେଷ୍ଟା କାହ୍ନୁ ବାଳକୃଷ୍ଣ ବିହାରୀ, କୋଷାଧ୍ୟକ୍ଷ କେଦାର ନାଥ ପଣ୍ଡା, ଯୁଗ୍ମ ସମ୍ପାଦକ ତାରିଣୀ ପ୍ରସାଦ ନାୟକ ଏବଂ ଜିଲ୍ଲା ପ୍ରତିନିଧି ଡାକ୍ତର ସମରେନ୍ଦ୍ର କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଆଲୋଚନା ଅବସରରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଉତ୍କଳ ସମ୍ମିଳନୀର ଭୂମିକା ଏବଂ ବରେଣ୍ୟ ବରପୁତ୍ର ମାନଙ୍କର ଅବଦାନ ସମ୍ପର୍କରେ ଏଠାରେ ଆଲୋଚନା କରାଯାଇଥିଲା। ରାଜ୍ୟର ସୀମା ସୁରକ୍ଷା ଓ ଓଡ଼ିଆ ଭାଷାର ବହୁଳ ବ୍ୟବହାର ଓ ପ୍ରଚାର ପ୍ରସାର କରିବା ପାଇଁ ବୈଠକରେ ଆହ୍ୱାନ ଦିଆଯାଇଥିଲା। ଏ ଅବସରରେ ଉତ୍କଳ ଆଶ୍ରମ ନ୍ୟାସ ମଣ୍ଡଳୀ ସମ୍ପାଦକ ଡ଼ ସିଦ୍ଧାର୍ଥ ଶଙ୍କର ପାଢ଼ୀ ବିଶିଷ୍ଟ ଅତିଥି ଭାବରେ ଯୋଗଦେଇ ଉତ୍କଳ ସମ୍ମିଳନୀର ଇତିବୃତ୍ତି ସମ୍ପର୍କରେ ଆଲୋଚନା କରିଥିଲେ। ଉପଦେଷ୍ଟା ମଣ୍ଡଳୀ ଭାବେ ରାଧା ଚରଣ ନାୟକ, କାହ୍ନୁ ବାଳକୃଷ୍ଣ ବିହାରୀ, ନବୀନ କୁମାର ପଟ୍ଟନାୟକ, କାର୍ଯ୍ୟକାରୀ କମିଟିରେ ନୂତନ ସଦସ୍ୟା ଭାବେ ସ୍ୱର୍ଣ୍ଣପ୍ରଭା ପାଢୀ ଓ ସ୍ୱର୍ଣ୍ଣପ୍ରଭା ମିଶ୍ରଙ୍କୁ ମନୋନୀତ କରାଗଲା। ସେହିଭଳି ନୂତନ କର୍ମକର୍ତ୍ତାମାନେ ଶପଥପାଠ କରିଥିଲେ।

● ଗଞ୍ଜାମରେ ତୁହାକୁ ତୁହା ବର୍ଷା

## ଚିକିଟିରେ ସର୍ବାଧିକ ୪୪ ମିମି ରେକର୍ଡ

ବ୍ରହ୍ମପୁର,୧୩ା୧୦(ସମିସ): ରବିବାର ମଧ୍ୟରାତିରୁ ସୋମବାର ଅପରାହ୍ନ ଯାଏଁ ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରେ ତୁହାକୁ ତୁହା ବର୍ଷା ହୋଇଛି। ଫଳରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଇଛି। ରବିବାର ଦିନ ତମାମ ଖରା ଓ ପାଗ କୋହଲା ରହିଥିଲା। ମଧ୍ୟରାତିରେ ବର୍ଷାର ଆଭାସ ମିଳିଥିଲା। ସୋମବାର ଭୋରୁ ତୁହାକୁ ତୁହା ବର୍ଷା ହୋଇଥିବା ଦେଖିବାକୁ ମିଳିଛି। ଏହାର ପ୍ରଭାବରେ ଗଞ୍ଜାମ ଜିଲ୍ଲାରେ ଥିବା ବିଭିନ୍ନ ଜଳଭଣ୍ଡାରରୁ କିଛି କିଛି ମାତ୍ରାରେ ପାଣି ନିଷ୍କାସନ କରାଯାଇଥିବା ସୂଚନା ମିଳିଛି। ଏହି ଜଳ ଚାଷୀଙ୍କ କାର୍ଯ୍ୟରେ ବେଶ ଉପଯୋଗ ହେବ ବୋଲି ଆଶା କରାଯାଇଛି। ଅନ୍ୟପକ୍ଷରେ ଜିଲ୍ଲାର ବିଭିନ୍ନ ନଦୀରେ ମଧ୍ୟ ଉଚ୍ଚ ଜୁଆରରେ ପାଣି ଯାଉଛି। ବିଗତ ଦିନରେ ପାଣିର ଅଭାବ ପରଲକ୍ଷିତ ହୋଇଥିବା ବେଳେ ଦଶହରା ପରଠାରୁ ହୋଇଥିବା ନିୟମିତ ବର୍ଷା ଫଳରେ ଚାଷୀକୂଳ ବେଶ ଆଶ୍ୱସ୍ତି ପାଇଛନ୍ତି। ସୋମବାର ହୋଇଥିବା ବର୍ଷାର ରେକଡର୍ ଅନୁସାରେ ଛତ୍ରପୁରରେ ୧୦.୬ମିଲିମିଟର ବର୍ଷା ହୋଇଥିବା ବେଳେ ଗଞ୍ଜାମ ବ୍ଲକରେ ୩୨ମିମି ବର୍ଷା ହୋଇଥିଲା। ସେହିଭଳି ପୁରୁଷୋତ୍ତମପୁରରେ ୧୨ମିମି, କବିସୂର୍ଯ୍ୟନଗରରେ ୧୦ମିମି, ପୋଲସରା ୧୪ମିମି, କୋଦଳା ୮ ମିମି, ଖଲ୍ଲିକୋଟ ୧୬ମିମି, ହିଞ୍ଜିଳି ୭ ମିମି, ରଙ୍ଗେଇଲୁଣ୍ଡା ୧୭ ମିମି, କୁକୁଡ଼ାଖଣ୍ଡି ୮ମିମି, ଚିକିଟି ୪୪ମିମି, ପାତ୍ରପୁର ୩୯.୬ମିମି, ଦିଗପହଣ୍ଡି ୨.୫ମିମି, ଧରାକୋଟ ୨.୪ମିମି, ଶେରଗଡ଼ ୧.୮ ମିମି, ଗୋପାଳପୁର ଏନଏସି ୧୧.୨ମିମି, ବ୍ରହ୍ମପୁର ଗାନ୍ଧୀନଗର ପଏଣ୍ଟରେ ୧୧ମିମି, ବ୍ରଜରାଜନଗରରେ ୧୯.୩ ମିଲିମିଟର ବର୍ଷା ହୋଇଥିବା ଜଣାପଡ଼ିଛି। ତେବେ ବୁଗୁଡ଼ା, ଆସିକା, ଜଗନ୍ନାଥପ୍ରସାଦ, ବେଲଗୁଣ୍ଠା, ଭଞ୍ଜନଗର, ସାନଖେମୁଣ୍ଡି ଆଦି ବ୍ଲକରେ ବର୍ଷାର ପ୍ରଭାବ ଏତେ ନଥିବା ବେଳେ ଚିକିଟି ବ୍ଲକରେ ସର୍ବାଧିକ ବର୍ଷା ହୋଇଥିବା ସୂଚନା ମିଳିଛି। ଅପରପକ୍ଷେ ଚଳିତମାସରେ ୬ଦିନ ବର୍ଷା ହୋଇଥିବା ଜଣାପଡ଼ିଛି।

## ଇଣ୍ଡିଆସ ଗଟ୍ ଟାଲେଣ୍ଟରେ ହାବିଲଦାର ସୀମାଞ୍ଚଳ ବାରିକଙ୍କ କମାଲ

ବ୍ରହ୍ମପୁର,୧୩ା୧୦(ସମିସ): ସେଟ୍ ଇଣ୍ଡିଆ ନେଟୱର୍କ ଦ୍ୱାରା ସୋନି ଟିଭିରେ ପ୍ରଦର୍ଶିତ ଭାରତର ବଡ଼ ରିଆଲିଟି ସୋ ଇଣ୍ଡିଆସ ଗଟ୍ ଟାଲେଣ୍ଟରେ ଦେଶର ବିଭିନ୍ନ ସ୍ଥାନରୁ ପ୍ରତିଭା ଅଂଶଗ୍ରହଣ କରିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ଅନ୍‌ଲାଇନରେ ଚୟନ ହେବା ପରେ ଦ୍ୱିତୀୟ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହେଉଛନ୍ତି। ଏହିକ୍ରମରେ ଭାରତୀୟ ସେନାର ପୂର୍ବତନ ହାବିଲଦାର ବ୍ରହ୍ମପୁରର ସୀମାଞ୍ଚଳ ବାରିକ ଇଣ୍ଡିଆସ ଗଟ୍ ଟାଲେଣ୍ଟରେ ନିଜ କମାଲ ଦେଖାଇଛନ୍ତି। ଏ ସମ୍ପର୍କିତ ଏପିସଡ଼ ଗତ ଦୁଇଦିନ ହେବ ଉକ୍ତ ଟିଭିରେ ପ୍ରଦର୍ଶିତ ହୋଇଛି। ଏନେଇ



ସୀମାଞ୍ଚଳକୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଥିବା ବେଳେ ସେ ପ୍ରଦର୍ଶିତ କରିଥିବା କଳାକୌଶଳ ସମ୍ପ୍ରତି ସୋସିଆଲ ମିଡ଼ିଆରେ ବହୁଳ ମାତ୍ରାରେ ଭାଇରାଲ ହେବାରେ ଲାଗିଛି। ଏନେଇ ଆମେ ଶ୍ରୀ ବାରିକ ସହ ଯୋଗଯୋଗ ବେଳେ ସେ କହିଛନ୍ତି ଯେ, ଗତ କିଛି ଦିନ ପୂର୍ବେ ଅନଲାଇନ ମାଧ୍ୟମରେ ସେଟ୍ ଇଣ୍ଡିଆର ଏକ ଟିମ ମତେ ଓଡ଼ିଶାରୁ ଏକମାତ୍ର ପ୍ରାର୍ଥୀ ଭାବେ ଚୟନ କରିଥିଲେ। ତତପରେ ଗତ ୪ରୁ ୮ ତାରିଖ ପର୍ଯ୍ୟନ୍ତ ଏହାର ସୁଟିଂ ପାଇଁ ଯାଇଥିଲେ। ଗତକାଲି ଟିଭିରେ ତାହା ପ୍ରଦର୍ଶିତ ହୋଇଛି। ପ୍ରଥମଥର ଏଭଳି ଏକ କାର୍ଯ୍ୟକ୍ରମରେ ଭାଗ ନେବା ସୌଭାଗ୍ୟର ବିଷୟ ବୋଲି ସେ କହିଛନ୍ତି। ଏଠାରେ ଶ୍ରୀ ବାରିକ ପିଠି ଉପରେ ଏକ ଆଟୋ ରଖି ପୁସଅପ ମାରିବା, ହାତରେ ଚାଲି ଚାଲି ଆଟୋରେ ଯାତ୍ରୀଙ୍କୁ ବସାଇ ଟାଣିବା ଇତ୍ୟାଦି କଳାକୌଶଳ ପ୍ରଦର୍ଶନ କରିଥିଲେ। ଯାହାକୁ ଦର୍ଶକ ବେଶ ପ୍ରଶଂସା କରିଛନ୍ତି। ୪୫ବର୍ଷ ବୟସରେ ନିଜକୁ ଫିଟ୍ ରଖିବା ସହ ଏଭଳି କଳାକୌଶଳ ପ୍ରଦର୍ଶନକୁ ସେଠାକାର ବିଚାରକ ମଣ୍ଡଳୀ ମଧ୍ୟ କୃତଜ୍ଞତା ଜ୍ଞାପନ କରିଛନ୍ତି। ସୂଚନା ପ୍ରକାରେ ଦୀର୍ଘ ୨୧ବର୍ଷ ଧରି ଭାରତୀୟ ସେନାରେ ହାବିଲଦାର (କମାଣ୍ଡର ଟ୍ରେନର) ଭାବେ ସୀମାଞ୍ଚଳ କାର୍ଯ୍ୟରତ ଥିଲେ। ସମ୍ପ୍ରତି ସେ ବ୍ରହ୍ମପୁରରେ ସେନାବର୍ଗ ଲାଗି ପ୍ରସ୍ତୁତ ବିଭିନ୍ନ ପରୀକ୍ଷାର୍ଥୀଙ୍କୁ ତାଲିମ ଦେଉଛନ୍ତି। ଇତି ମଧ୍ୟରେ ସୀମାଞ୍ଚଳ ୨୦୧୫ମସିହାରେ ଶ୍ରେଷ୍ଠ ତାଲିମଦାତା ଭାବେ ଭାରତୀୟ ସେନା ପକ୍ଷରୁ ପୁରସ୍କୃତ ହୋଇଥିବା ବେଳେ ୨୦୨୩ମସିହାରେ ଫିଲିପିନସ୍‌ରେ ଅନୁଷ୍ଠିତ ଏସିଆନ ଚମ୍ପିଆନସିପ୍‌ରେ ମାଷ୍ଟର ଆଥଲେଟିକ୍ ବର୍ଗରେ ଅଂଶଗ୍ରହଣ କରି ୧୦୦ ଓ ୪୦୦ମିଟର ଦୌଡ଼ରେ ୨ଟି ମେଡ଼ାଲ ଜିତିଥିଲେ।

## ଜାନୁଆରୀ ସୁଦ୍ଧା କାର୍ଯ୍ୟକ୍ଷମ ହେବ 'ଗଞ୍ଜାମ ହାଟ'

ବ୍ରହ୍ମପୁର,୧୩ା୧୦(ସମିସ)



ଜାନୁଆରୀ ସୁଦ୍ଧା କାର୍ଯ୍ୟକ୍ଷମ ହେବ ବ୍ରହ୍ମପୁରର ବହୁ ପ୍ରତିକ୍ଷିତ 'ଗଞ୍ଜାମ ହାଟ'। ୫ଏକର ପରିମିତ ଜମିରେ ନିର୍ମିତ ଏହି ପ୍ରକଳ୍ପ ପାଇଁ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବିନିଯୋଗ ହୋଇଛି ପ୍ରାୟ ୪୪କୋଟି ଟଙ୍କା। ୨୦୧୯ମସିହାରୁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ପ୍ରଥମେ କୋଭିଡ ଓ ପରେ ବିବାଦରେ ଛନ୍ଦି ହୋଇପଡିଥିଲା ପ୍ରକଳ୍ପ। ସବୁ କଳ୍ପନାଯଳ୍ପନାର ଅନ୍ତ ପରେ




ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରି ଜଆନୁଆରୀ ସୁଦ୍ଧା ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରଖିଛନ୍ତି କର୍ତ୍ତୃପକ୍ଷ। ଏଥିପାଇଁ ଅନୁଷ୍ଠିତ ହୋଇଯାଇଛି ଦୋକାନୀ ଓ କର୍ତ୍ତୃପକ୍ଷଙ୍କ ମଧ୍ୟରେ ପ୍ରଥମ ସମନ୍ୱୟ ବୈଠକ। ବିଇଡିଏ ଉପାଧ୍ୟକ୍ଷ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଚିବ ରମେଶ ଚନ୍ଦ୍ର ହାଂସଦା ଓ ବ୍ରହ୍ମପୁର ମହାନଗର ନିଗମର ନଗରଯନ୍ତ୍ରୀ ମନୋଜ ପାତ୍ରଙ୍କ ସମେତ ଗଞ୍ଜାମ ହାଟରେ ଆବଣ୍ଟିତ ଦୋକାନୀ ଉପସ୍ଥିତ ଥିଲେ। ୧୧୨ଟି ଦୋକାନ ଗୃହ ମଧ୍ୟରୁ ୩୭୫ବର୍ଗ ଫୁଟର ୬୯ଟି ଏବଂ ଅବଶିଷ୍ଟ ୪୩ଟି ୨୨୫ବର୍ଗଫୁଟର ଦୋକାନ ଘରକୁ ୧୧୨ଜଣ ଦୋକାନୀଙ୍କ ମଧ୍ୟରେ ଆବଣ୍ଟନ କରାଯାଇଛି। ଏବଂ ୪ଟି ପର୍ଯ୍ୟାୟରେ ଦୋକାନ ବାବଦ ଅର୍ଥକୁ ପୈଠ କରିବାକୁ ସମୟ ଧାର୍ଯ୍ୟ କରାଯାଇଥିଲା। ତେବେ ପ୍ରକଳ୍ପ କାର୍ଯ୍ୟରେ ବିଳମ୍ବ ଓ ଅନ୍ୟାନ୍ୟ କାରଣରୁ ବର୍ତ୍ତମାନ ସୁଦ୍ଧା ସମସ୍ତ ଦୋକାନୀ ନିଜର ଇନଷ୍ଟଲମେଣ୍ଟ ବାବଦ ଅର୍ଥ ପୈଠ କରିନଥିବା ଜଣାପଡିଛି। ଏଥିପାଇଁ ନଭେମ୍ବର ୩ତାରିଖ ସୁଦ୍ଧା ସମସ୍ତ ଦୋକାନୀଙ୍କୁ ନିଜର ତୃତୀୟ ଇନଷ୍ଟଲମେଣ୍ଟ ପୈଠ କରିବାକୁ ବିଇଡିଏ କର୍ତ୍ତୃପକ୍ଷ ମହଲତ ଦେଇଛନ୍ତି। ସେହିଭଳି ମୋଟ ୧୧୨ଜଣ ଦୋକାନୀଙ୍କ ମଧ୍ୟରୁ ୮୭ଜଣ ସେଲ ଏଗ୍ରିମେଣ୍ଟ ସମ୍ପାଦନ କରିଥିବା ବେଳେ ଅବଶିଷ୍ଟ ୨୫ଜଣ ଏପର୍ଯ୍ୟନ୍ତ କରିନଥିବା ଆଲୋଚନା ବେଳେ ଜଣାପଡିଛି। ଏନେଇ ପୂର୍ବରୁ ଦୁଇଟି ନୋଟିସ ଜାରି ହୋଇଥିବା ବେଳେ ବର୍ତ୍ତମାନ ତୃତୀୟ ନୋଟିସ ଜାରି କରାଯିବ ବୋଲି କହିଛନ୍ତି ବିଇଡିଏ ଉପାଧ୍ୟକ୍ଷ। ନୋଟିସ ଜାରି ହେବାର ୧୫ଦିନ ମଧ୍ୟରେ ତାହାକୁ କାର୍ଯ୍ୟକାରୀ କରିବାକୁ ହେବ। ନଭେମ୍ବର ପୂର୍ବରୁ ରେଜିଷ୍ଟ୍ରେସନ ଓ ସୋସାଇଟି ଗଠନ କରି ତାହାର ପଞ୍ଜିକରଣ କରିବା ମଧ୍ୟ ଜରୁରୀ। ସୋସାଇଟି ଗଠନ ପାଇଁ ମେମୋରେଣ୍ଡମ, ବାଇ-ଲ, ସଦସ୍ୟଙ୍କ ପରିଚୟ ପତ୍ର ସଂଗ୍ରହ, ବ୍ୟାଙ୍କ ଜମା, ସାଧାରଣ ବୈଠକ ଜରିଆରେ କର୍ମକର୍ତ୍ତା ନିର୍ବାଚନ ଅଥବା ଚୟନ କରିବାକୁ ହେବ ବୋଲି ବିଇଡିଏ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଉପସ୍ଥିତ ସମସ୍ତ ଦୋକାନୀଙ୍କୁ ଅବଗତ କରାଯାଇଛି। ନିର୍ଦ୍ଧାରିତ ସମୟରେ ଦୋକାନୀମାନେ ବକେୟା ଇନଷ୍ଟଲମେଣ୍ଟ ପୈଠ କରିବାକୁ ରାଜି ହୋଇଥିଲେ ହେଁ ନିର୍ମାଣ ଓ ଇଣ୍ଟେରିଅର କାର୍ଯ୍ୟ ଯଥାଶୀଘ୍ର ଶେଷ କରିବାକୁ ବିଇଡିଏ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ସେପଟେ ଦୋକାନ ଗୃହ ହସ୍ତାନ୍ତର ପରେ ତୁରନ୍ତ ପରିବର୍ତ୍ତେ ବରଂ ପ୍ରଥମ ୬ମାସ ବିଇଡିଏ କର୍ତ୍ତୃପକ୍ଷ ଏହାର ପରିଚାଳନା ନିଜ ହାତରେ ରଖିବାକୁ ଦୋକାନୀମାନେ ପ୍ରସ୍ତାବ ଦେଇଥିଲେ। ଯେଉଁଥିରେ ବିଇଡିଏ କର୍ତ୍ତୃପକ୍ଷ ରାଜି ହୋଇଥିବା କହିଛନ୍ତି ଦୋକାନୀ ସୁବାଷ ପାତ୍ର। ବର୍ତ୍ତମାନ ପରିପ୍ରେକ୍ଷୀରେ ଗଞ୍ଜାମ ହାଟକୁ କାର୍ଯ୍ୟକାରୀ କରିବା ବିଇଡିଏର ପ୍ରାଥମିକତା। ଏହା ପରେ ଗେଟବଜାର ଠାରେ ଓଭର ବ୍ରିଜ ନିର୍ମାଣ ପାଇଁ ତୁଡୁମା କଲୋନୀଠାରେ ଅସ୍ଥାୟୀ ବସଷ୍ଟାଣ୍ଡ ନିର୍ମାଣ କରିବା ଉପରେ ଧ୍ୟାନ ଦିଆଯିବ ବୋଲି କହିଛନ୍ତି ବିଇଡିଏ ଉପାଧ୍ୟକ୍ଷ ପ୍ରଥମେଷ ଅରବିନ୍ଦ ରାଜସିର୍କେ।

● ବିଇଡିଏ କର୍ତ୍ତୃପକ୍ଷ ଓ ଦୋକାନୀଙ୍କ ମଧ୍ୟରେ ସମନ୍ୱୟ ବୈଠକ
● ନଭେମ୍ବର ୩ସୁଦ୍ଧା ତୃତୀୟ ଇନଷ୍ଟଲମେଣ୍ଟ ଓ ବକେୟା ପୈଠ ଲାଗି ମହଲତ
● ପ୍ରଥମ ୬ମାସର ପରିଚାଳନା ଦାୟିତ୍ୱ ବିଇଡିଏ ତୁଲାଇବାକୁ ଦୋକାନୀଙ୍କ ପ୍ରସ୍ତାବ

## ମୋବାଇଲ ଲୁଟ୍ ମାମଲାରେ ୨ଗିରଫ

ବ୍ରହ୍ମପୁର,୧୩ା୧୦(ସମିସ): ମୋବାଇଲ ଲୁଟ ମାମଲାରେ ଗୋପାଳପୁର ଥାନା ପୁଲିସ ଆଜି ଦୁଇ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବଡ଼ବଜାର ଥାନା ସୁକୁଣ୍ଡା ଉତ୍ତରମୁଖୀର ଶ୍ରୀଧର ସାହୁ ଓ ସଦର ଥାନା ଆଙ୍କଶପୁରର ଜଣେ ୧୭ ବର୍ଷିଆ ନାବାଳକ। ପୁଲିସ ସେମାନଙ୍କ ନିକଟରୁ ୩ଟି ଚୋରି ମୋବାଇଲ ଓ ବ୍ୟବହାର କରିଥିବା ସ୍କୁଟି ଜବତ କରିଛି। ଅଭିଯୁକ୍ତ ଶ୍ରୀଧର ନାମରେ ପୂର୍ବରୁ ବଡ଼ ବଜାର, ଗୋଷାଣୀନୁଆଁଗା ଓ ଗୋଳନ୍ଥରା ଥାନାରେ ବିଭିନ୍ନ ମାମଲା ରହିଥିବା ପୁଲିସ କହିଛି। ସୂଚନାଯୋଗ୍ୟ ଯେ, ଚଳିତମାସ ୧୦ତାରିଖରେ ଛତ୍ରପୁର ଅଞ୍ଚଳର ପ୍ରୀତବାସ ପାତ୍ର ରଣ୍ଡା ଅଞ୍ଚଳରୁ ନିଜ ଗ୍ରାମ ଛତ୍ରପୁର ବାଇକ ଯୋଗେ ନିଜ ପରିବାର ସହ ଯାଉଥିବା ବେଳେ ତୁରା ଓଭରବ୍ରିଜ ନିକଟରେ ପଛପଟୁ ଏକ ସ୍କୁଟିରେ ଜଣେ ଯୁବକ ଆସି ପ୍ରୀତବାସଙ୍କ ସାର୍ଟ ପକେଟରୁ ମୋବାଇଲ ଝାମ୍ପି ଚମ୍ପଟ ମାରିଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ କେସ ନମ୍ବର ୩୪୯/୨୫ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଥିଲା। ପୁଲିସ ମୋବାଇଲ ଟ୍ରାକିଙ୍ଗ କରି ଆଜି ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ, ଏସଆଇ ଭବାନୀ ଶଙ୍କର ନାୟକ ଓ ଟିମ ୨ଜଣଙ୍କୁ ନିଜ ନିଜ ଗ୍ରାମରୁ କାବୁ କରି ସେମାନଙ୍କଠାରୁ ୩ଟି ମୋବାଇଲ ଓ ସ୍କୁଟି ଜବତ କରି ଶ୍ରୀଧରକୁ କୋର୍ଟଚାଲାଣ କରାଯାଇଥିବା ବେଳେ ନାବାଳକକୁ ସୁଧାର ଗୃହକୁ ପଠାଯାଇଥିବା ପୁଲିସ କହିଛି।




ହିତାଧିକାରୀଙ୍କୁ ମିଳୁନି ବର୍ଦ୍ଧିତ ଭତ୍ତା

# ଅପେକ୍ଷାରେ ୫ ହଜାରରୁ ଉର୍ଦ୍ଧ୍ୱ ଆବେଦନକାରୀ

ବ୍ରହ୍ମପୁର,୧୩ା୧୦(ସମିସ)

ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ବିଜେଡି ସରକାର ଅମଳର ଅନେକ ଯୋଜନାକୁ ବନ୍ଦ କରିଦେଇଥିବା ବେଳେ ଅନେକରେ ପରିବର୍ତ୍ତନ ଆଣିଛନ୍ତି। ଯଦ୍ୱାରା ହିତାଧିକାରୀଙ୍କୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ସରକାର ଗଠନ ପରେ ତରବରିଆ ଭାବେ ରାଜ୍ୟ ସରକାର ମଧୁବାବୁ ପେନସନ ଯୋଜନାରେ ୮୦ବର୍ଷରୁ ଉର୍ଦ୍ଧ୍ୱ ଏବଂ ଶତକଡା ୮୦ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ହିତାଧିକାରୀଙ୍କ ଭତ୍ତାକୁ ୧୨ଶହରୁ ୩ହଜାର ୫ଶହ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ତେବେ ତରବରିଆ ଭାବେ ଏହି ବାବଦ ଅର୍ଥ ଫେବୃଆରୀ ମାସରେ ପ୍ରଥମ ଥର ପାଇଁ ଦିଆଯାଇଥିବା ବେଳେ ଜୁନ୍ ମାସରେ ଦ୍ୱିତୀୟ ଥର ପାଇଁ ପ୍ରଦାନ କରାଯାଇଥିଲା। ହେଲେ ସମସ୍ତ ହିତାଧିକାରୀ ଏହି ସୁବିଧା ପାଇପାରିନଥିଲେ। ଅନେକ ହିତାଧିକାରୀ ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ ହୋଇ ନିଜ ନିଜ ଅଞ୍ଚଳର ଜନ ପ୍ରତିନିଧିଙ୍କ ପ୍ରତି ଅସନ୍ତୋଷ ବ୍ୟକ୍ତ କରିଥିଲେ। କେବଳ ବର୍ଦ୍ଧିତ ଭତ୍ତା ନୁହେଁ, ବରଂ ୨୦୨୪ମସିହା ପରଠାରୁ ବ୍ରହ୍ମପୁର ମହାନଗର ନିଗମକୁ ବିଭିନ୍ନ ବର୍ଗରେ ନୂତନ ହିତାଧିକାରୀ କୋଟା ଆସିନଥିବା ଜଣାପଡିଛି। ଗୋଟିଏ ପଟେ ଦେଢ଼ ବର୍ଷରୁ ଉର୍ଦ୍ଧ୍ୱ କାଳ କୋଟା ନଆସିବା ଏବଂ ଭତ୍ତା ବୃଦ୍ଧି ଯୋଗୁଁ ଆଶାୟୀ ହିତାଧିକାରୀଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଛି। ବର୍ଦ୍ଧିତ ଭତ୍ତା ପାଇବାକୁ ହେଲେ ଭୋଟର ପରିଚୟ ପତ୍ରର ବୟସକୁ ଗ୍ରହଣ କରାଯାଉଥିବା ବେଳେ ଏଥିରେ ମଧ୍ୟ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ସେପଟେ ୮୦ବର୍ଷରୁ ଅଧିକ ପ୍ରତିଶତ ଭିନ୍ନକ୍ଷମଙ୍କ ପାଇଁ ଭତ୍ତା ଅର୍ଥ ବୃଦ୍ଧି ହୋଇଥିବାରୁ ଏକ୍ଷେତ୍ରରେ ମଧ୍ୟ ବ୍ୟାପକ ଅନିୟମିତତା ଓ ଚଞ୍ଚକତା ହେଉଥିବା ଲୋକଲୋଚନକୁ ଆସିଛି। ଯଦ୍ୱାରା ବର୍ତ୍ତମାନ ଭିନ୍ନକ୍ଷମ ହିତାଧିକାରୀଙ୍କ ପ୍ରମାଣପତ୍ର ମଧ୍ୟ ଏକ ରକମର ଯାଞ୍ଚ କରାଯାଉଛି। ସେହିଭଳି ନୂତନ ଆବେଦନକାରୀଙ୍କ କ୍ଷେତ୍ରରେ ମଧ୍ୟ ପୋର୍ଟାଲରେ ସମସ୍ୟା ଦେଖାଦେଉଥିବାରୁ ହଜାର ହଜାର ସଂଖ୍ୟାରେ ଆବେଦନକାରୀ ପଞ୍ଜିକରଣ କରି କେଉଁଠି ପ୍ରମାଣପତ୍ର ପାଇଁ ଥିଆଉ କେଉଁଠି ଭତ୍ତା ରାଶିକୁ ଚାତକ ଭଳି ଚାହିଁ ରହିଛନ୍ତି। ବ୍ରହ୍ମପୁର ମହାନଗର ନିଗମର ମୋଟ ୪୨ଟି ୱାର୍ଡରେ ବର୍ତ୍ତମାନ ସୁଦ୍ଧା ୫ହଜାରରୁ ଅଧିକ ନୂତନ ଆବେଦନକାରୀ ରହିଥିବା ଜଣାପଡିଛି। ସେହିଭଳି ନବୀନ ପଟ୍ଟନାୟକଙ୍କ ସରକାର ଅମଳର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡକୁ ରଦ୍ଦ କରି ରାଜ୍ୟର ଡବଲ ଇଂଜିନ ସରକାର ଆୟୁଷ୍ମାନ କାର୍ଡକୁ କାର୍ଯ୍ୟକାରୀ କରିଛନ୍ତି। ତେବେ ଏହି ଯୋଜନାରେ ମଧ୍ୟ ଅନୁରୂପ ସମସ୍ୟା ଦେଖିବାକୁ ମିଳିଛି। ୮୦ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ବୟୋବନ୍ଦନ କାର୍ଡ ପାଇଁ ଫଟୋ ଉଠାଯିବାର ଦିର୍ଘ ୫ମାସ ବିତିଯାଇଥିଲେ ହେଁ ଏପର୍ଯ୍ୟନ୍ତ କାହାରିକୁ କାର୍ଡ ମିଳିପାରି ନାହିଁ। ଆୟୁଷ୍ମାନ କାର୍ଡ ଗୁଡିକରେ ଥିବା ବ୍ୟାପକ ତ୍ରୁଟି ଯୋଗୁଁ କାର୍ଡ ଗୁଡିକୁ ବଣ୍ଟନ କରିବାରେ ସମସ୍ୟା ଦେଖାଯାଇଛି। ଫଳରେ ବିଭିନ୍ନ ୱାର୍ଡରେ କର୍ପୋରେଟରଙ୍କ କାର୍ଯ୍ୟାଳୟରେ କାର୍ଡ ଗୁଡିକ ବଣ୍ଟନ କରାଯାଇନପାରି ପଡିରହିଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ସମାଜର ବିଭିନ୍ନ ବର୍ଗର ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ଏକ୍ଷେତ୍ରରେ ରାଜ୍ୟ ସରକାର ତଥା ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରି ଲୋକଙ୍କ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି।

● ୨୦୨୪ ଫେବୃଆରୀରୁ ବିଏମ୍‌ସିକୁ ଆସିନି ନୂତନ କୋଟା
● ନୂଆ ଭୋଟ ପରିଚୟ ପତ୍ର ଓ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନରେ ବିଳମ୍ବ



# ସମ୍ପାଦକୀୟ



ଲୋକଙ୍କ ଆଚରଣ ରୁଚିଶୀଳ ହେଲେ ବୈଶ୍ୱିକ ପରିବେଶ ମଧ୍ୟ ରୁଚିପୂର୍ଣ୍ଣ ହେବ।
-ଜର୍ଜ ଅରୱେଲ୍

ସକାଳ THE SAKALA

## ତାଲିବାନ ଚେତାବନୀ

ଭାରତ ଓ ଆଫଗାନିସ୍ତାନ ମଧ୍ୟରେ କୂଟନୈତିକ ଭିତ୍ତିଭୂମି ସୁଦୃଢ଼ ହେଉଥିବା ବେଳେ କାବୁଲ୍‌ରେ ପାକିସ୍ତାନ ପକ୍ଷରୁ ଏୟାରଷ୍ଟ୍ରାଇକ ଏକ ଭୁଲବାର୍ତ୍ତା ଦେଉଛି। ଏହି ଘଟଣାରେ ଭାରତ ଗସ୍ତରେ ଥିବା ଆଫଗାନ ବୈଦେଶିକ ମନ୍ତ୍ରୀ ଅମୀର ଖାନ ମୁତ୍ତାକୀ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ବୋମାମାଡ଼ର କାରଣ ଯାହା ହେଉନା କାହିଁକି ତାହା ଆଫଗାନିସ୍ତାନର ସାର୍ବଭୌମତ୍ୱ ପ୍ରତି ଆହ୍ୱାନ ସୃଷ୍ଟି କରିଛି। ଏପ୍ରକାର କାର୍ଯ୍ୟକଳାପର ପରିଣାମ ଅତିଭୟଙ୍କର ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ଏଠାରେ ସୂଚାଇ ଦିଆଯାଇ ପାରେ କି ୯/୧୧ ଆକ୍ରମଣ ଘଟଣାରେ ଆମେରିକା ପକ୍ଷରୁ ଆଫଗାନିସ୍ତାନ ବିରୋଧୀ ସାମରିକ କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନର ସହଯୋଗିତା କାବୁଲ୍ ପ୍ରତି ବିଶ୍ୱାସଘାତକତା। ତାହାର ପ୍ରତିଶୋଧ ନେବା ପାଇଁ ଟିଟିପି ଏବେ ମଧ୍ୟ ଇସଲାମାବାଦ ବିରୋଧୀ ଆତଙ୍କବାଦୀ କାର୍ଯ୍ୟକଳାପ ଜାରି ରଖିଛି। ସଂଗଠନର ନେତା ନୂର ୱାଲି ମେସୁଦ୍ ଓ ତାଙ୍କ ସହଯୋଗୀଙ୍କୁ ନିପାତ କରିବା ସକାଶେ ପାକିସ୍ତାନ ପକ୍ଷରୁ ଏହି ବୋମାମାଡ଼ କରାଯାଇଛି ବୋଲି ଦିଆଯାଇଥିବା ସ୍ପଷ୍ଟୀକରଣକୁ ଅମୀର ଗ୍ରହଣ କରିନାହାନ୍ତି। ଅନ୍ୟପକ୍ଷରେ ଭାରତ କାବୁଲ୍‌କୁ ସହଯୋଗିତା ଓ ସହଭାଗିତାର ହାତ ବଢ଼ାଇଥିବା ବେଳେ ପାକିସ୍ତାନର ଏହି ଅଚାନକ ଆକ୍ରମଣକୁ ଅସୂୟା ଓ ଅସହଣୀୟତା ବୋଲି କହାଯାଇପାରେ।

କାବୁଲରେ ଥିବା ଭାରତର ବୈଷୟିକ ମିସନ୍‌କୁ ଏକ ଦୂତାବାସରେ ପରିଣତ କରାଯିବ ପାଇଁ ହୋଇଥିବା ନିଷ୍ପତ୍ତି ପ୍ରେକ୍ଷାପଟରେ ଅମୀର କହିଛନ୍ତି ଯେ ତାଙ୍କ ଦେଶରେ ଭାରତ ବିରୋଧୀ କାର୍ଯ୍ୟକଳାପକୁ ପ୍ରଶ୍ରୟ ଦିଆଯିବ ନାହିଁ। ଆଫଗାନିସ୍ତାନର ପୁନଃନିର୍ମାଣ ଓ ମାନବିକ ସହାୟତାରେ ଭାରତ କେବଳ ଅଂଶୀଦାର ହେବ ନାହିଁ, ଖୁବ୍‌ଶୀଘ୍ର ଅନ୍ୟୂନ ୬ଟି ନୂତନ ବିକାଶ ପ୍ରକଳ୍ପ ଆରମ୍ଭ କରିବାକୁ ଯାଉଛି। ଏଥିସହ ଚିକିତ୍ସା କ୍ଷେତ୍ରରେ ନୂଆଦିଲ୍ଲୀ ବୈଷୟିକ ସହଯୋଗିତା ଓ ସହାୟତାର ହାତ ବଢ଼ାଇଛି। ମଧ୍ୟପ୍ରାଚ୍ୟ ପରିବର୍ତ୍ତନ ଦୃଶ୍ୟପଟରେ ଆଫଗାନିସ୍ତାନ ସୀମା ସଂଲଗ୍ନ ଇରାନ ଉପକୂଳରେ ଚବାହାର ବନ୍ଦରରେ ଭରତର ନିବେଶ ଫଳପ୍ରଦ ହେବାର ସମ୍ଭାବନା ଉଜ୍ୱଳ ହୋଇଛି। ଆଫଗାନିସ୍ତାନ ସହ ସୁସଂପର୍କ ମାଧ୍ୟମରେ ମଧ୍ୟପ୍ରାଚ୍ୟ ସହ ଭାରତ ଆର୍ଥିକ ଓ ବାଣିଜ୍ୟିକ ସଂପର୍କକୁ ସୁଦୃଢ଼ କରିବାର ସମ୍ଭାବନା ଉଜ୍ୱଳ।

ଅନ୍ୟପକ୍ଷରେ ପାକିସ୍ତାନ ନିଜ ଦେଶରେ ଏକାଧିକ ଆତଙ୍କବାଦୀ ଗୋଷ୍ଠୀକୁ ଆଶ୍ରୟ ଓ ପ୍ରଶୟ ଦେଇ ଯେଉଁ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି ତାହା କ୍ରମେ ନିୟନ୍ତ୍ରଣ ବାହାରକୁ ପଳାଇଥିବାର ଅନୁଭୂତ ହେଉଛି। ଗତ କିଛିଦିନ ମଧ୍ୟରେ ପରିଲକ୍ଷିତ ଚରମ ଆଭ୍ୟନ୍ତରୀଣ ବିଶୃଙ୍ଖଳାରେ ୫୮ ରୁ ଉର୍ଦ୍ଧ୍ୱ ମୃତ ଶତାଧିକ ଆହତ ହୋଇଛନ୍ତି। ଏଡି ଘଟଣାରେ ଟିଟିପି ଓ ଟିଏଲପି ସଂଗଠନର ଭୂମିକା ରହିଛି। ଟିଟିପି ଏକ ପୁଲିସ ତାଲିମ କେନ୍ଦ୍ର ଉପରେ ସଂଘବଦ୍ଧ ଆକ୍ରମଣ କରିଥିବା ବେଳେ ଟିଏଲପି ଗାଜାଶାନ୍ତି ଯୋଜନା ବିରୋଧରେ ହିଂସାକାଣ୍ଡ ଭିଆଇଛନ୍ତି। ପରିସ୍ଥିତି ଏତେ ଭୟଙ୍କର ହୋଇଛି ଯେ ସେନାବାହୀନକୁ କାବୁଲରେ ବୋମାମାଡ଼ କରିବାକୁ ପଡ଼ିଛି। ଦେଶବାସୀଙ୍କୁ ଆଶ୍ୱସ୍ତ କରିବା ପାଇଁ ସରକାରଙ୍କ ପ୍ରଚାରକୁ ମିଛ ପ୍ରମାଣିକ କରି ଟିଟିପି ନେତା ମେସୁଦ୍ ଏକ ଭିଡିଓ ମାଧ୍ୟମରେ ସେ ସକ୍ରିୟ ଓ ସକ୍ଷମ ଥିବା ବାଦି କରିଛନ୍ତି। ନିଜ ଘର ସମ୍ଭାଳିବାକୁ ଅସମର୍ଥ ପାକିସ୍ତାନ ଏବେ ପଡ଼ୋଶୀ ରୋଷର ଶିକାର ହୋଇଛି। ଭାରତ ବିରୋଧରେ ପ୍ରୟୋଗ ପାଇଁ ପୋଷି ରଖିଥିବା ଆତଙ୍କବାଦୀ ଆଗାମୀ ଦିନରେ ପାକିସ୍ତାନର କାଳ ହୋଇପାରନ୍ତି।

## ମୃତ ଓ ଜୀବିତ ଦ୍ୱନ୍ଦ୍ୱ

ବିଭିନ୍ନ ଦୃଷ୍ଟିକୋଣରୁ ବିଚାରକଲେ ବିହାର ଏକ ବହୁଚର୍ଚ୍ଚିତ ରାଜ୍ୟ। ସବୁକ୍ଷେତ୍ର ଓ ସ୍ତରରେ ଅନଗ୍ରସର। ତେଣୁ ଜାତୀୟ ରାଜନୀତି ଏହାକୁ ଏକ ପ୍ରୟୋଗଶାଳା ରୂପେ ବ୍ୟବହାର କରିଆସିଛି। ଅନୁତ୍ପାଦନୀ ବା ଅଦରକାରୀ ହୋଇପଡ଼ିଛନ୍ତି ରାଜବାସୀ। କିଛି ବିନିମୟରେ ଏପରିକି ଅସୁମାରି ପ୍ରତିଶ୍ରୁତି ମାଧ୍ୟମରେ ରାଜନେତା ନିର୍ବାଚନ ଫସଲ ଅମଳ କରିଆସିଛନ୍ତି। ଅଥଚ ଜାତୀୟ ରାଜନୀତିରେ ଦିଗ ପରିବର୍ତ୍ତନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ବିହାର। କିନ୍ତୁ ପରିବର୍ତ୍ତିତ ବ୍ୟବସ୍ଥାରୁ ରାଜ୍ୟ ସୁଫଳ ହାସଲ କରିବାକୁ ଅସମର୍ଥ ହୋଇଛି। ସେହିଭଳି ସମଗ୍ର ଦେଶରେ ମତଦାତା ଶୁଦ୍ଧକରଣ ପ୍ରକ୍ରିୟା ଆରମ୍ଭ ହୋଇଛି ବିହାରରୁ। ତାହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ କେତେଦୂର ସଫଳ ହୋଇପାରିଛି ତାହା ତ ଭିନ୍ନ କଥା। ହେଲେ ଅନଗ୍ରସର ଓ ଅଶିକ୍ଷାରେ ନିପୀଡ଼ିତ ରାଜ୍ୟବାସୀ ପ୍ରତିବାଦର ସ୍ୱର ଉତ୍ତୋଳନ କରିଛନ୍ତି, ଯାହା ଅନ୍ୟ ରାଜ୍ୟବାସୀଙ୍କୁ ସଚେତନତାର ବାର୍ତ୍ତା ଦେଇଛି।

ଏହାମଧ୍ୟରେ ରାଜ୍ୟ ବିଧାନସଭା ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ତଥାକଥିତ ଏସଆଇଆର ବିରୋଧରେ ସର୍ବୋଚ୍ଚ ନ୍ୟାୟାଳୟରେ ଚାଲିଥିବା ମାମଲାର ଶୁଣାଣିରେ କିଛି ନିର୍ଣ୍ଣାୟକ ନିଷ୍ପତ୍ତି ହୋଇପାରିନି। ନିର୍ବାଚନ ଘୋଷଣା ପରେ ପ୍ରକ୍ରିୟାରେ ହସ୍ତକ୍ଷେପ କଲାଭଳି କୌଣସି ନିଷ୍ପତ୍ତି ଉପରେ ଥିବା କଟକଣାକୁ ସର୍ବୋଚ୍ଚ ଅଦାଲତ ଏକପ୍ରକାର ମାନିନେଇଛନ୍ତି। ଦୀର୍ଘ ୪ ମାସର ଅଦାଲତୀୟ କସରତ ଉଦ୍ଦେଶମୂଳକ ଥିଲା ଭଳି ମନେ ହୁଏ। ତେବେ ଅଦାଲତର ହସ୍ତକ୍ଷେପ ଓ ନିର୍ଦ୍ଦେଶ ନିର୍ବାଚନ ଆୟୋଗଙ୍କୁ ବାଧ କରିଛି ନିଜ ଘୋଷିତ ବ୍ୟବସ୍ଥାରେ ସଂଶୋଧନ ଆଣିବାକୁ। ଏସବୁ ସତ୍ତ୍ୱେ ୪୭ ଲକ୍ଷ ଭୋଟଙ୍କୁ ମତଦାତା ତାଲିକାରୁ ବାଦ ଦିଆଯାଇଛି। ଏହା ଅବଶ୍ୟ ଆୟୋଗଙ୍କ ପ୍ରଦତ୍ତ ପରିସଂଖ୍ୟାନ। କିନ୍ତୁ ଅସଲରେ ଏହି ସଂଖ୍ୟା ୬୫ ଲକ୍ଷରୁ ଅଧିକ ହୋଇପାରେ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଆୟୋଗଙ୍କ ପକ୍ଷରୁ ଚିଠା ମତଦାତା ତାଲିକା ଘୋଷଣା କରାଯାଇଥିଲେ ମଧ୍ୟ ସଚେତନତା ଅଭାବରୁ ସଂଶୋଧନ ଆବେଦନ ସେଭଳି ଆଖିଦୃଶିଆ ହୋଇପାରିନଥିଲା। କିନ୍ତୁ ନିର୍ବାଚନ ଘୋଷଣା ପରେ ପରେ ଭୋଟର ତାଲିକାରେ ମୃତକ ଦର୍ଶାଯାଇଥିବା ମତଦାତା ସଚେତନ ହୋଇପଡ଼ିଛନ୍ତି। ସେମାନେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଛନ୍ତି। ଏପରିକି ନିଜେ ଉପସ୍ଥିତ ରହି ସେମାନେ ମୃତ ନୁହନ୍ତି ବୋଲି ଦର୍ଶାଇବାରୁ ତାଲିକା ପୁନଃସଂଶୋଧନ ସକାଶେ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ଗ୍ରାମାଞ୍ଚଳରେ ଏହି ସଚେତନତା ବୃଦ୍ଧି ପାଇଥିବାରୁ ସ୍ଥାନୀୟ ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ସେମାନଙ୍କ ନିକଟରେ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶିତ ପ୍ରମାଣପତ୍ର ନଥିଲେ ମଧ୍ୟ ଆଧାର କାର୍ଡ ବିଶେଷ ସହାୟକ ହୋଇଛି। ଏକ ପର୍ଯ୍ୟବେକ୍ଷଣରୁ ଜଣାପଡ଼ିଛି ଯେ ତଥାକଥିତ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ମହିଳା ଓ ସଂଖ୍ୟାଲଘୁ ମତଦାତା।

ବହିରାଗତଙ୍କୁ ନେଇ କ୍ଷମତାକେନ୍ଦ୍ର ଓ ନିର୍ବାଚନ ପ୍ରଶାସନ ପକ୍ଷରୁ ଯେଭଳି ପ୍ରସଙ୍ଗ କରାଯାଇଛି ତାହା ଯେ ଅମୂଳକ ଏହି ମତଦାତା ଶୁଦ୍ଧିକରଣରୁ ପ୍ରକ୍ରିୟାରୁ ସ୍ପଷ୍ଟ ହୋଇଛି। ଭୋଟର ତାଲିକାରୁ ବାଦ ପଡ଼ିଥିବା ୩୧୯୫ ଜଣଙ୍କ ମଧ୍ୟରୁ ୭୮ ମୁସଲମାନ (ବାଂଲାଦେଶ) ଓ ଅବଶିଷ୍ଟ ନେପାଳର ହିନ୍ଦୁ ଅଧିବାସୀ। ଅଥଚ ଏହାକୁ ନିର୍ବାଚନ ପ୍ରଚାରରେ ମୁଖ୍ୟ ପ୍ରସଙ୍ଗ କରାଯାଇଛି।

# ଶିକ୍ଷାରେ ସଂଖ୍ୟାଲଘୁ ଅଧିକାର

ସୌଭାଗ୍ୟ ସୁନ୍ଦରରାୟ

ଦେଶରେ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ଶିକ୍ଷା ଅଧିକାର ଆଇନ (ଆରଟିଇ) ଅନ୍ତର୍ଭୁକ୍ତ ହେବେ ନା ନାହିଁ ସେଥିନେଇ ଏକ ବିବାଦ ଗତ କିଛିଦିନ ଧରି ମୁଣ୍ଡ ଟେକିଛି। ଗତ ସେପ୍ଟେମ୍ବର ମାସରେ ସର୍ବୋଚ୍ଚ ନ୍ୟାୟାଳୟର ଏକ ରାୟକୁ ନେଇ ଏହି ବିବାଦ ସୃଷ୍ଟି ହୋଇଛି। ଶିକ୍ଷକ ଯୋଗ୍ୟତା ପରୀକ୍ଷା ସଂକ୍ରାନ୍ତ ଏକ ରାୟ ପ୍ରଦାନ କରିବା ଅବସରରେ ଶୀର୍ଷ ଅଦାଲତ ଏହି ପ୍ରସଙ୍ଗ ଉଠାଇଛନ୍ତି। ତେବେ କ'ଣ ପାଇଁ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ଶିକ୍ଷା ଅଧିକାର ଆଇନ ପରିସରଭୁକ୍ତ ହେବାକୁ ଚାହୁଁନହାନ୍ତି ତାହା ଏକ ପ୍ରଶ୍ନବାଚୀ।

ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ଆରଟିଇ ପରିସର ବାହାରେ ରହିବା ନିମନ୍ତେ ଯେଉଁ ଯୁକ୍ତି ଦର୍ଶାଉଛନ୍ତି ତାହା ଅଦାଲତର ୨୦୧୪ ମସିହାର ଏକ ରାୟ ଆଧାରିତ। ଦେଶର ସମସ୍ତ ଶିଶୁଙ୍କର ଶିକ୍ଷା ଲାଭ ପାଇବାର ଅଧିକାର ରହିଛି। ଅଥଚ ଆର୍ଥିକ ଅନଟନ, ପାରିବାରିକ ସମସ୍ୟା, ସାମାଜିକ ବ୍ୟବସ୍ଥା ଯୋଗୁଁ ବହୁ ଶିଶୁ ସର୍ବନିମ୍ନ ଶିକ୍ଷା ଲାଭ କରିପାରୁ ନାହାନ୍ତି। ଶିଶୁଟିଏ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଲାଭ କଲେ ସେ ନିଜ ପାଇଁ ଓ ପରିବାର ପାଇଁ ସଶକ୍ତ ହୋଇପାରିବ। ସମାଜ ମଧ୍ୟ ଏଥିରୁ ଉପକୃତ ହୋଇପାରିବ। ଆର୍ଥିକ ଅବସ୍ଥା ଜଣେ ଶିଶୁର ଶିକ୍ଷାରେ ଯେପରି ବାଧକ ନହୁଏ ତାହା ହୃଦୟଙ୍ଗମ କରି ଶିକ୍ଷା ଅଧିକାର ଆଇନ ପ୍ରଣୟନ କରାଯାଇଥିଲା। କଂଗ୍ରେସ ନେତୃତ୍ୱାଧୀନ ଉପା ସରକାରର ଏହା ଏକ ଯୁଗାନ୍ତକାରୀ ଦୂରଦୃଷ୍ଟି ସଂପନ୍ନ ଚିନ୍ତାଧାରା କହିଲେ ଅତ୍ୟୁକ୍ତି ହେବ ନାହିଁ। ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତ୍ୟେକ ଶିଶୁଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବା ରାଷ୍ଟ୍ରର ଦାୟିତ୍ୱ ବୋଲି ଆଇନରେ ବ୍ୟବସ୍ଥା କରାଯାଇଛି। ୨୦୦୯ ମସିହାରେ ଏହି ଆଇନ ପ୍ରଣୟନ କରାଯାଇ ୨୦୧୦ ମସିହାରୁ ଦେଶବ୍ୟାପୀ କାର୍ଯ୍ୟକାରୀ କରାଗଲା। ଏହି ଆଇନରେ ଘରୋଇ ବିଦ୍ୟାଳୟରେ ମଧ୍ୟ ୨୫% ଆସନ ଅନଗ୍ରସର ଶ୍ରେଣୀ ଶିଶୁଙ୍କ ପାଇଁ ସଂରକ୍ଷଣର ବ୍ୟବସ୍ଥା ରହିଛି। ଦେଖିବାକୁ ଗଲେ ଶିକ୍ଷା ଅଧିକାର ଆଇନ ଏକ ପ୍ରଗତିଶୀଳ ବ୍ୟବସ୍ଥା। ଏହା ଅନୁଷ୍ଠାନକୈନ୍ଦ୍ରିକ ବା ସଂପ୍ରଦାୟ କୈନ୍ଦ୍ରିକ ନୁହେଁ, ଶିଶୁକୈନ୍ଦ୍ରିକ। ଏହି ଆଇନ ଶିଶୁଙ୍କ ମୌଳିକ ଅଧିକାରକୁ ନେଇ ପ୍ରସ୍ତୁତ କରାଯାଇଛି, ଅନୁଷ୍ଠାନ ବା ବର୍ଣ୍ଣ ଆଧାରରେ ନୁହେଁ। ଏଣୁ ସଂଖ୍ୟାଲଘୁ ଭାବେ ଅନୁଷ୍ଠାନର ପ୍ରଶାସନିକ ଦିଗ ପ୍ରତି ଏତେ ଦୃଷ୍ଟି ଦିଆଯିବାର କୌଣସି ଆବଶ୍ୟକତା ନାହିଁ।

ଆରଟିଇ କାର୍ଯ୍ୟକାରୀ ହେବା ପରେ ଘରୋଇ ଶିକ୍ଷାନୁଷ୍ଠାନରେ ୨୫% ସ୍ଥାନ ସଂରକ୍ଷଣକୁ ନେଇ ଅଦାଲତରେ ମାମଲା ଦାୟର ହେଲା। ସରକାରୀ ଅଣସାହାଯ୍ୟପ୍ରାପ୍ତ ଘରୋଇ ଶିକ୍ଷାନୁଷ୍ଠାନର ସ୍ୱାୟତ୍ତତା ଉପରେ ଏହା ହସ୍ତକ୍ଷେପ ବୋଲି କୁହାଗଲା। ତେବେ ଅଦାଲତ ଏହି ସଂରକ୍ଷଣକୁ କାଏମ ରଖିଥିଲେ ମଧ୍ୟ ଅଣସହାୟତାପ୍ରାପ୍ତ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନକୁ ଏଥିରୁ ବାଦ ଦେଇଥିଲେ। ପରବର୍ତ୍ତୀ ସମୟରେ ୨୦୧୪ ମସିହାରେ ଆସିଲା ଏକ ରାୟ। 'ପ୍ରମତି ଏଜୁକେସନାଲ ଆଣ୍ଡ କଲଚରାଲ ଟ୍ରଷ୍ଟ ବନାମ କେନ୍ଦ୍ର ସରକାର' ମାଲାରେ ଅଦାଲତ ଏହି ରାୟ ଦେଇଥିଲେ। ତତ୍କାଳୀନ ପ୍ରଧାନ ବିଚାରପତି ଆର.ଏମ.ଲୋଧାଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସମ୍ବିଧାନ ଖଣ୍ଡପୀଠର ବିଚାରପତି ଏ.କେ.ପଟ୍ଟନାୟକ, ସୁଧାଂଶୁ ଜ୍ୟୋତି ମୁଖୋପାଧ୍ୟାୟ, ଦୀପକ ମିଶ୍ର ଓ ଏଫ.ଏମ ଇବ୍ରାହିମ କାଲିଫୁଲା ଏହି ରାୟ ବଳରେ ଗାଏମୋଟ ସମସ୍ତ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନକୁ ଆରଟିଆଇ ପରିସରରୁ ବାଦ ଦେଇଥିଲେ।

ଏହି ରାୟର ପୁନଃ ତର୍ଜମା ଆବଶ୍ୟକ ବୋଲି ଶିକ୍ଷକ ନିଯୁକ୍ତି ଯୋଗ୍ୟତା ପରୀକ୍ଷା ରାୟ ପ୍ରଦାନ ଅବସରରେ ସର୍ବୋଚ୍ଚ ନ୍ୟାୟାଳୟ ବିଚାରପତି ଦୀପଙ୍କର ଦତ୍ତ ଓ ମନମୋହନ ମତବ୍ୟକ୍ତ କରିଛନ୍ତି। ଦୁଇଜଣିଆ ଖଣ୍ଡପୀଠ ଚାକିରିଆ ଶିକ୍ଷକଙ୍କ ସମେତ ନୂଆ ଶିକ୍ଷକ ନିଯୁକ୍ତି ନିମନ୍ତେ ଶିକ୍ଷକ ଯୋଗ୍ୟତା ପରୀକ୍ଷାରେ ଉତ୍ତୀର୍ଣ୍ଣକୁ ବାଧ୍ୟତାମୂଳକ କରିଥିବା ବେଳେ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନକୁ ଏଥିରୁ ବାଦ ଦେଇଛନ୍ତି। ଯଦିଓ ଉଭୟ ବିଚାରପତି ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ସଂପର୍କରେ ନିଜର ରାୟ ପ୍ରଦାନ କରିପାରିଥା'ନ୍ତେ, କିନ୍ତୁ ପୂର୍ବରୁ ବୃହତ୍ତର ଖଣ୍ଡପୀଠ ଏ ସଂପର୍କିତ ରାୟ ପ୍ରଦାନ କରିଥିବାରୁ ପ୍ରସଙ୍ଗକୁ ପ୍ରଧାନ ବିଚାରପତିଙ୍କ ନିକଟକୁ ପଠାଇ ଦିଆଯାଇଛି। ଏବେ ଏହି ମାମଲାର ଶୁଣାଣି ନିହାତି ଭାବେ ୭ ଜଣିଆ ଖଣ୍ଡପୀଠରେ ହେବା ଆବଶ୍ୟକ।

କେନ୍ଦ୍ର ସଂଖ୍ୟାଲଘୁ ବିଭାଗ ମନ୍ତ୍ରାଳୟ ତଥ୍ୟ ଅନୁଯାୟୀ ଦେଶରେ ଏବେ ୧୩, ୦୦୦ରୁ ଉର୍ଦ୍ଧ୍ୱ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ରହିଛି। ଏଗୁଡ଼ିକ ମୁଖ୍ୟତଃ ମୁସଲିମ ବା ଖ୍ରୀଷ୍ଟ ଧର୍ମାବଲମ୍ବୀ ସମ୍ପ୍ରଦାୟ ଦ୍ୱାରା ପରିଚାଳିତ। ଏହି ସଂପ୍ରଦାୟ ଦ୍ୱାରା ଅନେକ ଉଚ୍ଚ ଶିକ୍ଷାନୁଷ୍ଠାନ ମଧ୍ୟ ପରିଚାଳିତ। ଖୁବ୍ ସ୍ୱଳ୍ପସଂଖ୍ୟକ ଅନୁଷ୍ଠାନ ପାର୍ସି, ଇହୁଦୀ, ବୌଦ୍ଧ ଧର୍ମାବଲମ୍ବୀଙ୍କ ଦ୍ୱାରା ପରିଚାଳିତ। ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ କହିଲେ ସଂଖ୍ୟାଲଘୁଙ୍କ ପାଇଁ ଉଦ୍ଦିଷ୍ଟ ବିଦ୍ୟାଳୟକୁ ବୁଝାଏ। ସଂପ୍ରଦାୟର ସ୍ୱାର୍ଥ, ସଂସ୍କୃତି, ଭାଷା ଓ ଜ୍ଞାନର ପ୍ରଦୀପ ପ୍ରଜ୍ୱଳିତ ରଖିବା ଏହାର ପ୍ରମୁଖ ଲକ୍ଷ୍ୟ। ତେବେ ଜାତୀୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ ତଥ୍ୟ ଅନୁଯାୟୀ ଏହି ବିଦ୍ୟାଳୟଗୁଡ଼ିକରେ ଅଣସଂଖ୍ୟାଲଘୁ ଛାତ୍ରଛାତ୍ରୀଙ୍କ ସଂଖ୍ୟା ସର୍ବାଧିକ ବୋଲି ଜଣାପଡ଼ିଛି। ପ୍ରାୟ ୬୨.୫% ଛାତ୍ରଛାତ୍ରୀ ଅଣସଂଖ୍ୟାଲଘୁ ସଂପ୍ରଦାୟର। ବିଦ୍ୟାଳୟରେ ଅନଗ୍ରସର ଶ୍ରେଣୀ ଛାତ୍ରଛାତ୍ରୀଙ୍କ ସଂଖ୍ୟା ମାତ୍ର ୮.୭%। ଏଥିରୁ ପ୍ରତୀୟମାନ ହେଉଛି ଯେ, ଶିକ୍ଷାନୁଷ୍ଠାନର ସଂଖ୍ୟାଗରିଷ୍ଠ ଛାତ୍ରଛାତ୍ରୀ ଅଣସଂଖ୍ୟାଲଘୁ, କିନ୍ତୁ ବିଦ୍ୟାଳୟ ପରିଚାଳନା ବ୍ୟବସ୍ଥା ସଂଖ୍ୟାଲଘୁ। ଏଥିରୁ ଧରିବାକୁ ପଡ଼ିବ ସଂଖ୍ୟାଲଘୁ ପରିଚାଳନା ବ୍ୟବସ୍ଥା ନାମରେ ଦେଶର ଶିକ୍ଷା ଅଧିକାର ଆଇନକୁ ବିଭିନ୍ନ ଆଳରେ ଅଦାଲତର କାଠଗଡ଼ାକୁ ଟାଣି ଭାରତୀୟ ସାମ୍ବିଧାନିକ ବ୍ୟବସ୍ଥାକୁ ଆଖିମିଟିକା ମାରିବାକୁ ଉଦ୍ୟମ ଚାଲିଛି। ଶିକ୍ଷକ ଯୋଗ୍ୟତା ମାନଦଣ୍ଡ ବାହାରେ ରହି ସଂପୃକ୍ତ ଅନୁଷ୍ଠାନ ନିଜ ମନମୁଖି ଯେକୌଣସି ଯୋଗ୍ୟତାପ୍ରାପ୍ତ ଶିକ୍ଷକଙ୍କୁ ନିଯୁକ୍ତି ଦେଇ ଶିକ୍ଷା ବ୍ୟବସ୍ଥାକୁ ନିମ୍ନଗାମୀ କରିବାକୁ ଉଦ୍ୟମ କରୁଥିବା କୁହାଯାଇପାରେ। ଯଦି ଏହି ଶିକ୍ଷାନୁଷ୍ଠାନ ଆରଟିଇ ବାହାରେ ରହିବେ ଏବଂ ଅନଗ୍ରସର ବର୍ଗ ପାଇଁ ୨୫% ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବେ ନାହିଁ, ତେବେ ନିଜ ସଂପ୍ରଦାୟର ଶିଶୁଙ୍କୁ ମଧ୍ୟ ଉପେକ୍ଷିତ କରିବା ନିମନ୍ତେ ଏମାନେ ଅଧିକାରପ୍ରାପ୍ତ। ତା'ହାଲେ ସଂଖ୍ୟାଲଘୁ ଅନୁଷ୍ଠାନର ଉଦ୍ଦେଶ୍ୟ କିପରି ସାଧିତ ହେଲା? ଏପ୍ରକାର ମାନସିକତାରେ ଦେଶରେ ଶିକ୍ଷା ସାର୍ବଜନୀନ ହୋଇପାରିବ ନାହିଁ କି ଶିକ୍ଷା ଅଧିକାର ଆଇନ ଲକ୍ଷ୍ୟ ମଧ୍ୟ ପୂରଣ ହୋଇପାରିବ ନାହିଁ।

ଆରଟିଇ କାର୍ଯ୍ୟକାରୀ ହେବା ପରେ ଦେଶର ପ୍ରାଥମିକ ବିଦ୍ୟାଳୟରେ ଉପସ୍ଥାନ ବଢ଼ିଛି। କିନ୍ତୁ ଶିକ୍ଷା ମାନରେ ସେଭଳି ଉନ୍ନତି ଘଟି ପାରିନାହିଁ। ପ୍ରଥମ ଏଜୁକେସନ ଫାଉଣ୍ଡେସନର ପ୍ରାଥମିକ ଶିକ୍ଷା ସଂକ୍ରାନ୍ତ ରିପୋର୍ଟରୁ ଜଣାପଡ଼ିଛି ଯେ, ଓଡ଼ିଶାର ତୃତୀୟ ଶ୍ରେଣୀରେ ଶିକ୍ଷାଲାଭ କରୁଥିବା ପ୍ରାୟ ୪୦% ବିଦ୍ୟାର୍ଥୀ ଦ୍ୱିତୀୟ ଶ୍ରେଣୀ ପୁସ୍ତକ ସଠିକ୍ ଭାବେ ପଢ଼ିପାରୁ ନାହାନ୍ତି। ତୃତୀୟ ଶ୍ରେଣୀର ୭୦% ଛାତ୍ରଛାତ୍ରୀ ଫେଡ଼ାଣ କରିପାରୁ ନାହାନ୍ତି। ରାଜ୍ୟର ପ୍ରାଥମିକ ବିଦ୍ୟାଳୟରେ ବିଭିନ୍ନ ବର୍ଗର ଶିକ୍ଷକ ପାଠ ପଢ଼ାଉଛନ୍ତି। ବହୁସ୍ଥାନରେ ଜାଲ ସାର୍ଟିଫିକେଟ ବଳରେ ଶିକ୍ଷକ ପଦବୀ ହାତେଇଛନ୍ତି। ବହୁ ଶିକ୍ଷକ ଶୁଦ୍ଧ ଭାବେ ଓଡ଼ିଆ ଲେଖିପାରୁ ନ ଥିବା ରିପୋର୍ଟ ପ୍ରକାଶ ପାଉଛି। ଏପ୍ରକାର ଶିକ୍ଷକଙ୍କୁ ଆମେ ଯୋଗ୍ୟ ବୋଲି କାହିଁକି ଧରିବା? ସେମାନଙ୍କର ଉପଯୁକ୍ତ ଯୋଗ୍ୟତା ଟିଇଟି ଦ୍ୱାରା ନିର୍ଦ୍ଧାରଣ ହେବାରେ କିଛି ସମସ୍ୟା ନାହିଁ। ସଂଖ୍ୟାଲଘୁ ସଂସ୍ଥାକୁ ଏଥିରୁ ବାଦ ଦିଆଗଲେ ସଂପୃକ୍ତ ବିଦ୍ୟାଳୟରେ ନିମ୍ନ ଯୋଗ୍ୟତାସଂପନ୍ନ ଶିକ୍ଷକ ନିଯୁକ୍ତି ଦିଆଗଲେ ସରକାରଙ୍କର କୌଣସି କର୍ତ୍ତୃତ୍ୱ ରହିବ ନାହିଁ। ଏପରି ହେଲେ ଶିକ୍ଷା ଫଳାଫଳ ନିମ୍ନଗାମୀ ହେବା ସ୍ୱାଭାବିକ।

ସମ୍ବିଧାନର ଧାରା ୩୦(କ) ସଂସ୍ଥା ପରିଚାଳନାରେ ସଂଖ୍ୟାଲଘୁଙ୍କ ଅଧିକାର ସୁରକ୍ଷିତ କରିଥିବା ବେଳେ ଧାରା ୨୧(କ) ଶିଶୁ ଶିକ୍ଷାକୁ ଏକ ମୌଳିକ ଅଧିକାରଭୁକ୍ତ କରିଛି। ତା'ହାଲେ କ'ଣ ପରିଚାଳନାଗତ ଅଧିକାରକୁ ସୁରକ୍ଷିତ କରାଯାଇ ଶିଶୁ ଅଧିକାରକୁ ଉପେକ୍ଷିତ କରାଯିବ? ଶିଶୁ ଅଧିକାର ପ୍ରଥମେ ସୁରକ୍ଷିତ ରହିବା ଆବଶ୍ୟକ। ପର୍ସନାଲ ଆଇନ ବଳରେ ସାମାଜିକ ଓ ଧାର୍ମିକ କ୍ଷେତ୍ରରେ ସଂଖ୍ୟାଲଘୁ ମୌଳିକ ଅଧିକାର ବଜାୟ ରଖନ୍ତୁ। ଶିକ୍ଷା କ୍ଷେତ୍ରରେ ତାହା ହେବା ଉଚିତ୍ ନୁହେଁ। ବହୁ ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନର ପରିଚାଳନା ବିବାଦରେ ରହିଛି। ମାମଲା ମଧ୍ୟ ଅଦାଲତର କାଠଗଡ଼ାରେ ରହିଛି। ଏକ୍ଷେତ୍ରରେ ସ୍ୱାୟତ୍ତତା ଓ ଅଧିକାର ନାମରେ ସ୍ୱେଚ୍ଛାଚାରିତା ମାନସିକତା ଅଧିକ ରହୁଥିବା ଦେଖାଯାଉଛି। ଯେଉଁ ଅନୁଷ୍ଠାନଗୁଡ଼ିକ ଅଧ୍ୟାତ୍ମିକ ବା ଧାର୍ମିକ ଶିକ୍ଷା ପ୍ରଦାନ କରୁଛନ୍ତି ସେମାନଙ୍କୁ ଏଥିରୁ ବାଦ ଦିଆଯାଇପାରେ। କିନ୍ତୁ ଆନୁଷ୍ଠାନିକ ଶିକ୍ଷା କ୍ଷେତ୍ରରେ କାର୍ଯ୍ୟରତ ସମସ୍ତ ଶିକ୍ଷାନୁଷ୍ଠାନକୁ ଆରଟିଇ ପରିସରଭୁକ୍ତ କରାଯିବା ଆବଶ୍ୟକ। ବମ୍ବେ ହାଇକୋର୍ଟ ଏବଂ ମାଡ୍ରାସ ହାଇକୋର୍ଟର ମଦୁରାଇ ବେଞ୍ଚ ନିଜ ରାୟରେ ସମସ୍ତ ଶିକ୍ଷାନୁଷ୍ଠାନକୁ ଆରଟିଇ ପରିସରଭୁକ୍ତ କରିବାକୁ ମତ ରଖିଛନ୍ତି। ଏଣୁ ଶିଶୁ ଶିକ୍ଷା ଅଧିକାର ସୁରକ୍ଷା ନିମନ୍ତେ ସର୍ବୋଚ୍ଚ ନ୍ୟାୟାଳୟ ଏହି ମାମଲାର ତୁରନ୍ତ ଶୁଣାଣି କରିବା ଆବଶ୍ୟକ। ୨୦୧୪ ମସିହା ସମ୍ବିଧାନ ଖଣ୍ଡପୀଠ ରାୟକୁ ପୁନଃସମୀକ୍ଷା କରିବା ପାଇଁ ସରକାର ମଧ୍ୟ ସମ୍ବିଧାନ ସଂଶୋଧନ କରିବା ଲାଗି ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ।

(ବରିଷ୍ଠ ସାମ୍ବାଦିକ)
କଟକ, ମୋ: ୯୪୩୭୨୨୯୨୩୩

# ଓଡ଼ିଶାର ହସ୍ତଶିଳ୍ପ ଏକ ଜୀବନ୍ତ ସାହିତ୍ୟ

ରାଜେଶ କୁମାର ତ୍ରିପାଠୀ

ହାତ ଯେତେବେଳେ ହୃଦୟ ସହିତ ଚାଲେ, ସେତେବେଳେ ମାଟି ଓ ମଣିଷ ମିଶି ଲେଖନ୍ତି ଜୀବନ ସାହିତ୍ୟ। ଓଡ଼ିଆ ହସ୍ତଶିଳ୍ପ ହେଉଛି ଆମ ମାଟିର ଆତ୍ମାର ଅଭିବ୍ୟକ୍ତି। ଏହା ଏମିତି ଏକ ଜୀବନ୍ତ ସାହିତ୍ୟ ଯେଉଁଠି ଶବ୍ଦ ନୁହେଁ - ହାତ କହେ। ରେଖା ଓ ରଙ୍ଗ ହେଉଛି ତାହାର ଅକ୍ଷର, ଆଉ ହୃଦୟ ହେଉଛି ତାହାର ସ୍ପନ୍ଦନ। ମାଟି, ଧାତୁ, ତନ୍ତ, ଶିଳା କିମ୍ବା ଘାସ - ଯେଉଁଠି ଓଡ଼ିଆ ମଣିଷ ପ୍ରଭୁଙ୍କୁ ସ୍ମରଣ କରି ହାତର ସ୍ପର୍ଶ ଦିଏ ସେଠାରେ ଜନ୍ମ ନେଉଥାଏ ଆତ୍ମାସ୍ପର୍ଶୀ କଳା। ଆମ ଲୋକଙ୍କ ହାତରେ ଗଢ଼ା ପଥର ମୂର୍ତ୍ତି, ତନ୍ତ ଶାଢ଼ି, ମାଟି ଦୀପ, ଘୋଡ଼ା କିମ୍ବା ତାରକସି - ଏ ସବୁ ହେଉଛି ଓଡ଼ିଆ ଆସ୍ଥା, ଶ୍ରମ ଓ ମନୁଷ୍ୟତାର ଜୀବନ୍ତ ପ୍ରତୀକ। ଓଡ଼ିଆ ହସ୍ତଶିଳ୍ପ କେବଳ କାରିଗରୀ ନୁହେଁ, ଏହା ହେଉଛି ଆମ ସଂସ୍କୃତିର ସ୍ୱର, ଆମ ହୃଦୟର ଗପ ଓ କବିତା।

ପଥର, ମାଟି, ଧାତୁ ଓ ରଙ୍ଗରେ ଲୁଚିଥିବା ଆତ୍ମା ଓଡ଼ିଆ ହାତରେ ପଡ଼ିଲେ ଜୀବନ ନେଇଥାଏ। ପଥର ଦେହରେ ଯେତେବେଳେ ମଣିଷ ହାତରେ ସ୍ୱପ୍ନ ଲେଖେ, ନିଏ ଶିଳ୍ପ, ଯାହା ଶାଶ୍ୱତ ଓ ଦିବ୍ୟ। ଲିଙ୍ଗରାଜ, ଜଗନ୍ନାଥ ଓ କୋଣାର୍କ ମନ୍ଦିର ଏହି ଅଦ୍ଭୁତ ସାଧନାର ଜୀବନ୍ତ ପ୍ରତୀକ। ସେହି ଶିଳାରେ ଖୋଦା ରେଖାଗୁଡ଼ିକ



କେବଳ କଳା ନୁହେଁ, ତାହା ହେଉଛି ଓଡ଼ିଆ ଚିତ୍ତର ଭକ୍ତି ଓ ବୁଦ୍ଧିର ସାହିତ୍ୟ। ପିତଳ ଦୀପ, ମାଟିର ପାତ୍ର କିମ୍ବା ଘୋଡ଼ା - ଏସବୁରେ ଅଛି ଜୀବନର ସ୍ପନ୍ଦନ।

ମାଟି ହେଉଛି ଓଡ଼ିଆ ଜୀବନର ମୂଳ ଆଉ ଶିଳ୍ପ ହେଉଛି ତାହାର ଭାଷା। ଟେରାକୋଟା ଘୋଡ଼ା, ପାତ୍ର, ଖେଳନା ଆଦି ମନୁଷ୍ୟ ଓ ଦେବତା ମଧ୍ୟରେ ଗଢ଼ିଛି ଏକ ନିର୍ମଳ ସେତୁ। ଗ୍ରାମଦେବୀଙ୍କ ପାଇଁ ଆଜି ମଧ୍ୟ ଦିଆଯାଉଥିବା ମାଟିର ଘୋଡ଼ା ସେହି ଆସ୍ଥାର ଶାଶ୍ୱତ ସଙ୍କେତ। ପିପିଲିର ଚାନ୍ଦୁଆ କାମ ହେଉଛି ରଙ୍ଗ, ଆଲୋକ ଓ ଆନନ୍ଦର ଉତ୍ସବ। ରଙ୍ଗ ଲଗା କପଡ଼ା ଖଣ୍ଡକୁ ଯୋଡ଼ି ତିଆରି ହୋଇଥିବା ଚାନ୍ଦୁଆ, ଛତା, ପଙ୍ଖା ଓ ଚିତ୍ରପଟ ଦେଖିଲେ ଲାଗେ ହାତ ଓ ରଙ୍ଗ ଏକାଠି ହୋଇ ଗାଉଛି ଜୀବନର ଗୀତ। ସୁବର୍ଣ୍ଣ ଘାସରେ ମହିଳାମାନଙ୍କ ହାତରେ ତିଆରି ଟୋକେଇ, ସପ ଓ ଗାଲିଚା ଦେଖିଲେ ଲାଗେ ଯେପରି ସାଧା ସାମଗ୍ରୀ ମଧ୍ୟ ସୁନ୍ଦରତା ଓ ସ୍ୱାଭିମାନର ପ୍ରତୀକ ହୋଇପାରେ। ଘାସ ଯେତେବେଳେ ଶିଳ୍ପ ହୁଏ, ସେତେବେଳେ ମାଟିର ସହିଷ୍ଣୁତା ଓ ମଣିଷର ସାଧନା ଏକାଠି ହୋଇ ଗାଉଥାଏ ଜୀବନର ସ୍ତୋତ୍ର।

ଓଡ଼ିଆ ଶାଢ଼ି ହେଉଛି ଆମ ଆତ୍ମାର ବସ୍ତ୍ର। ସମ୍ବଲପୁରୀ ହେଉ କି ବରହମପୁରୀ, ପ୍ରତ୍ୟେକ ଶାଢ଼ି ଗୋଟିଏ ଅଞ୍ଚଳର ସଙ୍ଗୀତ ଓ ଜୀବନର ଗାଥା। ଶଙ୍ଖ, ଫୁଲ, ଲତା - ଏହି ଛାପ ଓଡ଼ିଆ ନାରୀର ସାହସ, ସଂସ୍କାର ଓ ସୌନ୍ଦର୍ଯ୍ୟକୁ ବୁଣି ରଖିଛି। ଏହା କେବଳ ବସ୍ତ୍ର ନୁହେଁ, ଶ୍ରମ ଓ ସ୍ୱାଭିମାନର ଶିଳ୍ପିତ ଅନୁବାଦ। ସେପରି କଟକର ତାରକସି କାମ ଓଡ଼ିଆ କାରିଗରୀର ମହିମା। ସୂକ୍ଷ୍ମ ରୁପା ତାରରେ ଗଢ଼ିଥିବା ରଥ, ଅଳଙ୍କାର ଓ ଦେବତା ଆକୃତିଗୁଡ଼ିକ କେବଳ ଦେଖିବାକୁ ସୁନ୍ଦର ନୁହେଁ, ବରଂ ମନୁଷ୍ୟ ଧୈର୍ଯ୍ୟ ଓ ଆସ୍ଥାର ଦିବ୍ୟ ପ୍ରତୀକ। ପ୍ରତ୍ୟେକ ତାର ହେଉଛି ଶ୍ରଦ୍ଧା ଓ ସାଧନାର ଏକ ସୂତ୍ର, ଯାହା ଆଜି ମଧ୍ୟ ଓଡ଼ିଆ ହୃଦୟକୁ ଗର୍ବିତ କରେ।

ପିତଳ କିମ୍ବା ମାଟିର ଦୀପ ଯେପରି ଘରକୁ ଆଲୋକିତ କରେ, ସେହିପରି ଓଡ଼ିଆ ହସ୍ତଶିଳ୍ପ ଆମ ସଂସ୍କୃତି ଓ ଆଶାକୁ ଆଲୋକିତ କରେ। ଆଜି ସାରା ବିଶ୍ୱ ଯେତେବେଳେ ଅଟୋମେସନ ଓ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସରେ ମନୁଷ୍ୟତା ଖୋଜୁଛି, ଓଡ଼ିଶା ତା'ର ହସ୍ତଶିଳ୍ପ ମାଧ୍ୟମରେ ସ୍ମରଣ କରାଉଛି ଯେ ସବୁଠାରୁ ବଡ଼ ଟେକନୋଲୋଜି ହେଉଛି ମଣିଷ ହାତ। ଆଉ ସବୁଠାରୁ ଶକ୍ତିଶାଳୀ ସଫ୍ଟୱେୟାର ହେଉଛି ତାହାର ହୃଦୟ। ଓଡ଼ିଆ ହସ୍ତଶିଳ୍ପ ଆଜି କେବଳ ଗତଐତିହ୍ୟ ନୁହେଁ, ଏହା ଆଗାମୀ କାଲିର ଆଶା ମଧ୍ୟ। ପରିବର୍ତ୍ତିତ ସମୟରେ ଏହା ମାନବତା, ସୃଜନ ଓ ସମ୍ମିଳନର ଏକ ମଡେଲ୍ ଭାବେ ଉଦିତ ହେଉଛି।

ଯଦି ଆମେ ଆମ ଶିଳ୍ପକୁ ସମୟ ସହିତ ଯୋଡ଼ି ରଖିପାରିବୁ, ନବତନ୍ତ୍ରର ସହିତ ଯୋଗାଯୋଗ ରଖି ତା'ର ଆତ୍ମାକୁ ଅକ୍ଷୁଣ୍ଣ ରଖିପାରିବୁ, ତେବେ ଓଡ଼ିଶା ହସ୍ତତନ୍ତ୍ର ଶିଳ୍ପ ସଂସ୍କୃତିର ବତୀଘର ହୋଇପାରିବ। ଯେତେବେଳେ ହାତ ହୃଦୟ ସହିତ ଚାଲେ ଏବଂ ସେହି ହାତ ସମୟ ସହିତ ତାଳ ଦିଏ, ସେତେବେଳେ ଜନ୍ମ ନେଉଥାଏ ଏମିତି ହସ୍ତଶିଳ୍ପ, ଯାହା କେବଳ ନିଜ ଅଞ୍ଚଳ ନୁହେଁ, ସାରା ପୃଥିବୀର ଆତ୍ମାକୁ ଆଲୋକିତ କରିପାରେ।

ଭୁବନେଶ୍ୱର, ମୋ: ୯୬୯୨୩୩୩୦୩୧

## ପ୍ରାଣଘାତୀ ବାଣ ଓ ବାଜା

ଶ୍ରୀନନ

ବିଜ୍ଞାନ ବାର୍ତ୍ତା

ପ୍ରାୟ ପ୍ରତ୍ୟେକ ସାର୍ବଜନୀନ ଉତ୍ସବ ପାଳନ ଅବସରରେ ଆମେ ପ୍ରାଥମିକତା ଦେଉଛୁ ବାଣ ଓ ବାଜାକୁ। ପରିବେଶ ଓ ପରିସଂସ୍ଥାକୁ ଗୁରୁତ୍ୱ ଦେଉଥିବା ଆମ ସଂସ୍କୃତିରେ ପୂଜାପାର୍ବଣ ସହିତ ଏହା କିପରି ସମ୍ମିଳିତ ହେଲା ତାହା ବୁଝି ହେଉନାହିଁ। ସାଧାରଣତଃ ବାଣରେ ଥାଏ ଆଲୁମିନିୟମ ଗୁଣ୍ଡ, ଗନ୍ଧକ, ଫସଫରସ, ପଟାସିୟମ ନାଇଟ୍ରେଟ୍, ବେରିୟମ ନାଇଟ୍ରେଟ୍ ଇତ୍ୟାଦି। ପୁନଶ୍ଚ ଏଥିରୁ ନିର୍ଗତ ଶିଖାକୁ ନାନାରଂଗ ପ୍ରଦାନ କରିବାକୁ ଏଥିସହିତ ଯୋଗ କରାଯାଇଥାଏ ସୋଡିୟମ, ତମ୍ବା, ବେରିୟମ ଧାତୁର ବିବିଧ ଲବଣ। ଏଣୁ ବାଣ ଫୁଟିଲେ ସେଥିରୁ ନିର୍ଗତ ହୁଏ ଅଙ୍ଗାରକାମ୍ଳ, କାର୍ବନ ମନୋକସାଇଡ, ଗନ୍ଧକର ଅକ୍ସାଇଡ ସମୂହ, ସୂକ୍ଷ୍ମ ଭାସମାନ କଠିନ ପଦାର୍ଥ, ଅଙ୍ଗାର ଓ ବିବିଧ ଧାତବ କଣିକା ଇତ୍ୟାଦି।

ଜନସ୍ୱାସ୍ଥ୍ୟ ଓ ପରିବେଶ ଉପରେ ଏଗୁଡ଼ିକର ପ୍ରଭାବ ବର୍ଣ୍ଣନା କରିବସିଲେ ପୁରାଣଟିଏ ହେବ। ଗନ୍ଧକର ଅକ୍ସାଇଡ୍‌ଗୁଡିକ ଆମ ଶ୍ୱାସକ୍ରିୟା ବ୍ୟବସ୍ଥାକୁ କ୍ଷତି ପାହଞ୍ଚାଲା ବେଳେ ଅମ୍ଳବୃଷ୍ଟି ମଧ୍ୟ କରାନ୍ତି। ସେହିପରି କାର୍ବନ ମନୋକସାଇଡ ରକ୍ତର ଅମ୍ଳଜାନବାହୀ ଗୁଣକୁ ପ୍ରତିହତ କରେ ଏବଂ ସୂକ୍ଷ୍ମ ଭାସମାନ କଠିନ ପଦାର୍ଥଗୁଡ଼ିକ ଶ୍ୱାସରୋଗଠାରୁ ହୃଦ୍‌ରୋଗ ଯାଏ ନାନାରୋଗର କାରଣ ଅଟନ୍ତି। ପୁନଶ୍ଚ ଅଙ୍ଗାରକାମ୍ଳ ତ ଏକନମ୍ବର ସବୁଜ ଗୃହ ବାଷ୍ପ। କ୍ଷୋଭର ବିଷୟ ଯେ ପର୍ବପର୍ବାଣୀ ଅବସରରେ ଆମେ ଏସବୁ ପ୍ରତି ଧ୍ୟାନ ନଦେଇ ମନଇଚ୍ଛା ବାଣ ଫୁଟାଇଥାଉ। ଫଳରେ ଦେଶର ପ୍ରାୟ ସମସ୍ତ ସହର ଓ ନଗରରେ ବାୟୁ ପ୍ରଦୂଷଣର ମାତ୍ରା ଅନେକ ଗୁଣ ବଢ଼ିଯାଏ।





ବିଭିନ୍ନ ପ୍ରକାର ଫଟକା ବାଣରୁ ନିର୍ଗତ ହୋଇଥାଏ ୮୦/୯୦ ରୁ ଆରମ୍ଭ କରି ୧୨୦/୧୪୦ ଡେସିବଲ ପର୍ଯ୍ୟନ୍ତ ଉଚ୍ଚଧ୍ୱନି। ଆମର ସାଧାରଣ ସହନୀୟ ସୀମା ହେଲା ୫୦ ରୁ ୬୦ ଡେସିବଲ। ଅତଏବ ଏହା ଆମ ସ୍ମୃତି ଓ ଶ୍ରବଣ ଶକ୍ତି ହ୍ରାସ କଲା ବେଳେ ମୁଣ୍ଡବ୍ୟଥା, ଛାତିରେ ଯନ୍ତ୍ରଣା, ଚର୍ମଜ୍ୱଳନ, ପାକସ୍ଥଳୀରେ ଘା, ହୃତସ୍ପନ୍ଦନ ହାର ବୃଦ୍ଧି, ହୃଦରୋଗ ସୃଷ୍ଟି କରେ ଏବଂ ଆମ ଚୟାପଚୟ ପ୍ରକ୍ରିୟା ଉପରେ କୁପ୍ରଭାବ ପକାଏ। ବିବିଧ ପର୍ବପର୍ବାଣୀ ଅବସରରେ ଧ୍ୱନି ପ୍ରଦୂଷଣ ଦିଲ୍ଲୀ, ମୁମ୍ବାଇ, କଲିକତା, ଲକ୍ଷ୍ନୌ, ଅହମ୍ମଦାବାଦ ଆଦି ନଗରୀମାନଙ୍କରେ ୧୩୦/୧୪୦ ଡେସିବଲ ଅତିକ୍ରମ କରିଯାଏ। ଏପରିକି ଆମ କଟକ ମଧ୍ୟ ଏଥିରୁ ବାଦ ପଡ଼େ ନାହିଁ।

ବାଣ ସହିତ ଏବର ସମସ୍ୟାକୁ ଅଧିକ ତୀବ୍ର କରୁଛି ବାଜା ଓ ଡାକବାଜି ଯନ୍ତ୍ର। ବିଭିନ୍ନ ବାଜାରୁ ୯୦ ରୁ ୧୪୦ ଡେସିବଲ ଧ୍ୱନି ନିର୍ଗତ ହେଉଥିବା ବେଳେ ଡାକବାଜି ଯନ୍ତ୍ର କ୍ଷେତ୍ରରେ ତାହା ୧୦୦ ରୁ ୧୩୦। ସହଜେ ତ ଗାଡ଼ି ମୋଟର, କଳାକାରଖାନା, ଉଡ଼ାଜାହାଜ ଆଦିଙ୍କ ଯୋଗୁଁ ବାୟୁ ଓ ଧ୍ୱନି ପ୍ରଦୂଷଣ ବଢ଼ି ଲାଗିଛି। ସେଥିସହିତ ଏହି ଦାୟିତ୍ୱହୀନ କାର୍ଯ୍ୟକଳାପ ସମସ୍ୟାଟିକୁ ଅଧିକ ଜଟିକ କରି ପକାଉଛି।

ବିଡ଼ମ୍ବନାର କଥା ଯେ ଏହାକୁ ଆମେ ଉପଭୋଗ କରୁଛୁ ଆମ ପ୍ରଚଳିତ ପରମ୍ପରା ଓ ଧର୍ମାନୁଷ୍ଠାନର ଦାହି ଦେଇ। ଏକଥା କହିଲାବେଳେ ଆମେ ଭୁଲି ଯାଉଛୁ ଯେ ମଣିଷର ଜୀବନଧାରା ଓ ଚେନତାକୁ ସମୁନ୍ନତ ଓ ଶୃଙ୍ଖଳିତ କରିବାକୁ ଧର୍ମ ଓ ପରମ୍ପରାର ସୃଷ୍ଟି। ଅତଏବ ସମାୟାନୁକ୍ରମେ ଏହା ମଧ୍ୟରେ ଯୁକ୍ତିସିଦ୍ଧ ପରିବର୍ତ୍ତନ ଆସିବା ନିତାନ୍ତ ଜରୁରୀ। ନଚେତ୍ ତାହା ହରାଇବା ବସିବ ପ୍ରାସଙ୍ଗିକତା।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଶିକ୍ଷାଦାନ ପାଇଁ ନାହାନ୍ତି ଅଧ୍ୟାପକ; କିରାଣି ସଜାଇଛି ଉଚ୍ଚଶିକ୍ଷା ବିଭାଗ

ଭୁବନେଶ୍ୱର,୧୩।୧୦ (ସମିସ): ପାଠ ପଢ଼ାଇବାକୁ ଉଚ୍ଚ ଶିକ୍ଷାନୁଷ୍ଠାନରେ ପର୍ଯ୍ୟାପ୍ତ ଅଧ୍ୟାପକ ନାହାନ୍ତି। ବିଶ୍ୱବିଦ୍ୟାଳୟରେ ପ୍ରାୟ ୬୨%ରୁ ଅଧିକ ଏବଂ ସରକାରୀ ମହାବିଦ୍ୟାଳୟ ଏବଂ ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକରେ ମଧ୍ୟ ୫୦%ରୁ ଅଧିକ ପଦ ଖାଲି ପଡ଼ିଛି। ଅପରପକ୍ଷେ, ଅନେକ ଅଧ୍ୟାପକ ଡେପୁଟେସନ୍‌ରେ ଉଚ୍ଚଶିକ୍ଷା ବିଭାଗରେ ନିୟୋଜିତ ହୋଇଛନ୍ତି। ଥରେ ବିଭାଗକୁ ବଦଳି ହୋଇଗଲେ ଫେରିବାକୁ କୁଣ୍ଠାବୋଧ କରୁଛନ୍ତି। ଯେନତେନ ପ୍ରକାରେ ଗାଦି ମାଡ଼ି ବସିବାକୁ ରାଜନୈତିକ ଚାପ ପ୍ରୟୋଗ କରୁଛନ୍ତି। ଫଳରେ ଶିକ୍ଷାନୁଷ୍ଠାନକୁ ପ୍ରତ୍ୟାବର୍ତ୍ତନ ପାଇଁ ନିର୍ଦ୍ଦେଶନାମାକୁ ମଧ୍ୟ ଖାତିର୍ କରୁନାହାନ୍ତି। ନିର୍ଦ୍ଦେଶନାମାକୁ ମାସାଧିକ କାଳ ବିତିଥିଲେ ମଧ୍ୟ ଶିକ୍ଷାନୁଷ୍ଠାନରେ ଯୋଗ ଦେଉନଥିବାରୁ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି।

ରାଜଧାନୀର ପ୍ରତିଷ୍ଠିତ ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଭାବେ କାର୍ଯ୍ୟରତ ଶୁଭ୍ରାଂଶୁ କୁମାର ବେହେରା ଦୀର୍ଘ ଦିନରୁ ଉଚ୍ଚଶିକ୍ଷା ବିଭାଗକୁ ଡେପୁଟେସନ୍‌ରେ ଯାଇଛନ୍ତି। ଗତ ସେପ୍ଟେମ୍ବର ୩ ତାରିଖରେ ତାଙ୍କୁ ବିଜେବି କଲେଜକୁ ପ୍ରତ୍ୟାବର୍ତ୍ତନ ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ମାସାଧିକ କାଳ ବିତିଥିଲେ ମଧ୍ୟ ସମ୍ପୃକ୍ତ ଅଧ୍ୟାପକ ଶିକ୍ଷାନୁଷ୍ଠାନରେ ଯୋଗ ଦେଇନାହାନ୍ତି। ଅନୁରୂପ ଭାବେ ବିଜେବି କଲେଜରେ ଛାତ୍ରୀଙ୍କୁ ଶାରୀରିକ ନିର୍ଯାତନା ଦେବା ଅଭିଯୋଗ ହେବା ପରେ ତତ୍କାଳୀନ କମ୍ପ୍ୟୁଟର୍ ସାଇନ୍ସ ବିଭାଗ ମୁଖ୍ୟ ଭାବେ କାର୍ଯ୍ୟରତ ଡ. ପାଣ୍ଡବ ପ୍ରଧାନଙ୍କୁ

- ପ୍ରତ୍ୟାବର୍ତ୍ତନ ନିର୍ଦ୍ଦେଶନାମାକୁ ଅବମାନନା କରୁଛନ୍ତି ଗାଦିମଡ଼ା
- ରାଜନୈତିକ ଚାପ ଆଗରେ ଅଧିକାରୀ ନାଚାର

ଉଚ୍ଚଶିକ୍ଷା ବିଭାଗକୁ ଡେପୁଟେସନ୍‌ରେ ପଠାଯାଇଥିଲା। ଗତ ସେପ୍ଟେମ୍ବର ୨୩ ତାରିଖରେ ତାଙ୍କୁ ନୂଆପଡ଼ାସ୍ଥିତ ମଡେଲ୍ ଡିଗ୍ରୀ କଲେଜକୁ ବଦଳି କରାଯାଇଛି। ଏହି ନିର୍ଦ୍ଦେଶନାମାକୁ ମଧ୍ୟ ପ୍ରାୟ ୨୦ଦିନ ବିତିଥିଲେ ମଧ୍ୟ ନୂତନ ଶିକ୍ଷାନୁଷ୍ଠାନରେ ଯୋଗ ଦେଇନାହାନ୍ତି। ଏପରିକି, ଉଭୟଙ୍କୁ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ରିଲିଭ୍ ମଧ୍ୟ କରାଯାଉନାହିଁ। ରାଜନୈତିକ ଚାପ ପ୍ରୟୋଗ କରି ଯେନତେନ ଉପାୟରେ ବିଭାଗରେ ହିଁ ରହିବାକୁ ଉଭୟେ କସରତ କରୁଥିବା ଅଭିଯୋଗ ହୋଇଛି। ଫଳରେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମାକୁ ମଧ୍ୟ ଏମାନେ ଖାତିର୍ କରୁନାହାନ୍ତି।

ସେହିପରି ବିଜେବି କଲେଜରେ ମାନବଶାସ୍ତ୍ର (ଆନ୍ଥ୍ରୋପୋଲୋଜି) ବିଭାଗର ସହକାରୀ ପ୍ରାଧ୍ୟାପିକା ସମ୍ପ୍ରୀତି ପଣ୍ଡା ଉଚ୍ଚଶିକ୍ଷା ବିଭାଗରେ ଓ ଅର୍ଥନୀତି ବିଭାଗର ସହକାରୀ ପ୍ରାଧ୍ୟାପିକା ଲିପ୍‌ସା ମିଶ୍ର ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦରେ ମଧ୍ୟ ଡେପୁଟେସନ୍‌ରେ ଅଛନ୍ତି। ଅନୁରୂପ ଭାବେ ରାଜଧାନୀ କଲେଜର ଉଦ୍ଭିଦ ବିଜ୍ଞାନ ବିଭାଗର ସହକାରୀ ଅଧ୍ୟାପକ ହୃଷୀକେଶ ନାୟକ, କଟକ ଶୈଳବାଳା ମହିଳା ମହାବିଦ୍ୟାଳୟର ଗଣିତ ବିଭାଗର ସହକାରୀ ଅଧ୍ୟାପିକା ପ୍ରଭାତୀ ମଞ୍ଜରୀ ମହାନ୍ତି, ପୁରୀ ମହିଳା ମହାବିଦ୍ୟାଳୟ ଅର୍ଥନୀତି ବିଭାଗର ସହକାରୀ ପ୍ରଧ୍ୟାପକ ଶରତ ମାଝୀ, ବାରିପଦା ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ସହକାରୀ ପ୍ରାଧ୍ୟାପିକା ରୂପଶ୍ରୀ ମହାପାତ୍ର ପ୍ରମୁଖ ଡେପୁଟେସନ୍‌ରେ ଯାଇ ବିଭାଗରେ କାର୍ଯ୍ୟରତ ଅଛନ୍ତି। ଏମାନଙ୍କ ସହ ବିଭିନ୍ନ ବିଏଡ୍ ଶିକ୍ଷାନୁଷ୍ଠାନରୁ ପ୍ରାୟ ୨୫ଜଣ ଅଧ୍ୟାପକ ବିଭାଗରେ କାର୍ଯ୍ୟରତ ଅଛନ୍ତି।

ଅଧ୍ୟାପକ ଅଭାବରୁ ଉଚ୍ଚ ଶିକ୍ଷାନୁଷ୍ଠାନର ଶୈକ୍ଷିକ ବାତାବରଣ ପ୍ରଭାବିତ ହେଉଛି। ଶିକ୍ଷାର ଗୁଣାତ୍ମକ ମାନ ହ୍ରାସ ପାଉଛି। ଅପରପକ୍ଷେ, ୟୁଜିସି ସ୍କେଲ୍‌ରେ ଦରମା ପାଉଥିବା ବରିଷ୍ଠ ଅଧ୍ୟାପକ/ଅଧ୍ୟାପିକାମାନେ ବିଭାଗକୁ ଯାଇ କିରାଣି କାମ କରୁଛନ୍ତି। ଅନେକଙ୍କୁ ନିର୍ଦ୍ଦିଷ୍ଟ ଦାୟିତ୍ୱ ମିଳି ନଥିବାରୁ କେବଳ ହାଜିରା ଦେଇ ଫେରୁଛନ୍ତି। ଆସିଷ୍ଟାଣ୍ଟ ପ୍ରଫେସର୍ ଷ୍ଟେଜ୍-୧, ଷ୍ଟେଜ୍-୨ ଓ ଷ୍ଟେଜ୍-୩ ରାଙ୍କର ଅଧ୍ୟାପକମାନେ ଯଦି କିରାଣି କାମ କରିବେ, ତାହେଲେ ଶିକ୍ଷାଦାନ କିଏ କରିବ ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି।

ସରକାରଙ୍କ ଦାୟିତ୍ୱହୀନ ଓ ଦୂରଦୃଷ୍ଟିବିହୀନ କାର୍ଯ୍ୟ ପାଇଁ ଶୈକ୍ଷିକ ମାନ କ୍ରମାଗତ ହ୍ରାସ ପାଉଥିବା ମଧ୍ୟ ସେମାନେ ଅଭିଯୋଗ କରିଛନ୍ତି। ଉଚ୍ଚଶିକ୍ଷା ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବା କଥା, ଉଚ୍ଚଶିକ୍ଷା ବିଭାଗ ଥଇଥାନ କେନ୍ଦ୍ରରେ ପରିଣତ ହୋଇଛି। ଡେପୁଟେସନ୍‌ରେ ନେବା ବା ସେମାନଙ୍କୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ପ୍ରତ୍ୟେକ ଦିନ ବିଭିନ୍ନ ରାଜନୈତିକ ବ୍ୟକ୍ତି ଚାପ ପକାଉଛନ୍ତି। ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମ୍ପର୍କୀୟଙ୍କୁ ବିଭାଗକୁ ଡେପୁଟେସନ୍‌ରେ ଆଣିବାକୁ ଏକପ୍ରକାର ପ୍ରତିଯୋଗିତା ଲାଗି ରହିଛି। ଫଳରେ ବିଭାଗରେ ମଧ୍ୟ ଏକପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଥିବା ସେ କହିଛନ୍ତି।

### କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡର ନିଷ୍ପତ୍ତି

## ଭବିଷ୍ୟନିଧି ପାଣ୍ଠିରୁ ସବୁ ଅର୍ଥ ଉଠାଇପାରିବେ ସଦସ୍ୟ

ନୂଆଦିଲ୍ଲୀ,୧୩।୧୦(ଏଜେନ୍ସି): ଏଣିକି କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଇପିଏଫ୍)ରୁ ସମ୍ପୂର୍ଣ୍ଣ ଅର୍ଥ ରାଶି ଉଠାଇପାରିବେ ସଦସ୍ୟ। ସୋମବାର କେନ୍ଦ୍ର ଶ୍ରମ ମନ୍ତ୍ରୀ ମନସୁଖ ମାଣ୍ଡଭିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ସର୍ବୋଚ୍ଚ ନୀତି ନିର୍ଦ୍ଧାରଣକାରୀ ସଂସ୍ଥା ସୋମବାର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ (ସିବିଟି) ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। କର୍ମଚାରୀଙ୍କୁ ସେମାନଙ୍କ ଆବଶ୍ୟକତା ପାଇଁ ସହଜରେ ପିଏଫ୍ ଉଠାଣ କରିବା ଏବଂ ସେମାନଙ୍କର ଅବସରକାଳୀନ ସଞ୍ଚୟକୁ ସୁଦୃଢ଼ କରିବା ପାଇଁ ଏପରି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି।

ବର୍ତ୍ତମାନ କେବଳ ତିନୋଟି ବର୍ଗରେ ଅତ୍ୟାବଶ୍ୟକ ଆବଶ୍ୟକତା (ରୋଗ, ଶିକ୍ଷା, ବିବାହ), ଗୃହ ଆବଶ୍ୟକତା (ଘର ସମ୍ବନ୍ଧୀୟ ଖର୍ଚ୍ଚ) ଏବଂ ବିଶେଷ ପରିସ୍ଥିତିରେ ସଦସ୍ୟମାନେ ଏବେ ସେମାନଙ୍କର ପିଏଫ୍ ଆକାଉଣ୍ଟରୁ ସମ୍ପୂର୍ଣ୍ଣ ବାଲାନ୍ସ (କର୍ମଚାରୀ ଏବଂ ନିଯୁକ୍ତିଦାତା ଉଭୟ ଅଂଶ ସମେତ) ଉଠାଣ କରିପାରିବେ। ପୂର୍ବରୁ, ଶିକ୍ଷା ଏବଂ ବିବାହ ପାଇଁ କେବଳ ୩ଥର ଉଠାଣ ଅନୁମତି ଥିଲା, କିନ୍ତୁ ବର୍ତ୍ତମାନ ଶିକ୍ଷା ପାଇଁ ୧୦ ଥର ଏବଂ ବିବାହ ପାଇଁ ୫ ଥର ଅର୍ଥ ଉଠାଣ କରାଯାଇପାରିବ। ଏହାସହିତ ସର୍ବନିମ୍ନ ସେବା ଅବଧିକୁ ୧୨ ମାସକୁ ହ୍ରାସ କରାଯାଇଛି, ଯାହା ପୂର୍ବରୁ ବିଭିନ୍ନ ଆବଶ୍ୟକତା ପାଇଁ ଭିନ୍ନ ରହିଥିଲା। ପୂର୍ବରୁ, ବିଶେଷ ପରିସ୍ଥିତିରେ (ଯେପରିକି ପ୍ରାକୃତିକ ବିପର୍ଯ୍ୟୟ, ବେକାରୀ କିମ୍ବା ମହାମାରୀ) ସଦସ୍ୟଙ୍କୁ ଟଙ୍କା ଉଠାଣ ପାଇଁ ଏକ କାରଣ ଦର୍ଶାଇବାକୁ ପଡୁଥିଲା, ଯାହା ପ୍ରାୟତଃ କ୍ଲେମ୍ ବା ଦାବିକୁ ପ୍ରତ୍ୟାଖ୍ୟାନ କରୁଥିଲା। ବର୍ତ୍ତମାନ ଏହି ଅସୁବିଧା ଦୂର ହୋଇଛି। ସଦସ୍ୟମାନେ ବିଶେଷ ପରିସ୍ଥିତିରେ ବିନା କୌଣସି କାରଣ ଦର୍ଶାଇ ଆକାଉଣ୍ଟରୁ ଟଙ୍କା ଉଠାଣ କରିପାରିବେ। ଇପିଏଫ୍‌ଓ ଏହା ମଧ୍ୟ ସୁନିଶ୍ଚିତ କରିଛି ଯେ ସଦସ୍ୟମାନେ ସର୍ବଦା ସେମାନଙ୍କ ଆକାଉଣ୍ଟରେ ସର୍ବନିମ୍ନ ୨୫% ବାଲାନ୍ସ ବଜାୟ ରଖିବେ। ଏହା ସଦସ୍ୟମାନଙ୍କୁ ୮.୨୫% ସୁଧ ହାର ଏବଂ ଚକ୍ରବୃଦ୍ଧି ସୁଧ ପାଇବା ସୁନିଶ୍ଚିତ କରିବ, ଯାହା ସେମାନଙ୍କୁ ଏକ ଯଥେଷ୍ଟ ଅବସର କର୍ପସ ପାଣ୍ଠି ଗଠନ କରିବାକୁ ସକ୍ଷମ କରିବ। ନୂତନ ନିୟମ ଅନୁଯାୟୀ, କୌଣସି ଡକ୍ୟୁମେଣ୍ଟ ଦାଖଲ କରିବାର ଆବଶ୍ୟକତା ରହିବ ନାହିଁ। ଟଙ୍କା ଉଠାଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ହେବ, ଯାହା ଦାବି ସମାଧାନକୁ ତ୍ୱରାନ୍ୱିତ କରିବ। ଏହା ସହିତ, ଅପରିପକ୍ୱ ଚୂଡ଼ାନ୍ତ ସମାଧାନ ପାଇଁ ଅବଧି ୨ ମାସରୁ ୧୨ ମାସକୁ ବୃଦ୍ଧି କରାଯାଇଛି ଏବଂ ଚୂଡ଼ାନ୍ତ ପେନସନ ଉଠାଣ ଅବଧି ୨ମାସରୁ ୩୬ ମାସକୁ ବୃଦ୍ଧି କରାଯାଇଛି।

- ୧୦୦% ପିଏଫ୍ ଉଠାଣକୁ ମଞ୍ଜୁରୀ
- ଶିକ୍ଷା ପାଇଁ ୧୦ ଥର, ବିବାହ ପାଇଁ ୫ ଥର ଟଙ୍କା ଅନୁମତି

### ଅନଲାଇନରେ ଇ-ଚାଲାଣ ଓଟିଏସ ରିହାତି ଅର୍ଥ ପଇଠ ସୁବିଧା

## ଇ-ଚାଲାଣ ପଇଠ ନକଲେ ରଦ୍ଦ ହେବ ଗାଡ଼ି ପଞ୍ଜୀକରଣ

କଟକ, ୧୩।୧୦ (ସମିସ): ବକେୟା ଥିବା ଟ୍ରାଫିକ୍ ଇ-ଚାଲାଣର ଏକକାଳୀନ ଫଇସଲା (ଓଟିଏସ) ପାଇଁ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ରିହାତି ଅର୍ଥରାଶି ପଇଠ ପାଇଁ ଏଣିକି ଆଉ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ) ଗୁଡ଼ିକୁ ଯିବାକୁ ପଡ଼ିବ ନାହିଁ। ଘରେ ବସି ଏହି ଇ-ଚାଲାଣ ପୈଠ କରିବାକୁ ପରିବହନ ବିଭାଗ ବ୍ୟବସ୍ଥା କରିଛି। ଏଥିପାଇଁ ପରିବହନ ବିଭାଗର ୱେବ୍‌ସାଇଟ୍ https://echallan.parivahan.gov.in/ରେ କ୍ଲିକ୍ କରିବା ସହ ନିର୍ଦ୍ଦିଷ୍ଟ ମାର୍ଗ ଅନୁସରଣ କରି ଚାଲାଣ ଅର୍ଥ ପଇଠ କରିହେବ ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି।

ପୂର୍ବରୁ ମୋଟର ଯାନ ଆଇନର ୧୭ଟି ଧାରା ପାଇଁ ଏହା ଲାଗୁ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଆଉ ୭ଟି ଧାରା ଏଥିରେ ସାମିଲ କରି ମୋଟ୍ ୨୪ଟି ଧାରା ପାଇଁ ଏହି ସୁବିଧା ଉପଲବ୍ଧ ହୋଇଛି। ୩୧ ଜୁଲାଇ ୨୦୨୫ ପର୍ଯ୍ୟନ୍ତ ଏହି ସମସ୍ତ ଧାରାରେ ଜାରି ହୋଇଥିବା ଇ-ଚାଲାଣକୁ ରିହାତିରେ ପୈଠ କରିହେବ। ଇ-ଚାଲାଣ ପୈଠ ନ କଲେ, ମୋଟର ଯାନ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା ରହିଛି ବୋଲି ରାଜ୍ୟ ପରିବହନ ପ୍ରାଧିକରଣ ତରଫରୁ କୁହାଯାଇଛି। ଏଥିପାଇଁ ଭବିଷ୍ୟତରେ ମୋଟର ଯାନ ସମ୍ବନ୍ଧୀୟ ବିଭିନ୍ନ ସେବା ସହ ଗାଡ଼ିର ପଞ୍ଜୀକରଣ ରଦ୍ଦ ଭଳି କାର୍ଯ୍ୟାନୁଷ୍ଠାନ କରାଯିବ। ବିଗତ କିଛି ବର୍ଷ ଧରି ଲକ୍ଷଲକ୍ଷ ସଂଖ୍ୟାରେ ମୋଟରଯାନ ବ୍ୟବହାରକାରୀଙ୍କ ବିରୋଧରେ ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନକାରୀଙ୍କ ଜାରି ଇ-ଚାଲାଣ ବକେୟା ରହିଛି। ଏକାସାଥୀରେ ପୈଠ କରି ୫୦ ପ୍ରତିଶତ ଯାଏଁ ରିହାତି ପାଇବେ ବୋଲି ବିଭାଗୀୟ ମନ୍ତ୍ରୀ କହିଛନ୍ତି। କୌଣସି ସୂଚନା ପାଇଁ ପରିବହନ ବିଭାଗର ୨୪ ଘଣ୍ଟିଆ ଟୋଲ୍ ଫ୍ରି ନମ୍ବର ୧୮୦୦୩୪୫୧୦୭୩ରେ ମଧ୍ୟ ଯୋଗାଯୋଗ କରିବାକୁ କୁହାଯାଇଛି।

### ବୋଲେରୋକୁ ଧକ୍କା ଦେଲା ଟ୍ରକ୍; ୩ ଗୁରୁତର

## ଚାଳକର ହାତ ଛିଣ୍ଡି ତଳେ ପଡ଼ିଲା

**ଖଲ୍ଲିକୋଟ,୧୩।୧୦(ସମିସ):** ସୋମବାର ଭୋର୍‌ରେ ୧୬ ନମ୍ବର ଜାତୀୟ ରାଜପଥରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ରାସ୍ତାକଡ଼ରେ ଖରାପ ହୋଇ ଛିଡ଼ା ହୋଇଥିବା ଏକ ଟ୍ରକ୍‌କୁ ଅତିକ୍ରମ କରୁଥିବା ବେଳେ ପଛପଟୁ ଆସୁଥିବା ଆଉ ଏକ ଟ୍ରକ ଦ୍ରୁତଗତିରେ ବୋଲେରୋକୁ ଧକ୍କା ଦେଇ ଚାଲି ଯାଇଥିଲା। ଫଳରେ



ବୋଲେରୋରେ ବସିଥିବା ୩ ଜଣ ଯାତ୍ରୀ ଗୁରୁତର ଆହତ ହୋଇଥିବା ବେଳେ ୭ ଜଣ ସାମାନ୍ୟ ଆହତ ହୋଇଥିଲେ। ଏହି ଦୁର୍ଘଟଣାରେ ବୋଲେରୋ ଡ୍ରାଇଭରଙ୍କ ହାତ ଛିଡ଼ି ତଳେ ପଡ଼ିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ବାଲୁଗାଁ ମେଡିକାଲରେ ଭର୍ତ୍ତି କରାଯାଇଛି।

ବ୍ରହ୍ମପୁର ନିକଟସ୍ଥ କନିସି ଅଞ୍ଚଳର ୧୦ଜଣ ଯାତ୍ରୀ ଏକ ବୋଲେରୋ ଯୋଗେ ଘଟଗାଁ ମା'ତାରିଣୀଙ୍କ ଦର୍ଶନ କରିବାକୁ ଯାଇଥିଲେ। ସେଠାରେ ତାରିଣୀ ଦର୍ଶନ କରି ରବିବାର ରାତିରେ କନିସି ଅଭିମୁଖେ ବାହାରିଥିଲେ। ଭୋର ପ୍ରାୟ ୪ଟାରେ ଗଞ୍ଜାମ-ଖୋର୍ଦ୍ଧା ଜିଲ୍ଲା ସୀମାରେ ଥିବା ଜଳିଶଙ୍ଖଠାରେ ପୂର୍ବରୁ ରାସ୍ତା କଡ଼ରେ ଖରାପ ହୋଇ ଛିଡ଼ା ହୋଇଥିବା ଏକ ଟ୍ରକକୁ ଅତିକ୍ରମ କରୁଥିବା ବେଳେ ହଠାତ ପଛପଟୁ ଆସୁଥିବା ଆଉ ଏକ ଟ୍ରକ ଦ୍ରୁତଗତିରେ ଆସି ବୋଲେରୋକୁ ଧକ୍କା ଦେଇ ଆଖି ପିଛୁଳାକେ ସେଠାରୁ ଚାଲି ଯାଇଥିଲା।

ଦୁର୍ଘଟଣା ପରେ ସେହି ରାସ୍ତାରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ନାଭାଲ ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଡ୍ରାଇଭରଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବାଲୁଗାଁ ମେଡିକାଲକୁ ପଠାଇ ସେଠାରେ ଫସି ରହିଥିବା ଯାତ୍ରୀଙ୍କ ପରିବାରଲୋକଙ୍କୁ ଖବର ଦେଇଥିଲେ। ଏହାସହ ଦୁର୍ଘଟଣାଗ୍ରସ୍ତ ବୋଲେରୋକୁ କ୍ରେନ ଦ୍ୱାରା ସେହି ସ୍ଥାନରୁ ହଟାଇବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ଖବର ପାଇ କନିସିରୁ ଅନ୍ୟ ଏକ ଗାଡି ଆସି ଯାତ୍ରୀଙ୍କୁ ନେଇ ବ୍ରହ୍ମପୁର ବଡ଼ ମେଡିକାଲ ଅଭିମୁଖେ ଯାଇଥିଲା। ବଡ଼ ମେଡିକାଲରେ ଚିକିତ୍ସା ପରେ ଯାତ୍ରୀମାନେ ଘରକୁ ଫେରିଯାଇଥିବା ଜଣାପଡ଼ିଛି।

## ଟ୍ୟାଙ୍କର୍-ବାଇକ୍ ଧକ୍କା; ଦୁଇ ମୃତ

ରାମନାଗୁଡ଼ା, ୧୩।୧୦ (ସମିସ): ରାୟଗଡ଼ା ଜିଲ୍ଲା ରାମନଗୁଡ଼ା ବ୍ଲକ୍ ଅନ୍ତର୍ଗତ ପାଲୁପାଇ ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ରାୟଗଡ଼ା ବ୍ଲକ୍‌ର ମୁନା ମିଣିଆକା(୧୮) ଏବଂ କୋଲନରା ବ୍ଲକର ଲେକାପାଇ ଗ୍ରାମର ରାହୁଲ ଉର୍ଲାକା (୧୮)। ସେମାନେ ରାମନଗୁଡ଼ା ବ୍ଲକ୍ ଅନ୍ତର୍ଗତ ଗୋସେଇଁଗୁଲୁମୁଣ୍ଡା ପଞ୍ଚାୟତ ଅଧୀନ ରେଖାଗୁଡ଼ାସ୍ଥିତ ଜଣେ ସଂପର୍କୀୟଙ୍କ ଘରକୁ ଆସିଥିଲେ। ଆଜି ଦୁହେଁ ଏକ ବାଇକ୍‌ରେ ୩୨୬ ନମ୍ବର ଜାତୀୟ ରାଜପଥରେ ଘରକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ତେଲ ଟ୍ୟାଙ୍କର୍ ପାଲୁପାଇ ନିକଟସ୍ଥ ବୁଲାଣିରେ ସେମାନଙ୍କୁ ଧକ୍କା ଦେଇଥିଲା। ରାମନାଗୁଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଦ୍ୱୟଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ।

## ୮ ମାଓବାଦୀ ଗିରଫ



ମାଲକାନଗିରି, ୧୩।୧୦(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଡିଆରଜି ଓ ସିଆରପିଏଫ ଯବାନ ୮ ମାଓବାଦୀଙ୍କୁ ଗିରଫ କରିଛନ୍ତି। ସୂଚନା ଅନୁଯାୟୀ, ସିଆରପିଏଫ୍ ଏବଂ ଡିଆର୍‌ଜି ଯବାନମାନେ ବିଜାପୁର ଜିଲ୍ଲାର ପୁତକେଲ ଏବଂ ପୋଲମପାଲି ରାସ୍ତାରେ ତଲାସି ଅଭିଯାନ କରୁଥିଲେ। ଏହି ସମୟରେ କିଛି ସନ୍ଦିଗ୍ଧ ବ୍ୟକ୍ତି ଯବାନଙ୍କୁ ଦେଖି ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିଲେ। ଯବାନମାନେ ତୁରନ୍ତ ସେହି ଅଞ୍ଚଳକୁ ଘେରି ସମସ୍ତ ବ୍ୟକ୍ତିଙ୍କୁ କାବୁ କରି ପଚରାଉଚରା କରିଥିଲେ। ସେମାନେ ସମସ୍ତେ ମାଓ ସଂଗଠନ ସହ ଜଡ଼ିତ ଥିବା ସ୍ୱୀକାର କରିଥିଲେ। ପରେ ଯବାନମାନେ ସେମାନଙ୍କୁ ଗିରଫ କରିଥିଲେ। ସେମାନଙ୍କଠାରୁ ଟିଫିନ ବୋମା, ବିସ୍ଫୋରକ, ଜିଲୋଟିନ୍, ବିଦ୍ୟୁତ ତାର ଆଦି ଜବତ ହୋଇଛି।

## ଶିକ୍ଷକଙ୍କୁ ମରଣାନ୍ତକ ଆକ୍ରମଣ

ରାୟଗଡା, ୧୩।୧୦(ସମିସ): ରାୟଗଡା ଜିଲ୍ଲାର ସ୍ୱନାମଧନ୍ୟ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ କଲ୍ୟାଣ ବିଭାଗ ଶିକ୍ଷକ, ଲେଖକ ତଥା ସାହିତ୍ୟିକ ଦ୍ୱିତୀଚନ୍ଦ୍ର ସାହୁଙ୍କୁ ଭୁବନେଶ୍ୱରର ରେଳବାଇ ଷ୍ଟେସନ ନିକଟରେ ଆଜି ମରଣାନ୍ତକ ଆକ୍ରମଣ ହୋଇଛି। ସୂଚନାନୁସାରେ,



ଶ୍ରୀ ସାହୁ ସରକାରୀ କାର୍ଯ୍ୟରେ ଭୁବନେଶ୍ୱର ଯାଇଥିଲେ। ଭୁବନେଶ୍ୱର ରେଳ ଷ୍ଟେସନ ନିକଟରେ ସେ ଚାଲିଚାଲି ଯାଉଥିବା ବେଳେ ଅଜଣା ଦୁର୍ବୃତ୍ତ ତାଙ୍କୁ କାଠ ଫାଳିଆରେ ଆକ୍ରମଣ କରିଥିଲେ। ଆକ୍ରମଣରେ ତାଙ୍କ ମୁଣ୍ଡ ଫାଟିଯାଇ ଗଭୀର କ୍ଷତ ସୃଷ୍ଟି ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାଙ୍କ ମୁଣ୍ଡରେ ୧୨ଟି ଷ୍ଟିଚ୍ ପଡ଼ିଛି। ଆକ୍ରମଣ କରିଥିବା ଦୁର୍ବୃତ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଆକ୍ରମଣକୁ ଦୃଢ ନିନ୍ଦା କରିବା ସହ ଦୋଷୀଙ୍କୁ ଧରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାୟଗଡା ଶିକ୍ଷକ ସଂଘ ଦାବି କରିଛି।

## ଅବଶିଷ୍ଟାଂଶ

### ଲାଲୁ, ରାବଡ଼ି...

ଲାଲୁ ହୁଇଲ୍ ଚେୟାରରେ କୋର୍ଟ ପହଞ୍ଚିଥିଲେ। ତାଙ୍କ ସହ ରାବଡ଼ି ଓ ତେଜସ୍ୱୀ ମଧ୍ୟ ଥିଲେ। ଲ୍ୟାଣ୍ଡ ଫର୍ ଜବ୍ସ ମାମଲାରେ ରାଓଜ ଆଭେନ୍ୟୁ କୋର୍ଟ ଆଜି ଅଭିଯୋଗ ନେଇ ଅନ୍ତିମ ନିଷ୍ପତ୍ତି ନେଇ ନାହାନ୍ତି ଓ ନଭେମ୍ବର ୧୦ରେ ଏହି ମାମଲାରେ କୋର୍ଟ ନିଷ୍ପତ୍ତି ନେବେ। ସେପଟେ ତେଜସ୍ୱୀ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟକରି ନିଜର ପ୍ରତିକ୍ରିୟା ରଖିଛନ୍ତି। 'ଯେପର୍ଯ୍ୟନ୍ତ ଦଙ୍ଗାସୃଷ୍ଟିକାରୀ ଓ ସମ୍ବିଧାନ ବିରୋଧୀ ବିଜେପି ଶାସନରେ ଅଛି ଓ ମୋର ବୟସ ଅଛି ସେ ପର୍ଯ୍ୟନ୍ତ ବିଜେପି ସହିତ ଲଢ଼େଇ ଜାରି ରଖିବି। ଗୋଟିଏ ମାସ ତଳେ ବିହାର ଆସି ଗୃହମନ୍ତ୍ରୀ ଅମିତ ଶାହା ଧମକ ଦେଇ କହିଥିଲେ ଯେ, ନିର୍ବାଚନ ଲଢ଼ିବାକୁ ଆମର ଯୋଗ୍ୟତାକୁ କାଢ଼ିନିଆଯିବ। କିନ୍ତୁ ଆମେ ଲଢ଼ିବୁ ଓ ବିଜୟୀ ହେବୁ। ଆମେ ବିହାରୀ, ବାହାର ଲୋକଙ୍କୁ ଆମେ ଡରୁନା' ବୋଲି ତେଜସ୍ୱୀ କହିଛନ୍ତି।

### ଦିଲ୍ଲୀରେ ଜଳ...

ଏପରି ହେଲେ ଲକ୍ଷ ଲକ୍ଷ ଟଙ୍କାର କ୍ଷତି ହେବ। ତେବେ କେବେ ଜଳ ଯୋଗାଣ ସମସ୍ୟା ଦୂର ହେବ ସେ ନେଇ ଦିଲ୍ଲୀ ଜଳ ବୋର୍ଡ ତରଫରୁ ଏପର୍ଯ୍ୟନ୍ତ କିଛି କୁହାଯାଇନାହିଁ। ଆଗକୁ ଦିପାବଳୀ ଆସୁଛି। ତେଣୁ ପାର୍ବଣ ଋତୁ ପୂର୍ବରୁ ଏହି ସମସ୍ୟାର ସମାଧାନ ହେବା ନିହାତି ଜରୁରୀ ହୋଇପଡ଼ିଛି।

### ପଥରରେ ଛେଚି...

ମୃତ ଯୁବକଙ୍କ ବୟସ ପାଖାପାଖି ୨୫ବର୍ଷ ହେବ ବୋଲି ପୁଲିସ କହିଛି। ଯୁବକଙ୍କ ପରିଚୟ ପାଇଁ ପୁଲିସ ଉଦ୍ୟମ ଚଳାଇଛି। ସ୍ଥାନୀୟ ବସ୍ତି ଲୋକ ଏବଂ ସେଠାରେ କାମ କରୁଥିବା ଶ୍ରମିକ, ଠିକାଦାର ଏବଂ କଣ୍ଟ୍ରାକ୍ଟରଙ୍କୁ ଏନେଇ ପଚରାଉଚରା କରିଛି। ହେଲେ ତାଙ୍କର ପରିଚୟ ମିଳିପାରିନାହିଁ।

ସୂଚନାନୁଯାୟୀ, ରକ୍ତଜୁଡୁବୁଡୁ ଅବସ୍ଥାରେ ଯୁବକଜଣଙ୍କ ଉଲଗ୍ନ ଅବସ୍ଥାରେ ରାସ୍ତାକଡ଼ରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଥାନା ଅଧିକାରୀ, ଏସିପି ଏବଂ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଥିଲେ। ମୃତଦେହ ନିକଟରେ କିଛି ଟଙ୍କା ଏବଂ ପଥର ପଡ଼ିଥିଲା। ତାହାକୁ ଫୋରେନ୍‌ସିକ୍ ଟିମ୍ ଜବତ କରି ପରୀକ୍ଷା ପାଇଁ ପଠାଇଛି। କେଉଁ କାରଣ ପାଇଁ ଯୁବକଙ୍କୁ ହତ୍ୟା କରିବା ସହ ଏଠାରେ ଫିଙ୍ଗିଲା, ତାହା ଅଭିଯୁକ୍ତ ଗିରଫ ପରେ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

**AFFIDAVIT**
By virtue of an affidavit No. 10684, Dtd.09.10.2025 sworn before the Executive Magistrate, Balasore I, Ashish Kumar Biswal, S/o. Rabindra Kumar Biswal, At.Suthanga, Po./Ps. Khantapada, Dist. Balasore, Odisha state that my name has been inadvertently spelt in my Board certificate vide No. A105052924 as Ashisa Kumar Biswal instead of Ashish Kumar Biswal, but both the names are one and same. Henceforth, I will be known as **Ashish Kumar Biswal** for all purposes.

**NOTICE**
By virtue of an affidavit sworn before The Notary Public, Sunabeda dated 09/10/2025 I, Sri. Jay Khada, S/o- Kamalu Khada, Vill.- Goilput, Po.- Badel, PS.- Padwa, District- Koraput declare that, I have changed my son's name from **Balaram Khaga** to **Bikram Khada**. Henceforth, my son shall be known as **Bikram Khada** for all purposes.
**Sd/- Jay Khada**

**LOST / FOUND**
I, **Deeptiraj Patnaik**, S/o. Hemanta Kumar Pattanaik, resident of plot No.3829, Lane-7, Sriram Nagar, P.O. Old Town, P.S. Shree Lingaraj, Bhubaneswar, Dist. Khordha, Pin-751002, declare that my Original Sale Deed bearing Document No.3681 Dtd.11.08.2006 has been misplaced somewhere in Raghunathpur Market. **Dt. 12.10.2025**. If found by anyone, then please inform me. Mob: 9692037969

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, JEYPORE**
O-947

**e-Procurement for Building works**
**Bid Identification No: EERWJYP – Online -05/2025-26**

Letter No. 4408 Date: 26.09.2025

01. Name of the work : Building works
02. Total Number of works : 23 (Twenty Three) Nos.
03. Approximate Estimated cost : Rs. 1.99 lakhs to Rs. 17.15 lakhs (approximately)
04. Class of Contractor : "C" & "D" Class
05. Period of Completion : within 1 or 2 Months
06. Other Details

| Procurement Officer | Bid Identification No. | Sl No. of work in notice | Availability of tender online for bidding | | Last date and time of seeking tender clarification | Date of Opening |
|---|---|---|---|---|---|---|
| | | | From | To | | |
| Executive Engineer, R.W. Division, Jeypore | Online Tender-05/ RWD- JYP/2025-26 | 23 Nos. | 15.10.2025 at 10.00 A.M | 27.10.2025 upto 5.00 P.M. | 26.10.2025 at 1.30 P.M | 28.10.2025 at 10.00 A.M |

Further details can be seen from the website www.tendersodisha.gov.in/nicgep/app
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
*N.B. Any Addendum or Corrigendum will be available in the Website only.
Sd/- Executive Engineer,
Rural Works Division: Jeypore.
OIPR-25160/11/0022/2526

**NAME CHANGE**
I **RAMESH CHANDRA SAHU,** S/o Iswar Chandra Sahu, At/Po- Bhursaguda, Ps- Sindhekela, Dist- Bolangir, Pin- 767035, Odisha declare by this Affidavit No: 4788 on dated 08.10.2025 that now onwards I shall be known as **RAMESH SAHU** for all future purposes.
(Sd- **RAMESH SAHU**)

**NAME CHANGE**
By virtue of an affidavit sworn before the Notary Public, Bhubaneswar, AF. No. 276, on dated 13/10/2025, I **PRAMOD KUMAR JENA**, S/o Late Adhikari Jena resident of Village At- Dolamandap Sahi, Patia, Bhubaneswar- 751031, Dist- Khordha, State- Odisha, declare that I have changed my wife's name from **BABITA JENA** to **BEBITA JENA.** Henceforth, she shall be known as **BEBITA JENA** for all future purposes.
(Sd- **PRAMOD KUMAR JENA**)

**AFFIDAVIT**
By virtue of an affidavit sworn before the Executive Magistrate, Muniguda, dated 13/10/2025, I, Madhu Sikaka, S/o- Late Dusa Sikaka, a resident of Village- Loharagudi, Po.- Kutragada, P.S.- Muniguda, District- Rayagada, Odisha, declare that I have changed the name of my daughter from **Manisha Sikaka** to **MONISHA SIKAKA**. Henceforth, she shall be known as **MONISHA SIKAKA** for all purposes.
Sd/- Deponent

**AFFIDAVIT**
I, Santosh Kumar Peda, S/o- Manoranjan Peda, resident of Chengagadia,Po - Randia, PS - Bhadrak (Rural), Dist - Bhadrak, Pin - 756135, Odisha, declare by this affidavit No - 324, dated -13.09.2025, that now onwards I shall be known as **SANTOSH PEDA** for all future purposes.

**AFFIDAVIT**
By virtue of an affidavit sworn before the the court of the Executive Magistrate, Bargarh, dated 09-10-2025, I, Prashanti Mohanty, Address - AT- Padampur PO- Rajborasambar PS- Padampur, Dist- Bargarh, Odisha- 768036 declare that I have changed my name from **Sandhyarani Mohanty** to **Prashanti Mohanty**. Henceforth, I shall be known as Prashanti Mohanty for all purposes.
Sd/- Prashanti Mohanty

**AFFIDAVIT**
By virtue of an affidavit sworn before the Executive Magistrate, Bhubaneswar, I, Sanjaya Kumar Sethy, At- Samian, P.O.- Kalakal, P.S.- Bari, Dist.- Jajpur, PIN- 754082 have changed my minor daughters name from Said Mancini Sethi to Nandini Sethi. Henceforth she will be known as Nandini Sethi for all purposes.
Sd/- Sanjaya Kumar Sethy

**AFFIDAVIT**
I , Maheswor Parida, S/o-Basudeb Parida, resident of At- Dhaneswarpur, Po- Atal, Dist- Kendrapara, PIN- 754231, Odisha declared by this affidavit No-822, dtd- 10/10/2025 that now onwards I shall be known as **MAHESWAR PARIDA** for all future purposes

**AFFIDAVIT**
By virtue of an affidavit (Sl No.645) sworn before The Notary Public, Bhubaneswar dated- 13/10/2025. I, **Anima Pradhan,** W/o Rajib Lochan Pradhan, Address: Village- Praharajpur, PO/PS- Pattamundai, Dist- Kendrapara, Odisha, Pin-754215 declare that I have changed my name from **Anima Biswal** (old name) to **Anima Pradhan** (new name). Henceforth, I shall be known as **Anima Pradhan** (new name) for all purposes.
**Anima Pradhan**

**AFFIDAVIT**
By Virtue of an affidavit sworn before P.K Mishra (O.R.S) Executive Magistrate, Balasore. Sl No- 10714 Dt-10/10/2025. I Sekh Abaas Ali , Age-48, S/o- Sekh Hado At-Mirazapur, Po-Balaramgadi, ps-Marine, Dist-Balasore. That, my name recorded Aadhar and Pan is **Sekh Abaas Ali** but in my passport vide no M6308456 issued from govt of india in wich my name recorded as **Sekh Abaas Alli** instead of **Sekh Abaas Ali**. I declared that **Sekh Abaas Ali** and **Sekh Abaas Alli** are one and same person for all future purposes.

**AFFIDAVIT**
By virtue of an affidavit (CF No.01, date- 13/10/2025) sworn before the Executive Magistrate, Padampur. I, **Suman Hati,** S/o Birasen Hati, permanent & current resident of At- Beheratal, PO- Jamartala, PS- Buden, Dist- Bargarh, PIN- 768036, Odisha declare that I have changed my name from **Muna Hati** (old name) to **Suman Hati** (new name). Henceforth, I shall be known as **Suman Hati** (new name) for all purposes.
**Suman Hati**

**ଡକୁମେଣ୍ଟ ହଜିଛି**
ଓଡ଼ିଶା, ଖୋର୍ଦ୍ଧା ଜିଲ୍ଲା- ଖୋର୍ଦ୍ଧା, ମୌଜା- କନ୍ଧନସ୍ୱାଗଡ଼, ଖାତା ନମ୍ବର- ୧୦୧୫ ଏବଂ ଆରଏସ୍‌ଡି ନଂ-୧୫୮୦, ତାରିଖ- ୨୫/୭/୧୯୮୩, କାଗଜପତ୍ର ଡାକ୍ତର ରମାକାନ୍ତ ନାୟକ, ବାପା- କଣ୍ଠୁରୀ ଚରଣ ନାୟକ, ଗ୍ରାମ/ପୋଷ୍ଟ- ବଡ଼ପାରି, ଥାନା-ଟାଙ୍ଗୀ, ଜିଲ୍ଲା-ଖୋର୍ଦ୍ଧା, ମୋ ନାମରେ ଥିବା ସେଲଡିଡ୍ କାଗଜପତ୍ର, ୦୯/୧୦/୨୫ ତାରିଖ ସକାଳେ ମୁଁ ବାଣପୁର କଲେଜ ରୋଡ୍ ରୁ ମେଡିକାଲକୁ ଆସୁଥିବା ସମୟରେ କେଉଁଠି ହଜି ଯାଇଛି। ଏନେଇ ବାଣପୁର ଥାନା କେସ ନଂ- ୦୧୫, ତାରିଖ- ୦୯/୧୦/୨୦୨୫ରେ ଅଭିଯୋଗ ହୋଇଛି। ଯଦି କେହି ଏହାକୁ ପାଆନ୍ତି, ତେବେ ମୋ ମୋବାଇଲ ନଂ- ୯୪୩୮୩୧୦୯୩୪ କିମ୍ବା ବାଣପୁର ପୋଲିସ ଷ୍ଟେସନରେ ଯୋଗାଯୋଗ କରିବାକୁ ଅନୁରୋଧ। ଯଦି କେହି ଏହାର ଅପବ୍ୟବହାର କରନ୍ତି, ତେବେ ଆମେ ଏଥିପାଇଁ ଦାୟୀ ରହିବୁ ନାହିଁ।

ସକାଳ THE SAKALA



www.sakalaepaper.com

# କଳିଙ୍ଗା ଘାଟି ରାସ୍ତା ସ୍ୱାଭାବିକ ପାଇଁ ସ୍ୱତନ୍ତ୍ର ବୈଠକ

ଜି.ଉଦୟଗିରି,୧୩।୧୦(ସମିସ)

ଭଞ୍ଜନଗର ଉପଜିଲ୍ଲାପାଳଙ୍କ ସଭାଗୃହରେ ଆଜି କଳିଙ୍ଗା ଘାଟି ରାସ୍ତାରେ ସ୍ୱାଭାବିକ ଯାତାୟାତ ସହିତ ବିକଳ୍ପ ରାସ୍ତା ସମ୍ପର୍କରେ ଆଲୋଚନା କରିବା ପାଇଁ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ତହସିଦାର,ବିଡ଼ିଓ, ଏସଡିପିଓ, ଡିଏଫଓ, ଜାତୀୟ ରାଜପଥ ସମସ୍ତ ଅଧିକାରୀ ଏବଂ ସମସ୍ତ ବିଭାଗର ଉପରିସ୍ଥ ଅଧିକାରୀ, ସମାଜସେବୀ, ଗଣମାଧ୍ୟମ

ସ୍ଥିତି ସମୀକ୍ଷା କଲେ ବିଧାୟକ



ପ୍ରତିନିଧି ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତ ଥିଲେ। ବୈଠକରେ କଳିଙ୍ଗା ଘାଟିର ସ୍ଥିତି ଓ ବିକଳ୍ପ ବାଇପାସ୍ ରାସ୍ତା ବିଷୟରେ ସ୍ୱତନ୍ତ୍ର ଆଲୋଚନା କରାଯାଇଥିଲା। ଜାତୀୟ ରାଜପଥ ବିଭାଗ ଅଧିକାରୀଙ୍କ ସହିତ ନିର୍ମାଣ କାର୍ଯ୍ୟ ସ୍ଥିତି, କେତେ ସୁରକ୍ଷିତ, କେବେ ନିର୍ମାଣ ଶେଷ ହେବ ଆଦି ବିଷୟରେ ଆଲୋଚନା କରିବା ସହିତ କେବେ ସ୍ୱାଭାବିକ ହେବ ଚଳାଚଳ ସେ ସମ୍ପର୍କରେ ପଚାରି ବୁଝିଛନ୍ତି ବିଧାୟକ। ଏହା ସହିତ ବିକଳ୍ପ ଭାଲିଆପଟା ଦେଇ ଦୁର୍ଗାପ୍ରସାଦ ପର୍ଯ୍ୟନ୍ତ ବାଇପାସ୍ ରାସ୍ତା ବିଷୟରେ ଆଲୋଚନା କରାଯାଇଥିଲା । ଆସନ୍ତା ୧୭ ତାରିଖ ଦିନ ବିଧାୟକ, ଉପଜିଲ୍ଲାପାଳ ଏବଂ ସମସ୍ତ ଅଧିକାରୀ କଳିଙ୍ଗା ଘାଟି ପରିଦର୍ଶନ କରିବେ ଏବଂ ସ୍ଥିତି ଅନୁଧ୍ୟାନ କରିବା ସହିତ ବାଇପାସ୍ ରାସ୍ତା ମଧ୍ୟ ବୁଲି ଦେଖିବା କାର୍ଯ୍ୟକ୍ରମ ରହିଛି। ଗତ ଷୋହଳ ତାରିଖରେ ହୋଇଥିବା ଭୂସ୍ଖଳନ ଯୋଗୁ ଆଜି ପର୍ଯ୍ୟନ୍ତ ଏହି ରାସ୍ତାରେ ଗାଡି ମୋଟର ଚଳାଚଳ ବନ୍ଦ ରହିଛି। ଯାହା ଦ୍ୱାରା ଲୋକେ ନାହିଁ ନଥିବା ହଇରାଣ ହେଉଛନ୍ତି।

## ନାଟକ ପ୍ରତିଯୋଗିତାର ପୁରସ୍କାର ବିତରଣୀ ଉତ୍ସବ
# 'ହା କୃଷ୍ଣ ବୋଲି ଯାଉ ଯିବ' ଶ୍ରେଷ୍ଠ ବିବେଚିତ

ଫିରିଙ୍ଗିଆ,୧୩।୧୦(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆର ସାଂସ୍କୃତିକ ଅନୁଷ୍ଠାନ ପଲ୍ଲିଶ୍ରୀ ଯୁବକ ସଂଘ ଦ୍ୱାରା ଦଶହରା ଅବସରରେ ଅନୁଷ୍ଠିତ ହୋଇଥିବା ସାମାଜିକ ନାଟକ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଜୁ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବ ସଂଘ ସଭାପତି ତଥା ସାଂସଦଙ୍କ ଶିକ୍ଷା ବିଭାଗ ପ୍ରତିନିଧି କଂସଦେବ ସାହୁଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ଏଥିରେ ଫିରିଙ୍ଗିଆ ଦଣ୍ଡ କମିଟି ସଭାପତି ସତ୍ୟପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଫିରିଙ୍ଗିଆ ପ୍ରେସ କ୍ଲବ ସଭାପତି ଉତ୍ତମ ଖମାରି, ଡିଣ୍ଡିରାଗାଁ ସରପଞ୍ଚ ରଞ୍ଜିତା କହଁର, ଚନ୍ଦ୍ରମହନ ନାୟକ, ଅବସରପ୍ରାପ୍ତ ସେନା କର୍ମଚାରୀ ତଥା ବରିଷ୍ଠ ବିଜେପି ନେତା ଅଙ୍ଗଦ ବେହେରା, ଫିରିଙ୍ଗିଆ ବିଜେଡି ଉପ ସଭାପତି ପ୍ରଦୀପ କୁମାର ବେହେରା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ କୁ ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ପରିଚାଳନା କରିଥିଲେ। ଚାରିଦିନ ଧରି ଅନୁଷ୍ଠିତ ନାଟକ ପ୍ରତିଯୋଗିତାରେ ବିଚାରକ ଦାୟିତ୍ୱରେ ଥିବା ଜିଲ୍ଲାର ଜଣାଶୁଣା ନାଟ୍ୟ ନିର୍ଦ୍ଦେଶକ ମହାଦେବ ସାହୁଙ୍କ ସହ ଯୁଧିଷ୍ଠିର ମହାନ୍ତି ଓ ସୁଶାନ୍ତ ପଟ୍ଟନାୟକ ଉପସ୍ଥିତ ରହି ପ୍ରତିଯୋଗିତାରେ ଫଳାଫଳ ଘୋଷଣା କରିଥିଲେ। କାହାକୁ କହିବି ଦୁଃଖ କାହାଣୀ, ହା କୃଷ୍ଣ ବୋଲି ଯାଉ ଯିବ, କେତେ ଦୁଃଖ ଦେବୁ ଦେ ଦଇବ ଓ ଆସିଛି ଏକା ଯିବି ମୁ ଏକା ଶୀର୍ଷକ ଚାରୋଟି ନାଟକ ମଞ୍ଚସ୍ଥ ହୋଇଥିଲା। ସେଥି ମଧ୍ୟରୁ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ରାଜୀବ ଦିଗାଲଙ୍କ ନିର୍ଦ୍ଦେଶିତ 'ହା କୃଷ୍ଣ ବୋଲି ଯାଉ ଯିବ' ନାଟକକୁ ଶ୍ରେଷ୍ଠ ବିବେଚନା କରାଯାଇଥିଲା। କେତେ ଦୁଃଖ ଦେବୁ ଦେ ଦଇବ ଦ୍ୱିତୀୟ ଓ କାହାକୁ କହିବି ଦୁଃଖ କାହାଣୀ ତୃତୀୟ ହୋଇଥିଲା। ରାଜୀବ ଦିଗାଲଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବରେ ପୁରସ୍କୃତ କରାଯାଇଥିବା



ବେଳେ ଭୋଳାନାଥ କହଁରଙ୍କୁ ଶ୍ରେଷ୍ଠ ହାସ୍ୟ ଖଳନାୟକ, ରମାକାନ୍ତ ବିଶୋଇ ଶ୍ରେଷ୍ଠ ହାସ୍ୟ ଅଭିନେତା, ମାମୁନି ସ୍ୱାଇଁ ଶ୍ରେଷ୍ଠ ନାୟିକା, ବି. ମଧୁସ୍ମିତା ଶ୍ରେଷ୍ଠ ନାରୀ ଚରିତ୍ର, ସାଧୁ ଚରଣ ଦିଗାଲ ଶ୍ରେଷ୍ଠ ନାୟକ, ଅଶୋକ କୁମାର ଦିଗାଲ ଶ୍ରେଷ୍ଠ ଖଳନାୟକ, କେଶବ କହଁର ଶ୍ରେଷ୍ଠ ଖଳନାୟକ ଓ ଆରତୀ ସାହୁଙ୍କୁ ଶ୍ରେଷ୍ଠ ଖଳନାୟିକା ଭାବେ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ସଙ୍ଘର ସମ୍ପାଦକ ରାଜେଶ କୁମାର ଦିଗାଳ, କୋଷାଧ୍ୟକ୍ଷ ସଞ୍ଜୟ କୁମାର ଦିଗାଲଙ୍କ ସହ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଭାଲୁ ଆକ୍ରମଣରେ ଦୁଇଭାଇ ଲହୁଲୁହାଣ

ବାଲିଗୁଡା,୧୩।୧୦(ସମିସ): କନ୍ଧମାଳ ଜିଲ୍ଲା କ.ନୂଆଗାଁ ଅଞ୍ଚଳରେ ଜଙ୍ଗଲୀ ଭାଲୁ ଆକ୍ରମଣରେ ଦୁଇ ଭାଇ ଲହୁଲୁହାଣ ହୋଇଛନ୍ତି। ଗ୍ରାମବାସୀ ସେମାନଙ୍କୁ କ୍ଷତାକ୍ତ ଅବସ୍ଥାରେ ଉଦ୍ଧାର କରିଥିଲେ। ଗୁରୁତର ଦୁଇ ଭାଇ ହେଲେ କ.ନୂଆଗାଁ ବ୍ଲକ ଗୁଞ୍ଜିବାଡ଼ି ପଞ୍ଚାୟତ ମୁଣ୍ଡିକିଆ ଗ୍ରାମର ପର୍ଶୁରାମ ପ୍ରଧାନ ଓ ଲିଟୁ ପ୍ରଧାନ। ସେମାନଙ୍କୁ କ.ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ ପର୍ଶୁରାମ ଓ ଲିଟୁ ଗାଁର ଝୁଆକୁ ଗାଧୋଇବା ପାଇଁ ଯାଇଥିବା ବେଳେ ଜଙ୍ଗଲୀ ଭାଲୁ ହାବୁଡରେ ପଡିଯାଇଥିଲେ। ଭାଲୁ ପ୍ରଥମେ ଗାଁ ମୁଣ୍ଡରେ ଚରୁଥିବା ଗାଈଗୋରୁଙ୍କୁ ଆକ୍ରମଣ କରିଥିଲା। ଠିକ୍ ସେହି ସମୟରେ ଦୁଇ ଭାଇ ଗାଧୋଇବା ଯାଇଥିଲେ। ଭାଲୁ ହିଂସ୍ର ହେଇ ଦୁଇ ଭାଇଙ୍କୁ ସାମନା ପଟୁ ଆକ୍ରମଣ କରି ମୁଁହକୁ କ୍ଷତାକ୍ତ କରିଥିଲା। ଖବର ପାଇ ଏହି ଦୁଇ ଭାଇଙ୍କୁ ଗ୍ରାମବାସୀ ସଙ୍ଗେସଙ୍ଗେ ଡାକ୍ତରଖାନା ନେଇଥିଲେ।

# ଭାଙ୍ଗିରୁଜି ପଡ଼ିଛି ବ୍ୟାୟାମ ଉପକରଣ; ଦୃଷ୍ଟି ଦେଉନି ଏନ୍ଏସି



ଜି.ଉଦୟଗିରି,୧୩।୧୦(ସମିସ): ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଜି.ଉଦୟଗିରି ସହର ର ବିଭିର୍ନ୍ନ ସ୍ଥାନରେ ଓପନ ଜିମ ଖୋଲା ଯାଇଛି। ହେଲେ ପଦାସାହିରେ ଥିବା ଓପନ ଜିମକୁ ଅଧିକ ଲୋକେ ବ୍ୟବହାର କରିଥାନ୍ତି। କାରଣ ସକାଳେ ଏବଂ ସନ୍ଧ୍ୟାରେ ଏହି ରାସ୍ତା ଦେଇ ଲୋକେ ଚାଲିବାକୁ ଯାଉଥିବା ବେଳେ ଏହି ଓପନ ଜିମରେ କସରତ କରିଥାନ୍ତି। ହେଲେ ଏବେ ଏହି ଜିମର ବ୍ୟାୟାମ ଉପକରଣ ଭଗ୍ନ ସ୍ଥିତିରେ ରହିଛି। ବର୍ଷକ ପୂର୍ବେ ଗଛ ପଡି ଏହି ସବୁ ଉପକରଣ ନଷ୍ଟ ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ ତାହା ମରାମତି ହୋଇନି। ଉପକରଣ ନଥିବାରୁ ବ୍ୟାୟାମ କରିନପାରି ନିରାଶ ହୋଇ ଫେରୁଛନ୍ତି ଲୋକେ। ଏବେ ଶୀତ ଦିନ ଆସୁଥିବା ବେଳେ ଲୋକଙ୍କ ଅଧିକ ବ୍ୟବହାର ଉପଯୋଗୀ ହୋଇଥାନ୍ତା। କିନ୍ତୁ ଏନଏସି କର୍ତ୍ତୃପକ୍ଷ ଆଜି ପର୍ଯ୍ୟନ୍ତ ଏହାକୁ ଗୁରୁତ୍ୱ ଦେବା ଯୋଗୁ ଲୋକଙ୍କ ଅସନ୍ତୋଷ ବଢିବାରେ ଲାଗିଛି। ଏତେ ଦିନ ପରେ ମଧ୍ୟ ଦୃଷ୍ଟି ନପଡିବା ଏନଏସିର ପାରିବା ପଣିଆ ଉପରେ ପ୍ରଶ୍ନ ହୋଇଛି।

# ଜି.ଉଦୟଗିରିରେ ଗ୍ୟାରେମି ଉତ୍ସବ

ଜି.ଉଦୟଗିରି,୧୩।୧୦(ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରିରେ ଗ୍ୟାରେମି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ବହୁ ମୁସଲିମ୍ ଯୋଗ ଦେଇଥିଲେ। ବର୍ତ୍ତମାନ ସ୍ଥିତିରେ ସମସ୍ତ ଧର୍ମର ଲୋକେ ଭାଇଚାରା ନେଇ ରହିବା ସହ ବନ୍ଧୁତା ସ୍ଥାପନ କରିବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ମହମ୍ମଦ ଜାମିଲଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ମହମ୍ମଦ ଇସ୍‌ଲାମ୍, ମହମ୍ମଦ ମାଜିଦ୍, ମହମ୍ମଦ ପାଲେଖାନ୍, ମହମ୍ମଦ ଅଜିଦ୍, ମହମ୍ମଦ ଇମ୍‌ରାନ୍, ମହମ୍ମଦ ନାମଶେର୍ ଓ ମହମ୍ମଦ ଫକିରୁଦ୍ଦିନ୍ ଯୋଗ ଦେଇଥିଲେ। ଏଥିରେ ନମାଜ ପାଠ ସହ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା।

# ଗୁରାଣ୍ଡିରେ ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି



ପାରଳାଖେମୁଣ୍ଡି,୧୩।୧୦(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗୁରାଣ୍ଡି ପଞ୍ଚାୟତ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଶୁଣାଣିରେ ଜିଲ୍ଲାପାଳ ମଧୁମିତା ଯୋଗ ଦେଇ ୧୦୮ ଅଭିଯୋଗ ଶୁଣିଥିଲେ । ଗୁରାଣ୍ଡି ସମେତ ବଡ଼ଗୋଷାଣି, ତାଟିପେଟି ଓ ଭୁଷୁକୁଡି ପଞ୍ଚାୟତର ସମୁଦାୟ ୧୦୮ ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା । ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା ୬୪ ଓ ଗ୍ରାମ ଭିତ୍ତିକ ସମସ୍ୟା ୪୪ ରହିଥିଲା । ସମସ୍ତ ଅଭିଯୋଗର ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ବସୁନ୍ଧରା ଜମି ପଟ୍ଟା ୧୨ ଜଣଙ୍କୁ ପ୍ରଦାନ କରାଯାଇଥିବା ବେଳେ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଜିଲ୍ଲାପାଳ ପୁରସ୍କୃତ କରିଥିଲେ । ଜିଲ୍ଲାପାଳଙ୍କ ସମତେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁନୀଲ କାନ୍ତ ମହାନ୍ତି, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେର୍କେଟା, ଜିଲ୍ଲାପରିଷଦ ସଭ୍ୟ ଏସ୍.ବାଲାରାଜୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌର ଚନ୍ଦ୍ର ପଟ୍ଟାୟକ, ତହସିଲଦାର ନାରାୟଣ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମହମ୍ମଦ ମୁବାରକ ଅଲ୍ଲୀ, ଗୁରାଣ୍ଡି ସରପଞ୍ଚ ଶିଳ୍ପାପାତ୍ର, ସମିତିସଭ୍ୟା ପି. ମିନାକ୍ଷୀଙ୍କ ସମେତ ସମସ୍ତ ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜନୈକ ମହିଳା ଗୁରାଣ୍ଡି ଥାନାକୁ ଅଭିଯୋଗ ନେଇ ଯାଇଥିବା ବେଳେ ଥାନା ଅଧିକାରୀ ତାଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ପ୍ରକୋଷ୍ଠରେ ଲିଖିତ ଭାବେ ଜଣାଇଛନ୍ତି। ଉକ୍ତ ମହିଳାଙ୍କ ଅଭିଯୋଗକୁ ତଦନ୍ତ କରିବା ପାଇଁ ସେଠାରେ ଉପସ୍ଥିତ ଥିବା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ମହାନ୍ତିଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

# ତଲାରିମାହା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି



ଟିକାବାଲି,୧୩।୧୦(ସମିସ): ଶିକ୍ଷା ଓ ସଂସ୍କୃତିର ସୁମଧୁର ସମନ୍ୱୟରେ ଆଜି ତଲାରିମାହା ସ୍ଥିତ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ କ୍ଲଷ୍ଟର ସ୍ତରୀୟ ସୁରଭି ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁକ୍କାୟିତ କଳା ଓ ସଂସ୍କୃତିର ପ୍ରତିଭାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ବାର୍ଷିକ କାର୍ଯ୍ୟକ୍ରମ ତୃଣମୂଳ ସ୍ତରରୁ (କ୍ଲଷ୍ଟର ସ୍ତର) ହିଁ ପ୍ରତିଯୋଗୀଙ୍କୁ ବ୍ଲକ, ଜିଲ୍ଲା ଏବଂ ରାଜ୍ୟ ସ୍ତରରେ ନିଜର ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ଯୋଗାଇଥାଏ। ମୁଖ୍ୟଅତିଥି ଭାବରେ ତଲାରିମାହା ସରପଞ୍ଚ ବଳଭଦ୍ର କହଁର, ସମ୍ମାନିତ ଅତିଥି ଭାବରେ ପ୍ରଧାନ ଶିକ୍ଷକ ମୁକ୍ତିକାନ୍ତ ସ୍ୱାଇଁ ଯୋଗ ଦେଇଥିଲେ। ସଂଯୋଜକ ବିନୟ ନାୟକ ପରିଚାଳନା କରିଥିଲେ। କ୍ଲଷ୍ଟର ଅଧୀନରେ ଥିବା ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶତାଧିକ ଛାତ୍ରଛାତ୍ରୀ ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ ଓ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜର ଅସାଧାରଣ ପ୍ରତିଭା ପ୍ରଦର୍ଶନ କରିଥିଲେ। ସଫଳ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସେମାନେ ଆଗାମୀ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି।

## ● କାଦୁଅ ପଚପଚ ରାସ୍ତା
# ଅସୁସ୍ଥ ବୃଦ୍ଧାଙ୍କୁ ୨ କିମି ଭାରରେ ବୋହିଲେ ଗ୍ରାମବାସୀ



ମୋହନା,୧୩।୧୦(ସମିସ): କାଦୁଅ ପଚପଚ ରାସ୍ତାରେ ଜଣେ ଅସୁସ୍ଥ ବୃଦ୍ଧାଙ୍କୁ ଦୁଇ କିଲୋମିଟର ଭାର କରି ନେଲେ ଗ୍ରାମବାସୀ। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ମୋହନା ବ୍ଲକ୍ ଦୁର୍ଗମ ଅଞ୍ଚଳରେ ଥିବା ମଣିଡିଅ ଗାଁରେ। ଗାଁ ର ୮୦ରୁ ଊର୍ଦ୍ଧ୍ୱ ବୟସର ବୃଦ୍ଧା ହାଡ଼ିଆଣି ଶବର ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ହେଲେ ଗାଁ ଠାରୁ ମୁଖ୍ୟ ରାସ୍ତାକୁ ଯିବାକୁ ହେଲେ ଦୁଇ କିଲୋମିଟର କାଦୁଅ ପଚପଚ ରାସ୍ତାରେ ଯିବାକୁ ପଡୁଛି। ଏଥିସହ ରାସ୍ତାରେ ନାଳ ବି ରହିଛି। ଏହି ଦୁର୍ଗମ ରାସ୍ତା ବୃଦ୍ଧାଙ୍କୁ ଭାରରେ ବୋହି ଗାଁ ଲୋକେ ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ଆଣିଥିଲେ। ପରେ ଦିଗପହଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଟୋରେ ଚିକିତ୍ସା ପାଇଁ ନିଆଯାଇଥିଲା। ଏହି ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ ଜଣାଇ ଆସୁଥିଲେ ମଧ୍ୟ କିଛି ସୁଫଳ ମିଳୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ନୂଆପଦର ମଣ୍ଡଳ ବିଜେପି ସଭାପତିଙ୍କୁ ପୁଲିସର ମାଡ଼ ଅଭିଯୋଗ

ଫିରିଙ୍ଗିଆ,୧୩।୧୦(ସମିସ): କନ୍ଧମାଳ ଜିଲ୍ଲା ଫୁଲବାଣୀ ନିର୍ବାଚନମଣ୍ଡଳୀ ଫିରିଙ୍ଗିଆ ବ୍ଲକ ନୂଆପଦର ମଣ୍ଡଳ ସଭାପତି ଦାୟିତ୍ୱରେ ଥିବା ଦେବେଶ୍ୱର ଦୀପଙ୍କୁ ନୟାଗଡ଼ ଜିଲ୍ଲା ଦଶପଲ୍ଲା ପୁଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ନିଜେ ମଣ୍ଡଳ ସଭାପତି ଶ୍ରୀ ଦୀପ ଏ ସମ୍ପର୍କରେ ଅଭିଯୋଗ କରିଛନ୍ତି। ଗତ କିଛିଦିନ ପୂର୍ବେ ଫିରିଙ୍ଗିଆ ବ୍ଲକ ସୁମେରବନ୍ଧ ଗାଁର ଜଣେ ଅସହାୟ ବିଧବା ମୁଖ କର୍କଟ ରୋଗୀଙ୍କ ଚିକିତ୍ସା ପାଇଁ ମଣ୍ଡଳ ସଭାପତିଙ୍କ ପ୍ରଚେଷ୍ଟାରେ ସେହି ଗାଁ ରେ ଜିଲ୍ଲାର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ପହଞ୍ଚି ଖବର ସଂଗ୍ରହ କରିବା ସହ ଖବର ପ୍ରସାରଣ କରିଥିଲେ। ଖବର ପ୍ରସାରଣର ୪୮ ଘଣ୍ଟା ମଧ୍ୟରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ କ୍ରମେ ଅସହାୟ ମହିଳାଙ୍କୁ ପ୍ରଥମେ ଫିରିଙ୍ଗିଆ ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଜିଲ୍ଲା ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟ ବିଭାଗ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଶ୍ରୀ ଦୀପ କର୍କଟ ରୋଗୀଙ୍କୁ ଏକ ଆମ୍ବୁଲାନ୍ସରେ ତାଙ୍କ ସମ୍ପର୍କୀୟଙ୍କ ସହ ପଠାଇ ସେ ତାଙ୍କ ଗାଡ଼ିରେ କିଛି ସହଯୋଗୀଙ୍କ ସହ କଟକ ଅଭିମୁଖେ ବାହାରିଥିଲେ। କଟକ ଯିବା ବାଟରେ ଦଶପଲ୍ଲା ନିକଟରେ ଥିବା ଟୋଲଗେଟରେ ଦଶପଲ୍ଲା ପୁଲିସ କର୍ମଚାରୀ ତାଙ୍କ ଗାଡ଼ିକୁ ଅଟକାଇ ଗଞ୍ଜେଇ ଚାଲାଣ କରୁଛ କହି ଯୁକ୍ତି ତର୍କ କରିଥିଲେ। ପରେ ଶ୍ରୀ ଦୀପ ନିଜର ପରିଚୟ ମଧ୍ୟ ପୁଲିସକୁ ପ୍ରଦାନ କରିଥିଲେ। ତଥାପି ପୁଲିସ ଶ୍ରୀ ଦୀପଙ୍କ କୌଣସି କଥା ନଶୁଣି ତାଙ୍କୁ ଏବଂ ତାଙ୍କ ସହଯୋଗୀଙ୍କୁ ନିର୍ଧୁମ ମାଡ଼ ମାରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ଶ୍ରୀ ଦୀପ ଅଭିଯୋଗ କରିଛନ୍ତି। ଘଟଣା ବିଷୟରେ ଦଶପଲ୍ଲା ଥାନା ଅଧିକାରୀ ବିନୟ କୁମାର ପରିଡ଼ାଙ୍କୁ ପଚାରିବାରୁ ଘଟଣା ସମ୍ପୂର୍ଣ୍ଣ ମିଛ ବୋଲି କହିବା ସହ ଘଟଣା ବିଷୟରେ ତାଙ୍କ ପାଖରେ କୌଣସି ସୂଚନା ନଥିବା କହିଛନ୍ତି।

# ବାଇକ୍ ଗ୍ୟାରେଜରେ ନିଆଁ, ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ



ଗୁମ୍ମା,୧୩।୧୦(ସମିସ): ଗଜପତି ଜିଲ୍ଲା ଗୁମ୍ମା ବ୍ଲକ୍ କୃଷ୍ଣଚନ୍ଦ୍ରପୁର ନିକଟରେ ଥିବା ସାରିଏଲ ଗମାଙ୍ଗଙ୍କ ମଟର ସାଇକଲ ଦୋକାନରେ ସର୍ଟ ସର୍କିଟ ଯୋଗୁଁ ନିଆଁ ଲାଗିଯାଇଥିଲା। ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ନଷ୍ଟ ହୋଇଛି। ନିଆଁକୁ ଦେଖି ଗ୍ରାମବାସୀ ଗୁମ୍ମା ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଘଟଣାସ୍ଥଳରେ ଗୁମ୍ମା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସୂଚନା ମୁତାବକ ସୋମବାର ସକାଳ ୧୦ଟାରେ ସାରିଏଲ ଗମାଙ୍ଗଙ୍କ ମଟର ସାଇକେଲ ଦୋକାନରେ ହଠାତ୍ ନିଆଁ ଲାଗି ଯାଇଥିଲା। ନିଆଁରେ ଗୋଟିଏ ମଟର ସାଇକଲ, ପମ୍ପ ମେସିନ ଓ ଆବଶ୍ୟକ ଯନ୍ତ୍ରପାତି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଖବର ପାଇ ଘଟଣାସ୍ଥଳରେ ଗୁମ୍ମା ତହସିଲଦାର ଶରତ ଶବର ପହଞ୍ଚିଥିଲେ। ନିଆଁରେ ୮ରୁ ୧୦ ଲକ୍ଷ ଟଙ୍କାର ସମ୍ପତ୍ତି ଜଳି ପୋଡ଼ି ପାଉଁଶ ହୋଇଯାଇଥିବା ଅନୁମାନ କରାଯାଉଛି। ଏ ନେଇ ତହସିଲଦାର ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା କ୍ଷୟକ୍ଷତି ଆକଳନ କରାଯାଇ ସମସ୍ତ ସରକାରୀ ସୁବିଧା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

# କ୍ରାଣ୍ତିବାଲିରେ ଉମା ମହେଶ୍ୱର ମନ୍ଦିର ରତ୍ନମୁଦ ଉତ୍ସବ



ଫିରିଙ୍ଗିଆ,୧୩।୧୦(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କ୍ରାଣ୍ଡିବାଲରେ ନୂତନ ନିର୍ମିତ ଉମା ମହେଶ୍ୱର ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଦୁଇ ବର୍ଷ ପୂର୍ବେ ତ୍ରିନାଥ ମନ୍ଦିର ମୁଖ୍ୟ ପୂଜକଙ୍କୁ ମାଟି ଭିତରେ ଫୁଟା ଲିଙ୍ଗ ଥିବା ସ୍ୱପ୍ନା ଦେଶ ହୋଇଥିଲା। ପୂଜକ ପ୍ରକୃତ ଘଟଣା ଜାଣିବା ପାଇଁ ଅଞ୍ଚଳର କିଛି ବରିଷ୍ଠ ଲୋକଙ୍କୁ ଘଟଣା ବିଷୟରେ କହିଥିଲେ। ପରେ ଅଞ୍ଚଳବାସୀ ସ୍ୱପ୍ନାଦେଶ ହୋଇଥିବା କିଛି ସ୍ଥାନରେ ପୂଜାର୍ଚ୍ଚନା କରିଥିଲେ। ତ୍ରିନାଥ ମନ୍ଦିର ନିକଟରେ ଏକ ସ୍ଥାନରେ ମାଟି ଫାଟି ରହିଥିଲା। ଖୋଳିବା ପରେ ୩ ଫୁଟ ଭିତରେ ଏକ ଫୁଟା ଶିବ ଲିଙ୍ଗ ବାହାରିଥିଲା। ଏଥିନେଇ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଅଞ୍ଚଳ ସହ ଜିଲ୍ଲା ଏବଂ ଜିଲ୍ଲା ବାହାରୁ ମଧ୍ୟ ଫୁଟା ଲିଙ୍ଗ ଦର୍ଶନ ପାଇଁ ହଜାର ହଜାର ଭକ୍ତଙ୍କ ଭିଡ଼ ଜମିଥିଲା। ଘଟଣା ପରେ ପୂଜା ପାର୍ବପର୍ବାଣି ଅନୁଷ୍ଠିତ ହୋଇଥିବା ବେଳେ ସରକାରଙ୍କ ତରଫରୁ ଏବଂ ବିଧାୟକ ଓ ସାଂସଦ ପାଣ୍ଠିରୁ ଅନୁଦାନ ଦିଆଯାଇ ଉମା ମହେଶ୍ୱର ମନ୍ଦିର ନିର୍ମାଣ କରାଯାଇଛି। ଆଜି ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଛି। ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଉପସ୍ଥିତରେ କାର୍ତ୍ତିକ ମାସ ପ୍ରଥମ ସୋମବାରରେ ଘୃତଯଜ୍ଞ, ଅନ୍ନଯଜ୍ଞ, ନାମ ସଂକୀର୍ତ୍ତନ ସହ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଦିନ ୧ ଘଣ୍ଟିକା ସମୟରେ ରତ୍ନ ମୁଦ ହୋଇଥିଲା। ପୂର୍ବତନ ବିଧାୟକ ଅଙ୍ଗଦ କହଁର, ପୂର୍ବତନ ବିଧାୟକ ଦୁଗୁନି କହଁରଙ୍କ ସହ ବିଷ୍ଣୁ ଚରଣ ମଲିକ, କ୍ରାଣ୍ଡିବାଲି ସରପଞ୍ଚ ଲକ୍ଷ୍ମୀ କହଁର, ଅଜୟ କୁମାର ସାହୁ, ତ୍ରିନାଥ କହଁରଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ରତ୍ନମୁଦ ଉତ୍ସବରେ ସାମିଲ ହୋଇଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି, ସମ୍ପାଦକଙ୍କ ସହ କ୍ରାଣ୍ତି ବାଲି ଗ୍ରାମବାସୀ ଏବଂ ଅଞ୍ଚଳ ବାସୀ ସହଯୋଗ କରିଥିଲେ।

# ଅବ୍ୟବସ୍ଥାରେ ମିଶନ ଶକ୍ତି ଗୃହ, କର୍ତ୍ତୃପକ୍ଷ ଉଦାସୀନ

କାଶୀନଗର,୧୩।୧୦(ସମିସ): ଗଜପତି ଜିଲ୍ଲା କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ୧୩ଟି ୱାର୍ଡକୁ ନେଇ ଗଠିତ। ପୂର୍ବତନ ସରକାର ପକ୍ଷରୁ ମହିଳା ସଶକ୍ତୀକରଣ ନିମନ୍ତେ ବିଭିନ୍ନ ୱାର୍ଡରେ ମିଶନ ଶକ୍ତି ଗୃହ ନିର୍ମାଣ କରାଯାଇଥିଲା। ହେଲେ ଗତ ମାସରେ ଅଞ୍ଚଳରେ ୧,୩, ୧୨ ଓ ୧୩ ନଂ ୱାର୍ଡସ୍ଥିତ ମିଶନ ଶକ୍ତି ଗୃହଗୁଡ଼ିକ କିଛି ଅସାମାଜିକ ଲୋକଙ୍କ ଆ‡ାସ୍ଥଳୀ ପାଲଟିଥିବା ନେଇ ଦୈନିକ 'ସକାଳ'ରେ ପ୍ରକାଶିତ ହୋଇଥିଲା। ଉକ୍ତ ଖବର ପ୍ରକାଶ ପାଇବା ପରେ ଏନ୍ଏସି କର୍ତ୍ତୃପକ୍ଷ ନାମକୁ ମାତ୍ର ଏହାର ଯାଞ୍ଚ କରି ଚୁପ୍ ହୋଇ ରହିଥିବା ଅଭିଯୋଗ ହୋଇଛି। ଏନ୍ଏସି ଅନ୍ତର୍ଭୁକ୍ତ ସରକାରୀ ଗୃହ ଗୁଡ଼ିକ ଅବ୍ୟବସ୍ଥାରେ ରହିଥିବା ବେଳେ ଏଥିପ୍ରତି କର୍ତ୍ତୃପକ୍ଷଙ୍କ ଅବହେଳାକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ସ୍ଥିତିରେ ରବିବାର ୧୨ନମ୍ବର ୱାର୍ଡରେ ଥିବା ମିଶନ ଶକ୍ତି ଗୃହକୁ ସ୍ଥାନୀୟ ଜଣେ ବ୍ୟବସାୟୀ ବିନା ଅନୁମତିରେ କିପରି ନିଜ ସିମେଣ୍ଟ ଗୋଦାମ କରିଛନ୍ତି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରବିବାର ଏକ ଟ୍ରକ୍ ଯୋଗେ ଆସିଥିବା ସିମେଣ୍ଟ ବସ୍ତା ଗୁଡ଼ିକ ଉକ୍ତ ଗୃହରେ ରଖାଯାଉଥିବା ଦେଖାଯାଇଥିଲା। କାହା ସାହାସରେ ବ୍ୟବସାୟୀ ଜଣକ ସରକାରଙ୍କ ନିର୍ମିତ ଗୃହ ବିନା ଅନୁମତିରେ ବ୍ୟବହାର କରୁଛନ୍ତି ତାହା ଏବେ ପ୍ରଶ୍ନ ହୋଇଛି। ପୂର୍ବରୁ ବାରମ୍ବାର ଉକ୍ତ ଘଟଣା ଉପରେ ଏନ୍ଏସି ଉପାଧ୍ୟକ୍ଷ, ସ୍ଥାନୀୟ କିଛି କାଉନସିଲର ଓ ଉକ୍ତ ୱାର୍ଡର କିଛି ଯୁବ ଗୋଷ୍ଠୀ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିବା ପରେ ବି କୌଣସି ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହୋଇଛି।



ଉକ୍ତ ଘଟଣାକୁ ନେଇ କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି, ମିଶନ ଶକ୍ତି ଗୃହର ଅପବ୍ୟବହାର ନେଇ ଖବରକାଗଜରେ ପ୍ରକାଶିତ ହେବା ପରବର୍ତ୍ତୀ ସମୟରେ କାର୍ଯ୍ୟାଳୟ ଦୁଇ କର୍ମଚାରୀଙ୍କୁ ଉକ୍ତ ମିଶନ ଶକ୍ତି ଗୃହ ଗୁଡ଼ିକର ତଦାରଖ କରିବା ନେଇ କୁହାଯାଇଥିଲା । ତଦାରଖ କରୁଥିବା ଦୁଇ କର୍ମଚାରୀ ପ୍ରକାଶିତ ଖବର ସତ୍ୟ ବୋଲି କହିବା ସହ ଉକ୍ତ ଗୃହ ଗୁଡ଼ିକର ଫଟୋ ବି ଅଧିକାରୀଙ୍କୁ ଦେଇଥିବା କହିଛନ୍ତି। ପରେ ଉକ୍ତ ବ୍ୟବସାୟୀଙ୍କୁ ଡକାଇ ମିଶନ ଶକ୍ତି ଗୃହରେ ଥିବା ଜିନିଷ ଓ ସିମେଣ୍ଟ ଖାଲି କରିବା ନେଇ କୁହାଯାଇଥିବା ନିର୍ବାହୀ ଅଧିକାରୀ କହିଛନ୍ତି। ହେଲେ ସତ୍ୟ ଘଟଣା ଉପରେ ନିର୍ବାହୀ ଅଧିକାରୀଙ୍କ କାହିଁକି ଉଚିତ୍ ପଦକ୍ଷେପ ନେଉନାହାନ୍ତି ଏନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ମିଶନ ଶକ୍ତି ଗୃହ ଦାୟିତ୍ୱରେ ଏନ୍ଏସି ସିଇଓ ଉଜ୍ଜଳତା ସ୍ୱାଆଲସିଂ ରହିଛନ୍ତି ବୋଲି କାର୍ଯ୍ୟ ନିର୍ବାହୀ ଅଧିକାରୀ କହିଛନ୍ତି। ହେଲେ ସିଇଓଙ୍କ ଅବହେଳା ଯୋଗୁଁ ମିଶନ ଶକ୍ତି ଗୃହ ଗୁଡ଼ିକ ଅବ୍ୟବସ୍ଥାରେ ରହିଛି କି ବୋଲି ପଚାରିବାରୁ ନିର୍ବାହୀ ଅଧିକାରୀ କୌଣସି ସନ୍ତୋଷଜନକ ଉତ୍ତର ଦେଇନଥିଲେ। ସେହିପରି କାଶୀନଗର ଅଂଚଳରେ ବିଭିନ୍ନ ପ୍ରକଳ୍ପ ଲୋକଙ୍କ କାମରେ ନ ଲାଗି ନଷ୍ଟ ହେଉଥିବା ଅଭିଯୋଗ ହୋଇଛି।

## ପୁଲିସ ସହାୟତା କେନ୍ଦ୍ରରେ ତାଲା

ଆସିକା,୧୩।୧୦(ସମିସ): ଆସିକା ଥାନା ଅନ୍ତର୍ଗତ ବିଜୁ ପଟ୍ଟନାୟକ ଛକରେ ଡିସେମ୍ବର ୨୦୨୨ ଶେଷ ସପ୍ତାହରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ପୁଲିସ ସହାୟତା କେନ୍ଦ୍ର ଉଦଘାଟନ କରିଥିଲେ ତତ୍କାଳୀନ ଦକ୍ଷିଣାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ। ଇତି ମଧ୍ୟରେ ତିନି ବର୍ଷରୁ ଅଧିକ ସମୟ ବିତି ଯାଇଥିଲେ ମଧ୍ୟ ଏହି ସହାୟତା କେନ୍ଦ୍ରରେ ତାଲା ଝୁଲିବା ପରିତାପର ବିଷୟ। ଗଞ୍ଜାମ ଜିଲ୍ଲାର ସମୃଦ୍ଧଶାଳୀ ଅଞ୍ଚଳ ଆସିକାରେ ବୃଦ୍ଧି ପାଉଥିବା ମାମଲା ଓ ଆଇନ ଶୃଙ୍ଖଳା ପାଇଁ ଆସିକା ଥାନାରୁ ଆସିକା ବ୍ଲକର ଆଠଟି ପଞ୍ଚାୟତକୁ ନେଇ କୋଟିନଦୀ ଥାନା ଗଠନ ହୋଇଥିଲା ଓ ଏହା ପରେ ବିଜୁ ପଟ୍ଟନାୟକ ଛକରେ ଏହି ପୁଲିସ ସହାୟତା କେନ୍ଦ୍ର ନିର୍ମାଣ କରାଯାଇ ଜନସାଧାରଣଙ୍କ ପାଇଁ ଲୋକାର୍ପଣ କରାଯାଇଥିଲା। ଏହି ସ୍ଥାନରେ ଏହି ସହାୟତା କେନ୍ଦ୍ର ଆରମ୍ଭ ହେଲେ ଅପରାଧୀଙ୍କ ଗତିବିଧି, ଟ୍ରାଫିକ ନିୟନ୍ତ୍ରଣ, ଭୋଇଜନ ଖଣିଜ ସମ୍ପଦ ଚାଲାଣ ଉପରେ ଚଢ଼ାଉ, ଗଞ୍ଜେଇ ମଦ ଆଦି ଚାଲାଣ ଉପରେ ଚଢ଼ାଉ ହୋଇପାରିବ। କିନ୍ତୁ ନିର୍ମାଣ ହୋଇଥିବା କୋଠା ଓ ଏହା ମଧ୍ୟରେ ଥିବା ଆସବାବପତ୍ର ସବୁ ବ୍ୟବହାର ନହୋଇ ନଷ୍ଟ ହେବା ପ୍ରାୟ। ଦିନକୁ ଦିନ ଆସିକା ରେ ଆଇନ ଶୃଙ୍ଖଳା ବ୍ୟବସ୍ଥା ଟ୍ରାଫିକ ନିୟନ୍ତ୍ରଣ ଆଦି ବିଗୁଡ଼ୁ ଥିବା ବେଳେ କାହିଁକି ଏହି ସହାୟତା କେନ୍ଦ୍ର କାର୍ଯ୍ୟକ୍ଷମ ହେଉନାହିଁ ତାହା ପ୍ରଶ୍ନବାଚୀ। ଅପରାଧୀଙ୍କ ଯାତାୟତର ମୁଖ୍ୟ ରାସ୍ତା ବିଜୁ ପଟ୍ଟନାୟକ ଛକରେ ଆବଶ୍ୟକତା ଅନୁଭବ କରି ଏହି ସହାୟତା କେନ୍ଦ୍ର ନିର୍ମାଣ ହୋଇଥିଲା କିନ୍ତୁ ଏହା ଏବେ ସାଇକେଲ ବାଇକ ପାର୍କିଂର ସ୍ଥାନ ପାଲଟିଛି।

## ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଛତ୍ରପୁର,୧୩।୧୦(ସମିସ): ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। କମ୍ୟୁନିଟି ପୁଲିସ ପ୍ରୋଗ୍ରାମ ଆନୁକୂଲ୍ୟରେ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ର ମିଳିତ ସହଯୋଗରେ ଆୟୋଜିତ ଶିବିରକୁ ଗଞ୍ଜାମ ପୁଲିସ ଜିଲ୍ଲାର ଅତିରିକ୍ତ ଏସପି ରଞ୍ଜିତ କୁମାର ପୃଷ୍ଟି, ଛତ୍ରପୁର ଏସଡିପିଓ ଚନ୍ଦନ ଘଡେଇ, ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ଅଧିକାରୀଣୀ ବିଦ୍ୟା ଭାରତୀ ନାୟକ, ଆର୍ଯ୍ୟପଲ୍ଲୀ ସରପଞ୍ଚ ତ୍ରିଲୋଚନ ବେହେରା, ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷକ ଡାକ୍ତର ସାଧାନ କୁମାର ରଥ, ଜନ ସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ବରୁଣ କୁମାର ପାଣିଗ୍ରାହୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଏକାଭି ପ୍ରସାଦ ଚକ୍ଷୁ ଚିକିତ୍ସାଳୟର ଡାକ୍ତର ମାନେ ଯୋଗ ଦେଇ ରୋଗୀଙ୍କୁ ଚିକିତ୍ସା ପ୍ରଦାନ କରିବା ସହିତ ମାଗଣା ଔଷଧ ପ୍ରଦାନ କରାଯାଇଥିଲା।

## ସାଧାରଣ ଶିକ୍ଷା ବ୍ୟବସ୍ଥା ସମ୍ପର୍କିତ ଆଲୋଚନା

ଭଞ୍ଜନଗର,୧୩।୧୦(ସମିସ): ସ୍ଥାନୀୟ ରାଧାକୃଷ୍ଣ ପାଠାଗାରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ "ସାଧାରଣ ଶିକ୍ଷା ବ୍ୟବସ୍ଥା: ସ୍ଥିତି ଓ ଭବିଷ୍ୟତ' ସଂପର୍କିତ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। କେ.ଏସ.ୟୁ.ବି. ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ମୁଖ୍ୟ ଅତିଥି, ଗୋବରା ମହିଳା ମହବିଦ୍ୟାଳୟର ଅଧ୍ୟାପିକା ଡ. ନଳିନୀପ୍ରଭା ଦାସ, ସମ୍ମାନିତ ଅତିଥି ଓ ସୁରଜ୍ ମଲ୍ଲ ସାହା ମହାବିଦ୍ୟାଳୟ, ପୁରୀର ପ୍ରାକ୍ତନ ସୁରେନ୍ଦ୍ର କୁମାର ଜେନା ମୁଖ୍ୟ ବକ୍ତା ରୂପେ ଯୋଗ ଦେଇଥିଲେ। ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ଧ୍ୱସ୍ତ ବିଧ୍ୱସ୍ତ ହୋଇ ସବୁ ବେଳେ ପ୍ରାକୃତିକ ବିପର୍ଯ୍ୟୟର ଶିକାର ହୋଇ ଆସୁଥିବା ଏକ କ୍ଷୁଦ୍ର ଦେଶ ଜାପାନ ଶିକ୍ଷାକୁ ଗୁରୁତ୍ୱ ଦେଇ ଏକ ବିକଶିତ ରାଷ୍ଟ୍ର ରୂପେ ଉଭା ହୋଇଛି। ଡ. ନଳିନୀପ୍ରଭା ଦାସ ଶିଶୁ ଶିକ୍ଷା ପରିବାରରୁ ଆରମ୍ଭ ହୁଏ ବୋଲି କହିଥିଲେ। ମୁଖ୍ୟବକ୍ତା ସୁରେନ୍ଦ୍ର କୁମାର ଜେନା, ବରିଷ୍ଠ ଆଇନଜୀବୀ ଅଭିମନ୍ୟୁ ଗୌଡ଼ ଓ ଉପସଭାପତି ପଦ୍ମଚରଣ ପ୍ରଧାନ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାର ଆମୂଳଚୂଳ ପରିବର୍ତ୍ତନ ପାଇଁ ଆହ୍ୱାନ ଦେଇଥିଲେ। ଆମ୍ବେଦକରବାଦୀ ସୁଧୀର ନାୟକ, କୃଷକ ସଭାର ସଭାପତି ମୁଗୁନା ଗମାଙ୍ଗ ଓ ସମ୍ପାଦକ ଦୀନବନ୍ଧୁ ଜେନା, ଶିକ୍ଷକ ଭଞ୍ଜକିଶୋର ପ୍ରଧାନ, ଜୟରାମ ଗୌଡ଼, ମୋହନ ସାହୁ, ଯୁବ କଂଗ୍ରେସ ନେତା ସୁକାନ୍ତ ଦିଗାଲ, ଅବସର ପ୍ରାପ୍ତ ମୁଖ୍ୟ କିରାଣି ତାରିଣୀ ନାୟକ, କୃମି କ୍ଷେତ୍ରୀୟ ସଂସ୍ଥାର ସମ୍ପାଦକ ବୈଦ୍ୟନାଥ ପ୍ରଧାନ, କୃଷକ ନେତା ଉଳା ସେଠି, ଛାତ୍ର ନେତା ଉତ୍ତମ ପ୍ରଧାନ , ଛାତ୍ରୀ ତପସ୍ୱିନୀ ନାୟକ, କୃଷ୍ଣ ନାୟକ ସମେତ ବହୁ ଛାତ୍ରଛାତ୍ରୀ ଓ ଗ୍ରାମବାସୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପାଠଗାରାର ସମ୍ପାଦକ ଭଞ୍ଜକିଶୋର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## କାର୍ତ୍ତିକ ପ୍ରଥମ ସୋମବାର ଫିକା ପଡ଼ିଲା

ଗଞ୍ଜାମ,୧୩।୧୦(ସମିସ): ପବିତ୍ର କାର୍ତ୍ତିକ ମାସର ପ୍ରଥମ ସୋମବାରରେ ବର୍ଷା ପ୍ରଭାବ ରହିଥିଲା। ଯାହାକୁ ନେଇ ଗଞ୍ଜାମ ବ୍ଲକରେ ରହିଥିବା ସମସ୍ତ ଶିବପୀଠ ମାନଙ୍କରେ ଶ୍ରଦ୍ଧାଳୁ ମାନଙ୍କ ଭିଡ଼ ଦେଖିବାକୁ ମିଳିନଥିଲା। ପ୍ରତି ବର୍ଷ ପ୍ରତ୍ୟେକ ସୋମବାରରେ ବିଭିନ୍ନ ସୋମବାର ମାନଙ୍କରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହେଉଥିବା ବେଳେ ଚଳିତ ବର୍ଷ ପ୍ରଥମ ସୋମବାର ବର୍ଷା ଯୋଗୁଁ ଫିକା ପଡିଛି। ବଟେଶ୍ୱର, ଅଳେଶ୍ୱର, ମକରେଶ୍ୱର, ବାଲି ଲୋକନାଥ, ଝାଡ଼େଶ୍ୱର, ରାମେଶ୍ୱର, ଖଣ୍ଡେଶ୍ୱର, କାଶୀ ବିଶ୍ୱନାଥ, ଟୋଲକେଶ୍ୱର ପ୍ରମୁଖ ଶୈବପୀଠ ମାନଙ୍କରେ ଶ୍ରଦ୍ଧାଳୁ ପହଞ୍ଚି ପାରିନଥିବା ଯୋଗୁଁ ଖାଁ ଖାଁ ଲାଗୁଥିବା ଲକ୍ଷ୍ୟ କରାଯାଇଥିଲା।

## କୋମାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ
# ପାଳିରେ କାମ କରୁଛନ୍ତି ଡାକ୍ତର

ପାରଳାଖେମୁଣ୍ଡି,୧୩।୧୦(ସମିସ)




- ନାହାନ୍ତି ଆବଶ୍ୟକ ଡାକ୍ତର, କର୍ମଚାରୀ
- ବାରମ୍ବାର ଅଭିଯୋଗ ସତ୍ତ୍ୱେ ପଦକ୍ଷେପ ଶୂନ

ବିଭିନ୍ନ ସେବାରେ ପୂର୍ବ ସରକାର ବିଫଳ କହି ଗାଦିର ଫଳ ପାଇ ନୂଆ ସରକାର ନିଘୋଡ ନିଦ୍ରାରେ ରହିଥିବା ଦେଖିବାକୁ ମିଳୁଛି । ଯେଉଁ ଦଳ ପୂର୍ବ ସରକାରକୁ ସ୍ୱାସ୍ଥ୍ୟ ସେବା ପାଇଁ ରାଜରାସ୍ତାରେ ଲୋକଙ୍କ ସମ୍ମୁଖରେ ଦୋଷୀ କରିଥିଲା ଏବଂ ପୂର୍ବ ସରକାର ଅକର୍ମଣ୍ୟ, ପଙ୍ଗୁ ଭଳି ଶବ୍ଦ ପ୍ରୟୋଗ କରୁଥିଲା ଆଜି ସେମାନଙ୍କ କ୍ଷେତ୍ରରେ ସେହି ଶବ୍ଦ ବର୍ତ୍ତମାନର ସରକାରକୁ ଗଜପତି ଜିଲ୍ଲାବାସୀ ପ୍ରୟୋଗ କରୁଛନ୍ତି। ଏହାର ଉଦାହରଣ ହେଉଛି ଆଦିବାସୀ ଅଧ୍ୟୁଷିତ ଗଜପତି ଜିଲ୍ଲାର କୋମାରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ। ଡବଲଇଞ୍ଜିନ ସରକାର ସିଙ୍ଗଲ ଇଞ୍ଜିନ୍ ଥିବାବେଳେ ନୀତି ଆୟୋଗର କାର୍ଡ ଖେଳି ଓଡ଼ିଶାର ଅନେକ ଜିଲ୍ଲାକୁ ସାମିଲ କଲେ । ସେହି ସାମିଲ ହୋଇଥିବା ଜିଲ୍ଲାଗୁଡ଼ିକର ଚିଠାରେ ଥିବା ଅନ୍ୟତମ ପଛୁଆ ଜିଲ୍ଲା ଗଜପତି ଜିଲ୍ଲା । ଏପରିକି ବିଭିନ୍ନ କ୍ଷେତ୍ରରେ ଏହି ଜିଲ୍ଲା ଭଲ ପ୍ରଦର୍ଶନ କରୁଥିବା ପ୍ରଶାସନିକ ଅଧିକାରୀଙ୍କୁ ଦିଲ୍ଲୀକୁ ଡାକି ପୁରସ୍କୃତ ମଧ କଲେ। କିନ୍ତୁ ସ୍ୱାସ୍ଥ୍ୟ ସେବା ଉପରେ ନୂଆ ସରକାର ସିଙ୍ଗଲ ଇଞ୍ଜିନ୍‌ରୁ ଡବଲ ହୋଇ ମଧ କିଛି କରିପାରିଲେ ନାହିଁ। ଗଜପତି ଜିଲ୍ଲାର ସଦରମହକୁମା ପାରଳାଖେମୁଣ୍ଡିରେ ରହିଛି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ । କେବଳ ନାମକୁ ମାତ୍ର ଥିବା ଏହି ଚିକିତ୍ସାଳୟରେ ସରକାରଙ୍କ ଅବହେଳା ଚରମ ସୀମାରେ ପହଞ୍ଚିଛି। ରୋଗୀକୁ ଚିକିତ୍ସା କରିବା ତ ଦୂରର କଥା ପ୍ରଥମେ ଏହି ଚିକିତ୍ସା କେନ୍ଦ୍ରକୁ ଚିକିତ୍ସା କରିବା ଆବଶ୍ୟକତା ଥିବା ସର୍ବସାଧାରଣରେ ଆଲୋଚନା ହେଉଛି। ଜିଲ୍ଲାର ୭ ବ୍ଲକ ସମେତ ଦୁଇ ସହରାଞ୍ଚଳର ଲକ୍ଷ ଲକ୍ଷ ଲୋକ ଏହି ଚିକିତ୍ସା କେନ୍ଦ୍ର ଉପରେ ନିର୍ଭର କରୁଥିବା ବେଳେ ଅବହେଳାର କେନ୍ଦ୍ରବିନ୍ଦୁ ପାଲିଟିଛି। ପୂର୍ବରୁ ଏବଂ ବର୍ତ୍ତମାନ ରାୟଗଡା ଜିଲ୍ଲା ଗୁଣୁପୁର ସବଡିଭିଜନରୁ ଆରମ୍ଭ କରି ପଡୋଶୀ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲ୍ଲାର ୫ରୁ ଅଧିକ ମଣ୍ଡଳର ଲୋକେ ମଧ ଏହି ଚିକିତ୍ସା କେନ୍ଦ୍ର ଉପରେ ନିର୍ଭରଶୀଳ। କିନ୍ତୁ ଡାକ୍ତର ଓ ପାରାମେଡିକାଲ ଷ୍ଟାଫଙ୍କ ଅଭାବ ଧିରେ ଧିରେ କେବଳ ରୋଗୀଙ୍କ ସଂଖ୍ୟା କମାଇଛି ତାହା ନୁହେଁ ପଡୋଶୀ ଆନ୍ଧ୍ରପ୍ରଦେଶରେ ଥିବା ଅନେକ ଘରୋଇ ଚିକିତ୍ସା କେନ୍ଦ୍ରର ପକେଟ ଭରୁଛି। ଏପରିକି ପାରଳାଖେମୁଣ୍ଡିର ବିଭିନ୍ନ ଗଳିକନ୍ଦିରେ ଜିଲ୍ଲା ମୁଖ୍ୟ ଚିକିତ୍ସା କେନ୍ଦ୍ରରେ ନିୟୋଜିତ କିଛି ଡାକ୍ତର ବିଭିନ୍ନ ଔଷଧ ଦୋକାନ, ପରୀକ୍ଷା କେନ୍ଦ୍ର ଓ ନର୍ସିଂ ହୋମ୍‌ରେ ଚିକିତ୍ସା ସେବା ଯୋଗାଇ ମାଲାମାଲ ହେଉଛନ୍ତି। ଯାହାଫଳରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଗରିବ ଲୋକେ ସରକାରଙ୍କ ବିଭିନ୍ନ ଯୋଜନା ଥିବା ସତ୍ତ୍ୱେ ବେସରକାରୀ ଚିକିତ୍ସା ପାଇଁ ପାଣି ଭଳି ଟଙ୍କା ସାରୁଛନ୍ତି। ଯାହା ଦର୍ଶାଉଛି ସରକାରଙ୍କ ମାଗଣା ଚିକିତ୍ସା, ମାଗଣା ଔଷଧ, ମାଗଣା ପରୀକ୍ଷା ଓ ଆୟୁଷ୍ମାନ ସ୍ୱାସ୍ଥ୍ୟକାର୍ଡ ବ୍ୟବସ୍ଥା କେବଳ ଧୂଆଁବାଣ।

ଜିଲ୍ଲା ମୁଖ୍ୟ ଚିକିତ୍ସା ଚିକିତ୍ସାଳୟ ପାଇଁ ୩୫୦ ଶଯ୍ୟା ପ୍ରସ୍ତାବ ରହିଥିବା ବେଳେ ୧୨୮ ଡାକ୍ତର ଓ ୧୨୨ ଜଣ ପାରାମେଡିକାଲ ଷ୍ଟାଫ୍‌ଙ୍କ ଆବଶ୍ୟକତା ରହିଛି। ହେଲେ ପ୍ରସ୍ତାବ ଗୃହୀତ ହେବାତ ଦୂରର କଥା ଦୀର୍ଘ ଦିନରୁ ବର୍ତ୍ତମାନ ଥିବା ୧୨୦ ଶଯ୍ୟା ପାଇଁ ୪୮ ଡାକ୍ତର ଆବଶ୍ୟକ ସ୍ଥଳେ ମାତ୍ର ୨୦ ଜଣ ସ୍ଥାୟୀ ଓ ଠିକା ଡାକ୍ତର ରହିଛନ୍ତି। ସେଥିମଧ୍ୟରୁ ୭ରୁ ୮ ଜଣ ଡାକ୍ତର କେବେଳ ଚିକିତ୍ସା ଯୋଗାଉଛନ୍ତି। ଏହା ମଧ୍ୟ ପାଳି କରି ଚିକିତ୍ସା କେନ୍ଦ୍ରରେ ଡ୍ୟୁଟି କରୁଛନ୍ତି। ଅଧିକାଂଶ ରୋଗୀଙ୍କୁ ଅନ୍ୟତ୍ର ରେଫର କରି ସୁସ୍ଥିଆ କାର୍ଯ୍ୟ ସମ୍ପାଦନ କରୁଥିବା ବିଭିନ୍ନ ସମୟରେ ଖବରର ଶିରୋନାମା ପାଲଟୁଛି। ସେପଟେ ପାରାମେଡିକାଲ ଷ୍ଟାଫ୍ ମଧ୍ୟ ୩୦ ଜଣ, ୧୨୦ଟି ଶଯ୍ୟା ସମେତ ଆଉଟଡୋର୍‌ରେ ଜରୁରୀକାଳୀନ ଚିକିତ୍ସାରେ କାର୍ଯ୍ୟ କରୁଛନ୍ତି । ଚିକିତ୍ସା କେନ୍ଦ୍ରରେ ମଳ, ମୂତ୍ର, ଅଲଟ୍ରାସାଉଣ୍ଡ, ଏଣ୍ଡୋସ୍କୋପି ଭଳି ସରକାରଙ୍କର ଦ୍ୱାରା ନିର୍ଦ୍ଧାରିତ ୮୦ ପ୍ରତିଶତ ପରୀକ୍ଷା ହୋଇପାରୁନାହିଁ। ସେହିପରି ମାଗଣା ଔଷଧ ମଧ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ୪୦ ପ୍ରତିଶତ ହିଁ ମିଳିପାରୁଛି। ଗୁରୁତର ରୋଗୀ ଗଲେ ଗ୍ୟାଷ୍ଟିକ୍ ଏବଂ ପେଇନକିଲର୍ ଇଞ୍ଜେକସନ୍ ଓ ଔଷଧରେ ଚିକିତ୍ସା ଚାଲିଥିବା ଅନେକ ସମୟରେ ଅଭିଯୋଗ ହୋଇଛି । ବିଶେଷଜ୍ଞ ଡାକ୍ତର କିଛି ନିଜ ନିର୍ଦ୍ଧାରିତ ସମୟରୁ ଅଧିକ ସମୟ ଡ୍ୟୁଟି କରୁଥିବା ବେଳେ ଅଧିକାଂଶ ନିଜ ବ୍ୟବସାୟ ଓ ବ୍ୟକ୍ତିଗତ କାର୍ଯ୍ୟରେ ରହି ଠକୁଛନ୍ତି। ଏପରିକି କିଛି ଆନ୍ଧ୍ରପ୍ରଦେଶ ଓ ବ୍ରହ୍ମପୁରର ବିଭିନ୍ନ ଘରୋଇ ଚିକିତ୍ସାଳୟରେ କାର୍ଯ୍ୟକରି ଜିଲ୍ଲା ମୁଖ୍ୟ ଚିକିତ୍ସା କେନ୍ଦ୍ରରେ ମଧ୍ୟ ପାଳି କରି ନିଜ ଡ୍ୟୁଟି କରୁଛନ୍ତି। ଆଉ କିଛି ଡାକ୍ତର ନିଜ ଘର କିମ୍ବା ସେମାନେ ବସୁଥିବା ଔଷଧ କେନ୍ଦ୍ରକୁ ରୋଗୀଙ୍କୁ ଆସିବାକୁ ବାଧ କରୁଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ କେବଳ ଶିଶୁ ଚିକିତ୍ସା ପାଇଁ କର୍ପସଫଣ୍ଡରୁ ଲକ୍ଷାଧିକ ଟଙ୍କାରେ ଆନ୍ଧ୍ରର ଘରୋଇ ଚିକିତ୍ସା କେନ୍ଦ୍ରରୁ ଡାକ୍ତର ଭଡ଼ାରେ ଅଣାଯାଉଛି। ଯାହା ଫଳରେ ଲୋକଙ୍କ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିଲେ ବି ଆସୁଥିବା ଡାକ୍ତର ଆଉଟଡୋର୍ ସମୟରେ ପହଞ୍ଚୁନାହାନ୍ତି ଓ ଇଣ୍ଡୋରରେ ସେମାନଙ୍କ ଦେଖା ମିଳୁନାହିଁ। ବାରମ୍ବାର ଅଭିଯୋଗ ଓ ଗଣମାଧ୍ୟମରେ ପ୍ରଚାର ପ୍ରସାର ହେବା ପରେ ମଧ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଏହି ଚିକିତ୍ସା କେନ୍ଦ୍ରର ସମସ୍ୟା କ୍ଷେତ୍ରରେ ନିରବଦ୍ରଷ୍ଟା ସାଜିଛନ୍ତି। ଅନେକ ସମୟରେ ଅନେକ ନେତା ମନ୍ତ୍ରୀ ଆସୁଥିବା ବେଳେ ଅଭିଯୋଗ ମଧ ଉକ୍ତ ଚିକିତ୍ସା କେନ୍ଦ୍ରକୁ ନେଇ ହୋଇଥିଲେ ହେଁ ସେମାନେ ସମସ୍ୟାର ସମାଧାନ କରିପାରୁନାହାନ୍ତି। ଜିଲ୍ଲାରେ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ୮୧ ଜଣ ଡାକ୍ତର ନିୟୋଜିତ ଥିବାରୁ ସେଠାରୁ କିଛି ଡାକ୍ତରଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସା କେନ୍ଦ୍ରକୁ ବଦଳି କରିବା ପାଇଁ କୌଣସି ପ୍ରଚେଷ୍ଟା ମଧ ହେଉନଥିବା ଅଭିଯୋଗ ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଏମ ମୁବାରକ ଅଲ୍ଲୀଙ୍କୁ ପଚାରିବାରୁ ସେ ସମସ୍ୟା ସମାଧାନ ଦିଗରେ ପ୍ରଚେଷ୍ଟା ଜାରି ରଖିଛନ୍ତି ଏବଂ ବିଭିନ୍ନ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କିଛି ଡାକ୍ତରଙ୍କୁ ଆଣିବା ପାଇଁ ଚେଷ୍ଟା କରାଯିବ ବୋଲି କହିଛନ୍ତି। ପୂର୍ବ ସରକାରକୁ ଅନେକ ସମୟରେ ସ୍ୱାସ୍ଥ୍ୟ ସେବା ପାଇଁ ଭର୍ତ୍ସନା କରୁଥିବା ନୂତନ ସରକାର କୋମାରେ ଥିବା ଗଜପତି ଜିଲ୍ଲା ମୁଖ୍ୟ ଚିକିତ୍ସା କେନ୍ଦ୍ରକୁ କେବେ ସୁସ୍ଥ କରିବେ ତାହା ଏବେ ପ୍ରଶ୍ନ ହୋଇଛି।

## ସାନଖେମୁଣ୍ଡିରେ ମିଳିତ ଅଭିଯୋଗ ଶୁଣାଣି

ସାନଖେମୁଣ୍ଡି,୧୩।୧୦(ସମିସ): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଗଞ୍ଜାମ ଓ ଆରକ୍ଷୀ ଅଧିକ୍ଷକ ଗଞ୍ଜାମଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଏହା ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଅହିଯୋଗ ଶୁଣାଣୀ ହୋଇଥିବା ବେଳେ ସେମାନଙ୍କ ଅନୁପସ୍ଥିତ ଥିବା ଯୋଗୁଁ ଲୋକଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଡ଼.ପ୍ରମୋଦ ପୃଷ୍ଟି, ବ୍ରହ୍ମପୁର ଉପ ଜିଲ୍ଲାପାଳ ଅବିନାଶ କୁମାର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରକାଶ କୁମାର ଦାସ, ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ବିଜୟ ବେହେରା, ସାନଖେମୁଣ୍ଡି ବ୍ଲକ ଅଧକ୍ଷ ସିମାଞ୍ଚଳ ପାତ୍ର, ଉପାଧକ୍ଷକ୍ଷ ରିଙ୍କି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୫୦୨ ଜଣ ଅଭିଯୋଗ କରିଥିଲେ। ଆଜି ତୁହା କୁ ତୁହା କୁ ବର୍ଷା ହେଉଥିବା ହେତୁ ଅଭିଯୋଗ କରିବାକୁ ଆସିଥିବା ଲୋକ ମାନେ ବର୍ଷା ରେ ଓଦା ହୋଇ ମଧ୍ୟ ଅଭିଯୋଗ କରିଥିଲେ। ପଳାଶପୁର ଗ୍ରାମରେ ଆଜକୁ ପ୍ରାୟ ୫ ବର୍ଷ ରୁ ଉର୍ଦ୍ଧ ହେବ ସୁଲିଆ ନାଳ ନାମ ରେ ମନରେଗା ଯୋଜନାରେ ରେ ଏକାଧିକ ବିଲ୍ କରି ଲୁଟି ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ରାମଚନ୍ଦ୍ରପୁର ପଞ୍ଚାୟତ ର ରବିନ୍ଦ୍ର ପାତ୍ର ଜଞ୍ଜଓ ରେ ତଥ୍ୟ ମାଗିଲେ ସାନଖେମୁଣ୍ଡି ବ୍ଲକ ରୁ କୌଣସି ତଥ୍ୟ ମିଳିନଥିବାରୁ ଅଭିଯୋଗ କରିଥିଲେ। ସେହିପରି ସାନଖେମୁଣ୍ଡିରେ ମନରେଗା କାମ ଗୁଡିକ ଫଲ୍ସ ହେଉଥିବା ବେଳେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ଅଧିକାରୀ ତଦନ୍ତ କରୁନଥିବା ଅଭିଯୋଗ ହୋଇଥିବା ସୂଚନା ମିଳିଛି। କାର୍ଯ୍ୟକ୍ରମରେ ଜିଲ୍ଲା ଅଧିକାରୀ ଉପସ୍ଥିତ ଥିବା ସହ ସାନଖେମୁଣ୍ଡି ବିଡିଓ ଜିତେନ୍ଦ୍ର ମିଶ୍ର, ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ, ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ କୋରେଶୁ ସେଠୀ, ଗୋଷ୍ଠୀ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଭବାନୀ ବେହେରା, ଗୋଷ୍ଠୀ କୃଷି ଅଧିକାରୀ ଜୟ ପ୍ରଭା ଆଚାର୍ଯ୍ୟ ଉପସ୍ଥିତ ଥିଲେ। ବର୍ଷାରେ ଭିଜି ଅଭିଯୋଗ କରିବାକୁ ଆସିଥିବା ଜୀଉରା ପଞ୍ଚାୟତ ଏସ୍ ରଘୁନାଥପୁର ଗ୍ରାମର ମହିଳାମାନେ ଦୀର୍ଘ ୧ ଘଣ୍ଟା ଅପେକ୍ଷା କରିଥିଲେ ମଧ୍ୟ ଅଭିଯୋଗ ନ କରି ନିରାଶ ହୋଇ ଫେରିଥିବା ଦେଖିବାକୁ ମିଳିଛି।

## ମାସିକ କ୍ଲଷ୍ଟରସ୍ତରୀୟ ବୈଠକ

ରମ୍ଭା,୧୩।୧୦(ସମିସ): ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଗଂଜାମ ପକ୍ଷରୁ ଚଳିତ ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ ଚତୁର୍ଥ ମାସିକ କ୍ଲଷ୍ଟର ସ୍ତରୀୟ ଅଭିମୁଖୀକରଣ ବୈଠକ ଅନୁଷ୍ଠିତ ହୋଇଛି। ପ୍ରତିଷ୍ଠାନର ଅଧକ୍ଷ ଡକ୍ଟର ସନ୍ତୋଷ କୁମାର ପରିଡ଼ା ବୈଠକ ଆରମ୍ଭ କରିଥିଲେ । ସିଆର୍‌ସିସି ସନ୍ତୋଷ କୁମାର ମହାନ୍ତି ଦୀପ ମନ୍ତ୍ର ଉଚ୍ଚାରଣ ସହିତ ଶ୍ଳୋକ ଉଚ୍ଚାରଣ କରିଥିଲେ। ବରିଷ୍ଠ ପ୍ରଶିକ୍ଷକ ବିଷ୍ଣୁ ନାରାୟଣ ଜେନା ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। ବୈଠକରେ ପ୍ରଦତ୍ତ ପ୍ରଶିକ୍ଷଣ କିଭଳି ବିଦ୍ୟାଳୟ ସ୍ତରରେ କାର୍ଯ୍ୟକାରୀ ହେବା, ନିୟମିତ ବିଦ୍ୟାଳୟ ତଦାରଖ, ପାଠ୍ୟ ଯୋଜନା ପ୍ରସ୍ତୁତି ଉପରେ ଅଧକ୍ଷ ଡକ୍ଟର ପରିଡ଼ା ଗୁରୁତ୍ୱାରୋପ ପ୍ରଦାନ କରିଥିଲେ। ଜିଲ୍ଲାର ସମସ୍ତ ବ୍ଲକର ସି ଆର୍ ସି ସି ଅନୁଷ୍ଠିତ ତ୍ରିଦିବସୀୟ ବୈଠକରେ ଉପସ୍ଥିତ ରହି ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଆୟୋଜିତ ତ୍ରିଦିବସୀୟ ବୈଠକରେ ବରିଷ୍ଠ ପ୍ରଶିକ୍ଷକ ବିଷ୍ଣୁ ନାରାୟଣ ଜେନା, ନବୀନ ପ୍ରାମାଣିକ, ଜିତେନ୍ଦ୍ର କୁମାର ପଣ୍ଡା, ମୁକ୍ତିକାନ୍ତ ବେହେରା, ସୁକୁଲେଇ ଟୁଡୁ, ପ୍ରଶିକ୍ଷିକା ଡକ୍ଟର ନିହାରିକା ସାମନ୍ତରାୟ, ଲିପି ଶ୍ରୀ ଦେବୀ, ବବିତା ସିଂ ନାୟକ, ଗାୟତ୍ରୀ ସ୍ୱାଇଁ, କଲ୍ୟାଣୀ କୁମାରୀ ଗୌଡ଼ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କାର୍ଯ୍ୟାଳୟର ସେକ୍ସନ ଅଧିକାରୀ ପ୍ରବେଶ ପଟ୍ଟନାୟକ, ସହକାରୀ କିରାଣି ଆଶିଷ ରଞ୍ଜନ ସେଠୀଙ୍କ ସମେତ ଅନ୍ୟ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ପର୍ସ ସହ ଟଙ୍କା ଫେରାଇଲା ପୁଲିସ



ଛତ୍ରପୁର,୧୩।୧୦(ସମିସ): ଛତ୍ରପୁର ପୁଲିସ ଦେଖାଇଲା ମହାନତା। ଜଣେ ବ୍ୟକ୍ତିଙ୍କ ହଜିଯାଇଥିବା ପର୍ସ ସହ ଟଙ୍କା ଫେରାଇଲା। ଚଳିତ ମାସ ୭ ତାରିଖରେ ଗୋପାଳପୁର ଥାନା ଅଧିନ କରାପଲ୍ଲୀ ଗ୍ରାମର ପି.ମୋହନ ରେଡି ବାଇକ ଯୋଗେ ପୁରୀ ଯାଉଥିବା ବେଳେ ତାଙ୍କର ପର୍ସ ପଡିଯାଇଥିଲା। ଛତ୍ରପୁର ପୁଲିସ ପାଟ୍ରୋଲିଂ କରିବା ସମୟରେ ଏଏସଆଇ ସବିତା ଖୁଣ୍ଟିଆଙ୍କୁ ରାସ୍ତାରେ ପଡିଥିବା ପର୍ସଟି ପାଇଥିଲେ। ସେଥିରେ ୪ହଜାର ୧୦ ଟଙ୍କା ସହ ଭୋଟର ପରିଚୟ ପତ୍ର, ଡ୍ରାଇଭିଂ ଲାଇସେନ୍ସ, ଆରସି, ପାନ କାର୍ଡ, ଆଧାର କାର୍ଡ ଓ ଗୋଟିଏ ଏଟିଏମ କାର୍ଡ ରହିଥିଲା। ପରେ ପୁଲିସ ପକ୍ଷରୁ ଜହିଯାଇଥିବା ବ୍ୟକ୍ତିଙ୍କୁ ଫୋନ ଯୋଗେ ଅବଗତ କରାଯାଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ଉକ୍ତ ଯୁବକ ଜଣକ ଛତ୍ରପୁର ଥାନାକୁ ଆସି ସେ ତାଙ୍କର ହଜିଯାଇଥିବା ପର୍ସ ଓ ସେଥିରେ ଥିବା ଟଙ୍କା ଓ ବିଭିନ୍ନ କାର୍ଡ ଫେରିପାଇଥିଲେ। ଛତ୍ରପୁର ପୁଲିସର ଏହିପରି ମହନତା କାର୍ଯ୍ୟପାଇଁ ସାଧାବାଦ ଜଣାଇଥିଲେ।

## ବ୍ଲକ ପ୍ରାଥମି ଶିକ୍ଷକ ସଂଘ ଗଠିତ



କୋଦଳା,୧୩।୧୦(ସମିସ): ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରସନ ଆନୁକୂଲ୍ୟରେ ବେଗୁନିଆପଡ଼ା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପୁନର୍ଗଠିତ ହୋଇଯାଇଛି। ପ୍ରାଥମିକ ଶିକ୍ଷକ ସଂଘ ଜିଲ୍ଲା ସଭାପତି ସାରଥି ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗଞ୍ଜାମ ଜିଲ୍ଲା ସଂଯୋଜକ ଦେବବ୍ରତ ପଟ୍ଟନାୟକ, ପୁରୁଷୋତ୍ତମପୁର ବ୍ଲକ୍ ସଭାପତି ବିଜୟ ବେହେରା, ବୁଗୁଡ଼ା ବ୍ଲକ୍ ସଭାପତି ମନୋରଞ୍ଜନ ଦାଶ, ଦିଗପହଣ୍ଡି ବ୍ଲକ୍ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ଗୌଡ଼ ପ୍ରମୁଖ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିବା ବେଳେ ସଭାପତି ସାରଥି ପାତ୍ର ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟ ପରିଚାଳନା କରିଥିଲେ। ସର୍ବସମ୍ମତି କ୍ରମେ ସଭାପତି ଭାବେ ପଙ୍କଜ କୁମାର ବେହେରା, ଉପସଭାପତି ଭାବେ ପ୍ରକାଶ ଚନ୍ଦ୍ର ଭୂୟାଁ, ପ୍ରଭାସିନୀ ଦାଶ, ସାଧାରଣ ସମ୍ପାଦକ ଭାବେ ସଞ୍ଜୟ ପାଣ୍ଡି, ଯୁଗ୍ମ ସମ୍ପାଦକ ଭାବେ ଅଭିଜିତ ପ୍ରସାଦ ସାହୁ, ଲୋକନାଥ ସ୍ୱାଇଁ, ମମତା କୁମାରୀ ସୁଆର, ଜିଲ୍ଲା ସଭ୍ୟ ଭାବେ ରବି ନାରାୟଣ ମିଶ୍ର, ଅଶ୍ୱିନୀ ପ୍ରହରାଜ, ରିତାଞ୍ଜଳି ସେଠୀ, କୋଷାଧକ୍ଷ ଭାବେ ଅଜିତ୍ କୁମାର ମିଶ୍ର, ବ୍ଲକ ସଂଯୋଜକ ଭାବେ ଗୋବିନ୍ଦ ଜେନା ମନୋନୀତ ହୋଇଥିଲେ। ରବିନାରାୟଣ ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ।

## ଆକ୍ରମଣ ମାମଲାରେ ଜେଲ ଗଲେ ମାଆ ପୁଅ

ଦିଗପହଣ୍ଡି,୧୩।୧୦(ସମିସ): ଦିଗପହଣ୍ଡି ଥାନା ବି . ତୁରୁବୁଡି ପଞ୍ଚାୟତର ନରେନ୍ଦ୍ରପୁର ଗ୍ରାମରେ ଜଣେ ବୃଦ୍ଧ ଚାଷୀ ଙ୍କୁ ଆକ୍ରମଣ ମାମଲାରେ ସୋମବାର ପୁଲିସ ଗ୍ରାମର ଅଭିଯୁକ୍ତ ମାଆ ଓ ପୁଅକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି। ସେମାନେ ହେଲେ ମାଆ ପି . କୁରେଇ ରେଡୀ ଓ ପୁଅ ପି . କହ୍ନେଇ ରେଡୀ। ଗତ ୯ ତାରିଖ ସକାଳୁ ଗ୍ରାମର ମାର୍କଣ୍ଡ ସେଠୀ ବିଲରେ କାମ କରୁଥିବା ବେଳେ ସେହି ବିଲକୁ ଲାଗି ରହିଥିବା ଅଭିଯୁକ୍ତ କହ୍ନେଇ ଓ ତାଙ୍କ ମାଆ କୁରେଇ ମଧ ବିଲରେ କାମ କରୁଥିଲେ। ସେହି ସମୟରେ କୁରେଇ ନିଜ ବିଲରୁ କାଦୁଅ ମାର୍କଣ୍ଡଙ୍କ ବିଲକୁ ଫୋପାଡିବାରୁ ଉଭୟଙ୍କ ମଧରେ ପାଟିତୁଣ୍ଡ ହୋଇଥିଲା। ପରବର୍ତ୍ତୀ ସମୟରେ ଉଭୟ ଘରକୁ ଚାଲି ଯାଇଥିଲେ। ଏହି ଘଟଣାକୁ ନେଇ ମାର୍କଣ୍ଡ ଗ୍ରାମ ରାସ୍ତାରେ ଯାଉଥିବା ବେଳେ ମାଆ ଓ ପୁଅ ଏକ ବାଉଁଶ ଠେଙ୍ଗାରେ ମାର୍କଣ୍ଡକୁ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ମାର୍କଣ୍ଡଙ୍କ ପରିବାର ତାଙ୍କୁ ଦିଗପହଣ୍ଡି ମେଡିକାଲରେ ଚିକିତ୍ସା କରିବା ପରେ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ପୋଲିସ କେସ୍ ନଂ ୩୬୭/୨୫ ପ୍ରକାରେ ମାମଲା ରୁଜୁ କରି ତଦନ୍ତ ଚଳାଇବା ସହ ସୋମବାର ଉଭୟ ମାଆ ପୁଅକୁ କୋର୍ଟ ଚାଲାଣ କରିଥିବା ବେଳେ ଜାମିନ ଆବେଦନ ଖାରଜ ହେବାରୁ ଉଭୟଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଭାରପ୍ରାପ୍ତ ଥାନା ଅଧିକାରୀ ତଥା ଡିଏସପି ପ୍ରଶାନ୍ତ ପାତ୍ର ସୂଚନା ଦେଇଛନ୍ତି।

# ରାସ୍ତା ନିର୍ମାଣ ନାଁରେ ଅର୍ଥ ଆତ୍ମସାତ୍; ଜିଲ୍ଲାପାଳଙ୍କୁ ଫେରାଦ

ଦିଗପହଣ୍ଡି,୧୩।୧୦(ସମିସ)



ଦିଗପହଣ୍ଡି ବ୍ଲକ ଆଙ୍କୋରଡ଼ା ପଞ୍ଚାୟତ ଚାଞ୍ଚଡାପଲ୍ଲି ଗ୍ରାମ ଖାରି ପୋଖରୀ ଓ କୁମୁଟି ପୋଖରୀ ରାସ୍ତା ନିର୍ମାଣ କରାନଯାଇ ଏମ୍‌ଜିଏନ୍‌ଆର୍‌ଜିଏସ୍ ଯୋଜନାରେ ୨ ଲକ୍ଷ ୯୬ ହଜାର ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗର ଭିଜିଲାନ୍ସସ୍ତରୀୟ ତଦନ୍ତ ନିମନ୍ତେ ସୋମବାର ଗ୍ରାମର ସନାତନ ସ୍ୱାଇଁ, ସମୀର ବିଷୋୟୀ, ଭୋଳା ନାଥ ସ୍ୱାଇଁ, ପପୁନ ଜେନା,ଚନ୍ଦନ ବିଷୋୟୀ, ଶୁଭମ୍ ବିଷୋୟୀ, ସିମାଞ୍ଚଳ ସ୍ୱାଇଁ, ଲିଙ୍ଗରାଜ ବିଷୋୟୀ, ରାଜେନ୍ଦ୍ର ବିଷୋୟୀ, ବାସୁଦେବ ମହାରଣା, ସଞ୍ଜୟ ବିଷୋୟୀ ପ୍ରମୁଖ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଗଞ୍ଜାମ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ଅନାମିକା ପାଣ୍ଡେଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ପୂର୍ବତନ ସରପଞ୍ଚ ଉସନ୍ତ ସାହୁଙ୍କ ସମୟରେ ଖାରିବନ୍ଧ ପୋଖରୀକୁ ସିମେଣ୍ଟ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଥିଲା। ରାସ୍ତା ଖରାପ ହୋଇନଥିବା ବେଳେ ପୁଣି ରାସ୍ତା ନିର୍ମାଣ ନିମନ୍ତେ ୨୦୨୫-୨୬ ଆର୍ଥିକବର୍ଷରେ ୮ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। କାର୍ଯ୍ୟସ୍ଥଳରେ କେବଳ ନାମ ଫଳକ ସ୍ତମ୍ଭ କରାଯାଇଛି। ସେଥିରେ କିଛି ମଧ ଉଲ୍ଲେଖ କରାଯାଇନାହିଁ। କୌଣସି କାମ କରାନଯାଇ ଗ୍ରାମର କିଛି ବ୍ୟକ୍ତି ବିଭିନ୍ନ ବ୍ୟକ୍ତିଙ୍କ ଜବ୍‌କାର୍ଡ ସଂଗ୍ରହ କରି ସୁଚିନ୍ତିତ ଉପାୟରେ ସେମାନଙ୍କ ବ୍ୟାଙ୍କ ଜମାଖାତାକୁ ମଜୁରି ବାବଦରେ ସମୁଦାୟ ୨ ଲକ୍ଷ ୯୬ ହଜାର ଟଙ୍କା ପଠାଯାଇଥିବା ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଏ ନେଇ ବିଡିଓଙ୍କୁ ପଚାରିବାରୁ ଅଭିଯୋଗ ହସ୍ତଗତ ହୋଇଛି। ତଦନ୍ତ ପରେ ଯଦି ଅଭିଯୋଗର ସତ୍ୟତା ଥାଏ ତା ହେଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଇଂ. ତୁଷାର କାନ୍ତ ଦାସଙ୍କୁ ପଚାରିବାରୁ ସେ ବହୁଦିନ ପୂର୍ବେ କାର୍ଯ୍ୟସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଲଟାବୁଦା ସଫା କରାଯିବା ସହ ମେଟାଲ ମୋରମ ପକାଇ ରାସ୍ତା ନିର୍ମାଣ ପାଇଁ ବ୍ୟୟ ଅଟକଳ କରାଯାଇଛି। ସେଥି ନିମନ୍ତେ ସେ ଗ୍ରାମ ରୋଜଗାର ସେବିକା ପିଙ୍କି ପାଇକଙ୍କୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ବିଭିନ୍ନ କାରଣରୁ କାମ କରାଯାଇନାହିଁ। ଉକ୍ତ କାମ ପାଇଁ ଅର୍ଥ ଉଠାଣ କରାଯାଇଥିବା ସମ୍ପର୍କରେ ସେ ଜାଣିନଥିବା କହିଛନ୍ତି। ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାର ବ୍ଲକ ଅତିରିକ୍ତ ପ୍ରକଳ୍ପ ଅଧିକାରୀ ସନ୍ତୋଷ କୁମାର ସାହୁଙ୍କୁ ପଚାରିବାରୁ ରାସ୍ତା ପ୍ରକଳ୍ପ ନିର୍ମାଣ ପାଇଁ ଆନୁସଙ୍ଗିକ କାମ କରାଯାଇଛି। ମଷ୍ଟର ରୋଲ୍ ପ୍ରସ୍ତୁତ କରାଯାଇ ଶ୍ରମିକମାନଙ୍କୁ ବ୍ୟାଙ୍କ ପାସ ବୁକ୍ ଜରିଆରେ ମଜୁରି ଟଙ୍କା ପ୍ରଦାନ କରାଯାଇଥିବା କହିଛନ୍ତି। ଗ୍ରାମ ରୋଜଗାର ସେବିକା ପିଙ୍କି ପାଇକଙ୍କୁ ପଚାରିବାରୁ ଗ୍ରାମର କୁମୁଟିବନ୍ଧ ଏବଂ ଖାରିବନ୍ଧ ରାସ୍ତା ୨ ଟି ପ୍ରକଳ୍ପ ନିମନ୍ତେ ସମୁଦାୟ ୧୬ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଖାରିବନ୍ଧ ରାସ୍ତା ଲଟାବୁଦା ସଫା ନିମନ୍ତେ ୫୫ ହଜାର ଏବଂ କୁମୁଟିବନ୍ଧ ରାସ୍ତାର ଉଭୟ କଡ଼କୁ ସଫେଇ ପାଇଁ ୧ ଲକ୍ଷ ୫୫ ହଜାର ଟଙ୍କା ମଜୁରି ଦିଆଯାଇଥିବା ସେ ସ୍ୱୀକାର କରିଛନ୍ତି।

## ଗ୍ରୀନ ପିସ୍ ଭିଲେଜ ଫାଉଣ୍ଡେସନର ବାର୍ଷିକ ଉତ୍ସବ



ରମ୍ଭା,୧୩।୧୦(ସମିସ): ସାମାଜିକ ଅନୁଷ୍ଠାନ ଗ୍ରୀନ ପିସ୍ ଭିଲେଜ୍ ଫାଉଣ୍ଡେସନର ଦଶମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିବାଙ୍ଗୀ ମହାରଣା ଓ ଆଶାରାଣୀ ବିଶ୍ୱାଳଙ୍କ ଓଡ଼ିଶୀ ନୃତ୍ୟ ପରିବେଷଣରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଗ୍ରୀନ ପିସ୍ ଭିଲେଜ୍ ଫାଉଣ୍ଡେସନର ପ୍ରତିଷ୍ଠାତା ପ୍ରତାପ ନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସଂଗ୍ରାମ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ଆକାଶବାଣୀର ପ୍ରାକ୍ତନ ନିର୍ଦ୍ଦେଶକ ହୃଷୀକେଶ ପାଣିଗ୍ରାହୀ ଓ ତାଙ୍କ ପତ୍ନୀ ସୁଦୀପ୍ତା ପାଣିଗ୍ରାହୀ, ଅନୁଷ୍ଠାନର ସହ ପ୍ରତିଷ୍ଠାତା ପ୍ରଶାନ୍ତ କୁମାର ଦାସ, ସଭାପତି ପ୍ରକାଶ ନାହାକ, ସମ୍ପାଦକ ଦେବେନ୍ଦ୍ର ନାହାକ ଯୋଗଦେଇ ଗ୍ରୀନ ପିସ୍‌ର ସମାଜ ପ୍ରତିଥିବା ସେବା, ନିଷ୍ଠା, ତ୍ୟାଗ ଓ ମହନୀୟତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମଞ୍ଚାସୀନ ଅତିଥିଙ୍କ ସହ ଅନୁଷ୍ଠାନର ଉପଦେଷ୍ଟା ପଞ୍ଚାନନ ଖଟୁଆ, ବିଜୟ ବିଶ୍ୱାଳ, ବିଘ୍ନରାଜ ଦାସ,ପ୍ରତାପ ନାହାକ, ରୋହିତ ସାହୁ, ରବିନାରାୟଣ ସେନାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗଣମାଧ୍ୟମ ପ୍ରତିନିଧି ସୁଜିତ୍ ବେହେରା, ନୀଳାଚଳ ସେନାପତି, ବନବାସୀ ସେଠି, ଶ୍ରୀଧର ବେହେରା, ଉମାକାନ୍ତ ବେହେରା, ବିଜୟଲକ୍ଷ୍ମୀ ମହାଙ୍କୁଡ, ଅସ୍ମିନ ମହାନ୍ତି, ଅମର ସାହୁ ଓ ସମୀର ତ୍ରିପାଠୀ ଏବଂ କାର୍ଯ୍ୟକ୍ରମର ସଂଯୋଜିକା ରଶ୍ମିତା ଦଳେଇ ଆଦିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଗ୍ରୀନ ପିସ୍ ଭିଲେଜ ଫାଉଣ୍ଡେସନର ବିକାଶ ନାୟକ, ଆଲୋକ ନାହାକ, ଆଦିତ୍ୟ ନାୟକ, ନୀଳାଦ୍ରି ନାହାକ,ଦିନେଶ ନାହାକ, ବସନ୍ତ ନାହାକ, ରବୀନ୍ଦ୍ର ନାୟକ, ପ୍ରଭାତ ନାହାକ, ସତ୍ୟନାରାୟଣ ଆଚରି, ସୋଭବର୍ଦ୍ଧନ ନାହାକ, ଅବକାଶ ନାହାକ, ରଥାଙ୍ଗ ରମଣ ନାହାକ, ସୁମନ୍ତ ନାହାକ, ଆକାଶ ନାହାକ, ସର୍ବେଶ୍ୱର ଦାସ ପରିଚାଳନା କରିଥିଲେ।

## ଗୋଷ୍ଠୀ ସଂଘର୍ଷ ଘଟଣାରେ ୭ ଗିରଫ

ପୋଲସରା,୧୩।୧୦(ସମିସ): ପୋଲସରା ଥାନା ମଧୁପଲ୍ଲୀରେ ଗତକାଲି ଘଟିଥିବା ରାଜନୈତିକ ଗୋଷ୍ଠୀ ସଂଘର୍ଷ ଘଟଣାରେ ପୁଲିସ ୭ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତ ମଧୁପଲ୍ଲୀ ଗ୍ରାମର। ସେମାନେ ହେଲେ ବାଳକୃଷ୍ଣ ପ୍ରଧାନ (୨୩), ଗଣେଶ ଓରଫ ମୁନା ପ୍ରଧାନ (୩୫), ରାମକୃଷ୍ଣ ପ୍ରଧାନ (୨୫), କାହ୍ନ କରଣ (୧୯), ସୁନିତ୍ କରଣ (୨୦), ସୁମନ ଛଟେଇ (୧୯), ରାଜେଶ ପ୍ରଧାନ (୨୦) । ସାମାନ୍ୟ କଥାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଥିବା ପୁଲିସ ସୂଚନା ଦେଇଛି। ସୂଚନା ମୁତାବକ ମଧୁପଲ୍ଲୀ ଗ୍ରାମର ୨ ଜଣ ଯୁବକ କୌଣସି କାମରେ କ. ନୂଆପଲ୍ଲୀ ଯାଇ ଘରକୁ ଫେରିବା ବେଳେ ନିକଟସ୍ଥ ବରଗାଁ ଛକ ନିକଟରେ ଜଳଖିଆ ଖାଇବା ସମୟରେ କୌଣସି କଥା କୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ପ୍ରଥମେ ମାରପିଟ ହୋଇଥିଲା। ପରେ ଉତ୍ତ୍ୟକ୍ତ ହୋଇ ଉଭୟ ଗୋଷ୍ଠୀ ମଧ୍ୟରେ ନିଜ ଗାଁ ମଧୁପଲ୍ଲୀରେ ସଂଘର୍ଷ ଘଟିଥିଲା । ଉଭୟ ଗୋଷ୍ଠୀ ପରସ୍ପରକୁ କାଠ ଫାଳିଆ, ଠେଙ୍ଗାରେ ଆକ୍ରମଣ କରିଥିଲେ। ସଂଘର୍ଷରେ ସେହି ଗ୍ରାମର ଜିତେନ୍ଦ୍ର ପ୍ରଧାନ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। ରାଜନୈତିକ ଶତ୍ରୁତାକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ବାରମ୍ବାର ଏଭଳି ସଂଘର୍ଷ ଘଟୁଛି। ଏ ନେଇ ପ୍ରଦୀପ ପ୍ରଧାନଙ୍କ ଅଭିଯୋଗ କ୍ରମେ ପୋଲସରା ଥାନାରେ କେସ ନମ୍ବର ୭୩୧/୨୦୨୫ ଏକ ମାମଲା ରୁଜୁ ହୋଇ ସୋମବାର ରାତିରେ କୋର୍ଟ ଚାଲାଣ ହୋଇଥିବା ଥାନାଧିକାରୀ କୌଶିକ ମାଝୀ ସୂଚନା ଦେଇଛନ୍ତି।

# ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା

## ଘଟଣା ଦିନ ୧୦ଥର ରେକି କରିଥିଲେ ଦୁର୍ବୃତ୍ତ

ବ୍ରହ୍ମପୁର, ୧୩ ।୧୦(ସମିସ): ହତ୍ୟାକାଣ୍ଡ ଦିନ ଆତତାୟୀମାନେ ଅନ୍ୟୁନ ୧୦ଥର ରେକି କରିଥିଲେ । ପୀତବାସଙ୍କ ମୋବାଇଲରୁ କିଛି ନମ୍ବରକୁ ଟ୍ରାକିଂ କରି ହତ୍ୟାକାରୀଙ୍କ ନିକଟରେ ପହଞ୍ଚିବା ପାଇଁ ପୁଲିସ ପ୍ରୟାସ ଜାରି ରଖିଛି । ବର୍ତ୍ତମାନ ପୁଲିସ ୪ ଜଣ ଅପରାଧୀଙ୍କୁ ଅଟକ ରଖି ଜେରା କରୁଥିବା ବେଳେ ପୀତବାସଙ୍କ ବନ୍ଧୁ ଓ ସହଯୋଗୀଙ୍କୁ ମଧ୍ୟ ପଚରାଉଚରା କରାଯାଉଛି । ତଦନ୍ତ ବେଳେ ପୀତବାସଙ୍କ ଘର ଓ ଚାମ୍ବରରୁ ମିଳିଥିବା

- ତଦନ୍ତ ଟିମରେ ସାମିଲ ହେଲେ ନୂଆ ଅତିରିକ୍ତ ଏସ୍‌ପି ଆଲୋକ ଜେନା
- ନିଆଗଲା ଅଭିଜ୍ଞ ଓ ଦକ୍ଷ ଅଧିକାରୀଙ୍କ ସହାୟତା
- ଫୁଲବାଣୀ, ଚୌଦ୍ୱାର ଓ ପାରାଦ୍ୱୀପରେ ସ୍ୱତନ୍ତ୍ର ପୁଲିସ ଟିମର ଛାନଭିନ୍

କିଛି ତଥ୍ୟର ଲିଙ୍କ୍ ଖୋଜିବାକୁ ଯାଇ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଛି । ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାକୁ ନେଇ ଚାଲିଥିବା ତଦନ୍ତ ଓ ତନାଘନାର ଆଜି ସମୀକ୍ଷା କରିଛନ୍ତି ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ । ତଦନ୍ତ ପାଇଁ ଗଠିତ ସମସ୍ତ ୬ଟି ଟିମର ସଦସ୍ୟଙ୍କୁ ନେଇ ନିଜ କାର୍ଯ୍ୟାଳୟରେ ହତ୍ୟାକାଣ୍ଡ ସମ୍ପର୍କିତ ତଦନ୍ତ ଓ ଅଗ୍ରଗତି ସମ୍ପର୍କରେ ଏସ୍‌ପି ବିସ୍ତୃତ ସମୀକ୍ଷା କରିଛନ୍ତି ।

ଏଥିରେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବ୍ରହ୍ମପୁର ଅତିରିକ୍ତ ଏସପି ଆଲୋକ ଜେନା ଉପସ୍ଥିତ ରହିବା ସହିତ ତଦନ୍ତ ଟିମ୍‌ରେ ସାମିଲ ହୋଇଥିଲେ । ଟାଉନ୍ ଏସ୍‌ଡିପିଓ ପ୍ରିୟରଞ୍ଜନ ଛୋଟରାୟ, ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ପରିଡ଼ା, ଡିଏସ୍‌ପି ବିବେକାନନ୍ଦ ସ୍ୱାଇଁ, ଇନ୍ସପେକ୍ଟର୍ ସୁଚିତ୍ରା ପରିଡ଼ା ଓ ସୌଭାଗ୍ୟ କୁମାର ସ୍ୱାଇଁଙ୍କ ସମେତ ଟିମ୍‌ରେ ସାମିଲ ଥିବା ଏସ୍‌ଆଇ ଓ ଏଏସ୍‌ଆଇମାନେ ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ । କେଉଁଠାରେ ସମସ୍ୟା ରହିଛି, କାହିଁକି ସଫଳତା ମିଳୁନି । କିଏ ହତ୍ୟାକାରୀ ଓ ଘଟଣା ପଛର ରହସ୍ୟ କ'ଣ; ଏସବୁକୁ ନେଇ ପୁଲିସର ମୁଣ୍ଡବ୍ୟଥା ବଢ଼ିବାରେ ଲାଗିଛି । ବିଳମ୍ବରେ ହେଲେ ମଧ୍ୟ ବହୁ ତର୍ଜମା ପରେ ପୁଲିସ ହାତରେ ଲାଗିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ।

ପୀତବାସଙ୍କ ଦୁଇଟି ମୋବାଇଲରୁ ପୁଲିସକୁ କିଛି ସାଂଘାତିକ ତଥ୍ୟ ମିଳିଥିବା ଜଣାପଡ଼ିଛି । ପେସାଦାର ଅପରାଧୀ ହିଁ ପୀତବାସଙ୍କୁ ହତ୍ୟା କରିଥିବା ତଦନ୍ତରୁ ପୁଲିସ ଜାଣିପାରିଛି । ସିସିଟିଭି ଫୁଟେଜ୍ ଆଧାରରେ ସନ୍ଦିଗ୍ଧଙ୍କ ନିକଟତର ହେବାକୁ ଜାରି ରହିଛି ପ୍ରୟାସ । ମିଳିଥିବା ତଥ୍ୟକୁ ଆଧାର କରି ଗୋଟିଏ ଟିମ୍ ଚୌଦ୍ୱାର ଯାଇଥିବା ବେଳେ ଅନ୍ୟ ଟିମ୍ ଫୁଲବାଣୀ ଓ ପାରାଦୀପ ଅଞ୍ଚଳରେ ଛାନଭିନ୍ କରୁଥିବା ସୂଚନା ମିଳିଛି । ସେହିଭଳି ଗୋଟିଏ ଟିମ୍ ରାଜ୍ୟ ବାହାରେ ତନାଘନା କରୁଥିବା ଜଣାପଡ଼ିଛି । ଆଇନଶୃଙ୍ଖଳା ଦୃଷ୍ଟିରୁ ସହରର ବିଭିନ୍ନ ପ୍ରବେଶ ଓ ପ୍ରସ୍ଥାନ ସ୍ଥଳରେ ସିସିଟିଭି କ୍ୟାମେରା ଲଗାଯିବା ସହ ଅସ୍ଥାୟୀ ଶିବିର ଖୋଲାଯାଇ ଅପରାଧୀଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯାଉଛି । ବିଭିନ୍ନ ସ୍ଥାନରୁ ସଂଗୃହୀତ ସିସିଟିଭି ଫୁଟେଜ୍ ଓ ଅନ୍ୟାନ୍ୟ ତଥ୍ୟ ଆଧାରରେ ପୁଲିସ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି । ଏପରିକି ଘଟଣାରେ ରାଜ୍ୟ ତଥା ରାଜ୍ୟ ବାହାରର ସାଇବର ଏକ୍ସପର୍ଟଙ୍କ ସହାୟତା ନିଆଯାଇଥିବା ବେଳେ ଜିଲ୍ଲାରେ ପୂର୍ବରୁ କାର୍ଯ୍ୟ କରିଥିବା କିଛି ଅଭିଜ୍ଞ ଓ ଦକ୍ଷ ପୁଲିସ ଅଧିକାରୀଙ୍କ ପରାମର୍ଶ ମଧ୍ୟ ନିଆଯାଉଛି । ଯେଉଁ ଶୈଳୀରେ, ଯେଉଁ ସମୟରେ ଏବଂ ଯେଉଁଭଳି ପରିବେଶରେ ପୀତବାସଙ୍କୁ ଗୁଳି କରି ହତ୍ୟା କରାଯାଇଛି, ସେଭଳି ହତ୍ୟାକାଣ୍ଡ ପୂର୍ବରୁ ରାଜ୍ୟରେ ଅନ୍ୟ କେଉଁଠି ହୋଇଛି କି? ସେଥିରେ ଅପରାଧୀ ଧରାପଡ଼ିଛନ୍ତି କି ନାହିଁ ତାହା ଜାଣିବା ପାଇଁ ମଧ୍ୟ ସବୁ ଜିଲ୍ଲାର ପୁଲିସ ଅଧିକାରୀଙ୍କ ସହାୟତା ନିଆଯାଉଛି ।

ଅପରପକ୍ଷେ, ଏହି ଘଟଣାରେ ପୁଲିସ ଆଜି ରାତିରେ ବୈକୁଣ୍ଠନଗର ଅଞ୍ଚଳର ଜଣେ ପାନ ଦୋକାନୀଙ୍କୁ ଉଠାଇ ନେଇଛି ।

## ଚର୍ଚ୍ଚା ବଢ଼ାଇଲା ବିଜେପି ନେତା କାହ୍ନୁ ପତିଙ୍କ ବୟାନ

ବ୍ରହ୍ମପୁର, ୧୩ ।୧୦ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାକୁ ସପ୍ତାହେ ବିତିଛି । ଅଭିଯୁକ୍ତଙ୍କୁ ଧରିବା ଦୂରେ ଥାଉ, ସେମାନଙ୍କର କୌଣସି ସୁରାକ ମଧ୍ୟ ଏଯାଏ ପାଇପାରିନି । ଏଭଳି ସ୍ଥିତିରେ ବିଜେପିର ପୂର୍ବତନ ଜିଲ୍ଲା ସଭାପତି କାହ୍ନୁଚରଣ ପତିଙ୍କ ବିସ୍ଫୋରକ ବୟାନକୁ ନେଇ ସହରରେ ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି ।

- ୨୬ତାରିଖରୁ ଷଡ଼୍‌ଯନ୍ତ୍ର ହୋଇଥିବା ସୂଚନାର ସତ୍ୟତା କେତେ
- କାହ୍ନୁଙ୍କୁ ଜେରା କରିବ କି ପୁଲିସ

ସୋମବାର ଦଳ ପକ୍ଷରୁ ଆୟୋଜିତ ଏକ ଶୋକସଭାରେ କାହ୍ନୁ ଗଣମାଧ୍ୟମକୁ କହିଥିଲେ, ପୀତବାସଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି । ହତ୍ୟାକାରୀଙ୍କୁ ପୁଲିସ ଧରିସାରିଛି । ପ୍ରମାଣ ଯୋଗାଡ଼ କରୁଥିବାରୁ ପୁଲିସକୁ ବିଳମ୍ବ ହେଉଛି । ହତ୍ୟା ପଛରେ ବ୍ୟାପକ ଅର୍ଥ କାରବାର ହୋଇଛି । ଗତ ମାସ ୨୬ତାରିଖରୁ ହତ୍ୟା ପାଇଁ ଯୋଜନା ପ୍ରସ୍ତୁତ ହୋଇ ୬ତାରିଖ ପର୍ଯ୍ୟନ୍ତ ପୀତବାସଙ୍କ ପିଛା କରୁଥିଲେ ଆତତାୟୀ । ସବୁ କିଛି ସିସିଟିଭିରେ କଏଦ୍ ହୋଇଛି । ହତ୍ୟାକାଣ୍ଡରେ ବ୍ୟବହୃତ ବନ୍ଧୁକ ଆନ୍ଧ୍ରରୁ ଅଣାଯାଇଛି । କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ରକୁ ଅପରାଧୀମାନେ ପୀତବାସଙ୍କଠାରୁ ଛଡ଼ାଇ ନେଇଛନ୍ତି । ପୁରୁଣା ଏକ ହତ୍ୟାକାଣ୍ଡର କିଛି ଅପରାଧୀ ଖୋଲାରେ ବୁଲୁଥିବା ବେଳେ ସେମାନଙ୍କୁ ପଦାରେ ପକାଇବା ପାଇଁ ପୀତବାସ ଚେଷ୍ଟା କରୁଥିଲେ ଏବଂ ସେଥିପାଇଁ ତାଙ୍କୁ ହତ୍ୟା କରାଯାଇଛି ବୋଲି କାହ୍ନୁ କହିଥିଲେ । କାହ୍ନୁଙ୍କ ଏହି ବୟାନକୁ ନେଇ ହଇଚଇ ସୃଷ୍ଟି ହୋଇଛି ।

ସେପଟେ, ପୀତବାସଙ୍କ ହତ୍ୟା ସମ୍ପର୍କିତ ଏତେସବୁ ତଥ୍ୟ ଯଦି କାହ୍ନୁଙ୍କ ନିକଟରେ ରହିଛି, ସେ ପୁଲିସକୁ ଦେଇ ତଦନ୍ତରେ କାହିଁକି ସହଯୋଗ କରୁନାହାନ୍ତି ବୋଲି ବୁଦ୍ଧିଜୀବୀମହଲ ପ୍ରଶ୍ନ କରିଛନ୍ତି । ନିଜ ଦଳର ଜଣେ ସକ୍ରିୟ ନେତାଙ୍କ ହତ୍ୟା ପଛରେ କାହାରି ହାତ ରହିଛି, ସେନେଇ ସେ ରହସ୍ୟ ଉନ୍ମୋଚନ କରିବା ଜରୁରୀ । ତେବେ ଯଦି ଏହା କାହ୍ନୁଙ୍କ ମନଗଢ଼ା କାହାଣୀ, ତେବେ ଏ ସମୟରେ ଏଭଳି ଗପିବା ଆଦୌ ଶ୍ରେୟସ୍କର ନୁହେଁ ବୋଲି ସେମାନେ କହିଛନ୍ତି ।

ପୀତବାସ ହତ୍ୟା ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ କରିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ହତ୍ୟାକାଣ୍ଡର ପ୍ରକୃତ ରହସ୍ୟ ଉନ୍ମୋଚନ କରିବା ମଧ୍ୟ ପୁଲିସ ପାଇଁ ସେତିକି ବଡ଼ ଚାଲେଞ୍ଜ । ସବୁ ଦିଗକୁ ନେଇ ପୁଲିସ ତଦନ୍ତ ଜାରି ରଖିଥିବା ବେଳେ କାହ୍ନୁଙ୍କ ଏଭଳି ବୟାନ ପୁଲିସକୁ ଦୋଛକିରେ ପକାଇ ଦିଗହରା କରିବା ଭଳି ମନେ ହେଉଛି । ଏକ ଚର୍ଚ୍ଚିତ ତଥା ସମ୍ବେଦନଶୀଳ ଘଟଣାର ତଦନ୍ତଭାର ବର୍ତ୍ତମାନ କ୍ରାଇମବ୍ରାଞ୍ଚକୁ ନ୍ୟସ୍ତ କରାଯାଉ ବୋଲି ଦାବି କରିଛନ୍ତି ଯୁବ ଆଇନଜୀବୀ ସୂର୍ଯ୍ୟ ନାରାୟଣ ଚୌଧୁରୀ ।

ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ କହିଛନ୍ତି, ସାମାଜିକ ଗଣମାଧ୍ୟମରେ ଯଦି କୌଣସି ବ୍ୟକ୍ତି କିଛି ପ୍ରତିକ୍ରିୟା ରଖୁଛନ୍ତି, ତେବେ ତାହା ସେମାନଙ୍କର ବ୍ୟକ୍ତିଗତ ମତ । ତାକୁ ନେଇ ପୁଲିସର କିଛି କହିବାର ନାହିଁ । ଅଭିଯୁକ୍ତଙ୍କୁ ପୁଲିସ ଧରିଥିବା ନେଇ ଯେଉଁ ଖବର ଲୋକଲୋଚନକୁ ଆସିଛି, ତାହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ସେ ସ୍ପଷ୍ଟ କରିଛନ୍ତି । ସବୁ ଗୁରୁତ୍ୱପୂର୍ଣ୍ଣ ଦିଗକୁ ନେଇ ପୁଲିସର ତଦନ୍ତ ଜାରି ରହିଥିବା ସେ ଦୋହରାଇଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କୁ ନ୍ୟାୟ ମାଗିଲେ ପୀତବାସଙ୍କ ପତ୍ନୀ



ବ୍ରହ୍ମପୁର, ୧୩।୧୦(ସମିସ): ମୋ ସ୍ୱାମୀ ବହୁତ ଭଲ ଲୋକ ଥିଲେ । ସେ ମୋତେ କେବେ ଦୁଃଖ ଦେଇ ନାହାନ୍ତି । ସେ ସବୁବେଳେ ଅନ୍ୟକୁ ସାହାଯ୍ୟର ହାତ ବଢ଼ାନ୍ତି । ଏହା ବ୍ରହ୍ମପୁର ସହରବାସୀ ଜାଣିଛନ୍ତି । ମୁଖ୍ୟମନ୍ତ୍ରୀ ମୋତେ ନ୍ୟାୟ ଦିଅନ୍ତୁ । ତାଙ୍କ ମୃତ୍ୟୁ ପରେ ମୁଁ ଯେମିତି କଷ୍ଟ ଭୋଗୁଛି, ଅପରାଧୀମାନଙ୍କୁ ସେମିତି ଦଣ୍ଡ ମିଳୁ । ନହେଲେ ଫାଶୀ ଦିଆଯାଉ ବୋଲି କାନ୍ଦିକାନ୍ଦି ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି ସ୍ୱର୍ଗତ ପୀତବାସଙ୍କ ଧର୍ମପତ୍ନୀ ସୁସ୍ମିତା ପଣ୍ଡା । ଅନ୍ୟପକ୍ଷରେ, ପୀତବାସଙ୍କ ସାନଭାଇ ପୂର୍ଣ୍ଣଚନ୍ଦ୍ର ପଣ୍ଡା କହିଛନ୍ତି, ମୋ ଭାଇ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି । ବ୍ରହ୍ମପୁର ଏସ୍‌ପି ନିଜେ ଏହି ଘଟଣାର ତଦାରଖ କରୁଛନ୍ତି । ମୋର ବିଶ୍ୱାସ ଅଛି, ପୁଲିସ ଉକ୍ତ ଘଟଣାର ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରି ମୋ ଭାଇର ହତ୍ୟାକାରୀ ଓ ଷଡ଼ଯନ୍ତ୍ରକାରୀଙ୍କୁ ଗିରଫ କରିବା ସହ ଉଚିତ ଦଣ୍ଡ ଦେବ । ମୋର ଆଇନ ଉପରେ ଭରସା ଅଛି ଏବଂ ଆମ ପରିବାରକୁ ନିଶ୍ଚୟ ନ୍ୟାୟ ମିଳିବ ।

**ଆଇନ ଉପରେ ମୋର ଭରସା ଅଛି: ସାନ ଭାଇ**



■ ସହିଦ ସପ୍ତାହରେ ରେଳଧାରଣାରେ ମାଓବାଦୀଙ୍କ ବିସ୍ଫୋରଣ

## ତଦନ୍ତ ଆରମ୍ଭ କଲା ଏନ୍‌ଆଇଏ

ରାଉରକେଲା, ୧୩।୧୦(ସମିସ): ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ କେ.ବଲାଙ୍ଗ ଥାନା ଅଧୀନ କରମପଦା ନିକଟରେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ କରି ମାଓବାଦୀମାନେ ରେଳଧାରଣା ଉଡ଼ାଇଦେବା ଘଟଣାର ତଦନ୍ତଭାର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) କୁ ଦିଆଯାଇଛି । ମାଓବାଦୀ ସଂଗଠନ ପକ୍ଷରୁ ପାଳନ ହେଉଥିବା ସହିଦ ସପ୍ତାହର ଅନ୍ତିମ ଦିନରେ ଏହି ବିସ୍ଫୋରଣ କରାଯାଇଥିଲା । ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇ ଭୁବନେଶ୍ୱରରେ ପଚରାଉଚରା କରୁଥିବା ସୂଚନା ମିଳିଛି ।

ଗତ ଜୁଲାଇ ୨୮ରୁ ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ଛୋଟନାଗପୁର ଡିଭିଜନାଲ କମିଟିର ପୂର୍ବ ରିଜିଓନାଲ ବ୍ୟୁରୋ ପକ୍ଷରୁ ମାଓବାଦୀଙ୍କ ଦ୍ୱାରା ସହିଦ ସପ୍ତାହ ପାଳନ କରାଯାଉଥିଲା । ଏନେଇ ସରଣ୍ଡା ଜଙ୍ଗଲର ବିଭିନ୍ନ ସ୍ଥାନରେ ମାଓ ପୋଷ୍ଟର୍ ଦେଖିବାକୁ ମିଳିଥିଲା । କିନ୍ତୁ, ଅଗଷ୍ଟ ୨ରେ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ମାଓବାଦୀମାନେ ଆଇଇଡି ବିସ୍ଫୋରଣ କରି ଏକ ବଡ଼ଧରଣର ମାଓହିଂସା ଘଟାଇଥିଲେ । ମାଓବାଦୀମାନେ ବିମଳାଗଡ଼-କିରିବୁରୁ ସେକ୍ସନ୍‌ର ରାଙ୍ଗଡ଼ା ରେଲଷ୍ଟେସନ୍‌ରୁ ୩କିମି ଦୂରରେ ରେଳଧାରଣାର ଏକ ଖୁଣ୍ଟ ନିକଟରେ ଶକ୍ତିଶାଳୀ ପ୍ରେସର ଆଇଇଡି ଖଞ୍ଜିଥିଲେ । ରାତି ପ୍ରାୟ ସାଢ଼େ ୧୧ଟାରେ ଏହି ଲ୍ୟାଣ୍ଡମାଇନ୍ ଉପରେ ବୁଦ୍ଧୁରାମ ମୁଣ୍ଡା ନାମକ ଜଣେ



ଯୁବକଙ୍କ ଗୋଡ଼ ପଡ଼ିଯିବାରୁ ବିସ୍ଫୋରଣ ହୋଇଥିଲା । ବିସ୍ଫୋରଣରେ ଗୁରୁତର ଆହତ ବୁଦ୍ଧୁରାମଙ୍କୁ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ପୁନର୍ବାର ଅଗଷ୍ଟ ୩ତାରିଖ ସକାଳ ପ୍ରାୟ ୯ଟାରେ ସେହି ଟ୍ରାକ୍‌ର ଅନ୍ୟ ଏକ ଖୁଣ୍ଟ ନିକଟରେ ଆଉ ଏକ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ହୋଇଥିଲା । ଏଥିରେ ଜଣେ ଗ୍ୟାଙ୍ଗମ୍ୟାନ୍ ଏତୁଆ ଓରାମଙ୍କ ମୃତ୍ୟୁ ଘଟିଥିଲା । ଆଜି ଉକ୍ତ ବିସ୍ଫୋରଣ ଘଟଣାଗୁଡ଼ିକର ତଦନ୍ତ ଭାର ଏନଆଇଏ ନିଜ ହାତକୁ ନେଇଥିବା ଜଣାଯାଇଛି ।

## ସାଇବର୍ ଅପରାଧୀ ଦୁଇ ଭାଇଙ୍କୁ ରାଜସ୍ଥାନରୁ ଧରିଲା ପୁଲିସ

ଅନୁଗୋଳ, ୧୩ ।୧୦ (ସମିସ): ପ୍ରସାଧାନ ସାମଗ୍ରୀର ଡିଷ୍ଟ୍ରିବ୍ୟୁଟର୍ କରାଇଦେବାକୁ କହି ତାଳଚେରର ଜଣେ ମହିଳାଙ୍କୁ ଅଢ଼େଇ ଲକ୍ଷ ଚୂନ ମାରିଥିବା ଦୁଇ ସାଇବର୍ ଅପରାଧୀଙ୍କୁ ଅନୁଗୋଳ ପୁଲିସ ରାଜସ୍ଥାନରୁ ଧରିଛି । ସେମାନେ ହେଲେ, ରାଜସ୍ଥାନ ଅଲୱାର ଜିଲ୍ଲା ଆରାବଲୀ ଥାନା ଶାନ୍ତିକୁଞ୍ଜ ଅଞ୍ଚଳର ଦୀପକ କୁମାରଙ୍କ ପୁଅ ହଂସ କୁମାର (୨୨) ଏବଂ ଗୌରଭ କୁମାର (୨୧) । ସଂପର୍କରେ ସେମାନେ ଦୁଇ ଭାଇ । ଦୁହେଁ ନକଲି ୱେବସାଇଟ୍ ତିଆରି କରି ଲୋକଙ୍କଠାରୁ ଟଙ୍କା ଲୁଟ୍ କରୁଥିଲେ । ପୁଲିସ ସେମାନଙ୍କଠାରୁ ଲାପଟପ୍, ଦୁଇଟି ମୋବାଇଲ, ଏଟିଏମ କାର୍ଡ, ଏବଂ ୨୦ ହଜାର ଟଙ୍କା ଜବତ କରିଛି । ସୋମବାର ଏକ ସାମ୍ବାଦିକ ସମ୍ମିଳନୀରେ ଅନୁଗୋଳ ଏସ୍‌ପି ଜୈନ ଏହି ସୂଚନା ଦେଇଛନ୍ତି ।

ସୂଚନାନୁଯାୟୀ, ତାଳଚେର ଏଫସିଆଇ ଅଞ୍ଚଳର ଜଣେ ମହିଳା ବିଜିନେସ ଡଟ୍ କମ୍ ୱେବ୍‌ସାଇଟ୍ ଜରିଆରେ ସୁଲଭ ମୂଲ୍ୟରେ ବିୟୁଟି ପାର୍ଲର ପ୍ରସାଧନ ସାମଗ୍ରୀ ମଗାଇଥିଲେ । ଶୀଘ୍ର ଏବଂ ଅଧିକ ଲାଭବାନ ହେବାକୁ ଏହି ପ୍ରସାଧନ ସାମଗ୍ରୀର ଡିଷ୍ଟ୍ରିବ୍ୟୁଟର୍ ହେବା ପାଇଁ ପର୍ଯ୍ୟାୟକ୍ରମେ ସେ ପ୍ରାୟ ଅଢ଼େଇ ଲକ୍ଷ ଟଙ୍କା ଦେଇଥିଲେ । ତେବେ ଦୀର୍ଘଦିନ ପର୍ଯ୍ୟନ୍ତ ଡିଷ୍ଟ୍ରିବ୍ୟୁଟରସିପ୍ ନ ମିଳିବାରୁ ସେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ । ଏ ସଂପର୍କରେ ଗତ ଜୁନ ମାସରେ ବିକ୍ରମପୁର ଥାନାରେ ସେ ଅଭିଯୋଗ



କରିଥିଲେ । ଅନୁଗୋଳ ଏସ୍‌ପି ରାହୁଲ ଜୈନଙ୍କ ତତ୍ତ୍ୱାବଧାନରେ ଅନୁଗୋଳ ପୁଲିସ ରାଜସ୍ଥାନ ଅଲୱାର ଜିଲ୍ଲାରେ ଏହି ସାଇବର ଅପରାଧର ଚେର ପାଇଥିଲା । ବିକ୍ରମପୁର ଥାନା ଏସ୍‌ଆଇ ସ୍ମୃତିରଞ୍ଜନ ନାୟକଙ୍କ ନେତୃତ୍ୱରେ ଏକ ଟିମ ରାଜସ୍ଥାନରେ ପହଞ୍ଚି ସାଇବର ଅପରାଧୀ ଦୁଇ ଭାଇଙ୍କୁ ଗିରଫ କରିବାରେ ସଫଳ ହୋଇଛି ।

■ ଏମିତି ବି ଆସେ ମୃତ୍ୟୁ!

## ଚଳନ୍ତା କାର୍‌ରେ ଚାଳକଙ୍କୁ ହୃଦ୍‌ଘାତ

କୁଚିଣ୍ଡା, ୧୩ ।୧୦(ସମିସ): ଏମିତି ବି ଆସେ ମୃତ୍ୟୁ । କାର୍ ଚଳାଇବା ବେଳେ ହୃଦ୍‌ଘାତରେ ଚାଳକଙ୍କ ମୃତ୍ୟୁ । ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଅଞ୍ଚଳରେ ଆଜି ଏଭଳି ଏକ ଅଘଟଣ ଘଟିଛି । ମୃତକ ହେଲେ, କତରବଗା ଗ୍ରାମର ଶ୍ରୀକାନ୍ତ ନାଗ(୪୦) । କୁନ୍ଥୁରା ଋଷିକୂଳ ଆଶ୍ରମରେ ପଢୁଥିବା ଜଣେ ଛାତ୍ରୀଙ୍କୁ ଆଣିବା ପାଇଁ ଆଜି ଅପରାହ୍ଣରେ ଛାତ୍ରୀଙ୍କ ମା' ସହ ଶ୍ରୀକାନ୍ତ ଏକ କାର୍ ଯୋଗେ ଯାଉଥିଲେ । ଛାତ୍ରୀଙ୍କୁ ନେଇ ସେମାନେ କତରବଗାକୁ ଫେରୁଥିବା ବେଳେ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରୀକାନ୍ତଙ୍କ ଛାତିରେ ପ୍ରବଳ ଯନ୍ତ୍ରଣା ହୋଇଥିଲା । ଚାହୁଁଚାହୁଁ



ସେ କାର୍‌ର ଷ୍ଟିୟରିଂ ଉପରେ ଟଳି ପଡ଼ିଥିଲେ । ସୌଭାଗ୍ୟକୁ କାର୍‌ଟିର ଗତି ଧୀର ହେବା ସହ ଏକ କାନ୍ଥରେ ପିଟି ଅଟକି ଯାଇଥିଲା । ଏହା ଦେଖି ପାଖରେ ଥିବା ଅବସରପ୍ରାପ୍ତ ଖେଳ ଶିକ୍ଷକ କୈଳାଶ ଚନ୍ଦ୍ର ନାୟକ କାର୍‌କୁ ଚଳାଇ କୁଚିଣ୍ଡା ଡାକ୍ତରଖାନାକୁ ନେଇ ଯାଇଥିଲେ । କିନ୍ତୁ ସେତେବେଳକୁ କାର୍ ଚାଳକ ଶ୍ରୀକାନ୍ତଙ୍କ ମୃତ୍ୟୁ ଘଟି ସାରିଥିଲା । ଖବର ପାଇ କୁଚିଣ୍ଡା ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଥିଲା । ଏନେଇ କୁଚିଣ୍ଡା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ଅଫିସ୍ କାମ ବେଳେ ଚେୟାର୍‌ରୁ ଟଳି ପଡ଼ିଲେ

ଭଞ୍ଜନଗର, ୧୩ ।୧୦(ସମିସ): ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟର ଆକାଉଣ୍ଟାଣ୍ଟ ନୀଳକଣ୍ଠ ସ୍ୱାଇଁ(୫୨)ଙ୍କ ସୋମବାର ହୃଦ୍‌ଘାତରେ ପରଲୋକ ଘଟିଛି । କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ସାରଦାବର୍ଦ୍ଧନୂଆଁଗାଁ ଗ୍ରାମର ନୀଳକଣ୍ଠ ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟରେ ୧୯୯୬ରୁ ଚାକିରି କରୁଥିଲେ । ବିଗତ କିଛି ମାସ ହେବ ସେ ଆକାଉଣ୍ଟାଣ୍ଟ ଦାୟିତ୍ୱରେ ଥିଲେ । ଆଜି ଅପରାହ୍ନରେ କାର୍ଯ୍ୟାଳୟରେ ଥିବା ସମୟରେ ଆସନ୍ତାକାଲିର କାର୍ଯ୍ୟକ୍ରମ ଉପରେ ଗ୍ରୁପରେ ମେସେଜ ପକାଇଥିଲେ । ପରେ ସେ ବାଥରୁମ୍ ଯାଇ ସେଠି ପଡ଼ି ଯାଇଥିଲେ । ଏହାପରେ ସେ ନିଜେ ବାଥ୍ ରୁମରୁ ଉଠି ଆସି ନିଜ ଚେୟାରରେ ବସି କାମ କରୁଥିଲେ । ଏହି ସମୟରେ ସେ ଚେୟାରରୁ ପୁଣି ତଳେ ପଡ଼ିଯାଇଥିଲେ । ଦୁଇଥର ହୃଦ୍‌ଘାତ ପରେ ସେ ମୃତ୍ୟୁବରଣ କରିଥିବା କର୍ମଚାରୀମାନେ ଆଶଙ୍କା କରୁଛନ୍ତି । ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ହେବା ପରେ ମୃତ୍ୟୁର ସଠିକ୍ କାରଣ ଜଣାପଡ଼ିବ ବୋଲି କୁହାଯାଇଛି । ଖବର ପାଇ ଭଞ୍ଜନଗର ଉପଜିଲ୍ଲାପାଳ ତଥା ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷ ଉମାଶଙ୍କର ବେହେରା, ପୂର୍ବତନ ଏନଏସି ଅଧ୍ୟକ୍ଷା ସୁନିତା ଦଳବେହେରା ପ୍ରମୁଖ ଭଞ୍ଜନଗର ମେଡ଼ିକାଲରେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଛନ୍ତି ।

## ସାର ସଙ୍କଟ: ବିଳମ୍ବରେ ସରକାରଙ୍କ ଚେତା ପଶିଲା

ଭୁବନେଶ୍ୱର, ୧୩।୧୦(ସମିସ): ଚଳିତ ଖରିଫ୍ ଋତୁରେ ରାଜ୍ୟବ୍ୟାପୀ ବିହନ ଏବଂ ସାର ଯୋଗାଣକୁ ନେଇ ବେଶ୍ ହନ୍ତସନ୍ତ ହୋଇଛନ୍ତି ଚାଷୀ । ବିଶେଷକରି ସାରକୁ ନେଇ ରାଜ୍ୟବ୍ୟାପୀ ଚାଷୀ ବେଶ୍ ହନ୍ତସନ୍ତ ହୋଇଥିବା ବେଳେ ଏବେ ମଧ୍ୟ କେତେକ ସ୍ଥାନରେ ଆବଶ୍ୟକୀୟ ସାର ମିଳି ପାରିନାହିଁ । ସାର ନ ପାଇ ସରକାରୀ ସଂସ୍ଥା ଆଗରେ ରାତି ରାତି ଅନିଦ୍ରା ହୋଇ ଚାଷୀ ବସିବସି ନିରାଶ ହୋଇଛି । ବାଧହୋଇ ଚଢ଼ାଦରରେ ଖୋଲା ବଜାରରୁ ସାର କିଣିବାକୁ ଚାଷୀ ବାଧ ହୋଇଛନ୍ତି । ତେଣୁ ରବି ଋତୁରେ ଚାଷୀଙ୍କୁ ସାର ଯୋଗାଣ ତ୍ୱରାନ୍ୱିତ କରିବା ପାଇଁ ଏନେଇ ନିକଟରେ କୃଷି ବିଭାଗର ସ୍ୱତନ୍ତ୍ର ସଚିବ ଏବଂ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ରାଜ୍ୟରେ ଆସନ୍ତା ରବି ଋତୁ ୨୦୨୫-୨୬ ପାଇଁ ବିହନ ଯୋଗାଣ ଉପରେ ବ୍ୟାପକ ଚର୍ଚ୍ଚା ଆଲୋଚନା ହୋଇଛି । ଖରିଫ ଋତୁରେ

- ରବି ଋତୁରେ ତ୍ରୁଟିଶୂନ୍ୟ ସାର ଯୋଗାଣ ଉପରେ ଗୁରୁତ୍ୱ
- ଖୁବଶୀଘ୍ର ପ୍ରକାଶ ପାଇବ ସଂଶୋଧିତ ମାର୍ଗଦର୍ଶିକା
- ୟୁରିଆ ଯୋଗାଣ ଦାୟିତ୍ୱ ବହନ କରିବ ମାର୍କଫେଡ୍
- ରବି ବିହନ ଯୋଗାଣ ପାଇଁ ହେବ ଉଚ୍ଚସ୍ତରୀୟ ବୈଠକ

ଚାଷୀମାନେ ସଠିକ୍ ସମୟରେ ଉନ୍ନତମାନର ବିହନ ପାଇ ନ ଥିବା ଅଭିଯୋଗ ହୋଇଥିଲା । ଏପରିକି ଚାଷୀଙ୍କୁ ଯେଉଁ ବିହନ ଯୋଗାଇ ଦିଆଯାଇଥିଲା, ତାହା ଗୁଣବତ୍ତା ଦୃଷ୍ଟିରୁ ଉନ୍ନତ ନଥିବା କୁହାଯାଇଥିଲା । ତେଣୁ ଆସନ୍ତା ରବି ଋତୁ ପାଇଁ ସଠିକ୍ ବିହନ ଯୋଗାଣ ପାଇଁ ରାଜ୍ୟ କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ ପକ୍ଷରୁ ଏକ ବୈଠକ ଡକାଯିବ । ବୈଠକରେ ରବି ଋତୁ ପାଇଁ ଧାନ ଓ ଅଣଧାନ ବିହନ ଯୋଗାଣ ସମ୍ପର୍କରେ ବିଶେଷ ଆଲୋଚନା କରାଯିବ । ରବି ଋତୁ ପାଇଁ ଧାନ ବ୍ୟତୀତ ପରିବା, କପା ପାଇଁ କେତେ ମାତ୍ରାରେ ସାର ଆବଶ୍ୟକ ହେବ, ସେନେଇ ଓୟୁଏଟି ବିସ୍ତୃତ ରିପୋର୍ଟ ପ୍ରଦାନ କରିବ । ଏହି ରିପୋର୍ଟ ଆଧାରରେ ରାଜ୍ୟରେ ସାରର ଆବଶ୍ୟକତା ନେଇ ଏକ ଆକଳନ ପ୍ରସ୍ତୁତ କରାଯିବା ସହ ତଦନୁଯାୟୀ ସାର ମହଜୁଦ୍ ଏବଂ ପରବର୍ତ୍ତୀ ଅବସ୍ଥାରେ ଯୋଗାଣ କରାଯିବ । ଜିଲ୍ଲାସ୍ତରରେ ଜିଲ୍ଲାପାଳମାନେ ସାର ଯୋଗାଣକୁ ପ୍ରତ୍ୟେକ୍ଷ ଭାବେ ନିରୀକ୍ଷଣ କରିବାକୁ ଥିବାବେଳେ ରାଜ୍ୟବ୍ୟାପୀ ୟୁରିଆ ଯୋଗାଣ ପାଇଁ ମାର୍କଫେଡକୁ ସମସ୍ତ କ୍ଷମତା ପ୍ରଦାନ କରାଯାଇଛି । ପାକ୍ସ ଓ ଲାମ୍ପସ ଦ୍ୱାରା ଚାଷୀଙ୍କ ନିକଟରେ ଯେପରି ସାର ସଠିକ୍ ସମୟରେ ପହଞ୍ଚିବ, ସେ ନେଇ ମାର୍କେଫେଡ ଆବଶ୍ୟକୀୟ ପଦକ୍ଷେପ ନେବ । ଆସନ୍ତା ରବି ଋତୁରେ ସାର ଯୋଗାଣ ପାଇଁ ଖୁବଶୀଘ୍ର ଏକ ସଂଶୋଧିତ ଏସଓପି ପ୍ରସ୍ତୁତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି ।

## ଏମ୍‌କେସିଜି ରକ୍ତଭଣ୍ଡାରରୁ ୩ ଦଲାଲ କାବୁ

ବ୍ରହ୍ମପୁର, ୧୩ ।୧୦(ସମିସ): ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍‌ପିଟାଲର ରକ୍ତଭଣ୍ଡାରରୁ ୩ ଜଣ ଦଲାଲଙ୍କୁ ଫାଣ୍ଡି ପୁଲିସ କାବୁ କରିଛି । ଏହି ଦଲାଲମାନେ ରକ୍ତ ୟୁନିଟ୍ ପିଛା ରୋଗୀ ସମ୍ପର୍କୀୟଙ୍କଠାରୁ ୧ ହଜାର ଟଙ୍କା ଲେଖାଏଁ ଆଦାୟ କରୁଥିଲେ ବୋଲି ଅଭିଯୋଗ ହୋଇଛି । ସେମାନଙ୍କୁ ବୈଦ୍ୟନାଥପୁର ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି ।

ସୂଚନାନୁସାରେ, ଏମ୍‌କେସିଜିରେ ଚିକିତ୍ସିତ ହେଉଥିବା ଜଣେ ରୋଗୀଙ୍କ ସମ୍ପର୍କୀୟଙ୍କୁ ରକ୍ତ ଆବଶ୍ୟକତା ଡାକ୍ତରମାନେ କହିଥିଲେ । ସେହି କ୍ରମରେ ରୋଗୀଙ୍କ ସମ୍ପର୍କୀୟ ରକ୍ତ ଭଣ୍ଡାରକୁ ଯାଇଥିଲେ । ହେଲେ ରକ୍ତଦାତା ଆଣିଲେ ହିଁ ରୋଗୀଙ୍କ ପାଇଁ ରକ୍ତ ଦିଆଯିବ ବୋଲି ରକ୍ତଭଣ୍ଡାର ପକ୍ଷରୁ କୁହାଯାଇଥିଲା । ଏହାପରେ ସମ୍ପର୍କୀୟମାନେ ଆଖାପାଖରେ ଉପସ୍ଥିତ ଥିବା କିଛି ଯୁବକଙ୍କୁ ରକ୍ତ ଯୋଗାଡ଼ କରିଦେବାକୁ ଅନୁରୋଧ କରିଥିଲେ । ହେଲେ ସେହି ଯୁବକ ତଥା ଦଲାଲମାନେ ୧ ହଜାର ଟଙ୍କା ଦେଲେ ରକ୍ତ ଯୋଗାଡ଼ କରିଦେବୁ ବୋଲି କହିଥିଲେ । ରକ୍ତଭଣ୍ଡାରରେ ଦଲାଲି କରାଯାଉଥିବା ଜାଣିବା ପରେ ସମ୍ପର୍କୀୟମାନେ ଏମ୍‌କେସିଜି ଫାଣ୍ଡି ପୁଲିସକୁ ଜଣାଇଥିଲେ । ପୁଲିସ ପହଞ୍ଚି ୩ଜଣ ଦଲାଲଙ୍କୁ କାବୁ କରିଥିଲା । ପୂର୍ବରୁ ମଧ୍ୟ ରକ୍ତଭଣ୍ଡାରରେ ଦଲାଲି କରୁଥିବା ଏକାଧିକ ବ୍ୟକ୍ତିକୁ ପୁଲିସ କାବୁ କରି ସାରିଛି । ଏମ୍‌କେସିଜି ରକ୍ତଭଣ୍ଡାରେ ଦଲାଲମାନେ ସକ୍ରିୟ ରହୁଥିବା ବେଳେ ରକ୍ତଭଣ୍ଡାର କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ ହେଉଛି ।

## ନୂଆ ଶିକ୍ଷାନୀତି ଭାରତୀୟ ଚିନ୍ତନ ଓ ଆଧୁନିକ ଜ୍ଞାନର ସେତୁ: ମୁଖ୍ୟମନ୍ତ୍ରୀ

ପୁରୀ, ୧୩।୧୦ (ସମିସ): ଶିକ୍ଷା କେବଳ ଜ୍ଞାନଗତ କ୍ଷମତାର ବିକାଶ ନୁହେଁ, ସ୍ୱାକ୍ଷରତା ଏବଂ ସଂଖ୍ୟାଗତ ଦକ୍ଷତାର ମୌଳିକ ସାମର୍ଥ୍ୟ ଏବଂ ବିଶ୍ଳେଷଣାତ୍ମକ ଚିନ୍ତା । ଶିକ୍ଷାର ଲକ୍ଷ୍ୟ ଚରିତ୍ର ଗଠନ ଓ ପବିତ୍ରତା । ଆଧ୍ୟାତ୍ମିକତାର ପୃଷ୍ଠଭୂମିରେ ଶିକ୍ଷା ପର୍ଯ୍ୟବସିତ ହେବା ଉଚିତ । ଶିକ୍ଷାର୍ଥୀମାନେ



ଜୀବନରେ ଭଗବତ୍ ଗୀତାଠାରୁ ଆରମ୍ଭ କରି ସମସ୍ତ ଧର୍ମଗ୍ରନ୍ଥ ପାଠ କରିବା ଦରକାର । ଈଶ୍ୱରବିଶ୍ୱାସୀ ହେବା ଦ୍ୱାରା ମଣିଷ ନିରହଙ୍କାରୀ ହେବା ସହ ଫଳ ଆଶା ବିନା ନିରନ୍ତର କାର୍ଯ୍ୟ କରିଚାଲେ । କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରରେ ଆୟୋଜିତ 'ଜାତୀୟ ଶିକ୍ଷା ନୀତି-୨୦୨୦ ସନ୍ଦର୍ଭରେ ଭାରତୀୟ ଜ୍ଞାନ ପରମ୍ପରା ଶୀର୍ଷକ ତିନିଦିନିଆ ରାଷ୍ଟ୍ରୀୟ ସଂଗୋଷ୍ଠୀ' ଦ୍ୱିତୀୟ ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହା କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ, ନୂଆ ଶିକ୍ଷାନୀତି ଭାରତୀୟ ଚିନ୍ତନ ଓ ଆଧୁନିକ ଜ୍ଞାନର ସେତୁ । ରାଷ୍ଟ୍ରୀୟ ଶିକ୍ଷାନୀତି ପ୍ରତ୍ୟେକ ବ୍ୟକ୍ତିର ସୃଜନଶୀଳ ସାମର୍ଥ୍ୟର ବିକାଶ ଉପରେ ବିଶେଷ ଗୁରୁତ୍ୱ ଦେଇଛି । ଶିକ୍ଷକଙ୍କୁ ଏଣିକି ରେଗୁଲାର୍ ଭାବେ ନିଯୁକ୍ତି ମିଳିବ । ଫଳରେ ରାଜ୍ୟରେ ଜାତୀୟ ଶିକ୍ଷା ନୀତି ସଠିକ୍ ଭାବେ କାର୍ଯ୍ୟକ୍ଷମ ହୋଇପାରିବ । ଜାତୀୟ ଶିକ୍ଷା ନୀତିକୁ ଠିକ୍ ଭାବେ ପରିଚାଳନା ନେଇ ଆଗାମୀ ୩ବର୍ଷରେ ୪୫ ହଜାର ଶିକ୍ଷକ ନିଯୁକ୍ତି ହେବେ । ସେମାନଙ୍କ ମଧ୍ୟରୁ ଚଳିତବର୍ଷ ୧୫ହଜାର ଶିକ୍ଷକ ନିଯୁକ୍ତି ନେଇ ଯୋଜନା ରହିଛି । ସତ୍ୟବାଦୀ ବନ ବିଦ୍ୟାଳୟରେ ଯେପରି ଏକ ଆଦର୍ଶ ଶିକ୍ଷା ପରିବେଶ ଥିଲା, ସେହିଭଳି ଏହି ବିଦ୍ୟାଳୟଗୁଡ଼ିକରେ ମଧ୍ୟ ପିଲାମାନଙ୍କ ପାଇଁ ଆଦର୍ଶ ଶିକ୍ଷା ପରିବେଶ ସୃଷ୍ଟି କରିବାକୁ ଲକ୍ଷ୍ୟ ରହିବ ।

ଶିକ୍ଷା ସଂସ୍କୃତି ଉତ୍ଥାନ ଟ୍ରଷ୍ଟର ଜାତୀୟ ସଚିବ ଡ. ଅତୁଲ କୋଠାରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜାତୀୟ ଶିକ୍ଷାନୀତି ୨୦୨୦ର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସେ କହିଲେ ଯେ ଏହି ଐତିହାସିକ ଶିକ୍ଷା ନୀତି ସଠିକ୍ ଭାବେ କାର୍ଯ୍ୟକାରୀ ହେଲେ, ନିଃସନ୍ଦେହରେ ବିକଶିତ ଭାରତର ମୂଳଦୁଆ ସ୍ଥାପନ କରିବାରେ ଆମେ ସକ୍ଷମ ହେବା । ସେ ସମସ୍ତ ଶିକ୍ଷକବର୍ଗଙ୍କୁ ଏ ଦିଗରେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ ନୂଆଦିଲ୍ଲୀର ମହାସଚିବ ତଥା ରାଷ୍ଟ୍ରୀୟ ସଦସ୍ୟ ଡ. ପଙ୍କଜ ମିତ୍ତଲ ଶିକ୍ଷା ସଂସ୍କୃତି ଉତ୍ଥାନ ନ୍ୟାସର କାର୍ଯ୍ୟ ପ୍ରଣାଳୀ ସମ୍ପର୍କରେ ମତ ଉପସ୍ଥାପନା କରିଥିଲେ ।

## ରାଜ୍ୟରେ ନିର୍ଯାତିତା ଓଡ଼ିଆ ଝିଅଙ୍କୁ ନ୍ୟାୟ ଦେବାରେ ସରକାର ଉଦାସୀନ କାହିଁକି: ବିଜେଡି

ଭୁବନେଶ୍ୱର, ୧୩।୧୦(ସମିସ): ପଶ୍ଚିମବଙ୍ଗ ଦୁର୍ଗାପୁରଠାରେ ଜଣେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ଓଡ଼ିଶା ସରକାର ତତ୍ପରତା ଦେଖାଉଛନ୍ତି । ଏହା ସ୍ୱାଗତଯୋଗ୍ୟ । ମାତ୍ର, ଓଡ଼ିଶାରେ ଘଟୁଥିବା ଅନେକ ମହିଳା ନିର୍ଯାତନା ମାମଲାରେ ରାଜ୍ୟ ବିଜେପି ସରକାରଙ୍କ କାହିଁକି ସେଭଳି ତତ୍ପରତା ଦେଖିବାକୁ ମିଳୁନାହିଁ ବୋଲି କ୍ଷୋଭ ପ୍ରକାଶ କରିଛି ବିଜେଡି ।

ବିଜେଡି ପକ୍ଷରୁ ଜାରି ଏକ ପ୍ରେସ୍ ବିବୃତିରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ୍ ମହାନ୍ତି କହିଛନ୍ତି ଯେ ରାଜ୍ୟରେ ଦୁଷ୍କର୍ମ, ଗଣଦୁଷ୍କର୍ମ ଓ ମହିଳା ନିର୍ଯାତନା ଘଟଣା ଅହେତୁକ ବୃଦ୍ଧି ପାଇଛି । କିନ୍ତୁ ଏହି ସବୁ ଘଟଣାରେ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନରେ ରାଜ୍ୟ ସରକାର ଉଦାସୀନ ରହୁଥିବା ଦେଖିବାକୁ ମିଳୁଛି । ଅତ୍ୟନ୍ତ ସମ୍ବେଦନଶୀଳ ଘଟଣାଗୁଡ଼ିକୁ ଚାପି ଦେବାକୁ ଉଦ୍ୟମ କରାଯାଉଛି । ପଶ୍ଚିମବଙ୍ଗ ଘଟଣାରେ ଓଡ଼ିଶା ସରକାର ଯେପରି ତତ୍ପରତା ଦେଖାଇଛନ୍ତି, ସେପରି ତତ୍ପରତା ଓଡ଼ିଶାରେ ଘଟୁଥିବା ମହିଳା ନିର୍ଯାତନା ଘଟଣାରେ ଦେଖିବାକୁ ମିଳୁନାହିଁ ।

- ପଶ୍ଚିମବଙ୍ଗ ଗଣଦୁଷ୍କର୍ମ ଘଟଣା ଅତ୍ୟନ୍ତ ନିନ୍ଦନୀୟ
- ରାଜ୍ୟର ଚର୍ଚ୍ଚିତ ମହିଳା ନିର୍ଯାତନା ଘଟଣାରେ ମଧ୍ୟ ସରକାରଙ୍କ ତତ୍ପରତା ଦେଖିବାକୁ ମିଳୁନାହିଁ
- ଓଡ଼ିଶାର ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ନାହିଁ

ପଶ୍ଚିମବଙ୍ଗ ଘଟଣାରେ ଜାତୀୟ ମହିଳା କମିସନ ଆସିଥିବା ବେଳେ ଓଡ଼ିଶାର ମହିଳା କମିସନ୍ ମଧ୍ୟ ପଶ୍ଚିମବଙ୍ଗ ଗସ୍ତ କରୁଛନ୍ତି । କିନ୍ତୁ ଓଡ଼ିଶାରେ ଘଟିଥିବା ସମ୍ବେଦନଶୀଳ ମହିଳା ନିର୍ଯାତନା ଘଟଣାରେ ଜାତୀୟ ମହିଳା କମିସନ ଆସିବା ତ ଦୂରେ ଥାଉ, ରାଜ୍ୟ ମହିଳା କମିସନ ମଧ୍ୟ ଗୁରୁତ୍ୱ ଦେଉନାହାନ୍ତି । ରାଜ୍ୟରେ ଗତ ୧୪ମାସ ଭିତରେ ୩୭,୬୧୧ ମହିଳା ନିର୍ଯାତନା ଘଟଣା ଘଟିଥିଲା ବେଳେ ସରକାର ନିଦାବିଷ୍ଟୁ ସାଜିଛନ୍ତି । ଡ. ମହାନ୍ତି କହିଛନ୍ତି, ରାଜ୍ୟରେ ଗୋପାଳପୁର ଗଣଦୁଷ୍କର୍ମ ଘଟଣା, ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣା, ବଳଙ୍ଗା ଛାତ୍ରୀ ପୋଡ଼ି ଘଟଣା, ବାଲିହରଚଣ୍ଡୀ ଗଣଦୁଷ୍କର୍ମ ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ ଓ ଜାତୀୟ ଗଣମାଧ୍ୟମରେ ସ୍ଥାନ ପାଇଥିଲେ ମଧ୍ୟ ଜାତୀୟ ମହିଳା କମିସନଙ୍କ ଦେଖା ମିଳିନଥିଲା । ସେହିପରି ରାଜ୍ୟ ମହିଳା କମିସନଙ୍କର ମଧ୍ୟ କୌଣସି ଆଖିଦୃଶିଆ ପଦକ୍ଷେପ ନଜରକୁ ଆସିନଥିଲା ।

ଏହାବ୍ୟତୀତ, ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦକ ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କ ଉପରେ ବିଜେପି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା ଅଶାଳୀନ ମନ୍ତବ୍ୟ ଉପରେ ସେ ଉଭୟ ଜାତୀୟ ଓ ରାଜ୍ୟ ମହିଳା କମିସନଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଉଭୟଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନଥିଲା । ଓଡ଼ିଶାରେ ବାସ କରୁଥିବା ମହିଳାଙ୍କ ସହ ରାଜ୍ୟ ବିଜେପି ସରକାର କାହିଁକି ପାତରଅନ୍ତର କରୁଛନ୍ତି? ଗୋପାଳପୁର ଗଣଦୁଷ୍କର୍ମ ଘଟଣା ହେଉ କି ସୌମ୍ୟାଶ୍ରୀ ଘଟଣା, ବଳଙ୍ଗା ଛାତ୍ରୀ ପୋଡ଼ି ଘଟଣା ହେଉ କି ବାଲିହରଚଣ୍ଡୀରେ ଗଣଦୁଷ୍କର୍ମ ଘଟଣା; ରାଜ୍ୟ ସରକାର ପୀଡ଼ିତା ଓ ତାଙ୍କ ପରିବାରକୁ ନ୍ୟାୟ ପ୍ରଦାନରେ ପଛଘୁଞ୍ଚା କାହିଁକି ଦେଉଛନ୍ତି ବୋଲି ଡ. ମହାନ୍ତି ପ୍ରଶ୍ନ କରିଛନ୍ତି ।

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ଭଲ। ଅଚାନକ ଖୁସି ଖବର ପାଇପାରନ୍ତି। ରାଜନୈତିକ ଏବଂ ସାମାଜିକ କ୍ଷେତ୍ରରେ ସକ୍ରିୟ ରହିବେ। ପ୍ରେମୀଯୁଗଳଙ୍କ ମତାନ୍ତର ଦୂର ହେବ।

**ବୃଷ:** ଗୃହିଣୀମାନେ ଘର କାମରେ ବ୍ୟସ୍ତ ରହିବେ। ଇଂଜିନିୟରଙ୍କ ପାଇଁ ଦିନଟି ଭଲ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ଲୋକ ସମ୍ପର୍କ ବଢ଼ିବ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

**ମିଥୁନ:** ବାଦ ବିବାଦରୁ ଦୂରେଇ ରୁହନ୍ତୁ। ବ୍ୟବସାୟୀଙ୍କ ପାଇଁ ଦିନଟି ଭଲ। ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି। ପ୍ରେମୀ ଯୁଗଳ ସୁନ୍ଦର ସମୟ ଅତିବାହିତ କରିବେ।

**କର୍କଟ:** ସମୟର ସଦୁପଯୋଗ କରନ୍ତୁ। ବୁଦ୍ଧି ବିଚାରି କାମ କରନ୍ତୁ। ପରିବାର ସହିତ ଖୁସିର ସମୟ ଅତିବାହିତ କରିବେ। ଜମି କାରବାରରେ ସଫଳ ହେବେ। ଅଯଥା କାମରେ ସମୟ ନଷ୍ଟ ହେବ।

**ସିଂହ:** ନୂତନ ବ୍ୟବସାୟ ପାଇଁ ଅନୁକୂଳ ସମୟ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। ଅଫିସ୍‌ରେ ପଦୋନ୍ନତି ହୋଇପାରେ। ଆଣ୍ଠୁଗଣ୍ଠି ସମସ୍ୟା ଭୋଗିପାରନ୍ତି। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ।

**କନ୍ୟା:** ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରନ୍ତୁନି। ଅଧିକ ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଅଫିସ୍ ସହକର୍ମୀଙ୍କ ସହଯୋଗ ରହିବ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି।

**ତୁଳା:** ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ନୂଆ ଚାକିରି ମିଳିବା ସମ୍ଭାବନା ଅଛି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍‌ବୁଝାମଣା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ବିଛା:** ମାନ ସମ୍ମାନ ବୃଦ୍ଧି ପାଇବ। ଉଧାର ଟଙ୍କା ଫେରି ପାଇବେ। ଯୋଗ ଏବଂ ପ୍ରାଣାୟମ କରନ୍ତୁ। ଯେକୌଣସି ପରିସ୍ଥିତି ସହିତ ଖାପଖୁଆଇ ଚଳନ୍ତୁ। ଧାର୍ମିକ କାର୍ଯ୍ୟରେ ସାମିଲ ହୋଇପାରନ୍ତି।

**ଧନୁ:** ଚାକିରି ପାଇଁ ବିଦେଶ ଯାତ୍ରା କରିବେ। ପ୍ରିୟଜନଙ୍କ କଥା ଦୁଃଖ ଦେବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେବ। କାର୍ଯ୍ୟକ୍ଷେତ୍ରରୁ ଆଶାଜନକ ଲାଭ ମିଳିବ ନାହିଁ।

**ମକର:** ସମୟର ସଦୁପଯୋଗ କରିବେ। ପ୍ରେମ ସମ୍ପର୍କ ମଜଭୁତ ହେବ। ଠକାମିର ଶିକାର ହେବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହୋଇପାରେ। କଳାକାରଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଚିନ୍ତା ଓ ଅବସାଦରେ ରହିବେ।

**ମୀନ:** ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ନୂତନ କାର୍ଯ୍ୟ ଆରମ୍ଭ କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ବୈବାହିକ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୮୮୨- ପଞ୍ଜାବ ବିଶ୍ୱବିଦ୍ୟାଳୟର ସ୍ଥାପନା।
- ୧୯୩୩- ଜର୍ମାନୀ ମିତ୍ରରାଷ୍ଟ୍ରରୁ ଓହରିଯିବାକୁ ନିଷ୍ପତ୍ତି ନେଲା।
- ୧୯୫୬- ଡ. ବି.ଆର୍ ଆମ୍ବେଦକର ୫ ଲକ୍ଷ ସମର୍ଥକଙ୍କ ସହ ବୌଦ୍ଧ ଧର୍ମ ଗ୍ରହଣ କଲେ।
- ୧୯୮୧- ହୋସ୍‌ନି ମୁବାରକ ମିଶରର ରାଷ୍ଟ୍ରପତି ହେଲେ।
- ୧୯୯୯- ପରମାଣୁ ପରୀକ୍ଷଣ ପ୍ରତିବନ୍ଧକ ସନ୍ଧିକୁ ଆମେରିକୀୟ ସିନେଟ୍‌ରେ ନାମଞ୍ଜୁର।
- ୨୦୧୦- ନୂଆଦିଲ୍ଲୀରେ ଚାଲୁଥିବା ୧୯ତମ ରାଷ୍ଟ୍ରମଣ୍ଡଳ ଖେଳର ସମାପନ।

# ଚିଲି ମ୍ୟାନ୍ : ଥରକେ ଖାଆନ୍ତି ୧୦ କେଜି ଶୁଖିଲା ଲଙ୍କା



ଅନେକ ଲୋକ ସେମାନଙ୍କ ଅଜବ ଖାଦ୍ୟାଭ୍ୟାସ ପାଇଁ ଚର୍ଚ୍ଚାରେ ଥାଆନ୍ତି। ଏହି କ୍ରମରେ ମେଘାଳୟର ବାଟାବ ଗାଁର କୃଷକ ରାମ ପିରତୁହ ତାଙ୍କର ଅଜବ ଖାଦ୍ୟାଭ୍ୟାସ ପାଇଁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ ବେଶ୍ ସହଜରେ ଥରକରେ ୧୦ କେଜି ଶୁଖିଲା ଲଙ୍କା ଖାଇପାରନ୍ତି। ୨୦୨୧ ମସିହାରେ ତାଙ୍କର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାପରେ ସେ ଏବେ ଚର୍ଚ୍ଚାରେ। ଭିଡିଓରେ ସେ ୧୦ କେଜି ଶୁଖିଲା ଲଙ୍କା ଖାଉଥିଲେ। ଏତେ ଲଙ୍କା ଖାଇବା ସତ୍ତ୍ୱେ ତାଙ୍କ ଆଖିରେ ଲୁହ ଆସି ନ ଥିଲା କି ତାଙ୍କୁ ରାଗ ଲାଗି ନ ଥିଲା। ଏହାପରେ ଲୋକେ ତାଙ୍କୁ ଚିଲି ମ୍ୟାନ୍ ନାମ ଦେଇଥିଲେ। ୫୦ ବର୍ଷୀୟ ରାମଙ୍କ କହିବାନୁଯାୟୀ, 'ଲଙ୍କା ମୋ ଜୀବନର ଏକ ଅଂଶ। ମୁଁ ପିଲାଦିନରୁ ଲଙ୍କା ଖାଇ ଆସୁଛି। ମୋତେ ଲଙ୍କା ରାଗ ଲାଗେନି।' ସେହିପରି ରାମଙ୍କ ଗାଁ ଲୋକଙ୍କ କହିବାନୁସାରେ, ତାଙ୍କର ପ୍ରତ୍ୟେକ ଖାଦ୍ୟରେ ଲଙ୍କା ଥାଏ। ତାଙ୍କର ଏହି ନିଆରା ପ୍ରତିଭା ବିଷୟରେ ଜାଣିପାରିବା ପରେ ଲୋକେ ତାଙ୍କୁ ପରୀକ୍ଷା ମଧ୍ୟ କରିଥିଲେ। ଏପରିକି ଗୋଟେ ଶୋ'ରେ ତାଙ୍କ ଦେହରେ ଲଙ୍କା ପେଷ୍ଟ ଲଗାଇ ଗାଧୋଇ ଦିଆଯାଇଥିଲା। ଏସବୁ ସହ ତାଙ୍କ ଶରୀରରେ ଲଙ୍କା ଘଷା ଯାଇଥିଲା। ଏହାସତ୍ତ୍ୱେ ସେ ଶରୀରରେ କୌଣସି ଜଳାପୋଡ଼ା ଅନୁଭବ କରି ନ ଥିଲେ। ସେହିପରି ସେ ଆହୁରି ମଧ୍ୟ କହିଛନ୍ତି, ସକାଳୁ ସେ ଲଙ୍କା ଚା, ଦ୍ୱିପ୍ରହରରେ ଲଙ୍କା ମଟନ ତରକାରୀ ଖାଆନ୍ତି। ସନ୍ଧ୍ୟାରେ ସେ କଞ୍ଚାଲଙ୍କା ଚୋବାଉଥାନ୍ତି। ଲଙ୍କା ତାଙ୍କର ଔଷଧ ବୋଲି ସେ କହିଛନ୍ତି। ଏଥିପାଇଁ ତାଙ୍କୁ କୌଣସି ରୋଗ ମଧ୍ୟ ହୋଇନି। ଅବଶ୍ୟ ମେଘାଳୟରେ ଲଙ୍କା ଚାଷ ସାଧାରଣ କଥା। ହେଲେ ରାମଙ୍କ ଭଳି ଲଙ୍କାପ୍ରେମୀ ନାହାନ୍ତି।

# 'କାନ୍ତାରା ଚାପ୍ଟର ୧' ସଫଳତାର ରାଜ୍ ଖୋଲିଲେ ଋଷଭ



ଋଷଭ ସେଟ୍ଟିଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'କାନ୍ତାରା ଚାପ୍ଟର ୧' ବକ୍ସ ଅଫିସ୍‌ରେ ସୁନାମି ଆଣିଛି। ସମୟ ବଢ଼ିବା ସହ ଏହାର ଆୟ ମଧ୍ୟ ଦିନକୁ ଦିନ ବଢ଼ି ଚାଲିଛି। ସବୁଠୁ ବଡ଼ କଥା ହେଉଛି, ଏହାର କାହାଣୀ ଦର୍ଶକଙ୍କୁ ଛୁଇଁଛି। ମୂଳ କନ୍ନଡ଼ ଭାଷାର ଏହି ସିନେମାରେ ଋଷଭ ପୁଣି ଥରେ ନିଜ ଅନ୍ଦାଜରେ ପରଦାକୁ ଓହ୍ଲାଇଛନ୍ତି। 'କାନ୍ତାରା ଚାପ୍ଟର ୧' ୨୦୨୨ରେ ରିଲିଜ୍ ହୋଇଥିବା 'କାନ୍ତାରା'ର ପୂର୍ବ କାହାଣୀ ଅଟେ। ପ୍ରାୟ ଫିଲ୍ମରେ ସିକ୍ୱେଲ୍ ରିଲିଜ୍ ହେଉଥିଲାବେଳେ ଋଷଭ କିନ୍ତୁ ଏହାର ପ୍ରିକ୍ୱେଲ୍ ଆଣିଥିଲେ। ଫିଲ୍ମର କାହାଣୀ, ଚରିତ୍ର ଓ ବିଏଫ୍‌ଏକ୍ସକୁ ବହୁତ ଭଲ ଭାବେ ବଡ଼ ପରଦାରେ ପ୍ରଦର୍ଶନ କରାଯାଇଛି। ଖାସ୍ ଏହି କାରଣରୁ ଫିଲ୍ମଟି ବକ୍ସ ଅଫିସ୍‌ରେ ଧମାଲ କରିଛି। ନିକଟରେ ଏକ ଇଭେଣ୍ଟରେ ଯୋଗ ଦେଇ ଖୋଦ୍ ଋଷଭ ଏହାର ସଫଳତାର ରାଜ୍ ଖୋଲିଛନ୍ତି। ଋଷଭ କହିଛନ୍ତି, 'ଏହି ଫିଲ୍ମ ଓ ଏହାର ଚରିତ୍ରଗୁଡ଼ିକ ମୋର ସ୍ୱପ୍ନ ଥିଲା, ଯାହାକୁ ମୋ ଟିମ୍ ଆପଣେଇ ନେଇଥିଲା। ଆମେ ଯେତେ ଆମର ଆଞ୍ଚଳିକ କାହାଣୀକୁ ଦେଖାଇବା ଏହା ସେତେମାତ୍ରାରେ ବିଶ୍ୱସ୍ତରରେ ଅଦ୍ଭୁତ ହେବ।' ଋଷଭ ଏଥିରେ ଅଭିନୟ କରିବା ସହ ଏହାର ନିର୍ଦ୍ଦେଶକ ଓ ଲେଖକ ମଧ୍ୟ।

# ଭାରତର ମିନି ଇସ୍ରାଏଲ

ଭାରତକୁ ବିବିଧତାର ଦେଶ କୁହାଯାଏ। ଏହାର ସୌନ୍ଦର୍ଯ୍ୟ ଓ ସଂସ୍କୃତି ସାରା ବିଶ୍ୱ ପରିଚିତ। ଏଥିପାଇଁ ଏଠାକୁ ବହୁ ବିଦେଶୀ ପର୍ଯ୍ୟଟକ ଆସିଥାନ୍ତି। ଏହି କ୍ରମରେ ହିମାଚଳ ପ୍ରଦେଶରେ ଏକ ଗାଁ ରହିଛି, ଏଠାକୁ ଭ୍ରମଣ ପାଇଁ ବହୁ ସଂଖ୍ୟାରେ ଇସ୍ରାଏଲ ପର୍ଯ୍ୟଟକ ଆସିଥାନ୍ତି। ଏପରିକି ଘରଭଡ଼ା ନେଇ ଏଠାରେ ଦୀର୍ଘ ଦିନ ଧରି ରହିଥାନ୍ତି। ଗାଁଟିର ନାଁ ଧର୍ମକୋଟ। ଏହା ଧର୍ମଶାଳାଠାରୁ ୨ କିଲୋମିଟର ଦୂରରେ ଅବସ୍ଥିତ। ଧର୍ମକୋଟକୁ ଭାରତର ମିନି ଇସ୍ରାଏଲ ବୋଲି କୁହାଯାଏ। ୧୯୯୦ ମସିହାରୁ ଏଠାକୁ ଇସ୍ରାଏଲ ପର୍ଯ୍ୟଟକମାନେ ଆସି ରହିବା ଆରମ୍ଭ କରିଥିଲେ। ସେବେଠାରୁ ଏଠାରେ ଇସ୍ରାଏଲ ସଂସ୍କୃତି ଓ ପରମ୍ପରାର ଛାପ ଦେଖିବାକୁ ମିଳୁଛି। ଧର୍ମକୋଟର ରେଷ୍ଟୋରାଁଗୁଡ଼ିକରେ ଭାରତୀୟ ଓ ଇଟାଲୀୟ ଖାଦ୍ୟ ସହ ଇସ୍ରାଏଲ ଖାଦ୍ୟ ମିଳିଥାଏ। ଏଠାରେ ହିବ୍ରୁ ଭାଷାରେ ଲେଖାଯାଇଥିବା ସାଇନ୍‌ବୋର୍ଡ ମଧ୍ୟ ଦେଖିବାକୁ ମିଳେ। ଇସ୍ରାଏଲର ସୈନିକମାନେ ଚାକିରିରୁ ଅବସର ନେବା ପରେ ଏହି ଗାଁରେ ଆସି କିଛି ଦିନ ରହି ଯାଇଥାନ୍ତି। ବିଶେଷକରି ଅକ୍ଟୋବର ମାସରେ ରୋଶ ହାସନା ନାମକ ପର୍ବ ପାଳିବାକୁ ଏଠାକୁ ବହୁ ସଂଖ୍ୟକ ଇସ୍ରାଏଲ ନାଗରିକ ଆସିଥାନ୍ତି। ଏହି ଗାଁର ଚତୁଃପାର୍ଶ୍ୱରେ ଘନ ଦେବଦାରୁ ଜଙ୍ଗଲ ଘେରି ହୋଇ ରହିଛି। ତେଣୁ ଏଠାରେ ଭୀଷଣ ଗରମରେ ମଧ୍ୟ ଥଣ୍ଡା ଅନୁଭୂତ ହୋଇଥାଏ। ଫଟୋପ୍ରେମୀ ତଥା ପ୍ରକୃତିପ୍ରେମୀଙ୍କୁ ଏହି ଗାଁ ବେଶ୍ ଆକର୍ଷିତ କରିଥାଏ। ଏଠାରେ ଭାରତୀୟଙ୍କଠାରୁ ଅଧିକ ବିଦେଶୀ ପର୍ଯ୍ୟଟକ ଦେଖାଯାଉଥିବାରୁ ଏହା ସ୍ଥାନୀୟ ଅଞ୍ଚଳରେ 'ବିଦେଶୀଙ୍କ ଗାଁ' ଭାବେ ମଧ୍ୟ ପରିଚିତ। ଧର୍ମକୋଟରେ ବିଦେଶୀ ପର୍ଯ୍ୟଟକମାନେ ଗଳିକନ୍ଦିରେ ସଙ୍ଗୀତ ଗାନ କରିବା ସହ ଧ୍ୟାନ ଯୋଗ ଆଦି କରୁଥିବାର ଦେଖାଯାଏ। ଏଠାରେ ଇସ୍ରାଏଲର ପତାକା ମଧ୍ୟ ଦେଖିବାକୁ ମିଳେ। ଇନ୍‌ଷ୍ଟାଗ୍ରାମ୍ ଟ୍ରାଭେଲର୍ ମହମ୍ମଦ ଅମାନ୍ ଧର୍ମକୋଟ୍‌ର ଭିଡିଓ ସେୟାର୍ କରିବା ପରେ ଏହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି।



## ସୁବର୍ଣ୍ଣ

# ଫସଲ ଅମଳ ଯନ୍ତ୍ରପାତି



ଅମଳ ଯନ୍ତ୍ର ମଧ୍ୟରେ ପାୱାର ଟିଲର ଚାଳିତ ଧାନ କଟା ଯନ୍ତ୍ର, ଟ୍ରାକ୍ଟର ଚାଳିତ ଧାନ କଟା ଯନ୍ତ୍ର ଆଦି ରହିଛି। ପାୱାର ଟିଲର ଚାଳିତ ଧାନ କଟା ଯନ୍ତ୍ରରେ ଗୋଟିଏ ଦିନର (୮ ଘଣ୍ଟା)ରେ ଏକ ହେକ୍ଟର ଜମିରୁ ଅମଳ ହୋଇପାରୁଥିବାବେଳେ ଟ୍ରାକ୍ଟର ଚାଳିତ ଧାନ କଟା ଯନ୍ତ୍ରରେ ଏକ ଘଣ୍ଟାରେ ଏକ ହେକ୍ଟର ଜମିରୁ ଧାନ କଟା ହୋଇପାରିବ। ପାୱାର ଟିଲର ଚାଳିତ ଧାନ କଟା ଯନ୍ତ୍ରରେ ଗୋଟିଏ ଏକର ଧାନ କଟା ପାଇଁ ମାତ୍ର ୩୦୦ରୁ ୪୦୦ଟଙ୍କା ଖର୍ଚ୍ଚ ହେଉଥିବାବେଳେ ହାତରେ କାଟିଲେ ଏକ ଏକରରେ ୧୨ଜଣ ଲୋକ ଦରକାର ପଡ଼େ।

ସେହିପରି କମ୍ବାଇନ୍ ହାର୍ଭେଷ୍ଟର ଏକ ଆଧୁନିକ କୃଷି ଯନ୍ତ୍ର। ଏହା ଧାନ, ମାଣ୍ଡିଆ, ଗହମ ଆଦି ଫସଲ କାଟିଥାଏ। କାଟିବା ସହ ଏକାସାଥିରେ ଗଛରୁ ଶସ୍ୟକୁ ଅଲଗା କରି ସଫା କରିପାରିବ। ବଜାରରେ ବିଭିନ୍ନ ପ୍ରକାର କମ୍ବାଇନ୍ ହାର୍ଭେଷ୍ଟର ଉପଲବ୍ଧ ଅଛି। ଏଥିରେ ୨ରୁ ୬ ମିଟର ଓସାର ଯାଏଁ ଫସଲ କାଟିବାକୁ ଆରି, ଦାନାକୁ ଅଲଗା କରି ସଫା କରିବାକୁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ଏହା ଧାନ ଫସଲରେ ପାଖାପାଖି ୦.୬ ହେକ୍ଟର ପ୍ରତି ଘଣ୍ଟା କାମ କରିଥାଏ। ସେହିପରି ବଜାରରେ ଟ୍ରାକ୍ଟର ଚାଳିତ କନଭେୟର ରିପର (ଟ୍ରାକ୍ଟର ଚାଳିତ ଅମଳ ଯନ୍ତ୍ର) ଉପଲବ୍ଧ ରହିଛି।

**ଫସଲର ଅମଳପରବର୍ତ୍ତୀ ସମୟଟି ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଏହି ସମୟରେ ଫସଲ କାଟିବାରେ ଅଧିକ ଶ୍ରମ ଦରକାର ପଡ଼େ। ଏଥିପାଇଁ ଖର୍ଚ୍ଚ ବଢ଼େ। ଅଧିକ ସମୟ ଲାଗେ। ପରିଶ୍ରମ ମଧ୍ୟ ଅଧିକ ହୁଏ। ତେବେ ପାଗ ଖରାପ ଥିଲେ, ଫସଲ ଅମଳ କାର୍ଯ୍ୟ କରିହୁଏ ନାହିଁ। ତେଣୁ ଏହି ସମସ୍ୟାର ସମାଧାନ ପାଇଁ ବିଭିନ୍ନ ଯନ୍ତ୍ର ବ୍ୟବହାର କରି ପାରିବେ।**

# ଓଲକୋବି ଚାଷ

ଅକ୍ଟୋବର ମାସରେ ରବିଋତୁ ଚାଷ କାମ କରାଯାଏ। ଏହି ସମୟରେ କମ୍ ତାପମାତ୍ରା ଯୋଗୁଁ ଚାଷୀମାନେ ବିଭିନ୍ନ ଫୁଲ, ପନି ପରିବା ବିହନ ଲଗାଇ ଲାଭ ପାଇଥା'ନ୍ତି। ଗାଜର, ସିମଲା ଲଙ୍କା, ଲଙ୍କା, ମୂଳା, ବାଇଗଣ, ଟମାଟୋ ଆଦି ଚାଷ କରାଯାଉଥିଲେ ହେଁ, ଓଲକବି ଚାଷରୁ ଅଧିକ ଲାଭ ମିଳେ।



ଓଲକୋବି ଚାଷ ପାଇଁ ଅକ୍ଟୋବରରୁ ନଭେମ୍ବର ମାସ ଉପଯୁକ୍ତ ସମୟ। ଚାଷ ପାଇଁ ନିଗିଡ଼ା, ଦୋରସା ମାଟି ଅନୁକୂଳ। ଏକର ପାଇଁ ୫୦୦ ଗ୍ରାମ୍ ବିହନ ଦରକାର। ତେବେ ମାଟିକୁ ଗୁଣ୍ଡ କରି ସେଥିରେ ଶୁଖିଲା ଖତ ପ୍ରୟୋଗ କରାଯାଏ। ମାଟିକୁ ସମତଳ କରି ପଟାଳି କରି ସେଥିରେ ବିହନ ବୁଣାଯାଏ। ଚାଷ ପୂର୍ବରୁ ମୃତ୍ତିକା ଓ ବିହନ ବିଶୋଧନ କରିବା ନିହାତି ଆବଶ୍ୟକ। ମୁଖ୍ୟ ଜମିରେ ଓଲକୋବି ଲଗାଇବା ସମୟରେ ଧାଡ଼ିକୁ ଧାଡ଼ି ୩୦ରୁ ୪୦ ସେ.ମି ଏବଂ ଗଛକୁ ଗଛ ଦୂରତ୍ୱ ୨୫ ସେ.ମି ରେ ଲଗାଯାଏ। ଆରମ୍ଭରୁ ହାଲୁକା ଜଳ ସେଚନ କରି ୧୦ରୁ ୧୨ ଦିନ ଅନ୍ତରରେ ସିଞ୍ଚନ କରିପାରିବେ। ଜୈବିକ ପ୍ରଣାଳୀରେ ଚାଷ କରିବାକୁ ଚାହୁଁଥିଲେ, ନିମ୍ବ ଅର୍କ ପ୍ରୟୋଗ କରି ପାରିବେ। ଜୈବିକ ଖତ କିମ୍ବା ଶୁଖିଲା ଗୋବର ଖତ ସହିତ ନିମ୍ବପିଡ଼ିଆ ମିଶାଇ ଗଛମୂଳରେ ଦେବା ଦ୍ୱାରା ଅଧିକ ଅମଳ ହୁଏ। ଗଛ ଲଗାଇବାର ୫୫ରୁ ୬୦ ଦିନ ପରେ ଓଲକୋବି ଅମଳ କରିପାରିବେ।

# ଚାଷୀ ମୁହଁରେ ହସ ଭରିଛି କଳିଙ୍ଗରାଜ




**ଦୃଢ଼ ଇଚ୍ଛାଶକ୍ତି ହିଁ ମଣିଷକୁ ସଫଳତା ଦେଇଥାଏ। ଏହାକୁ ପ୍ରମାଣିତ କରିଛନ୍ତି ଝାରସୁଗୁଡ଼ା ଜିଲ୍ଲା, ଲଖନପୁର ବ୍ଲକ୍ ଅନ୍ତର୍ଗତ ବଞ୍ଜାରୀ ଗ୍ରାମର ଜୟଦେବ ବିଶାଳ। ଚାଷ କେବଳ ଜୀବିକା ନୁହେଁ, ଏହା ଏକ ସ୍ୱାବଲମ୍ବୀ ଓ ସମ୍ମାନିୟ ଜୀବନ ପାଇଁ ସାଧନ ହୋଇପାରେ। ଏହାକୁ ବ୍ରତ କରି ସେ ଜଣେ ସଫଳ ଚାଷୀ ଭାବେ ସ୍ଥାନୀୟ ଅଞ୍ଚଳର ଅନେକ ଚାଷୀଙ୍କ ପାଇଁ ପ୍ରେରଣା ସାଜିଛନ୍ତି।**

ଜୟଦେବ ନିଜର ୧୬ ଏକର ଜମିରେ ମକା, ପୋଟଳ, ବାଇଗଣ, ବିଭିନ୍ନ ପ୍ରକାର ପନିପରିବା, ଫଳ (କଦଳୀ, ଆମ୍ବ) ଆଦି ଚାଷ କରୁଛନ୍ତି। ଏହା ସହିତ ସେ ଅଧିକାଂଶ ଜମିରେ ଧାନ ଚାଷ ମଧ୍ୟ କରୁଛନ୍ତି। ଅଧିକ ଉତ୍ପାଦନକ୍ଷମ ହେବା ପାଇଁ ସେ କୃଷି ବିଜ୍ଞାନ କେନ୍ଦ୍ର, ଝାରସୁଗୁଡ଼ା ଦ୍ୱାରା ଆୟୋଜିତ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେହି ତାଲିମ କେନ୍ଦ୍ରରେ ଉନ୍ନତ ମାନର ମକା ଚାଷ ପ୍ରଣାଳୀକୁ ନେଇ ଆଲୋଚନା ସମୟରେ ଜୟଦେବ ମକା ଚାଷ ପ୍ରତି ଆଗ୍ରହ ଦେଖାଇଥିଲେ। ତାଙ୍କ ଆଗ୍ରହକୁ ଅଗ୍ରାଧିକାର ଦେବା ସ୍ୱରୂପ ବୈଜ୍ଞାନିକମାନେ 'କଳିଙ୍ଗରାଜ' ଚାଷ ପଦ୍ଧତି ସମ୍ବନ୍ଧୀୟ ଆବଶ୍ୟକୀୟ ମାର୍ଗଦର୍ଶନ ପ୍ରଦାନ କରିଥିଲେ।

କେବଳ ସେତିକି ନୁହେଁ, କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ବିକଶିତ ଓ ପ୍ରଚାରିତ ଏହି କିସମର ବିହନ ପ୍ରଦାନ କରିଥିଲେ। ବୈଜ୍ଞାନିକମାନଙ୍କ ଉପଯୁକ୍ତ ମାର୍ଗଦର୍ଶନ ଓ ସମର୍ଥନ ପାଇ ଜୟଦେବ ପ୍ରାୟ ଦୁଇ ଏକର ଜମିରେ 'କଳିଙ୍ଗରାଜ' ମକା ଚାଷ କରି ଏହି ଉତ୍ପାଦନର ଲାଭ ଉଠାଇଛନ୍ତି। ପୂର୍ବରୁ ସ୍ଥାନୀୟ ବଜାରରୁ କିଣିଥିବା ମକା ତଥା ଏଫ୍ ଏସ୍ ବିହନ ଚାଷ କରି ଉତ୍ପାଦନ ଓ ଆୟ କମ୍ ପାଉଥିଲେ। କିନ୍ତୁ କୃଷି ବିଜ୍ଞାନ କେନ୍ଦ୍ର, ଝାରସୁଗୁଡ଼ା ପକ୍ଷରୁ ସାହାଯ୍ୟ, ସହଯୋଗ ଓ ତାଲିମ ପାଇ 'କଳିଙ୍ଗରାଜ' ମକା ଚାଷରୁ ସେ ବର୍ଷକୁ ମୋଟ ୨ ଲକ୍ଷ ୩୦ ହଜାର ଟଙ୍କା ପାଉଥିବାବେଳେ ୧ ଲକ୍ଷ ୧୭ ହଜାର ଟଙ୍କା ଲାଭ କରୁଛନ୍ତି। ଉନ୍ନତ ଚାଷପ୍ରଣାଳୀ ଓ ଅଭ୍ୟାସଗୁଡ଼ିକୁ ଗ୍ରହଣ କରିବା ଯୋଗୁଁ ତାଙ୍କ ଆୟ ମଧ୍ୟ ବୃଦ୍ଧି ପାଇଛି। ବର୍ତ୍ତମାନ ସେ ୪ଟି ଗ୍ରାମର ଚାଷୀମାନଙ୍କୁ ମକା ଚାଷ ସମ୍ବନ୍ଧୀୟ ନିଜ ଅଭିଜ୍ଞତା ବାଣ୍ଟୁଛନ୍ତି। ଏହା ସହ ଆୟ କିଭଳି ଦ୍ୱିଗୁଣିତ ହୋଇପାରିବ ସେ ନେଇ ମଧ୍ୟ ସମ୍ୟକ୍ ଜ୍ଞାନ ପ୍ରଦାନ କରୁଛନ୍ତି।

ଉନ୍ନତ ପ୍ୟାକେଜ୍, ଚାଷପ୍ରଣାଳୀ, ନୂତନ ପ୍ରଯୁକ୍ତିବିଦ୍ୟା ଓ ଜ୍ଞାନ କୌଶଳ ବିଷୟରେ ଅଧିକ ଜାଣିବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର ସହିତ ଯୋଗାଯୋଗ କରିବାକୁ ମଧ୍ୟ ଜୟଦେବ ଚାଷୀଙ୍କୁ ପ୍ରେରିତ କରୁଛନ୍ତି। ସେ ବିଭିନ୍ନ ଫସଲ ଓ କରିତା ପରିଚାଳନା ପାଇଁ ପ୍ରତିଦିନ ଜଣଙ୍କୁ ନିୟୋଜିତ କରୁଛନ୍ତି। ଫସଲ ଉତ୍ପାଦନ ବିଶେଷକରି ଧାନ ଓ ମକା ଚାଷ ସମୟରେ ପ୍ରତିବର୍ଷ ଶ୍ରମ ଦିବସରେ ୨୩୦ ରୁ ୨୫୦ ଜଣଙ୍କୁ ନିୟୋଜିତ କରୁଛନ୍ତି। ଯାହାଦ୍ୱାରା ସେ କେବଳ ନିଜ ପାଇଁ ନୁହେଁ ବରଂ ସ୍ଥାନୀୟ ଅଞ୍ଚଳର ଆର୍ଥିକ ପ୍ରଗତିରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛନ୍ତି।

## କୃଷି ପାଠଶାଳା
### ଏସପ୍ତାହ ପାଇଁ କେତେକ ପରାମର୍ଶ

- ଅଣଧାନ ଫସଲ ଓ ପନିପରିବା ଚଳିଗରାରୁ ଅତ୍ୟଧିକ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ। ରୋଗ ଓ ପୋକର ନିୟନ୍ତ୍ରଣ ପାଇଁ ଜମିକୁ ଘାସମୁକ୍ତ ରଖନ୍ତୁ।
- କୋବି ଜାତୀୟ ପନିପରିବା ଚଳି ପଟାଳିରେ ତଳିଗଳା-କଟା ରୋଗ ଦେଖା ଦେଇଥାଏ। ଶୁଖିଲା ପାଗ ଦେଖି ଏହି ରୋଗର ପରିଚାଳନା ପାଇଁ ବିହନ ବୁଣିବା ପୂର୍ବରୁ ଏକ କିଗ୍ରା ମଞ୍ଜିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା କାର୍ବୋକ୍ସିନ ଏବଂ ଥିରାମ ମିଶ୍ରିତ ଫିମ୍ପିନାଶକ ବିହନରେ ମିଶାଇ ବିଶୋଧନ କରନ୍ତୁ।
- ଭେଣ୍ଡିରେ ସାହେବୀ ରୋଗ ଧଳାମାଛି ଦ୍ୱାରା ବ୍ୟାପିଥାଏ। ଏହାକୁ ପ୍ରତିରୋଧ କରିବାକୁ ପ୍ରତି କେଜି ବିହନକୁ ୪ ଗ୍ରାମ ଇମିଡାକ୍ଲୋପ୍ରିଡ ୭୦% ଡବ୍ଲ୍ୟୁଏସ ସହ ମିଶାଇ ବିହନ ବିଶୋଧନ କରନ୍ତୁ।
- ଖରାଟିଆ ପାଗରେ ଅମୃତଭଣ୍ଡା ଗଛରେ ଦହିଆଦୁର୍ଷ୍ଣ ପୃଷ୍ଠ ପୋକ ପରିଚାଳନା ପାଇଁ ପ୍ରତି ୧୦ଲିଟର ପାଣିରେ ୩୦ ମିଲି ନିମ୍ବ ଆଧାରିତ କୀଟନାଶକ ମିଶାଇ ସିଞ୍ଚନ କରନ୍ତୁ।



# କ୍ରୀଡ଼ା





## ଘାନାର ଫିଫା ବିଶ୍ୱକପ୍ ଯୋଗ୍ୟତା

ଆକରା, ୧୩।୧୦ (ଏଜେନ୍ସି): ଆଫ୍ରିକା ମହାଦେଶର ୫ମ ଦେଶ ଭାବେ ଘାନା ଆସନ୍ତାବର୍ଷ ଖେଳାଯିବାକୁ ଥିବା ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିଛି। ଗତକାଲି ରାତିରେ ଖେଳାଯାଇଥିବା ଯୋଗ୍ୟତା ପର୍ଯ୍ୟାୟର ଏକ ମ୍ୟାଚରେ ଘରୋଇ ଘାନା ଦଳ ୧-୦ ଗୋଲରେ କମରୋସକୁ ପରାସ୍ତ କରିଥିଲା। ମ୍ୟାଚର ୪୭ତମ ମିନିଟ୍‌ରେ ମହମ୍ମଦ କୁଡୁସ ଏହି ବିଜୟସୂଚକ ଗୋଲ୍‌ଟି ଦେଇଥିଲେ। ଫଳରେ ଯୋଗ୍ୟତା ପର୍ଯ୍ୟାୟରେ ଘାନା ସମସ୍ତ ୧୦ ମ୍ୟାଚ୍ ଖେଳି ୮ ବିଜୟ ଏବଂ ଗୋଟିଏ ଲେଖାଏ ପରାଜୟ ଓ ଡ୍ର ସହ ସର୍ବାଧିକ ୨୫ ପଏଣ୍ଟ ପାଇ ଗ୍ରୁପ୍-୧ ଟେବଲ ତାଲିକାର ଶୀର୍ଷରେ ରହି ବିଶ୍ୱକପ୍ ଟିକଟ୍ ହାସଲ କରିଛି। ପୂର୍ବରୁ ଆଫ୍ରିକା ମହାଦେଶରୁ ଇଜିପ୍ଟ, ମରକ୍କୋ, ଟ୍ୟୁନିସିଆ ଓ ଆଲ୍‌ଜେରିଆ ୨୦୨୬ ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିସାରିଛନ୍ତି।

## ପାକିସ୍ତାନ କ୍ରିକେଟର୍ ୱାଜିରଙ୍କ ପରଲୋକ

ବର୍ମିଂହାମ, ୧୩।୧୦ (ଏଜେନ୍ସି): ପାକିସ୍ତାନର ପୂର୍ବତନ କ୍ରିକେଟର୍ ୱାଜିର ମହମ୍ମଦଙ୍କ ପରଲୋକ ଘଟିଛି। ଇଂଲଣ୍ଡର ବର୍ମିଂହାମସ୍ଥିତ ବାସଭବନରେ ୯୫ ବର୍ଷ ବୟସରେ ୱାଜିର ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ସେ ପାକିସ୍ତାନର ଜୀବିତ ଥିବା ସବୁଠୁ ବୟୋଜ୍ୟେଷ୍ଠ କ୍ରିକେଟର୍ ଭାବେ ବିବେଚିତ ହେଉଥିଲେ। ୱାଜିର ୧୯୫୨ରେ ଭାରତ ବିପକ୍ଷରେ ଖେଳି ଟେଷ୍ଟ ପଦାର୍ପଣ କରିଥିଲେ। ଏହି ମ୍ୟାଚ୍‌ଟି ଭାରତ ଓ ପାକିସ୍ତାନ ମଧ୍ୟରେ ସର୍ବପ୍ରଥମ ଟେଷ୍ଟ ମୁକାବିଲା ଥିଲା। କ୍ୟାରିୟରରେ ୨୦ଟି ଟେଷ୍ଟ ଖେଳିଥିବା ୱାଜିର ୮୦୧ ରନ କରିଥିଲେ। ପାକିସ୍ତାନ ପାଇଁ ଖେଳିଥିବା ଚର୍ଚ୍ଚିତ ମହମ୍ମଦ ଭ୍ରାତାଙ୍କ ମଧ୍ୟରୁ ୱାଜିର ହେଉଛନ୍ତି ସବୁଠୁ ବଡ଼। ତାଙ୍କ ସାନ ଭାଇ ହନିଫ ପାକିସ୍ତାନର ଜଣେ ମହାନ ବ୍ୟାଟର୍ ଥିଲେ। ପାଞ୍ଚଭାଇଙ୍କ ମଧ୍ୟରୁ ୪ଜଣ ପାକିସ୍ତାନ ପକ୍ଷରୁ ଟେଷ୍ଟ ଖେଳିଥିଲେ।

## କଳିଙ୍ଗରେ ରାଜ୍ୟ ପାରା ସନ୍ତରଣ ୨୫ରୁ

ଭୁବନେଶ୍ୱର,୧୩।୧୦(ସମିସ): ପାରା ସ୍ପୋର୍ଟ୍ସ ଆସୋସିଏସନ ଅଫ୍ ଓଡ଼ିଶା ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ନିର୍ଦ୍ଦେଶାଳୟର ମିଳିତ ସହଯୋଗରେ ଆସନ୍ତା ୨୫ ଓ ୨୬ ତାରିଖ ଦୁଇଦିନ କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ। ଏଥିରେ ଉଭୟ ପୁରୁଷ ମହିଳା ବିଭାଗ ସିନିଅର ଓ ଜୁନିଅର କାଟାଗୋରୀରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଏହି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ୨୫ତମ ଜାତୀୟ ପାରା ସନ୍ତରଣ ଲାଗି ମନୋନୀତ କରାଯିବ। ଯେଉଁମାନେ ଯୋଗ୍ୟତା ଅର୍ଜନ କରିଥିବେ, କେବଳ ସେମାନଙ୍କୁ ଜାତୀୟ ପ୍ରତିଯୋଗିତା ଲାଗି ଚୟନ କରାଯିବ। ଏହି ପ୍ରତିଯୋଗିତା ହାଇଦ୍ରାବାଦ୍‌ରେ ନଭେମ୍ବର ୧୫ରୁ ଅନୁଷ୍ଠିତ ହେବ। ଶାରିରୀକ, ଦୃଷ୍ଟିବାଧିତ ଓ ମାନସିକ ଭିନ୍ନକ୍ଷମ ପ୍ରତିଯୋଗୀମାନେ ଦିବ୍ୟାଙ୍ଗ ଓ ଜନ୍ମଗତ ପ୍ରମାଣପତ୍ର ସହ ୨୩ ତାରିଖ ସୁଦ୍ଧା ଏମ୍‌ଡିଏଫ୍ ଫର୍ମରେ ଆବେଦନ କରିବାକୁ କୁହାଯାଇଛି। ପ୍ରତିଯୋଗୀମାନେ ଜନ୍ମ, ଦିବ୍ୟାଙ୍ଗ ଓ ଡାକ୍ତର ନିଦାନ ଫର୍ମ ଆଣିବାକୁ ଅନୁରୋଧ କରାଯାଇଛି। ଅଧିକ ସୂଚନା ଲାଗି ପାରା ଆସୋସିଏସନ ଅଫ୍ ଓଡ଼ିଶା ସମ୍ପାଦକ ସୁନୀଲ ପ୍ରଧାନଙ୍କୁ ଟେଲିଫୋନ୍ ନଂ- ୯୮୬୧୦୦୯୩୯୬ ରେ ଯୋଗାଯୋଗ କରିବାକୁ କୁହାଯାଇଛି।

**କ୍ୟାମ୍ପବେଲ୍‌ଙ୍କ ପ୍ରଥମ, ୮ ବର୍ଷ ପରେ ହୋପ୍‌ଙ୍କ ଟେଷ୍ଟ ଶତକ**


# ବିଜୟଠାରୁ ୫୮ ରନ୍ ଦୂରରେ ଭାରତ

ନୂଆଦିଲ୍ଲୀ,୧୩।୧୦(ଏଜେନ୍ସି)

ଏଠାରେ ଚାଲିଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ଘରୋଇ ଭାରତ ବିଜୟର ଦ୍ୱାରଦେଶରେ ପହଞ୍ଚିଛି। ଏହି ଟେଷ୍ଟର ଜନ୍ କ୍ୟାମ୍ପବେଲ (୧୧୫) ଓ ସାଇ ହୋପ (୧୦୩)ଙ୍କ ଶତକ ବଳରେ ଫଲୋଅନ ପରେ ୱେଷ୍ଟଇଣ୍ଡିଜ୍‌ର ଦ୍ୱିତୀୟ ଇନିଂସ ୩୯୦ ରନ୍‌ରେ ଶେଷ ହୋଇଥିଲା। ଏହା ଫଳରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ୍ ଭାରତଠାରୁ ୧୨୦ ରନ୍‌ର ଅଗ୍ରଣୀ ନେଇଥିଲା। ଇଣ୍ଡିଜ୍ ପ୍ରଦତ୍ତ ୧୨୧ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ଭାରତ ଦ୍ୱିତୀୟ ଇନିଂସରେ ଯଶସ୍ୱୀ ଜୟସ୍ୱାଲ (୮)ଙ୍କ ୱିକେଟ ହରାଇ ୬୩ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଲୋକେଶ ରାହୁଲ ୨୫ ଓ ସାଇ ସୁଦର୍ଶନ ୩୦ ରନ୍‌ରେ ବ୍ୟାଟିଂ କରୁଥିଲେ। ଆସନ୍ତାକାଲି ୫ମ ତଥା ଶେଷ ଦିନରେ ଭାରତକୁ ମ୍ୟାଚ୍ ଜିତିବା ଲାଗି ବାକିଥିବା ୯ଟି ଦ୍ୱିତୀୟ ଇନିଂସ ୱିକେଟ ବଳରେ ଆଉ ମାତ୍ର ୫୮ ରନ୍ ଆବଶ୍ୟକ କରୁଛି। ପୂର୍ବରୁ ୫ ୱିକେଟରେ ୫୧୮ ରନ୍ କରିଥିବା ଭାରତ ଅହମ୍ମଦାବାଦରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ବିଜୟ ହାସଲ କରି ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି।

### ଦ୍ୱିତୀୟ ଇନିଂସରେ ଲଢ଼ିଲା ଇଣ୍ଡିଜ୍

ଏହି ସିରିଜ୍‌ରେ ଖେଳାଯାଇଥିବା ୨ଟି ଟେଷ୍ଟରେ ବ୍ୟାଟିଂ କରିଥିବା ପ୍ରଥମ ୩ଟି ଇନିଂସ ଭାରତୀୟ ବୋଲରଙ୍କ ନିୟନ୍ତ୍ରଣରେ ରହିଥିଲା। କିନ୍ତୁ ଏଠାରେ ଫଲୋଅନ୍ ହେବା ପରେ ୱେଷ୍ଟଇଣ୍ଡିଜ୍ ଦଳ ଲଢ଼ୁଆ ବ୍ୟାଟିଂ କରିଥିଲେ। ବିଶେଷକରି ତୃତୀୟ ଦିନ ଖେଳ ଶେଷରେ ବ୍ୟାଟିଂ କରିଥିବା ଜନ୍ କ୍ୟାମ୍ପବେଲ ଓ ସାଇ ହୋପ୍ ଚତୁର୍ଥ ଦିନ ସକାଳେ ମଧ ଭାରତୀୟ ସ୍ପିନ୍ ଓ ପେସ୍ ବୋଲରଙ୍କୁ ସମାନ ଶୈଳୀରେ ମୁକାବିଲା କରିଥିଲେ। ଯାହା ଫଳରେ ଭାରତର ବୋଲରଙ୍କୁ ସଫଳତା ମିଳି ନ ଥିଲା। ଟେଷ୍ଟ ଜୀବନର ପ୍ରଥମ ଶତକ ହାସଲ କରିବା ପରେ ଜନ୍ କ୍ୟାମ୍ପବେଲ ରିଭର୍ସ ସୁଇପ୍ କରିବାକୁ ଯାଇ ରବୀନ୍ଦ୍ର ଜାଡେଜାଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ସେ ୧୯୯ ବଲ୍ ଖେଳି ୧୨ ଚୌକା ଓ ୩ ଛକା ସହ ୧୧୫ ରନ୍‌ରେ ଆଉଟ ହୋଇଥିଲେ। ତାଙ୍କ ଆଉଟ ପରେ ହୋପ୍‌ଙ୍କୁ ରୋଷ୍ଟୋନ ଚେଜ୍‌ଙ୍କ ରୂପରେ ଜଣେ ଭଲ ପାର୍ଟନର ମିଳିଥିଲା। ଏମାନେ ଚତୁର୍ଥ ୱିକେଟରୁ ୫୯ ରନ୍ ଉଠାଇଥିଲେ। ଏହି ସମୟରେ ଭାରତ ନୂଆ ବଲ୍ ନେଇଥିଲା। ମହମ୍ମଦ୍ ସିରାଜ ନୂଆ ବଲ୍‌ରେ ହୋପଙ୍କୁ ଆଉଟ କରି ତାଙ୍କ ପ୍ରତିରୋଧ ଶେଷ କରିଦେଇଥିଲେ। ୨୧୪ ବଲ୍‌ର ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳି ୧୨ ଚୌକା ଓ ୨ ଛକା ସହ ୧୦୩ ରନ୍‌ରେ ଆଉଟ ହୋଇଥିଲେ ହୋପ୍। ତାଙ୍କ ଆଉଟ ସହ ୱେଷ୍ଟଇଣ୍ଡିଜ୍‌ର ସାମୟିକ ବିପର୍ଯ୍ୟୟ ଘଟିଥିଲା। ଏକଦା ଦଳ ୩ ୱିକେଟରେ ୨୭୧ ରନ୍ କରିଥିଲାବେଳେ ହୋପ୍‌ଙ୍କ ଆଉଟ ପରେ ସ୍କୋର ୯ ୱିକେଟରେ ୩୧୧ ରନ୍‌ରେ ପହଞ୍ଚିଥିଲା। କିନ୍ତୁ ଶେଷ ୱିକେଟରେ ଜଷ୍ଟିନ ଗ୍ରିଭ୍‌ସ ଓ ଜେଡେନ ସିଲ୍ସ ଲଢ଼ୁଆ ବ୍ୟାଟିଂ କରି ଭାରତୀୟ ବୋଲରଙ୍କୁ ପୁଣିଥରେ ନିରାଶ କରିଥିଲେ। ଏମାନେ ୨୨ ଓଭର ବ୍ୟାଟିଂ କରି ୭୯ ରନ୍ ଉଠାଇବା ପରେ ଯୋଡି ଭାଙ୍ଗିଥିଲା। ଶେଷ ୩ଟି ୱିକେଟ ନେଇଥିବା ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ସିଲ୍ସଙ୍କୁ ୩୨ ରନ୍‌ରେ ଆଉଟ କରି ୱେଷ୍ଟଇଣ୍ଡିଜ୍‌ର ଦ୍ୱିତୀୟ ଇନିଂସଙ୍କ ୩୯୦ ରନ୍‌ରେ ଶେଷ କରିଥିଲେ। ନିମ୍ନ ଭାଗରେ କୁଳଦୀପ ଯାଦବ ୩ଟି ୱିକେଟ ନେଇ ବିପର୍ଯ୍ୟୟ ଘଟାଇଥିଲେ। କିନ୍ତୁ ମହମ୍ମଦ୍ ସିରାଜ ୨ଜଣ ଗୁରୁତ୍ୱପୂର୍ଣ୍ଣ ବ୍ୟାଟରଙ୍କୁ ଆଉଟ କରିଥିଲେ।



କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଲା କ୍ୟାମ୍ପବେଲ ହୋପ୍ ତୃତୀୟ ୱିକେଟରେ ୨୯୫ ବଲ୍ ଖେଳି ୧୭୭ ରନ୍ କରିବା ଫଳରେ ୱେଷ୍ଟଇଣ୍ଡିଜ୍‌ର ଆତ୍ମବିଶ୍ୱାସ ବୃଦ୍ଧି ପାଇଛି। ଟେଷ୍ଟ କ୍ରିକେଟରେ କ୍ୟାମ୍ପବେଲ ପ୍ରଥମ ଶତକ ହାସଲ କରିଛନ୍ତି। ସେହିପରି ରେଡ୍‌ବଲ୍ କ୍ରିକେଟରେ ହୋପ୍ ଦୀର୍ଘ ୮ ବର୍ଷ ପରେ ହୋପ୍ ୩ ଅଙ୍କରେ ପହଞ୍ଚିଛନ୍ତି। ଏହା ତାଙ୍କ ଟେଷ୍ଟ କ୍ୟାରିୟରରେ ତୃତୀୟ ଶତକ। ଶେଷଯାଏ ଆଉଟ ହୋଇ ନ ଥିବା ଜଷ୍ଟିନ ଗ୍ରିଭ୍‌ସ ମଧ୍ୟ ୫୦ ରନ୍ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ଭାରତ ପ୍ରଥମ ଇନିଂସ: ୫୧୮/୫, ଘୋଷଣା** (ଜୟସ୍ୱାଲ-୧୭୫, ଗିଲ ଅପରାଜିତ-୧୨୯, ସାଇ ସୁଦର୍ଶନ-୮୭, ୱାରିକାନ୍- ୩/୯୮)।

**ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସ: ୨୪୮, ୮୧.୫ ଓଭର** (ଆଥାନାଜେ-୪୧, ହୋପ୍-୩୬, କୁଳଦୀପ-୫/୪୦, ଜାଡେଜା-୩/୪୬)। (ଫଲୋଅନ୍)

**ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟ ଇନିଂସ: ୩୯୦/୧୦, ୧୧୮.୫ ଓଭର** (କ୍ୟାମ୍ପବେଲ-୧୧୫, ହୋପ୍-୧୦୩, ବୁମ୍‌ରା-୩/୪୪, କୁଳଦୀପ-୩/୧୦୪, ସିରାଜ୍-୨/୪୩)।

**ଭାରତ ଦ୍ୱିତୀୟ ଇନିଂସ: ୬୩/୧,୧୮ ଓଭର** (ଜୟସ୍ୱାଲ-୮, ରାହୁଲ-ବ୍ୟାଟିଂ-୨୫, ସାଇ ସୁଦର୍ଶନ-ବ୍ୟାଟିଂ-୩୦, ୱାରିକାନ୍-୧/୧୫)।

**ଓଡ଼ିଶା ରଗ୍‌ବୀ ଫୁଟବଲ ସଂଘ ନିର୍ବାଚନ**

## ସୁଶାନ୍ତ ସାହୁ ନୂଆ ସମ୍ପାଦକ



ଭୁବନେଶ୍ୱର,୧୩।୧୦(ସମିସ): ଓଡ଼ିଶା ରଗ୍‌ବୀ ଫୁଟବଲ ସଂଘ (ଓର୍‌ଫା)ର ଆସନ୍ତା ୪ ବର୍ଷ ଲାଗି ନୂଆ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ଏଥିରେ ପ୍ରତ୍ୟେକ ପଦ ଲାଗି ଜଣେ ଲେଖାଏଁ ପ୍ରାର୍ଥୀ ରହିଥିବାରୁ ସମସ୍ତ କର୍ମକର୍ତ୍ତା ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର କ୍ରମାଗତ ତୃତୀୟଥର ଲାଗି ସଭାପତି ଦାୟିତ୍ୱ ସମ୍ଭାଳିବେ। ସେହିପରି ପୂର୍ବତନ ଖେଳାଳି ଭୁବନେଶ୍ୱରର ସୁଶାନ୍ତ କୁମାର ସାହୁ ନୂଆ ସମ୍ପାଦକ ହୋଇଛନ୍ତି। ଏହି ପଦରେ ଥିବା ଉପେନ୍ଦ୍ର ମହାନ୍ତି ଉପସଭାପତି ହୋଇଛନ୍ତି। ଶକ୍ତିରଞ୍ଜନ ମହାନ୍ତି କୋଷାଧ୍ୟକ୍ଷ ପଦ ବଜାୟ ରଖିଥିଲାବେଳେ ଦଶରଥପୁର, ଯାଜପୁରର ଭରତ କୁମାର ସାହୁ ନୂଆ ଯୁଗ୍ମ ସମ୍ପାଦକ ହୋଇଛନ୍ତି। ଅବସରପ୍ରାପ୍ତ ବିଚାରପତି ତଥା ନିର୍ବାଚନ ଅଧିକାରୀ ରତିକାନ୍ତ ମହାପାତ୍ର ନିର୍ବାଚିତ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। ଭାରତୀୟ ରଗ୍‌ବୀ ଫୁଟବଲ ୟୁନିଅନର ସିଇଓ ଅଙ୍କୁଶ ଅରୋରା ଓ ଓଡ଼ିଶା ଅଲିମ୍ପିକ୍ ସଂଘର ଅଜୟ ବେହେରା ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଯୋଗଦେଇଥିଲେ। କ୍ରୀଡ଼ାବିଭାଗର ଓଏସ୍‌ଡି ସନାତନ ସାହୁ ପର୍ଯ୍ୟବେକ୍ଷକ ଓ ଭୁବନେଶ୍ୱର ଦୌଡ଼କୁଦ ସଂଘର ସମ୍ପାଦକ ଏସ୍‌ଆର୍ ପରିଜା ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଉପସ୍ଥିତ ଥିଲେ। ଓର୍‌ଫାର ଆଜୀବନ ସଦସ୍ୟ ଅଶୋକ ମହାନ୍ତି ସ୍ୱାଗତ ଭାଷଣ ଓ ଭରତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳା ବିଶ୍ୱକପ୍: ଦ.ଆଫ୍ରିକାର ହ୍ୟାଟ୍ରିକ ବିଜୟ

ବିଶାଖାପାଟନମ, ୧୩।୧୦ (ଏଜେନ୍ସି): ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକା ହ୍ୟାଟ୍ରିକ ବିଜୟ ହାସଲ କରିଛି। ସୋମବାର ଅନୁଷ୍ଠିତ ଏକ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୩ ୱିକେଟ୍‌ରେ ବାଂଲାଦେଶକୁ ପରାସ୍ତ କରିଛି। ଏହି ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ବାଂଲାଦେଶ ୫୦ ଓଭରରେ ୬ ୱିକେଟ୍ ହରାଇ ୨୩୨ ରନ କରିଥିଲା। ଦଳ ପକ୍ଷରୁ ଶରମିନ ଅଖତର (୫୦) ଓ ଶୋରନା ଅଖତର (୫୧) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ପ୍ରତିପକ୍ଷ ବୋଲର ଏନ୍. ମାଲବାଙ୍କୁ ୨ଟି ୱିକେଟ୍ ମିଳିଥିଲା। ଜବାବରେ ୨୩୩ ରନର ଲକ୍ଷ୍ୟକୁ ପିଛା କରିଥିବା ଦକ୍ଷିଣ ଆଫ୍ରିକା ୭୮ ରନ ମଧ୍ୟରେ ୫ ୱିକେଟ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କିନ୍ତୁ ମଧ୍ୟକ୍ରମରେ ମାରିଜନେ କାପ୍ପ (୫୬ ରନ) ଓ କ୍ଲୋଏ ଟ୍ରିୟନ (୬୨ ରନ)ଙ୍କ ଅର୍ଦ୍ଧଶତକ ବଳରେ ଦଳ ୩ଟି ବଲ୍ ବଳକା ଥାଇ ୭ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ନାଦିନେ ଡି କ୍ଲେର୍କ ୨୯ ବଲରେ ଅପରାଜିତ ୩୭ ରନ କରି ଦଳକୁ ବିଜୟୀ କରାଇଥିଲେ। ପୂର୍ବରୁ ପ୍ରଥମ ମ୍ୟାଚରେ ଇଂଲଣ୍ଡଠୁ ହାରିଥିବା ଦକ୍ଷିଣ ଆଫ୍ରିକା କ୍ରମାଗତ ୩ଟି ବିଜୟ ହାସଲ କରି ୬ ପଏଣ୍ଟ ସହ ତୃତୀୟ ସ୍ଥାନକୁ ଉଠିଛି।

**ଆଜିର ମ୍ୟାଚ୍**
ଶ୍ରୀଲଙ୍କା- ନ୍ୟୁଜିଲାଣ୍ଡ
ଆରମ୍ଭ: ଅପରାହ୍ଣ ୩ଟା
ସ୍ଥାନ: କଲମ୍ବୋ

**ଏସୀୟ ଟିଟି ଟିମ୍ ଚାମ୍ପିଅନସିପ୍**

## କ୍ୱାର୍ଟର ଫାଇନାଲ୍‌ରୁ ଭାରତର ବିଦାୟ

ଭୁବନେଶ୍ୱର,୧୩।୧୦(ସମିସ): ଆୟୋଜକ ଭାରତର ଉଭୟ ପୁରୁଷ ଓ ମହିଳା ଦଳ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ଏସୀୟ ଟିଟି ଟିମ୍ ଚାମ୍ପିଅନସିପ୍‌ର କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛି। ପ୍ରଥମେ ପୁରୁଷ ଦଳ ଗତକାଲି ୩-୦ରେ ହଂକଂଠାରୁ ହାରିବା ପରେ ଆଜି ଖେଳାଯାଇଥିବା କ୍ୱାର୍ଟର ଫାଇନାଲରେ ମହିଳା ଦଳ ଲଢ଼େଇ କରିଥିଲେ ମଧ୍ୟ ୨-୩ ବ୍ୟବଧାନରେ ସିଙ୍ଗାପୁର ନିକଟରୁ ହାରିଯାଇଥିଲା। ଏହା ଫଳରେ ଗତ ଦୁଇଟି ସଂସ୍କରଣରେ ପଦକ ଜିତିଥିବା ଭାରତ ଏଠାରେ ଖାଲି ହାତରେ ରହିଛି। ଏହି ମୁକାବିଲା ପରେ ସେମିଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଯାଇଛି। ମହିଳା ବିଭାଗ ଫାଇନାଲରେ ଚୀନ୍ ସହ ଦକ୍ଷିଣ କୋରିଆ ଏବଂ ଜାପାନ ସହ ସିଙ୍ଗାପୁରର ମୁକାବିଲା ହେବ। ସେହିପରି ପୁରୁଷ ବିଭାଗରେ ଚୀନ୍ ସହ ଜାପାନ, ଚାଇନିଜ୍ ତାଇପେଇ ସହ ହଂକଂ ଚାଇନା ସେମିଫାଇନାଲରେ ପରସ୍ପର ସହ ମୁକାବିଲା କରିବେ। ମହିଳା ବିଭାଗରେ ଆଜି ଭାରତ ପକ୍ଷରୁ କେବଳ ମନିକା ବତ୍ରା ଓ ଯଶସ୍ୱୀନି ଘୋରପଡ଼େ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତିଥିଲେ। ମନିକା ଗୋଟିଏ ଓ ଦିୟା ଚିତାଲେ ୨ଟି ଯାକ ମୁକାବିଲାରେ ପରାଜିତ ହୋଇଥିଲେ। ଦିୟା ୨ଥର ବିଜୟ ହାତଛଡ଼ା କରିଥିଲେ।



## ସୂର୍ଯ୍ୟବଂଶୀ ଉପ-ଅଧିନାୟକ

ପାଟନା, ୧୩।୧୦ (ଏଜେନ୍ସି): ଆଉ ଦିନକ ପରେ ଭାରତୀୟ ଘରୋଇ କ୍ରିକେଟ୍‌ର ସବୁଠୁ ସମ୍ମାନଜନକ ପ୍ରତିଯୋଗିତା ରଣଜୀ ଟ୍ରଫି ଆରମ୍ଭ ହେବ। ଏଥିଲାଗି ଶାକିବୁଲ୍ ଘାନିଙ୍କ ନେତୃତ୍ୱରେ ୧୫ ଜଣିଆ ବିହାର ଦଳ ଘୋଷଣା କରାଯାଇଛି। ସେହିଭଳି ୧୪ ବର୍ଷୀୟ ଯୁବ ବ୍ୟାଟିଂ ତାରକା ବୈଭବ ସୂର୍ଯ୍ୟବଂଶୀଙ୍କୁ ଦଳର ଉପ-ଅଧିନାୟକ ନିଯୁକ୍ତ କରାଯାଇଛି। ପ୍ଲେଟ୍ ଡିଭିଜନରେ ସ୍ଥାନ ପାଇଥିବା ବିହାର ଅକ୍ଟୋବର ୧୫ରେ ଅରୁଣାଚଳ ପ୍ରଦେଶ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ।

**● ବିନୁ ମଙ୍କଡ଼ ଟ୍ରଫି**

## ବିଦର୍ଭକୁ ହରାଇଲା ଓଡ଼ିଶା



କଟକ,୧୩।୧୦(ସମିସ): ବିନୁ ମଙ୍କଡ଼ ଟ୍ରଫିର ପ୍ରଥମ ମୁକାବିଲାରେ ପରାସ୍ତ ପରେ ଲଗାତର ଦୁଇଟି ମ୍ୟାଚ୍ ଜିତି ଓଡ଼ିଶା ଏଲିଟ ଗ୍ରୁପ-ଏ ପଏଣ୍ଟ ଟେବଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ସୋମବାର ଓଡ଼ିଶା ୭୪ ରନରେ ବିଦର୍ଭକୁ ହରାଇଛି। ହରିୟାଣାର ଗୁରୁଗ୍ରାମ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ବିଦର୍ଭ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ସୁଯୋଗ ଦେଇଥିଲା। ଦଳ ସମସ୍ତ ୱିକେଟ ହରାଇ ୨୧୮ ରନ କରିଥିଲା। ଓଡ଼ିଶା ପକ୍ଷରୁ ରୁଦ୍ର ପ୍ରସାଦ ମଲ୍ଲିକ ସର୍ବାଧିକ ୩୯, ବିଶ୍ୱଜିତ ପ୍ରଧାନ ୩୧ ରନ କରିଥିଲେ। ବିଦର୍ଭର ହିମାଂଶୁ କୱାଲେ ଏବଂ ଓମ୍ ଧୋତ୍ରେ ୩ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ୨୧୯ ରନର ବିଜୟ ଲକ୍ଷ୍ୟକୁ ପିଛା କରି ବିଦର୍ଭର ଇନିଂସ୍ ୧୪୪ ରନରେ ସୀମିତ ରହିଥିଲା। ସୟଦ ଟି ଅହମ୍ମଦ ଏବଂ ପିୟୂଷ ରଞ୍ଜନ ମନ୍ତ୍ରୀ ଯଥାକ୍ରମେ ୪ଟି ଓ ୩ଟି ୱିକେଟ ଅକ୍ତିଆର କରିଥିଲେ। ଆସନ୍ତା ୧୫ ତାରିଖରେ ଓଡ଼ିଶା ୪ର୍ଥ ଲିଗ୍‌ରେ ଗୋଆକୁ ଭେଟିବ।

**■ ସିନିଅର ମହିଳା ଟି-୨୦**

## ଓଡ଼ିଶାର କ୍ରମାଗତ ୪ର୍ଥ ପରାଜୟ

କଟକ,୧୩।୧୦(ସମିସ): ବିସିସିଆଇ ଆନୁକୂଲ୍ୟରେ ଅନୁଷ୍ଠିତ ଜାତୀୟ ସିନିଅର ମହିଳା ଟି-୨୦ ଟ୍ରଫିରେ ଓଡ଼ିଶା ଲଗାତର ୪ର୍ଥ ପରାଜୟର ସମ୍ମୁଖୀନ ହୋଇଛି। ଏ ପର୍ଯ୍ୟନ୍ତ ବିଜୟ ସ୍ୱାଦ ଚାଖି ପାରି ନ ଥିବା ଓଡ଼ିଶା ଗ୍ରୁପ-ସି ପଏଣ୍ଟ ଟେବଲର ୮ମ ସ୍ଥାନରେ ରହିଥିବାବେଳେ କ୍ୱାର୍ଟର ଆଶା କ୍ଷୀଣ ହେବାରେ ଲାଗିଛି। ଆଜି ଗ୍ୱାଲିୟରରେ ଆନ୍ଧ୍ରପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ତନ୍ମୟୀ ବେହେରାଙ୍କ ୪୪, ମାଧୁରୀ ମେହଟାଙ୍କ ୨୬ ରନ ସହାୟତାରେ ଦଳ ୮ ୱିକେଟ ହରାଇ ୧୨୭ ରନ ସଂଗ୍ରହ କରିଥିଲା। ଜବାବରେ ୬ ୱିକେଟ ହରାଇ ଅନ୍ତିମ ବଲରେ ଆନ୍ଧ୍ର ବିଜୟୀ ହୋଇଥିଲା। ଅଧିନାୟିକା ମେଘନା ୫୬ ଓ ଅନୁଷା ୨୧ ରନର ଅପରାଜିତ ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ଓଡ଼ିଶା ପକ୍ଷରୁ ଜ୍ୟୋତି କେ ପ୍ରସାଦ ୨ଟି ୱିକେଟ ହାସଲ କରିଥିଲେ।

**ଜାତୀୟ ଜୁନିଅର ଆଥ୍ଲେଟିକ୍ସ**

## ସ୍ୱର୍ଣ୍ଣ ସହ ପ୍ରତୀକଙ୍କୁ ବିଶ୍ୱ ଯୋଗ୍ୟତା

ଭୁବନେଶ୍ୱର, ୧୩।୧୦ (ସମିସ)



ଘରୋଇ ଓଡ଼ିଶାର ଯୁବ ଧାବକ ପ୍ରତୀକ ମହାରଣା ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୪୦ତମ ଜାତୀୟ ଜୁନିଅର ଆଥ୍ଲେଟିକ୍ସ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ପ୍ରତିଯୋଗିତାର ୪ର୍ଥ ଦିବସରେ ସୋମବାର ପ୍ରତୀକ ୨୦ ବର୍ଷରୁ କମ୍ ପୁରୁଷ ୨୦୦ ମିଟର ରେସରେ ଏହି ସଫଳତା ପାଇଥିଲେ। ପ୍ରତୀକ ଏହି ଦୂରତାକୁ ୨୧.୨୪ ସେକେଣ୍ଡରେ ଫିନିଶ କରି ପୋଡିୟମର ଶୀର୍ଷରେ ରହିବା ସହ ଆଗାମୀ ବିଶ୍ୱ ଆଥ୍ଲେଟିକ୍ସ ଚାମ୍ପିଅନସିପ୍ (୨୦ ବର୍ଷରୁ କମ୍)କୁ ମଧ୍ୟ ଯୋଗ୍ୟତା ଅର୍ଜନ କରିଛନ୍ତ। ଏହା ମଧ୍ୟ ନୂଆ ମିଟ୍ ରେକର୍ଡ ହୋଇଛି। ସେହିଭଳି ଏହି ରେସରେ ପଞ୍ଜାବର ଯଶଜିତ୍ ସିଂହ ଢିଲନ (୨୧.୨୬ ସେକେଣ୍ଡ) ଓ ମହାରାଷ୍ଟ୍ରର ଅର୍ନବ ତକଲକର (୨୧.୬୫ ସେକେଣ୍ଡ) ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ପ୍ରତିଯୋଗିତାରେ ପ୍ରତୀକଙ୍କ ଏହା ୨ୟ ପଦକ। ପୂର୍ବରୁ ସେ ୧୦୦ ମିଟରରେ ରୌପ୍ୟ ପଦକ ଜିତିଥିଲେ।

### ସଟ୍‌ପୁଟ୍‌ରେ ଓମକାରଙ୍କୁ କାଂସ୍ୟ



ସେହିଭଳି ଆଉ ଜଣେ ଓଡ଼ିଆ ଆଥ୍ଲେଟ୍ ମଧ୍ୟ ସୋମବାର ପଦକ ସଫଳତା ପାଇଛନ୍ତି। ସେ ହେଲେ ଓମ୍‌କାର ପ୍ରସାଦ ନନ୍ଦ। ୨୦ ବର୍ଷରୁ କମ୍ ପୁରୁଷ ସଟ୍‌ପୁଟ୍‌ରେ ଓମ୍‌କାର ୧୮.୨୪ ମିଟର ଫିଙ୍ଗି ୩ୟ ସ୍ଥାନରେ ରହିଥିଲେ। ଏଥିରେ ତେଲଙ୍ଗାନାର ସାଇକ୍ରିଷ୍ଣା (୧୮.୪୨ମି) ଓ ଉତ୍ତରପ୍ରଦେଶର ଅନୁଜ କୁମାର (୧୮.୩୧ମି) ଯଥାକ୍ରମେ ପୋଡିୟମର ପ୍ରଥମ ଓ ୨ୟ ସ୍ଥାନରେ ରହିଥିଲେ। ମଙ୍ଗଳବାର ଏହି ଚାମ୍ପିଅନସିପ୍ ଉଦ୍‌ଯାପିତ ହେବ। ବର୍ତ୍ତମାନ ସୁଦ୍ଧା ଓଡ଼ିଶା ଗୋଟିଏ ସ୍ୱର୍ଣ୍ଣ ଏବଂ ଦୁଇଟି ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ଜିତିସାରିଛି।

## ଓଡ଼ିଶା ସିନିଅର ଗେଟ୍‌ବଲ ଚାମ୍ପିଅନ




ଭୁବନେଶ୍ୱର,୧୩।୧୦(ସମିସ): ଓଡ଼ିଶା ୧୮ତମ ଜାତୀୟ ସିନିଅର ଗେଟ୍‌ବଲ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ମଧ୍ୟପ୍ରଦେଶ ରୌପ୍ୟ ଓ ବିହାରକୁ କାଂସ୍ୟ ପଦକ ମିଳିଛି। ଡବଲ ଇଭେଣ୍ଟରେ ଶିବରାମ ସ୍ୱାଇଁ ଓ ମହମ୍ମଦ୍ ଅମନ ବିଜୟୀ ହୋଇଛନ୍ତି। ମହିଳା ବିଭାଗରେ ଡବଲ୍ସ ଇଭେଣ୍ଟ ଖେଳାଯାଇଥିଲା। ଏଥିରେ ମହାରାଷ୍ଟ୍ର ଯୋଡିକୁ ସ୍ୱର୍ଣ୍ଣ ଏବଂ ଓଡ଼ିଶାର ନମ୍ରତା କର୍ଣ୍ଣାଲ ଓ ତମନ୍ନା ରାୟ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ଗେଟ୍‌ବଲ ଫେଡେରେସନର ସମ୍ପାଦକ ପରଭିନ ମାମେଣ୍ଟକର ପ୍ରମୁଖ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟର ସଫଳତା ଲାଗି ଓଡ଼ିଶା ଗେଟ୍‌ବଲ ସଂଘ ସମ୍ପାଦକ ମହମ୍ମଦ୍ ଆଜମ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS